
# ବଣାଣୀ

ପ୍ରଥମ ସଂଖ୍ୟା, ୨୦୧୨











# ବନାନୀ

ପ୍ରଥମ ସଂଖ୍ୟା, ୨୦୧୨

ବନ ବିଭାଗ, ଓଡ଼ିଶା



## ବାର୍ତ୍ତା

ଏପ୍ରିଲ ୨୨ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଉଛି । ପୃଥିବୀ ପୃଷ୍ଠରେ ଭୂମି, ଜଳ, ପବନ ଓ ଜଙ୍ଗଲର ସୁରକ୍ଷା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ । ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟରୁ ମାନବ ସମାଜକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜଙ୍ଗଲର ସୁରକ୍ଷା ଓ ତାର ଅଭିବୃଦ୍ଧି ଏକାନ୍ତ ଆବଶ୍ୟକ ଏହା ପ୍ରତ୍ୟେକ ମଣିଷ ଆଜି ଅନୁଭବ କରିପାରିଛନ୍ତି ।

ଏହା ଅତ୍ୟନ୍ତ ଖୁସିର ବିଷୟ ଯେ, ଏହି ଅବସରରେ ରାଜ୍ୟ ବନ ବିଭାଗ ଦ୍ୱାରା "ବନାନୀ" ପୁସ୍ତକ ପ୍ରକାଶିତ ହେଉଅଛି । "ବନାନୀ" ଓଡ଼ିଶାର ଜନ ସାଧାରଣଙ୍କୁ ଜଙ୍ଗଲ ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ କରୁ, ଏହା ହିଁ ମୋର କାମନା । ୧

ଦେବୀପ୍ରସାଦ ମିଶ୍ର

(ଦେବୀ ପ୍ରସାଦ ମିଶ୍ର)
ମାନ୍ୟବର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ



## ବାର୍ତ୍ତା

ପ୍ରତି ବର୍ଷ ଏପ୍ରିଲ ୨୨ ତାରିଖରେ ଧରିତ୍ରୀ ଦିବସ ପାଳିତ ହୁଏ। ସମଗ୍ର ବିଶ୍ୱର ପରିବେଶ ସନ୍ତୁଳନ ଓ ଜନ ଜୀବନର ବିକାଶ ପାଇଁ ଜଙ୍ଗଲର ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟିର ଗୁରୁତ୍ୱ ଉପରେ ଜନ ସଚେତନତା ସୃଷ୍ଟି କରିବା ହିଁ ଧରିତ୍ରୀ ଦିବସ ପାଳନର ମହାନ୍ ଲକ୍ଷ୍ୟ।



ଧରିତ୍ରୀ ଦିବସ ଅବସରରେ ରାଜ୍ୟ ବନ ବିଭାଗ ଦ୍ୱାରା "ବନାନୀ" ର ପ୍ରଥମ ସଂକଳନ ଉନ୍ମୋଚିତ ହେଉଛି। ଏହି ଅବସରରେ ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧିରେ ବନ ବିଭାଗ ସହ ଜନସାଧାରଣଙ୍କର ସହଯୋଗ କାମନା କରୁଛି।

(ରାଜକୁମାର ଶର୍ମା)
ପ୍ରମୁଖ ଶାସନ ସଚିବ,
ଜଙ୍ଗଲ ଓ ପରିବେଶ ବିଭାଗ



# ଅଭିମତ

ଆମ ରାଜ୍ୟ ଓଡ଼ିଶା ଜୈବ ବିବିଧତାର ଏକ ଗନ୍ତାଘର । ଆମ ସଂସ୍କୃତି ଓ ସାମାଜିକ ଜୀବନକୁ ଜଙ୍ଗଲ ଅତି ଗଭୀରଭାବେ ପ୍ରଭାବିତ କରି ଆସିଅଛି । ବୃକ୍ଷ ତଥା ଜଙ୍ଗଲର ମହତ୍ତ୍ୱ ଆମ ଜୀବନରେ ଅପରିହାର୍ଯ୍ୟ । ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ସରକାର ଅନେକ ଗୁଡ଼ିଏ ଯୋଜନା ପ୍ରଣୟନ କରିଛନ୍ତି । ବନବିଭାଗ ଦ୍ୱାରା ଏହି ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ତା'ର ସୁଫଳ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବନାନୀ ଶତତ ଚେଷ୍ଟିତ । ୨୦୦୭ ମସିହା ଠାରୁ ଆକାଶବାଣୀ ଦ୍ୱାରା ବନାନୀ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି । ଏହା ଜଙ୍ଗଲ ଭିତ୍ତିକ କାର୍ଯ୍ୟକ୍ରମ । ପ୍ରତି ଶନିବାର ସନ୍ଧ୍ୟା ୭.୩୦ମିନିଟରେ ଏହା ପ୍ରସାର କରାଯାଇଥାଏ । ବନାନୀ ଜନ ସାଧାରଣଙ୍କର ଜୀବନଜୀବିକା ଓ ପରିବେଶ ସୁରକ୍ଷାର ବାର୍ତ୍ତା ନିରନ୍ତର ଦେଇଆସିଛି ଓ ଏହି କାର୍ଯ୍ୟକ୍ରମର ଲୋକପ୍ରିୟତା ବଢ଼ିଛି ।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ବନ ବିଭାଗ ତରଫରୁ ବନାନୀକୁ ଏକ ପୁସ୍ତକର କଳେବର ପ୍ରଦାନ କରାଯାଉଛି । ଏହି ସଂକଳନ ଅତ୍ୟନ୍ତ ସମୟୋପଯୋଗୀ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

(ପ୍ରିୟନାଥ ପାଢ଼ୀ)
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା

# ସଂକ୍ଷେପରେ ବନାନୀ.......



ବନବିଭାଗ ଦ୍ୱାରା ପ୍ରାୟୋଜିତ ଓ ଆକାଶବାଣୀ ଦ୍ୱାରା ପ୍ରସାରିତ ହେଉଥିବା ପ୍ରକୃତିଭିତ୍ତିକ କାର୍ଯ୍ୟକ୍ରମ ହେଉଛି "ବନାନୀ" । ଓଡ଼ିଶାର ପ୍ରତପଲ୍ଲୀରେ ଜଙ୍ଗଲବିଭାଗର ବାର୍ତ୍ତା ପହଞ୍ଚାଇବାରେ ବନାନୀ ସକ୍ଷମ ହୋଇଛି । ପ୍ରତି ମାସରେ ୪/୫ଟି କାର୍ଯ୍ୟକ୍ରମ ପ୍ରସାରିତ ହୋଇଥାଏ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପ୍ରତ୍ୟେକ ଅଧ୍ୟାୟକୁ ଭିନ୍ନ ଭିନ୍ନ ରୂପରେ ରେକର୍ଡ଼ିଂ କରାଯାଇଥାଏ । ଯେପରି ଆଲୋଚନା ଓ ବିତର୍କ, ନାଟକ, ଗୀତିନାଟ୍ୟ, ଦୂରଭାଷ ଦ୍ୱାରା ସିଧାସଳଖ ପ୍ରଶ୍ନର ଉତ୍ତର ଓ ବିଭିନ୍ନ ଅଞ୍ଚଳକୁ ଯାଇ ସିଧାସଳଖ ରେକର୍ଡ଼ିଂ କରିବା । ୨୦୧୧-୧୨ ବର୍ଷରେ ଆଲୋଚନା ଓ ବିତର୍କରେ ବିଷୟ ରହିଥିଲା, ଜଙ୍ଗଲକୁ ନେଇ ଜୀବିକା, ଜଙ୍ଗଲ ଓ ଶିକ୍ଷାୟନ, ଶିମିଳିପାଳର ସୁରକ୍ଷା, ବନ୍ୟଜନ୍ତୁ ଓ ମଣିଷ ସଂଘର୍ଷ ପୂର୍ଣ୍ଣ ସହାବସ୍ଥାନ, ସମନ୍ୱିତ ଉପକୂଳ ଅଞ୍ଚଳର ପରିଚାଳନା, ଜଙ୍ଗଲ ବାହାରେ ଜଙ୍ଗଲ ସୃଷ୍ଟି, ଲୋକଙ୍କ ପାଇଁ ଜଙ୍ଗଲ, ବାଉଁଶ, କେନ୍ଦୁପତ୍ର ଇତ୍ୟାଦି । ଗ୍ରାମବାସୀମାନଙ୍କର ରୁଚିକୁ ଦୃଷ୍ଟିରେ ରଖି କେତେକ ଜଙ୍ଗଲଭିତ୍ତିକ ବିଷୟବସ୍ତୁକୁ ନେଇ ନାଟକ ଲେଖାଯାଇଥାଏ । ନାଟକଟିକୁ ଆକାଶବାଣୀର କଳାକାରମାନେ ଦକ୍ଷତାର ସହିତ ଜଙ୍ଗଲ ବିଭାଗର କାର୍ଯ୍ୟକାରିତା ଖୁବ୍ ସରଳଭାବରେ ଲୋକମାନଙ୍କ ନିକଟରେ ପହଞ୍ଚାଇବାର ପ୍ରଚେଷ୍ଟା କରିଥାଆନ୍ତି । ବନବିଭାଗର ଉନ୍ନତିମୂଳକ କାର୍ଯ୍ୟକ୍ରମ ଦ୍ୱାରା ଗୋଟିଏ ଅଞ୍ଚଳର ପରିବେଶ କିପରି ଭାବରେ ଉନ୍ନତି ଘଟିଛି, ନିକଟରେ ଥିବା ଜଙ୍ଗଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କ ଜୀବନଶୈଳୀରେ କି ପରିବର୍ତ୍ତନ ଆସିଛି, ବା ଲୋକମାନେ କାର୍ଯ୍ୟକ୍ରମଗୁଡ଼ିକୁ କିପରି ଭାବରେ ଗ୍ରହଣ କରିଛନ୍ତି, ସେ ସବୁ ମତାମତ ଓ.ବି. (Outside Broadcasting) ମାଧ୍ୟମରେ ଆକାଶବାଣୀର କର୍ମକର୍ତ୍ତା ଓ ବନାନୀର ସଂଯୋଜକ ଘଟଣାସ୍ଥଳକୁ ଯାଇ ରେକର୍ଡ଼ିଂ କରିଥାଆନ୍ତି । ବିଭାଗୀୟ କାର୍ଯ୍ୟକ୍ରମର ସଫଳ, ସୁବିଧା ଓ ଅସୁବିଧା ସଂପୃକ୍ତ ଗ୍ରାମବାସୀଙ୍କ ମୁହଁରୁ ରେଡ଼ିଓ ମାଧ୍ୟମରେ ଶୁଣି ଅନ୍ୟ ସ୍ଥାନର ଅଧିବାସୀମାନେ ମଧ୍ୟ ଉତ୍ସାହିତ ହୁଅନ୍ତି ।

ପ୍ରତ୍ୟେକ ମାସର ଶେଷ ଶନିବାର ବନାନୀ କାର୍ଯ୍ୟକ୍ରମରେ ଫୋନ୍ ଇନ୍ ପ୍ରସାରଣ ଦ୍ୱାରା ବିଶେଷଜ୍ଞମାନେ ବନ ବିଭାଗର ଏକ ନିର୍ଦ୍ଦି... କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥାଆନ୍ତି । ଏକ ସପ୍ତାହ ପୂର୍ବ... ବିଷୟ ବସ୍ତୁଟି ରେଡ଼ିଓରେ ପ୍ରଚାର କରାଯାଇଥାଏ । ତେଣୁ ସେହିଦି... ବିଶେଷଜ୍ଞମାନେ ଲୋକମାନଙ୍କର ପ୍ରଶ୍ନ ଫୋନ୍ ମାଧ୍ୟମରେ ଶୁଣି ସଙ୍ଗେ ସଙ୍ଗେ ଉତ୍ତର ଦେଇଥାଆନ୍ତି । ଏହିପରି ଭାବରେ ବନାନୀର ପ୍ରତ୍ୟେକ ଅଧ୍ୟାୟକୁ ପରିକଳ୍ପନା କରାଯାଇଥାଏ ।

ପ୍ରତ୍ୟେକ ଅଧ୍ୟାୟ ଶେଷରେ ଶ୍ରୋତାମାନଙ୍କୁ ସେହି ଅଧ୍ୟାୟର ବିଷୟବସ୍ତୁକୁ ନେଇ ଏକ ପ୍ରଶ୍ନ ପଚରା ଯାଇଥାଏ । ଠିକ୍ ଉତ୍ତରଦାତାମାନଙ୍କ ମଧ୍ୟରୁ ତିନିଜଣଙ୍କୁ ଲଟେରି ମାଧ୍ୟମରେ ଚୟନ କରାଯାଇ ପୁରସ୍କୃତ କରାଯାଇଥାଏ ।

ବନାନୀ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ଆଦୃତ କରିବା ପାଇଁ ପ୍ରସାରଭାରତୀ କଟକର କର୍ମଚାରୀବୃନ୍ଦ, ସହକର୍ମୀ ବନ୍ଧୁ ଶ୍ରୀଯୁକ୍ତ ଅଭିମନ୍ୟୁ ବେହେରା, ବନ ସଂରକ୍ଷକ, ବନାନୀର ସଂଯୋଜିକା ଶ୍ରୀମତୀ ସୁନୀତା ଜୀଙ୍କର ଉଦ୍ୟମ ଉଚ୍ଚ ପ୍ରଶଂସନୀୟ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀଯୁକ୍ତ ପ୍ରିୟନାଥ ପାଢ଼ୀ ଏବଂ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀଯୁକ୍ତ ବୈରାଗୀ ଚରଣ ପୃଷ୍ଟିଙ୍କର ବନାନୀ ପୁସ୍ତକ ସଂକଳନ ପାଇଁ ପ୍ରେରଣା ତଥା ବନାନୀର ସଫଳତା ପାଇଁ ଥିବା ଅବଦାନ ଅବିସ୍ମରଣୀୟ । ବନାନୀରେ ଯୋଗଦେଇଥିବା ବିଶେଷଜ୍ଞମାନେ ମଧ୍ୟ ଧନ୍ୟବାଦର ପାତ୍ର, ଯେଉଁମାନଙ୍କ ବିନା ବନାନୀ ସରସ ସୁନ୍ଦର ହୋଇପାରିବ ନାହିଁ । ବନାନୀକୁ କଳା ଓ ସଂସ୍କୃତିର ସବୁଜିମାରେ ଭରି ଦେଇଥିବା ଶ୍ରୀ ସୁଧାକର ଦାସ ଓ ଶ୍ରୀ ବନଜ ବିହାରୀ ମହାପାତ୍ରଙ୍କୁ ମୋର ଅଶେଷ ଶୁଭେଚ୍ଛା ।


ଦେବବ୍ରତ ସ୍ୱାଇଁ

ଡ. ଦେବବ୍ରତ ସ୍ୱାଇଁ
ମୁଖ୍ୟ ବନ ସଂରକ୍ଷକ
(ଯୋଜନା, କାର୍ଯ୍ୟକ୍ରମ ଓ ବନୀକରଣ)

## ଝୁଣ୍ଣୁ ଝୁଣ୍ଣୁ

ବନାନୀ ବନାନୀ ବନାନୀ,
ବନ ଓ ବନ ବାସୀର ଜୀବନ ରାଗିଣୀ,
ପ୍ରକୃତି ସଂପଦର ଅନନ୍ୟ କାହାଣୀ,
ବନାନୀ ବନାନୀ ବନାନୀ ।

ଜଙ୍ଗଲ ଜାତ ପଦାର୍ଥ,
ବନ୍ଧୁକାମୀ ପରିବେଶ ।
କରେ ଜୀବନକୁ ସୁନ୍ଦର ବରଣ,
ଫୁଟାଏ ମୁହଁରେ ହସ,
ହେଉ ଜଙ୍ଗଲର ରକ୍ଷା,
ହେଉ ଜୀବନର ଦିକ୍ଷା ।
ପେଟ ପାଟଣାର ମିଳୁ ନୂଆ ରାହା,
ବନାନୀର ଏ ସନ୍ଦେଶ ।
ବନାନୀ.......... ବନାନୀ ..........ବନାନୀ.......... ।
ଜଙ୍ଗଲ ବିନା ରହି ନପାରେ ଧରଣୀ,
ବନାନୀ.......... ବନାନୀ ..........ବନାନୀ.......... ।

## ବନାନୀର କର୍ମକର୍ତ୍ତା

ବନ ବିଭାଗ :

ଡ଼. ଦେବବ୍ରତ ସ୍ୱାଇଁ

ଶ୍ରୀଯୁକ୍ତ ଅଭିମନ୍ୟୁ ବେହେରା

ଶ୍ରୀମତୀ ସୁନୀତା ଜୀ, ସଂଯୋଜିକା

ଆକାଶବାଣୀ କଟକ :

ଡ଼. ଶାନ୍ତନୁ ରଥ

ଶ୍ରୀ ଦୁର୍ଗା ମାଝୀ



ପ୍ରଚ୍ଛଦପଟ ଡିଜାଇନ୍ - ପ୍ରଭଞ୍ଜନ

ଫଟୋଗ୍ରାଫି - ଅମିତାଭ ବ୍ରହ୍ମା
ସୁନ ଠା ଜୀ


# ସୂଚୀପତ୍ର


| | | | |
|---|---|---|---|
| **ଶିଶୁ ଖଣ୍ଡ** | | | |
| ବଣ ଜଙ୍ଗଲ ଝରଣା | | | ୭ |
| ଉଜୁଡ଼ା ଜଙ୍ଗଲ ସଜାଡ଼ି ଦେବା | | | ୭ |
| ବଞ୍ଚିଲେ ଜଙ୍ଗଲ ହସିବେ ପ୍ରାଣୀ | | | ୮ |
| ମିଛ ନୁହେଁ ଏତ ସତ କାହାଣୀ | | | ୮ |
| **ବିଷୟ ବସ୍ତୁ** | | | |
| ବନାନୀର ଜୟଯାତ୍ରା | - | ଶାନ୍ତନୁ କୁମାର ରଥ | ୯ |
| ଧରିତ୍ରୀ ଦିବସ | - | ସୁନୀତା ଝା | ୧୦ |
| ବନ ସଂରକ୍ଷଣରେ ନାରୀର ଭୂମିକା | - | ସୁଜାତା ରାଣୀ ସାହୁ | ୧୧ |
| ଲୋକଙ୍କ ପାଇଁ ଜଙ୍ଗଲ | - | ଅଭିମନ୍ୟୁ ବେହେରା | ୧୪ |
| ବିଶ୍ୱ ବନ ଦିବସ | - | ଦେବବ୍ରତ ସ୍ୱାଇଁ | ୧୬ |
| ଆମ ରାଜ୍ୟର ପରିବେଶ ପ୍ରଦୂଷଣ ଓ ତାର ପ୍ରତିକାର | - | ଭାଗିରଥୀ ବେହେରା | ୧୮ |
| ସହରାଞ୍ଚଳରେ ବୃକ୍ଷ ରୋପଣ | - | ଅଶ୍ୱିନୀ କୁମାର କର | ୨୦ |
| ବନ୍ୟଜନ୍ତୁ ଓ ମନୁଷ୍ୟ : ସଂଘର୍ଷପୂର୍ଣ୍ଣ ସହାବସ୍ଥାନ | - | ଅନୁପ କୁମାର ନାୟକ, ବିକାଶ ରଞ୍ଜନ ଦାଶ | ୨୩ |
| ବନ ସୁରକ୍ଷା ସମିତି | - | ସୁନୀତା ଝା | ୨୪ |
| ପରିବେଶ ପର୍ଯ୍ୟଟନ | - | ହର୍ଷ ବର୍ଦ୍ଧନ ଉଦଗାତା | ୨୬ |
| ହାତୀ : ସଂରକ୍ଷଣ ନା ବିଲୋପ | - | ଅକ୍ଷୟ କୁମାର ପଟ୍ଟନାୟକ | ୨୯ |
| ଜଙ୍ଗଲ ଓ ଶିଳ୍ପାୟନ | - | ସୁଦର୍ଶନ ବେହେରା | ୩୧ |
| ବର୍ଷା, ବନ୍ୟା ଓ ଜଙ୍ଗଲ | - | ଅଶୋକ କୁମାର ମିଶ୍ର | ୩୩ |
| ସହଭାଗିତା ପରିବେଶ ପର୍ଯ୍ୟଟନ - ସାତକୋଶିଆ ବନଖଣ୍ଡ | - | ସୁଧାଂଶୁ ଶେଖର ମିଶ୍ର | ୩୪ |
| ୬୨ତମ ବନ ମହୋତ୍ସବ | - | ଦେବବ୍ରତ ସ୍ୱାଇଁ | ୩୬ |
| ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ବନୀକରଣ ଯୋଜନା | - | ଦେବୀଦତ୍ତ ବିଶ୍ୱାଳ | ୩୭ |
| ଓଜୋନ ଦିବସ | - | ଅଶ୍ୱିନୀ କୁମାର କର | ୩୯ |
| ଓଡ଼ିଶାର ବନ୍ୟପ୍ରାଣୀ ଏବଂ ସେମାନଙ୍କର ସୁରକ୍ଷା | - | ଅରୁଣ କୁମାର ମିଶ୍ର | ୪୦ |
| ପଶୁ ଓ ମଣିଷ ବିବାଦ | - | ସୁନୀତା ଝା | ୪୨ |
| ଜଙ୍ଗଲ୍ ଥିଲେ ମଙ୍ଗଲ୍ | - | ସ୍ୱରାଜ କୁମାର କହଁର | ୪୪ |
| **ନାଟକ** | | | |
| ଆସ ଗଢ଼ିବା ବନ ସୁରକ୍ଷା ସମିତି | - | ବନଜ ବିହାରୀ ମହାପାତ୍ର | ୪୬ |
| ଜଙ୍ଗଲ ବାହାରେ ବୃକ୍ଷ ରୋପଣ | - | ସୁଧାକର ଦାସ | ୫୨ |
| ପୁରସ୍କାର | - | ବନଜ ବିହାରୀ ମହାପାତ୍ର | ୫୭ |
| ବନ ମହୋତ୍ସବ | - | ସୁଧାକର ଦାସ | ୬୩ |
| ରକ୍ଷା କବଚ : ଓଜୋନ | - | ବନଜ ବିହାରୀ ମହାପାତ୍ର | ୬୬ |
| ଜଙ୍ଗଲ ନିଆଁ | - | ବନଜ ବିହାରୀ ମହାପାତ୍ର | ୭୦ |
| ବନାନୀ ପ୍ରତିଯୋଗୀତାରେ ଲକି ଡ୍ର ବିଜେତାମାନେ | | | ୭୭ |
| ଶ୍ରୋତା ବନ୍ଧୁମାନଙ୍କର ମତାମତ ପତ୍ର | | | ୭୯ |

## ବଣ ଜଙ୍ଗଲ ଝରଣା

ବଣ ଜଙ୍ଗଲ ଝରଣା
ଭରିଯାଉ ସବୁଜିମା
ପୁରି ଉଠୁ ଧରଣୀର ଶିରି ସୁସମା
ନ ଦିଶୁ ଲଣ୍ଡା ପାହାଡ଼
ବନାନୀ କରୁ ଉହାଡ଼
ନାଚି ଉଠୁ ପାହାଡ଼ କୋଳରେ ଝରଣା
ବଂଧୁରେ......................
ସାଥୀରେ.....................।।୦।।

ଜଙ୍ଗଲ ଜନ୍ତୁଙ୍କ ଘର
ଗାଁ ଠାରୁ ହେବ ଦୂର
ଆମେ ହେବା ନାହିଁ ଆଉ ତାଙ୍କ ଶୀକାର
ଜଙ୍ଗଲ ଜାତ ଦରବ
ଆମ ଓଠେ ହସ ଦବ
ରୋଗ ବଇରାଗେ ହେବ ପଥ୍ୟ, ବଇଦ
ମେଣ୍ଟିବ ଆଶା ଆପଣା
ମିଳିବ ଆମ ପାଉଣା
ଉଜୁଡ଼ା ଜଙ୍ଗଲ ଆମେ କଲେ ଭରଣା
ବଂଧୁରେ ............... ସାଥୀରେ................।।୧।।



## ଉଜୁଡ଼ା ଜଙ୍ଗଲ ସଜାଡ଼ି ଦେବା

ଶ୍ରାବଣେ ଫାଟୁଛି ଭୂଇଁ
ଗ୍ରୀଷ୍ମେ ଫୁଟୁଛି କଇଁ
କହିବୁକି ଟିକେ କହିବୁ ସଜନୀ
ଏମିତି ହେଉଛି କାହିଁ


ଜଙ୍ଗଲ ହେବାରୁ ପଦା
ଗ୍ରୀଷ୍ମେ ବୈଶାଖି ବର୍ଷା
ପାଣି ପାଗ ହେଲା ପଥହରାଏବେ ।
ଋତୁ ହେଲା ବିଗହଳା

ଜନ୍ତୁ ଛୁଆ ବଣ ଛାଡ଼ି
ଆସନ୍ତି ଗାଁକୁ ମାଡ଼ି
ଧନ ଜୀବନକୁ ସୁରକ୍ଷା ଦେବାକୁ
ଧରି ବସିଥିବା ବାଡ଼ି ..................।।୧।।

ପରିବେଶ ବିଗିଡ଼ିଲା
ନୂଆ ନୂଆ ରୋଗ ହେଲା
ସବୁଜ ବନାନୀ ଛାଇ ପରି ରହି
ଯାହାକୁ ଘୋଡ଼ାଉ ଥିଲା

ସବୁଜ ବନାନୀ ଗଢ଼ି
ଜୀବଜନ୍ତୁ ଦେବା ଛାଡ଼ି
ଜଙ୍ଗଲରେ ସିଏ ଖୁସିରେ ରହିବେ
ଖୁଲିବନି ତାଙ୍କ ରଡ଼ି

କରି ଜଙ୍ଗଲ ସୁରକ୍ଷା
ଜୀବନ କରିବା ରକ୍ଷା
ଉଜୁଡ଼ା ଜଙ୍ଗଲ ସଜାଡ଼ି ଦେବାକୁ
ସଦା କରିବା ପ୍ରଚେଷ୍ଟା...............।।୨।।



## ବଞ୍ଚିଲେ ଜଙ୍ଗଲ ହସିବେ ପ୍ରାଣୀ

ଭୁଲନି କେବେ ଭୁଲନି
ନିଆଁ ବାଇ କଷ୍ଟ ଭୁଲନି
ଘର ପୋଡ଼ି ଠାରୁ ବିପତ୍ତି ନାହିଁ
ଏ କଥାଟି ଭାଇ ଭୁଲନି ...........।।୦।।

ଜଙ୍ଗଲ ଭୂଇଁକୁ ନିରୀହ ଜୀବକୁ
ନିଆଁର ଧାସରେ ଜାଳି ଦେବାନି
ଉଜୁଡ଼ା ବାସକୁ ସଜାଡ଼ି ଦେବାକୁ
ପଣ କରି ଆମେ ଭୁଲି ଯିବାନି
ସବୁଜ ସୁନ୍ଦର ହେବ ପରିବେଶ
ବଞ୍ଚିଲେ ଜଙ୍ଗଲ ହସିବେ ପ୍ରାଣୀ
ଭୁଲନି କେବେ ଭୁଲନି.............।୧।

## ମିଛ ନୁହେଁ ଏତ ସତ କାହାଣୀ

ଏମିତି ଜଙ୍ଗଲ ହେଲାଣି ହାନୀ
ବାଘ ସିଂହ ଜନ୍ତୁ ଗଲେଣି କମି
ଛବି କହି ଦେଖ୍ ଆମ ପିଲାମାନେ
ପାରିବେକି ବଣ ଜନ୍ତୁଙ୍କୁ ଚିହ୍ନି .................।।୦।।

ଶୁଭିବନି ଆଉ କୋଇଲି କୁହୁ
ରାବିବନି ଆଉ ଡ଼ାମରା କାଉ
ଡ଼ାକିବନି ତୁକେ ହୋ ବିଲୁଆ ଭାଇ
ଶାଗୁଣା ଗଲାଣି ସପନ ହୋଇ
ଏକଥା ସଭିଏଁ ଅଛନ୍ତି ଜାଣି
ଆଉ କରିବାନି କେହି ଜଙ୍ଗଲହାନି.................।।୧।।

ଧରଣୀ ଭରିଲେ ସବୁଜିମାରେ
ପରିବେଶ ଶିରି ଶଶି ସୂର୍ଯ୍ୟରେ
ଝର ଝର ଝରି ଯିବ ବରଷା
ଚଷାପୁଅ ତୁଟିବନି ଚାଷ ଭରଷା
ଦେବାରେ ସୁରକ୍ଷା ଗଛ ନ ହାଣି
ମିଛ ନୁହେଁ ଏତ ସତ କାହାଣୀ.....................।।୨।।



# ବନାନୀର ଜୟଯାତ୍ରା

ଶାନ୍ତନୁ କୁମାର ରଥ, ଆକାଶବାଣୀ, କଟକ

ବେଦରେ କୁହାଯାଇଛି 'ପୁତ୍ରେହଂ ମାତା ପୃଥିବ୍ୟାଃ' । ହଜାର ହଜାର ବର୍ଷତଳେ ମଣିଷ ଅନୁଭବ କରିଥିଲା ଏ ବଣ ପର୍ବତ ଘେରା ମାଟି ଏକସ୍ଥୂଳ ପିଣ୍ଡ ନୁହେଁ ଏହା ଭିତରେ ଏକ ସୂକ୍ଷ୍ମସତ୍ତା ଜୀବନ୍ତ ଅଛି ଯିଏ ତାକୁ ପାଳନ କରୁଛି, ପୋଷଣ କରୁଛି । ପୃଥିବୀକୁ କୁହାଗଲା ଧାତ୍ରୀ, ଯେ ଧାଈ ଭଳି ମଣିଷର ପାଳନ କରେ । ତାକୁ କୁହାଗଲା ଧରିତ୍ରୀ, ଯେ ମଣିଷକୁ ଧାରଣ କରେ । ଏହି ସତ୍ୟଟିକୁ ଉପଲବ୍ଧି କରି ଆର୍ଯ୍ୟଋଷିମାନେ ପ୍ରକୃତିରେ ଥିବା ବୃକ୍ଷଲତା, ପର୍ବତ, ବନୌଷଧି, ନଦୀ ଇତ୍ୟାଦିକୁ ଦେବତା ଜ୍ଞାନକଲେ ଏବଂ ସେମାନଙ୍କ ତୃପ୍ତି ବିଧାନ ପାଇଁ ଜଳଦାନ କଲେ । ପ୍ରକୃତିର ମୁଖ୍ୟ ଅଙ୍ଗ ହେଉଛି, ବନ ସଂପଦ । ଏ ବନ ସଂପଦ ସହିତ ଆମର ସଂପର୍କ ପାରସ୍ପରିକ । ଆମେ ବନ ସଂପଦର ସୁରକ୍ଷା କଲେ ସେ ଆମର ସୁରକ୍ଷା କରେ । ଆଜି ବିପନ୍ନ ବନାନୀକୁ ଦେଖିଲେ ସ୍ପଷ୍ଟ ଜାଣିହୁଏ ଯେ ମଣିଷ କାଳକାଳ ଧରି ବନ ସଂପଦକୁ ଲୁଣ୍ଠନ କରି ଆସିଛି ଏବଂ ପରିଣାମରେ ଆଜି ତାର କୃତକର୍ମର ଉପସର୍ଗ ଏବଂ ପରିଣାମ ଭୋଗ କରିବାରେ ଲାଗିଛି । ସେଥିପାଇଁ ଆଜି ପାହାଡ଼ ପର୍ବତ ଲଣ୍ଡା, ବୃକ୍ଷଲତା ଶୂନ୍ୟ ହେବାକୁ ବସିଲାଣି । ଏହାର ପରିଣାମରେ ଉତ୍ତପ୍ତ ହେଲାଣି ପୃଥିବୀ, ବିବର୍ଣ୍ଣ ହେଲାଣି ବସୁଧା, ଶୁଷ୍କ ହେଲାଣି ଜଳଧାର, ଖସିଗଲାଣି ଜଳସ୍ତର । ଏସବୁ ଆମ କଳା କର୍ମର ଫଳ । କଥା ହଉଚି ଏବେ ଥିବା ମଣିଷମାନଙ୍କ ସାଥୀରେ ସମୟ ସରିଯାଉଥିଲେ କିଛି ଚିନ୍ତା ନଥାନ୍ତା । ଏ ସମୟ ଆଗକୁ ଚାଲିବ । ଆମ ପରେ ଆସିବେ ଆମର ପୁଅ, ନାତି, ଅଣନାତି । ଏବେ ଅସହ୍ୟ ତାତି ଏବଂ ଅଁସୁଆତରେ ଆମେ ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ଆଗକୁ ଏ ବଢ଼ନ୍ତା ତାତିରେ କ'ଣ କରିବେ, କେମିତି ବଞ୍ଚିବେ ଆମର ଉତ୍ତରପୁରୁଷ ମାନେ ? ମନରେ ଭୟ ହେଉଛି ସତରେ କ'ଣ ସବୁଜ ଶ୍ୟାମଳିମା ହୀନ ପରିବେଶରେ ଟଳି ପଡ଼ିବେ ଆମର ପିଲାମାନେ ? ବାସଯୋଗ୍ୟ ରହିବ ନାହିଁ ଏ ପୃଥିବୀ ? ହୁଏତ ଆମେ ଏଭଳି ପରିସ୍ଥିତି ଆଡ଼କୁ ମୁହାଁଉଛୁ ନିଜ ଅଜାଣତରେ । କିନ୍ତୁ ଦୁଃଖ ଏବଂ ଶୋଚନାର ବିଷୟ ହଉଚି ଆମେ ଏ ସମ୍ଭାବ୍ୟ ଏବଂ ଆସନ୍ନ ବିପଦ ପ୍ରତି ଉଦାସୀନ । ଆମେ ସମସ୍ତେ ନିଜେ ନିଜେ ସଚେତନ ହୋଇ ଏଦିଗରେ ନିଜର କର୍ତ୍ତବ୍ୟ ସଂପାଦନ ନକଲେ ବନ ସଂପଦକୁ ପୁଣି ଫେରାଇ ନଆଣିଲେ ଆମର ଆଗାମୀ ବଂଶଧରମାନେ ଆମକୁ କ୍ଷମା କରିବେ ନାହିଁ । ଏଭଳି ଏକ ବିପଜ୍ଜନକ ଅବସ୍ଥାରେ ସରକାର ପ୍ରଚଳନ କରିଛନ୍ତି ଯୁଗ୍ମ ବନପରିଚାଳନା । ବନ ସଂପଦର ସୁରକ୍ଷା ଏବଂ ପରିଚାଳନାରେ ଜନତାର ସଂପୃକ୍ତି ଏବଂ ଭାଗିଦାରୀ ଦ୍ୱାରା ଆଜି ଗଢ଼ି ଉଠିଛନ୍ତି ଅସଂଖ୍ୟ ବନ ସୁରକ୍ଷା ସମିତି । ଲୋକଙ୍କ ଭିତରେ ବିଶେଷ କରି ଶିଶୁ ଏବଂ ଯୁବକମାନଙ୍କ ଭିତରେ ବନ ସଂପଦ ପ୍ରତି ଏକ ଶ୍ରଦ୍ଧା ଜାଗ୍ରତ କରିବା ହେଉଛି ବର୍ତ୍ତମାନର ଏକ ବଡ଼ ଆବଶକତା । ଏ ଆବଶ୍ୟକତା ପୂରଣ କରିବା ଦିଗରେ ଆକାଶବାଣୀର ସାମର୍ଥ୍ୟ ଏବଂ ସୁଯୋଗକୁ ରାଜ୍ୟ ସରକାରଙ୍କ ବନ ବିଭାଗ ଯଥାର୍ଥ ଭାବରେ ଅନୁଭବ କରିଛନ୍ତି ଏବଂ ବ୍ୟବହାର କରିଛନ୍ତି । ଫଳତଃ ୨୦୦୭ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଛି ବନ ଓ ପରିବେଶ ସଂପର୍କରେ ଶିକ୍ଷା ସଚେତନତାଧର୍ମୀ କାର୍ଯ୍ୟକ୍ରମ ବନାନୀର ପ୍ରସାରଣ । ସେଇ ଦିନଠାରୁ ନିରବଚ୍ଛିନ୍ନ ଭାବେ ପ୍ରତି ସପ୍ତାହରେ ପ୍ରସାରିତ ହେଉଥିବା ଏହି କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ, ସାଧାରଣ ଲୋକ ଅଂଶ ଗ୍ରହଣ କରି ଏ ସଂପର୍କୀୟ ସମସ୍ତ ସମସ୍ୟା ଉପରେ ଚର୍ଚ୍ଚା କରିଛନ୍ତି, ପ୍ରଶ୍ନ କରି ଉତ୍ତର ପାଉଛନ୍ତି, ଅନେକ ଅଜଣା କଥା ଜାଣିଛନ୍ତି, ପଚରା ଯାଉଥିବା ପ୍ରଶ୍ନ ମାନଙ୍କର ଉତ୍ତର ଦେଇ ପୁରସ୍କୃତ ହୋଇଛନ୍ତି । ବନ ବିଭାଗର ଅସଂଖ୍ୟ ସମସ୍ୟାଗୁଡ଼ିକ ଏବଂ ପ୍ରସଂଗ ଗୁଡ଼ିକ ବିଷୟ ଏଥିରେ ଆଲୋଚିତ ହୋଇଛି । ଓଡ଼ିଶାର ସମସ୍ତ ଆକାଶବାଣୀ କେନ୍ଦ୍ରରୁ ଏହା ପ୍ରଚାରିତ ହୋଇ କେବଳ ଲୋକପ୍ରିୟ ହୋଇନାହିଁ ଲୋକଙ୍କ ଭିତରେ ଏକ ଆଲୋଡ଼ନ ଏବଂ ପ୍ରଭାବ ସୃଷ୍ଟି କରିପାରିଛି । ଏହା ସମ୍ଭବ ହୋଇଛି ବନବିଭାଗର କର୍ମକର୍ତ୍ତାଙ୍କ ଅଖଣ୍ଡ ଆଗ୍ରହ ଏବଂ ନିଷ୍ଠା ସହ ଆକାଶବାଣୀର ସହଯୋଗ ଯୋଗୁଁ । ବର୍ତ୍ତମାନ ପରିପ୍ରେକ୍ଷୀରେ ଏ କାର୍ଯ୍ୟକ୍ରମ ଚାଲୁ ରହିବା ନିହାତି ଆବଶ୍ୟକ । ଏହାକୁ ଅଧିକ ପ୍ରଭାବଶାଳୀ ଏବଂ ସୁଦୂର ପ୍ରସାରୀ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ବନଖଣ୍ଡରେ ଅନ୍ତତଃ ଦଶଟି ଶ୍ରୋତା ମଣ୍ଡଳୀ ଗଠନ କରି ରେଡ଼ିଓ ଯୋଗାଯାଇ ଏହି କାର୍ଯ୍ୟକ୍ରମର ଶୁଣାଣି, ଚର୍ଚ୍ଚାର ବ୍ୟବସ୍ଥା କରାଯାଇପାରେ ଏବଂ ତା'ର ସୁଫଳର ସୂଚନା ସଂଗ୍ରହ କରାଯାଇପାରେ । ଏହା କରାଯାଇପାରିଲେ ବନାନୀ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇପାରିବ । ଛଅବର୍ଷ ଧରି ଯେଉଁ ଆନ୍ତରିକତାରେ ବନବିଭାଗ ଏବଂ ଆକାଶବାଣୀ ଏହା କରିଆସିଛନ୍ତି ତା'କୁ ବଳକରି ଏହା ମଧ୍ୟ କରିପାରିବେ । ଏବେ କେବଳ ପ୍ରସାରଣ ହେଉଛି । ଏହା କଲେ ପ୍ରସାରଣର ପ୍ରଭାବକୁ ମୂଲ୍ୟାୟନ କରାଯାଇ ପାରିବ । ଆଶା ବନାନୀ କାର୍ଯ୍ୟକ୍ରମର ପ୍ରାୟୋଜକ ଏବଂ ପୃଷ୍ଠପୋଷକ ବନ ବିଭାଗ ଏହା ବିଚାର କରିବେ । ମାନବ ସଭ୍ୟତାର କଲ୍ୟାଣରେ ଅଧିକରୁ ଅଧିକ ଯୋଗଦାନ କରି ବନାନୀ କାର୍ଯ୍ୟକ୍ରମ ଏ ମାଟିକୁ, ଏ ମଣିଷକୁ ତା'ର ହୃତ ବନାନୀକୁ ଫେରେଇଦେଉ । ମାନବ ସଭ୍ୟତାର ରକ୍ଷା କବଚ ହେଉ ।

# ଧରିତ୍ରୀ ଦିବସ

ସୁନୀତା ଝା, ସଂଯୋଜିକା, ବନାନୀ

ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ୨୨ତାରିଖରେ ଧରିତ୍ରୀ ଦିବସ ବା ପୃଥିବୀ ଦିବସ ବା Earth Day ପାଳନ କରାଯାଏ । ଏହି ଦିବସକୁ ୧୯୭୦ ମସିହା ଠାରୁ ପାଳନ କରାଯାଇଅଛି । ପ୍ରଥମେ ଯୁକ୍ତରାଷ୍ଟ୍ର ଆମେରିକାର ପରିବେଶବିତ୍ "ସେନେଟର ଗେର୍ଲଡ ନେଲସନ"ଙ୍କ ଦ୍ୱାରା ଏହି ପୃଥିବୀ ଦିବସ ପାଳନର ଅୟମାରମ୍ଭ ହୋଇଥିଲା । ଏହି ଦିବସରେ ମୁଖ୍ୟତଃ ଧରଣୀ ପୃଷ୍ଠର ପ୍ରାକୃତିକ ପରିବେଶ ଯଥା ଜଳ, ମୃତ୍ତିକା, ବାୟୁ ଓ ଜଙ୍ଗଲର ରକ୍ଷଣା ବେକ୍ଷଣ, ଉପକାରିତା, ପୁନରୁଦ୍ଧାର, ଅବକ୍ଷୟଜନିତ ବର୍ଦ୍ଧିଷ୍ଣୁ ଉଷ୍ଣତାର ତୀକ୍ଷ୍ଣ ପ୍ରକୋପରୁ ପୃଥିବୀକୁ ରକ୍ଷାକରିବା ବିଷୟରେ ଆଲୋକପାତ କରିବା ଓ ସର୍ବସାଧାରଣଙ୍କୁ ଅବଗତ କରାଇବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ପରିବେଶର ସୁରକ୍ଷା ହେଉଛି ନାଗରିକର ପ୍ରଥମ କର୍ତ୍ତବ୍ୟ ଓ ଯେଉଁଥିପାଇଁ ଆଜି ୧୭୫ଟି ଦେଶ ଚିନ୍ତିତ ।

ଆଜିର ଚିନ୍ତାକୁ ସେ ଦିନର ଦୂରଦ୍ରଷ୍ଟା ପରିବେଶବିତ୍ ସେନେଟର ଗେର୍ଲଡ ନେଲସନ୍ ପ୍ରଥମ ଥର ଅପ୍ରେଲ ୨୨ତାରିଖ ୧୯୭୦ ମସିହାରେ ଚିନ୍ତା କରିଥିଲେ ଓ ୨୦ ନିୟୁତ ଜନତା ସେଥିରେ ସାମିଲ ହୋଇ ତାଙ୍କର ମତ ରଖିଥିଲେ । ଯାହା ଆଜି ୫୦୦ ନିୟୁତ ଲୋକ ଚିନ୍ତା କରୁଛନ୍ତି ଏବଂ ୧୭୫ ଦେଶର ସରକାର ମଧ୍ୟ ଚିନ୍ତା କରୁଛନ୍ତି ।

ଏପ୍ରିଲ ମାସ ସାରା ଧରିତ୍ରୀ ଦିବସ ଉପଲକ୍ଷେ ବିଭିନ୍ନ ପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରାଯାଏ । ସ୍କୁଲ କଲେଜ ପିଲାମାନଙ୍କ ଦ୍ୱାରା ପରିବେଶ ଭିତ୍ତିକ ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ପୃଥିବୀ ମାତାକୁ ରକ୍ଷା କରିବା ପାଇଁ ସ୍ଲୋଗାନ୍ ଦେଇ, ପ୍ଲାକାର୍ଡ ଧରି ପିଲାମାନେ ରାସ୍ତାରେ ରାଲି କରନ୍ତି । ପିଲାଙ୍କ ଭବିଷ୍ୟତ ପୃଥିବୀକୁ ବଞ୍ଚାଇ ରଖିବାପାଇଁ ବଡମାନଙ୍କୁ ସଚେତନ କରାଇଥାନ୍ତି । ସଭା ସମିତିରେ ଭାଷଣ, ଅଭିଭାଷଣ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଏ । ବିଭିନ୍ନ ରାଜନୈତିକ ନେତା, ଚଳଚ୍ଚିତ୍ର ଅଭିନେତା, ଅନୁଷ୍ଠାନ ମୁଖ୍ୟମାନଙ୍କ ଦ୍ୱାରା ଟେଲିଭିଜନ, ରେଡିଓ ଓ ସମ୍ବାଦପତ୍ର ମାଧ୍ୟମରେ ଧରାପୃଷ୍ଠକୁ ସବୁଜିତ ରଖିବାପାଇଁ ବାର୍ତ୍ତା ଦିଆଯାଏ ।

ଜଙ୍ଗଲ ପାଖ ଗାଁ, ଯେଉଁଠି ଲୋକମାନଙ୍କର ଜୀବନ ଜୀବିକାର ଏକମାତ୍ର ଲକ୍ଷ୍ୟ ହେଉଛି ଜଙ୍ଗଲ । ସେମାନେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ମୁହୂର୍ତ୍ତରେ ଏହି ଜଙ୍ଗଲ ଉପରେ ନିର୍ଭର କରନ୍ତି । ଜଙ୍ଗଲ ଉପରୁ ଚାପ ଓ ସେମାନଙ୍କ ନିର୍ଭରଶୀଳତା କମାଇବା ପାଇଁ ଜଙ୍ଗଲବିଭାଗ ଦ୍ୱାରା ପ୍ରୋତ୍ସାହିତ ହୋଇ ବିକଳ୍ପ ପରିପନ୍ଥା ଆପଣେଇଛନ୍ତି । ସେହି ପରିପ୍ରେକ୍ଷିରେ ଗଢ଼ି ଉଠିଛି ବନ ସୁରକ୍ଷା ସମିତି, ପରିବେଶ ପର୍ଯ୍ୟଟନ, ସୌର ଶକ୍ତିର ସଦୁପଯୋଗ, ଧୂମ ବିହିନ ଚୂଲା ଇତ୍ୟାଦି ଇତ୍ୟାଦି । ସେମାନଙ୍କର ମାନସିକତାର ପରିବର୍ତ୍ତନ କ'ଣ ଆଜି ଧରିତ୍ରୀ ଦିବସରେ ପରିବେଶ ସଚେତନତାର ଅଗ୍ରଗତିର ଅୟମାରମ୍ଭ ନୁହେଁ କି ?

ସୁନ୍ଦର ସବୁଜ ପୃଥିବୀ ଆଜି ବିଷମୟ । କାରଣ ଯେଉଁଠି ଦେଖିବା କିଛି ନା କିଛି ବିପର୍ଯ୍ୟୟ ଘଟିଚାଲିଛି । ଯେମିତିକି ଅଧିକ ଅମଳ ଆଶାରେ ଅତ୍ୟଧିକ ରାସାୟନିକ ସାରର ପ୍ରୟୋଗ ଆଜି ମୃତ୍ତିକାକୁ କ୍ଷତି ପହଞ୍ଚାଇଲାଣି । ଯେଉଁଥିପାଇଁ ମାଟିରେ ଥିବା ଅତ୍ୟାବଶ୍ୟକ କୀଟ ପତଙ୍ଗ ଯାହା ମାଟିର ଉର୍ବରତା ବଢ଼ାଏ ତାହା ଆଜି ନଷ୍ଟ ହେବାକୁ ବସିଲାଣି । ଯେଉଁଥିପାଇଁ ଜୈବିକ ଖିଆ ଖତର ପ୍ରୟୋଗର ଆବଶ୍ୟକତା ବର୍ତ୍ତମାନ ଏକାନ୍ତ ଅପରିହାର୍ଯ୍ୟ । ଜଳ ପତ୍ତନ ଖସି ଖସି ଯାଉଛି । ଯେଉଁଥିପାଇଁ ଝରଣା, ନଦୀ ଶୁଖି ଗଲାଣି । ଭୂପୃଷ୍ଠର ଜଳ ଆଜି ଅନେକ ତଳେ ।

ବାୟୁ ମଣ୍ଡଳରେ ଆଜି ଦ୍ରୁତ ପରିବର୍ତ୍ତନ ଦେଖାଯାଉଛି । ମୁକ୍ତ ଶୁଦ୍ଧ ବାୟୁ ମଧ୍ୟ ଧିରେ ଧିରେ ଅଶୁଦ୍ଧ ହେବାରେ ଲାଗିଲାଣି । ଯେଉଁଥିପାଇଁ ବିଭିନ୍ନ ପ୍ରକାର ନୂଆ ନୂଆ ରୋଗର ସୂତ୍ରପାତ ହେଉଛି । ଯାହାର କାରଣ ଜାଣିବା ମଧ୍ୟ ଡାକ୍ତର ବା ବୈଜ୍ଞାନିକ ମାନଙ୍କ ଦ୍ୱାରା କଷ୍ଟସାଧ୍ୟ ହୋଇଯାଉଛି । ବାୟୁ ମଣ୍ଡଳର ଚାପର ତାରତମ୍ୟ ମଧ୍ୟ ବିଭିନ୍ନ ସମୟରେ ଲଘୁଚାପ ଘୂର୍ଣ୍ଣିବାତର ଶୀକାର ହେଉଛି, ଯେଉଁଥିପାଇଁ ଅସମୟରେ ବର୍ଷା, ଗ୍ରୀଷ୍ମତାପ ଓ ସୁନାମିପରି ବିଭିନ୍ନ ଅପ୍ରାକୃତିକ ଘଟଣାମାନ ହେବାରେ ଲାଗିଛି । ଜନସଂଖ୍ୟା ବୃଦ୍ଧି ; ଦେଶର ପ୍ରଗତୀ ପାଇଁ କଳକାରଖାନା, ରାସ୍ତାଘାଟ, ଜନବସତି ଇତ୍ୟାଦି ବୃଦ୍ଧିର କାରଣ ପାଲଟିଛି । ଯେଉଁଥିପାଇଁ ସବୁଜ ବନାନୀ ଧିରେ ଧିରେ ସଂକୁଚିତ ହୋଇଚାଲିଛି । ଆମେ ବଞ୍ଚିବା ଓ ଆମ ଜଙ୍ଗଲକୁ ବଞ୍ଚାଇବା ଏହି ଚିନ୍ତାଧାରା ଯେ ପର୍ଯ୍ୟନ୍ତ ଦେଶର କୋଣ ଅନୁକୋଣରେ ସମସ୍ତେ ଅନୁଭବ ନ କରିଛନ୍ତି, ତେବେ ପ୍ରଗତି ମୂଲ୍ୟହୀନ ।

ଖୁସିଲାଗେ ଜାଣି ଯେ ଆଜି ପରିବେଶ ପରିସ୍ଥିତିର ଅନୁଧ୍ୟାନ ହୋଇ ଆଗାମୀ ପିଢ଼ି ଆଗାମୀ ଦିନର ସୁରକ୍ଷା ପାଇଁ ସରକାରୀ, ବେସରକାରୀ ସ୍ତରରେ ଉଦ୍ୟମ ଅବ୍ୟାହତ ରହିଛି । ଏହି ମନୋଭାବ ଏବଂ ସାମୁହିକ ମନୋବଳ ଯେ ଦିନେ ପୃଥିବୀ ମାତାକୁ ବିପର୍ଯ୍ୟୟ ମୁକ୍ତ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ । ତେଣୁ ଆସନ୍ତୁ ଆଜି ଏହି ଧରିତ୍ରୀ ଦିବସରେ ଆମେ ସମସ୍ତେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ହାତରେ ହାତ ମିଳାଇ ଏକ ମନ ଏକ ସ୍ୱରରେ କହିବା

– ଆମ ଧରିତ୍ରୀ ଆମରି ମାଆ
ଆମ ଦାୟିତ୍ୱ ତାର ସୁରକ୍ଷା ।।

# ବନ ସଂରକ୍ଷଣରେ ନାରୀର ଭୂମିକା

ସୁଜାତା ରାଣୀ ସାହୁ
(ସମାଜତତ୍ତ୍ୱବିତ୍)
(ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ)

This earth provides enough to satisfy every man's need but not every man's greed – ଅର୍ଥାତ୍ ଆମ ପୃଥିବୀ ପ୍ରତ୍ୟେକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ । କିନ୍ତୁ ଆମେ ମଣିଷ, ଆମର ଲୋଭକୁ ଚରିତାର୍ଥ କରିଥାଉ । ତେଣୁ ମଣିଷର ଚାହିଦା ଓ ପ୍ରାକୃତିକ ସମ୍ପଦର ବ୍ୟବହାର ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିତ୍ୟାନ୍ତ ଆବଶ୍ୟକ । ଏକ ପକ୍ଷରେ ଜନ ସଂଖ୍ୟାର ବୃଦ୍ଧି ଅପର ପକ୍ଷରେ ପ୍ରାକୃତିକ ସମ୍ପଦର ହ୍ରାସ, ଏହା ଏକ ଜାଗତିକ ସମସ୍ୟା ରୂପେ ମୁଣ୍ଡ ଟେକି ଆମ ଆଗରେ ଛିଡା ହୋଇଛି । କିନ୍ତୁ, ଆମ୍ଭମାନଙ୍କ ନିକଟରେ ଯଦି ଦାୟିତ୍ୱପୂର୍ଣ୍ଣ ସକାରାତ୍ମକ ମନୋଭାବ ରହିବ, ତେବେ କୌଣସି ସମସ୍ୟା ବାଧକ ହୋଇ ରହିବ ନାହିଁ । ଏଦିଗରେ ସମାଜର ଦାୟିତ୍ୱ ବହୁତ ଦରକାର । ସମାଜକୁ ଦାୟିତ୍ୱବୋଧ କରାଇବା ପାଇଁ ନାରୀମାନଙ୍କୁ ହିଁ ଆଗକୁ ଆସିବାକୁ ପଡ଼ିବ ।

ସମାଜ ମାନେ – ସମସ୍ତ ପରିବାରକୁ ନେଇ ଗଠିତ । ପରିବାରରେ ଉଭୟ ନାରୀ ଓ ପୁରୁଷ ରହନ୍ତି । ତେବେ ସମାଜର ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ରହିଛି, ଯଥା-କିପରି ଜଙ୍ଗଲକୁ ସୁରକ୍ଷା ଦେବା, ଜଙ୍ଗଲ ସଂରକ୍ଷଣର ପରିଚାଳନା କିପରି କରାଯାଇ ପାରିବ, କି କି ପଦକ୍ଷେପ ନେଲେ ଜଙ୍ଗଲ ଜାତ ଦ୍ରବ୍ୟର ବ୍ୟବହାର କମ୍ କରାଯାଇପାରିବ । ଇତ୍ୟାଦି ଇତ୍ୟାଦି । ପ୍ରତ୍ୟେକ ପରିବାରକୁ ଏହି ସବୁ ବିଷୟରେ ସଚେତନ କରାଇବା ପାଇଁ ନାରୀର ଭୂମିକା ଯଥେଷ୍ଟ ରହିଛି । ଯୌଥ ପରିବାର ହେଉ ବା ଏକକ ପରିବାର ହେଉ, ବାପା, ମାଆ ଓ ପିଲାଙ୍କୁ ନେଇ ପରିବାରର ସ୍ଥିତି । ସନ୍ତାନଟି ଜନ୍ମ ହେଉ ହେଉ ମା' ଉପରେ ନିର୍ଭର କରେ । ତା'ର ଲାଳନ ପାଳନ ମା' ହିଁ କରିଥାଏ । ମା' ହିଁ ତା'ର ପ୍ରଥମ ଗୁରୁ । ମା' ଯେପରି ସଂସ୍କାର ଦେଇ ପିଲାଟିକୁ ବଢ଼ାଇଥାଏ, ଶିଶୁଟି ଭବିଷ୍ୟତରେ ସେହି ସବୁ ସଂସ୍କାରର ପ୍ରତିଫଳନ ସମାଜରେ କରିଥାଏ । ତେବେ, ବନସଂରକ୍ଷଣ ଦିଗରେ ନାରୀ କ'ଣ ସବୁ ଭୂମିକା ସମ୍ପାଦନ କରି ଆସୁଛି, ଯାହା ଫଳରେ ପରିବାରର ସଦସ୍ୟଙ୍କୁ ସଚେତନ କରାଇପାରୁଛି, ତାହା ଉପରେ ସଂକ୍ଷିପ୍ତ ପର୍ଯ୍ୟାଲୋଚନା କରାଯାଇ ପାରେ ।

ପ୍ରଥମତଃ, ଜାଳେଣୀ ସମସ୍ୟାକୁ ବିଚାରକୁ ନିଆଯାଇପାରେ । ଜାଳେଣୀ ସମସ୍ୟାର ସମ୍ମୁଖୀନ ହେବା ଏବଂ ସମାଧାନ କରିବା ଦିଗରେ ନାରୀ ହିଁ ଅଗ୍ରଣୀ ଭୂମିକା ତୁଲାଇ ଆସୁଛି । ସକାଳୁ ଉଠି ନାରୀମାନଙ୍କୁ ହିଁ ଚୁଲିମୁଣ୍ଡକୁ ଯିବାକୁ ପଡ଼ିଥାଏ । ହେଲେ, ଜାଳେଣୀ ସାମଗ୍ରୀ ଥିଲେ ତ' ଚୁଲି ଲଗାଇବେ । ଜାଳେଣୀ କାଠ, କୁଟା, ପତ୍ର ଇତ୍ୟାଦି ପୂର୍ବଦିନରୁ ହିଁ ସଂଗ୍ରହ କରିବାକୁ ପଡ଼ିଥାଏ । ଜଙ୍ଗଲ ସମ୍ପଦର ହ୍ରାସ ଯୋଗୁଁ ଜାଳେଣୀ ଦ୍ରବ୍ୟ ଆଜି ଆଉ ହାତ ପାହାନ୍ତାରେ ମିଳୁନାହିଁ । ଗାଁ ସନ୍ନିକଟ ଜଙ୍ଗଲରୁ ଜାଳେଣୀ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ନାରୀ ମାନଙ୍କୁ କିଲୋମିଟର କିଲୋମିଟର ଯିବାକୁ ପଡ଼ିଥାଏ । କିନ୍ତୁ, ଆଜି ନାରୀ ସଚେତନ ହୋଇ ନିଜ ଚାଷ ଜମି ଚାରିପଟେ ହେଉ ବା ଘର ବାଡି ବଗିଚାରେ ଗଛ ଲଗାଇବା ପାଇଁ ଆଗଭର ହେଉଛି । ତେଣୁ, ଜାଳେଣୀ ଦ୍ରବ୍ୟ ଯଦି ନିଜ ଚାହିଦା ଅନୁସାରେ ନ ମିଳେ, ଜାଳେଣୀ ସମସ୍ୟା କାହିଁକି ଉପୁଜିଛି, ଏହାର ସମାଧାନ କ'ଣ, କେଉଁ ସବୁ ବିକଳ୍ପ ବ୍ୟବସ୍ଥା ଆପଣେଇବାକୁ ପଡ଼ିବ ଇତ୍ୟାଦି ବିଷୟରେ ନାରୀକୁ ହିଁ ପ୍ରଥମେ ଭାବିବାକୁ ପଡ଼ିଛି ଏବଂ ପଡ଼ିବ । ଏହି ସମସ୍ୟାର ସମାଧାନ ଦିଗରେ ସହର ବ୍ୟତୀତ ଗାଁ ଗହଳିରେ ମଧ୍ୟ ସୌରଚୁଲା, ବିଦ୍ୟୁତ୍ ଚୁଲା, ଗୋବର ଗ୍ୟାସ୍ ଚୁଲା ଇତ୍ୟାଦି ବିକଳ୍ପ ଭାବରେ ବ୍ୟବହାର କରାଯାଉଛି ।

ଦ୍ୱିତୀୟତଃ, ଘରକୁ କିପରି ଚଳେଇବେ, ପରିବାର ଲୋକଙ୍କୁ କ'ଣ ଖାଇବାକୁ ଦେବେ, ପିଲାଙ୍କୁ କିପରି ପାଠ ପଢ଼ାଇବେ ଇତ୍ୟାଦି ବିଷୟରେ ନାରୀମାନଙ୍କୁ ହିଁ ପ୍ରଥମେ ଚିନ୍ତା କରିବାକୁ ପଡ଼ିଥାଏ । ଘର ଉପକରଣ ଜିନିଷ ଯଥା, ବାଉଁଶ, କାଠଦଣ୍ଡା, ପିଢ଼ା, ଚୌକି, ଟେବୁଲ ଇତ୍ୟାଦି ଏବଂ ଚାଷ ଉପକରଣ ଜିନିଷ ଯଥା ହଳ ଲଙ୍ଗଳ ପାଇଁ କାଠର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାର ଅଭାବକୁ ନାରୀମାନେ ହୃଦୟଙ୍ଗମ କରିପାରିଛନ୍ତି । ଫଳରେ, ପ୍ଲାଷ୍ଟିକରେ ଘର ଉପକରଣ ଜିନିଷ ସବୁ ଘରେ ଘରେ ବ୍ୟବହାର ହେଉଛି ।

ତୃତୀୟତଃ, ନାରୀମାନଙ୍କୁ ନିଜର ପରିବାର ଚଳାଇବା ପାଇଁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ ନିମନ୍ତେ ଜଙ୍ଗଲକୁ ଯିବାକୁ ପଡ଼ିଥାଏ । ଚତୁର୍ଥତଃ, ନିଜ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ପର୍ବ ପର୍ବାଣୀକୁ ପାଳନ କରିବାର ଦାୟିତ୍ୱକୁ ନାରୀମାନେ ହିଁ ତୁଲାଇଥାନ୍ତି । ନାରୀମାନଙ୍କ ଦ୍ୱାରା ହିଁ ସମାଜର ପରମ୍ପରା ଗତାନୁଗତିକ ଭାବରେ ପାଳିତ ହୋଇ ଆସୁଅଛି । ସମାଜରେ ଏମିତି ବହୁ ପର୍ବପର୍ବାଣୀ

ରହିଛି। ଯେଉଁଥିରେ ଗଛ, ଗଛର ଡାଳ, ପତ୍ର, ଫୁଲ, ଫଳ ଆଦି ବ୍ୟବହାର ହୋଇଥାଏ। ସେସବୁ ହେଲା ବେଲ, ନିମ, ଅଁଳା, ଆମ୍ବ, ବର, ଅଶ୍ୱତ୍ଥ, ଅପମାରଙ୍ଗ, ସାହାଡ଼ା ଇତ୍ୟାଦି ଇତ୍ୟାଦି। ଏହିସବୁ ବୃକ୍ଷରାଜିର ସଂରକ୍ଷଣ ନିତ୍ୟାନ୍ତ ଆବଶ୍ୟକ ହୋଇ ପଡ଼ିଛି। ନଚେତ୍ ଭବିଷ୍ୟତରେ ନାରୀମାନେ ପରମ୍ପରାକୁ ସମ୍ମାନ କରିବା ପାଇଁ ଅସମର୍ଥ ହେବେ। ସେଥିପାଇଁ ନାରୀମାନେ ନିଜେ ସଚେତନଶୀଳ ହୋଇ ପିଲାମାନଙ୍କୁ ପରମ୍ପରା ତଥା ବୃକ୍ଷରାଜି ସଂରକ୍ଷଣ ଉପରେ ସଚେତନ କରାଇଥାନ୍ତି। ପଞ୍ଚମତଃ, ଗାଁ ଗହଳିରେ ନାରୀମାନେ ପରିବାରର ସଦସ୍ୟ କିମ୍ବା ପିଲାଙ୍କୁ ରୋଗବ୍ୟାଧି ହୋଇଥିବା ସମୟରେ ଔଷଧୀୟ ବୃକ୍ଷଡାଳ, ପତ୍ର, ଫୁଲ, ଫଳ ତଥା ଚେରମୂଳି ବ୍ୟବହାର କରିଥାନ୍ତି। ଏହି ଔଷଧୀୟ ବୃକ୍ଷରାଜିର ସଂରକ୍ଷଣ ଯେ କେତେ ଜରୁରୀ ତାହା ନାରୀମାନେ ଉପଲବ୍ଧି କରିଛନ୍ତି ଏବଂ ଏହି ବିଷୟରେ ନିଜ ସନ୍ତାନ ତଥା ପରିବାର ସଦସ୍ୟଙ୍କୁ ସଚେତନ କରାଇଥାନ୍ତି। ଉଦାହରଣ ସ୍ୱରୂପ ଜନ ସଚେତନତା ପାଇଁ ଆଜିର ନାରୀମାନେ ବୃକ୍ଷମାନଙ୍କୁ ରାକ୍ଷୀ ପୂର୍ଣ୍ଣମୀରେ ରାକ୍ଷୀ ପିନ୍ଧାଉଛନ୍ତି। ଗତ ରାକ୍ଷୀ ପୂର୍ଣ୍ଣମୀରେ ସୁନ୍ଦରଗଡ଼ ଜିଲ୍ଲାର ଏକ ଗ୍ରାମରେ ୨୦୦ରୁ ଅଧିକ ମହିଳା ବୃକ୍ଷମାନଙ୍କୁ ରାକ୍ଷୀ ପିନ୍ଧାଇଥିଲେ।

୧୭ ଉପରୋକ୍ତ ସମସ୍ୟା ଗୁଡ଼ିକର ସମାଧାନ ତଥା ଜଙ୍ଗଲ ଓ ମଣିଷର ନିବିଡ଼ ସମ୍ପର୍କକୁ ନାରୀମାନେ ଉପଲବ୍ଧି କରି ଗାଁ ଆଖ ପାଖ ଜଙ୍ଗଲ ଜଗାରଖାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛନ୍ତି। ବହୁତ ସ୍ଥାନରେ ବର୍ଷ ବର୍ଷ ଧରି 'ଠେଙ୍ଗାପାଳି' କରି ଜଗି ଆସୁଛନ୍ତି। ପୋଡ଼ୁ ଚାଷର ବିରୋଧ, ଅନାବଶ୍ୟକ ଭାବରେ ଜାଳେଣି କାଠର ବ୍ୟବହାରର ବିରୋଧ ତଥା ବଇତ ପର୍ବରେ ଶିକାର ନିଷିଦ୍ଧ କରିବାରେ ସଫଳତା ହାସଲ କରିଛନ୍ତି।

ବନ ସଂରକ୍ଷଣ ପଦକ୍ଷେପକୁ ଦୃଢ଼ରୁ ଦୃଢ଼ତର ଭାବରେ ଆଗେଇ ନେବା ପାଇଁ ଭାରତ ସରକାର ତଥା ରାଜ୍ୟ ସରକାର ଯୁଗ୍ମ-ବନ-ପରିଚାଳନା ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି। ଏତଦ୍‌ବ୍ୟତୀତ ବନସଂରକ୍ଷଣ ଦିଗରେ ନାରୀମାନଙ୍କ ଭୂମିକାକୁ ଅଗ୍ରାଧିକାର ଦିଆଯିବା ସହ ନାରୀମାନଙ୍କୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ମିଳୁଛି। ବର୍ତ୍ତମାନ, ସାରା ଦେଶରେ ଯୁଗ୍ମ ବନ ପରିଚାଳନା କାର୍ଯ୍ୟକ୍ରମ ଚାଲୁରହିଛି। ଯାହାଫଳରେ, ଆଜି ପ୍ରାୟ ସମସ୍ତ ଜଙ୍ଗଲ ସନ୍ନିକଟ ଗ୍ରାମ ଗୁଡ଼ିକରେ ଗଢ଼ିଉଠିଛି 'ବନ ସୁରକ୍ଷା ସମିତି'। ଏହି ସମିତିମାନଙ୍କୁ ନିଜ ଗାଁ ସନ୍ନିକଟ ଜଙ୍ଗଲର ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଚିହ୍ନଟ କରାଯାଇ ଉକ୍ତ ନିର୍ଦ୍ଧାରିତ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଗାଁରେ ପ୍ରତ୍ୟେକ ପରିବାରର ସାବାଳକ (adult member) ନାରୀ ହେଉ ବା ପୁରୁଷ ହେଉ, ସମିତିର ସଭ୍ୟଭାବେ ରହିପାରିବେ। ଗାଁ ପଲ୍ଲୀସଭାରେ ସଭ୍ୟମାନଙ୍କ ମଧ୍ୟରୁ 'କାର୍ଯ୍ୟକାରୀ କମିଟି' (Executive Committee) ପାଇଁ ସଭାପତି, ଉପସଭାପତି, ସଂପାଦକ, ଟ୍ରେଜରର (Treasurer) ଏବଂ ପ୍ରାୟତଃ ୧୧ଜଣ ସକ୍ରିୟ ସଭ୍ୟଙ୍କୁ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ କରାଯାଇଥାଏ। ଏଥିରେ ସ୍ଥାନୀୟ Forest Guard ଏବଂ Ward Member ex-officio member ଭାବରେ ରହିଥାନ୍ତି। ବିଭାଗୀୟ ରେଞ୍ଜ ଅଧିକାରୀ (Range Officer) Returning Officer ଭାବରେ କାର୍ଯ୍ୟ ତୁଲାଇଥାନ୍ତି। ଏହି ସମିତିର General Body Meeting ଅତି କମ୍‌ରେ ଛଅମାସକୁ ଥରେ ଏବଂ Executive Committee Meeting ବର୍ଷକୁ ୩ଥର କରାଯାଇଥାଏ। ସେକ୍ରେଟାରୀ (Secretary) ସଭାପତି (Chairman) ଙ୍କ ଅନୁମତି ସହିତ ସାଧାରଣ ସଭାକୁ (Genral body meeting) ଡାକିଥାନ୍ତି।

ସରକାର ବନ ସୁରକ୍ଷା ସମିତିରେ ନାରୀମାନଙ୍କ ଭୂମିକାକୁ ଅଗ୍ରାଧିକାର ଦେଇଛନ୍ତି। ସେଗୁଡ଼ିକ ହେଲା -

- କାର୍ଯ୍ୟକାରୀ କମିଟି (Executive Committee) ର ସମୁଦାୟ ସଭ୍ୟ ସଂଖ୍ୟାର ଶତକଡ଼ା ୫୦ ଭାଗ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ।
- ସଭାପତି କିମ୍ବା ଉପସଭାପତିଙ୍କ ମଧ୍ୟରୁ ଅନ୍ତତଃ ଜଣେ ମହିଳା ହୋଇଥିବେ।
- Genral body meeting ହେଉ ବା Executive Committee Meeting ହେଉ quorum ପାଇଁ ଶତକଡ଼ା ୫୦ ଭାଗ ସଭ୍ୟଙ୍କର ଉପସ୍ଥିତି ଦରକାର ହୋଇଥାଏ, ସେଥିମଧ୍ୟରୁ ଏକତୃତୀୟାଂଶ ମହିଳା ସଭ୍ୟାଙ୍କ ଉପସ୍ଥିତି ଦରକାର।

ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ସରକାର ନାରୀମାନଙ୍କୁ ସବୁକ୍ଷେତ୍ରରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେଇଛନ୍ତି। ଯାହା ଫଳରେ, ନିଜର ସ୍ୱାଧୀନ ମତବ୍ୟକ୍ତ କରିପାରିବା ତଥା ସକ୍ରିୟ ସଭ୍ୟା ରୂପେ ଏବଂ ଅଗ୍ରଣୀ ଭାବରେ ନିଜର ଦାୟିତ୍ୱ ତୁଲାଇବା ନାରୀମାନଙ୍କ ପକ୍ଷରେ ସମ୍ଭବ ହୋଇପାରିଛି।

ସରକାରଙ୍କ ଏହି ଯୁଗ୍ମ ବନପରିଚାଳନା କାର୍ଯ୍ୟକ୍ରମକୁ ଅଧିକରୁ ଅଧିକତମ ତ୍ୱରାନ୍ୱିତ କରିବା ପାଇଁ ବହୁ ସଂଖ୍ୟକ ମହିଳାଙ୍କର ଯୋଗଦାନ ଦରକାର। ନାରୀମାନଙ୍କ ଭୂମିକା ବହୁ ଯାଗାରେ ଅଗ୍ରଣୀ ହୋଇ ରହିଛି ଏବଂ ତାହାସବୁ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଛି। ସବୁ ସ୍ଥାନରେ, କାର୍ଯ୍ୟକ୍ରମର ସମସ୍ତ ପର୍ଯ୍ୟାୟରେ ନାରୀମାନେ ନିଜକୁ କିପରି ସାମିଲ କରିବେ, ତାହା ଆଲୋଚନାର ବିଷୟବସ୍ତୁ। କାର୍ଯ୍ୟକ୍ରମର ସେହିସବୁ ପର୍ଯ୍ୟାୟ ଗୁଡ଼ିକ ହେଲା -

କାର୍ଯ୍ୟକାରୀ କମିଟି ଗଠନ ହେଲାପରେ ଅଣୁ ଯୋଜନା ପ୍ରସ୍ତୁତ ହୋଇଥାଏ । ଯେଉଁଥିରେ ମହିଳାମାନଙ୍କ ନିଷ୍ପତ୍ତି ଜରୁରୀ ହୋଇଥାଏ, ଯଥା - ବୃକ୍ଷରୋପଣ କାର୍ଯ୍ୟକ୍ରମ, ଗୁରା ନିରୂପଣ ସମୟରେ ଔଷଧୀୟ ତଥା ଫଳଗଛ ଉପରେ ଗୁରୁତ୍ୱ ଦେବା, ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ, ଜଳାଶୟ ଖନନ ଓ ଉଦ୍ଧାର, ପାନୀୟ ଜଳ ଯୋଗାଣ, ବିଦ୍ୟାଳୟ ଓ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ, ସ୍ୱୟଂସହାୟକ ଗୋଷ୍ଠୀ ଗଠନ, କ୍ଷୁଦ୍ରବ୍ୟବସାୟ, ପରିବେଶ ପର୍ଯ୍ୟଟନ, କୃଷି ସହିତ ବନୀ କରଣ, ରାସ୍ତା ମରାମତି, ଗୋଚରଣର ଉନ୍ନତି, ଜାଳେଣୀର ବିଭିନ୍ନ ବିକଳ୍ପ ବ୍ୟବସ୍ଥା, ଜୀବିକା ନିର୍ବାହ ପାଇଁ ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ପ୍ରକ୍ରିୟା କରଣ ମତ୍ସ୍ୟଚାଷ, ଛତୁଚାଷ, ମହୁ ସଂଗ୍ରହ, ତସର ଚାଷ ଇତ୍ୟାଦି ଇତ୍ୟାଦି ଉପରେ ମତବ୍ୟକ୍ତ କରିବା ।

- ଜଙ୍ଗଲ ସମ୍ବଳର ପରିଚାଳନା ପାଇଁ ନୀତି ପ୍ରଣୟନ ବେଳେ ମତ ବା ନିଷ୍ପତ୍ତି ଦେବା ।
- ଜଙ୍ଗଲ ପରିଚାଳନାରେ ବୈଷୟିକ ଜ୍ଞାନ କୌଶଳ ପାଇଁ ତାଲିମ ନେବାରେ ଆଗ୍ରହୀ ରହିବା ।
- ବେଆଇନ୍ ଗଛ କଟା, କାଠଚୋରୀ ଓ କ୍ଷତିକାରକ ଅମଳକୁ ବିରୋଧ କରିବା ।
- ଅଣକାଷ୍ଠ ଜଙ୍ଗଲଜାତ ଦ୍ରବ୍ୟର ଚିରସ୍ଥାୟୀ ବା ସୁଷମ ଅମଳ ଦିଗରେ ବିଭିନ୍ନ ବର୍ଗଙ୍କ ସହ ନିୟମିତ ଆଲୋଚନାରେ ଭାଗ ନେବା ।
- ପାରମ୍ପରିକ ଜ୍ଞାନକୁ ବିନିଯୋଗ କରିବା ।
- ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରିବା ସହିତ ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗୁରା ପ୍ରକ୍ରିୟା କରଣ, ଲଘୁ ବନଜାତ ଦ୍ରବ୍ୟର ସଂଗ୍ରହ ତଥା ବିଭିନ୍ନ ଦ୍ରବ୍ୟର ପ୍ରକ୍ରିୟାକରଣ, ବଜାର ସଂଯୋଗୀ କରଣ, ପ୍ୟାକିଂ, ମୂଲ୍ୟଯୋଗ ବିଧି ଆଦି ସମ୍ପର୍କରେ ଜ୍ଞାନ କୌଶଳ ଆହରଣ କରିବା ।
- ଜୈବ ବିବିଧତା ଆକଳନ ଓ ପଞ୍ଜୀକରଣ କରିବା ସମୟରେ ଭାଗନେବା ।

ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ସଂକ୍ରାନ୍ତୀୟ ବିଭିନ୍ନ ଦିଗ ଉପରେ ଆଲୋଚନାକୁ କେବଳ Genral Body Meeting ଓ କାର୍ଯ୍ୟକାରୀ କମିଟି (Executive Committee) Meeting ରେ ସୀମିତ ନରଖି ସେସବୁକୁ ନାରୀମାନେ ଗାଁରେ, ପରିବାରରେ ନିଜ ନିଜ ମଧ୍ୟରେ ନିୟମିତ ଆଲୋଚନା କରିବା ଉଚିତ୍ । ଫଳରେ ସ୍ୱାଭାବିକ ଭାବରେ ଏ କାନରୁ ସେ କାନକୁ ହୋଇଥାଏ ଏବଂ ସମସ୍ତ ଗାଁଲୋକ ସବୁ କଥା ଅବଗତ ହୋଇପାରିବେ । ବିଭାଗୀୟ କର୍ତ୍ତୃପକ୍ଷ ବୈଷୟିକ ଜ୍ଞାନ ଦେବା ପାଇଁ ସଦାସର୍ବଦା ହାତ ବଢ଼ାଇ ରହିଛନ୍ତି ।

ଗାଁର ଏକ ସାଧାରଣ ସଭାରେ ଯୋଗ ଦେବାକୁ ଯେଉଁ ମହିଳାମାନେ ଦିନେ କୁଣ୍ଠିତ ଓ ଲଜ୍ଜା ଅନୁଭବ କରୁଥିଲେ ସେଇ ନାରୀମାନେ ଆଜି ପଞ୍ଚାୟତସ୍ତର ଠାରୁ ଆରମ୍ଭ କରି ରାଜ୍ୟ ସ୍ତରର ଯେକୌଣସି କାର୍ଯ୍ୟାଳୟକୁ ଯାଇ ନିଜର ମତବ୍ୟକ୍ତ କରି ସାମର୍ଥ୍ୟ ହାସଲ କରିପାରିଛନ୍ତି । ଏହା ସମାଜର ଅନ୍ୟ ନାରୀମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ସହ ଉତ୍ସାହ ଓ ପ୍ରେରଣା ଦେଇ ପାରିଛନ୍ତି । ତେଣୁ ଆଞ୍ଚଳିକ ସମସ୍ୟାକୁ ସମାଧାନ କରିବା ନିମନ୍ତେ ବିଭିନ୍ନ ଆଲୋଚନାରେ ନାରୀମାନେ ଭାଗନେଇ ବିଭାଗୀୟ କର୍ମଚାରୀଙ୍କ ସାହାଯ୍ୟରେ ସମାଧାନର ପନ୍ଥା ନିରୂପଣ କରିପାରିବେ ଏବଂ ଯାହା ଫଳରେ ବନ ସଂରକ୍ଷଣ ସମିତି ଗୁଡିକର ସକ୍ରିୟ କାର୍ଯ୍ୟ ଦକ୍ଷତା ସୁଦୃଢ଼ହେବ, ତଥା ଜଙ୍ଗଲ ସୁପରିଚାଳନା ହୋଇପାରିବା ସଙ୍ଗେ ସଙ୍ଗେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ସହ ନୂତନ ଜଙ୍ଗଲ ସୃଷ୍ଟି ହୋଇପାରିବ । ବାସହରା ହୋଇଥିବା ବନ୍ୟପ୍ରାଣୀ ଉପଯୁକ୍ତ ପରିବେଶରେ ବିଚରଣ କରିପାରିବେ । ବାସ୍ତବରେ, ବିଭାଗୀୟ ସ୍ତରରେ ସୀମିତ କର୍ମଚାରୀଙ୍କୁ ନେଇ ଜଙ୍ଗଲ ସଂରକ୍ଷଣର ପଦକ୍ଷେପ ଯଥେଷ୍ଟ ନୁହେଁ । ଏଣୁ, ଆମେ ସମସ୍ତେ କାର୍ଯ୍ୟକ୍ରମ ଗୁଡିକର ମୁଖ୍ୟଧାରାରେ ସାମିଲ ହୋଇ 'ଆମ ଜଙ୍ଗଲ'କୁ ଘଞ୍ଚ, ସବୁଜ, ଓ ସୁନ୍ଦର କରି ଗଢ଼ି ତୋଳିବା, ଜନ ସଚେତନତା ସୃଷ୍ଟି କରିବା, ପ୍ରଦୂଷଣମୁକ୍ତ ସମାଜ ଓ ପରିବେଶ ଗଠନ କରିବା । ଆସନ୍ତୁ ଫେରିଯିବା ସେହି ପ୍ରକୃତି କୋଳକୁ, ଯେଉଁଠି ଦିନେ ମଣିଷ ସଭ୍ୟତାର ସୃଜନା ହୋଇଥିଲା ଆଦି ମାନବ ରୂପରେ । ଆମେ ନାରୀ ହିଁ ସବୁ କରିପାରିବା । ଆମେ ହିଁ ଦୁର୍ଗା, ଆମେ ହିଁ ଗାର୍ଗୀ, ଆମେ ହିଁ ମୈତ୍ରୀ ........ ।



# ଲୋକଙ୍କ ପାଇଁ ଜଙ୍ଗଲ

ଅଭିମନ୍ୟୁ ବେହେରା
ବନସଂରକ୍ଷକ (ଯୋଜନା)

୧୯୮୮ ଜାତୀୟ ଜଙ୍ଗଲ ନୀତି, ଜଙ୍ଗଲକୁ ଏକ ସ୍ଥାନୀୟ ସମ୍ପଦରୂପେ ବିବେଚନା କରି ଏହାର ସୁରକ୍ଷା ନିମନ୍ତେ ଗ୍ରାମଗୋଷ୍ଠି ମାନଙ୍କର ଅଧିକାରକୁ ମାନ୍ୟତା ଦେଲା । ଏହି ଜଙ୍ଗଲ ନୀତି ଆଧାରରେ ପ୍ରସ୍ତାବିତ ନୀତିଦ୍ୱାରା ଜଙ୍ଗଲ ବିଭାଗର ବଡ ଧରଣର ପରିବର୍ତ୍ତନ ସହ ଜଙ୍ଗଲ ଓ ଜଙ୍ଗଲ ସମ୍ପଦର ବିକାଶ କରାଗଲା । ବନପରିଚାଳନା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ ।

ବ୍ୟାପକ ଜଙ୍ଗଲ କ୍ଷୟହିଁ ପାରିପାର୍ଶ୍ୱିକ ସନ୍ତୁଳନ ତଥା ପ୍ରାକୃତିକ ପରିବେଶର ଭାରସାମ୍ୟରେ ଅସ୍ଥିରତା ସୃଷ୍ଟିପାଇଁ ଦାୟୀ । ପ୍ରାକୃତିକ ଜଙ୍ଗଲ ଓ ବନ୍ୟ ପ୍ରାଣୀଙ୍କର ସଂରକ୍ଷଣ କରି ଆଗାମୀ ବଂଶଧରମାନଙ୍କ ନିମନ୍ତେ ଜାତୀୟ ପରମ୍ପରାକୁ ରକ୍ଷାକରିବାର ଆବଶ୍ୟକତା ରହିଛି । ସ୍ଥାନୀୟ ଲୋକମାନଙ୍କର ଚାହିଦା ମେଣ୍ଟାଇବାପାଇଁ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ରହିଛି । ବନଜାତ ଦ୍ରବ୍ୟର ବିକ୍ରୟ ଓ ବ୍ୟବସାୟିକ ଉପଯୋଗ ପାଇଁ ମିଳିତ ବନ ପରିଚାଳନା (JFM) ସୃଷ୍ଟି କରାଯାଇଛି ।

ଆମ ରାଜ୍ୟରେ ରେକର୍ଡଭୁକ୍ତ ଜଙ୍ଗଲ ଅଞ୍ଚଳ ପ୍ରାୟ ୫୮୧୩୬ ବର୍ଗ କି.ମି. ଅଛି । ଭାରତ ସରକାରଙ୍କ ଜଙ୍ଗଲ ସର୍ବେକ୍ଷଣ ୨୦୦୯ ରିପୋର୍ଟ ଅନୁସାରେ ଓଡିଶାରେ ପ୍ରକୃତ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୫୩,୨୯୦ ବର୍ଗ କି.ମି. ଅଛି । ଏହା ଓଡିଶାର କ୍ଷେତ୍ରଫଳର ଶତକଡା ୩୪.୨୩ ଭାଗ । ତେଣୁ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ରହିଛି । Forest Survey of India ୨୦୦୯ ରିପୋର୍ଟ ଅନୁସାରେ ଓଡିଶାରେ ୧୦୦ ବର୍ଗ କି.ମି. ଜଙ୍ଗଲ ବୃଦ୍ଧି ହୋଇଥିଲା ।

୧୯୮୮ ଅଗଷ୍ଟ ମାସରେ ରାଜ୍ୟ ସରକାରଙ୍କର ସଂକଳ୍ପନାମା ଅନୁଯାୟୀ ଗ୍ରାମ ସମୀପବର୍ତ୍ତୀ ଜଙ୍ଗଲର ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦାୟିତ୍ୱ ଗ୍ରାମବାସୀମାନଙ୍କ ଉପରେ ନ୍ୟସ୍ତ କରାଯାଇଛି । ୧୯୯୦ ମସିହାରେ ଏହାକୁ ବର୍ଦ୍ଧିତ କରାଯାଇ ସୁରକ୍ଷିତ ଜଙ୍ଗଲକୁ ଅନ୍ତର୍ଭୁକ୍ତ କରାଯାଇଛି । ଓଡିଶା ସରକାର ସୁରକ୍ଷିତ ଜଙ୍ଗଲକୁ ଲୋକାଭିମୁଖି କରିବା ପାଇଁ ୧୯୯୩ ମସିହାରେ ଏକ ସଂକଳ୍ପନାମା କଲେ ଯେଉଁଥିରେ ସ୍ଥାନୀୟ ଗୋଷ୍ଠୀର ଦାୟିତ୍ୱ ଜଙ୍ଗଲ ସୁରକ୍ଷା ଦିଗରେ ରଖାଯାଇଛି । ସେଥିପାଇଁ ବନସଂରକ୍ଷଣ ସମିତି (V.S.S.) ସୃଷ୍ଟିକରାଯିବ, ତାହାର ଦାୟିତ୍ୱ ଓ କର୍ତ୍ତବ୍ୟ ଉଲ୍ଲେଖ କରାଯାଇଛି । ସେଥିରେ Executive Committee, ବନ ବିଭାଗର ଭୂମିକା, ଗ୍ରାମ ପଞ୍ଚାୟତ, ସୂକ୍ଷ୍ମ ବନପରିଚାଳନାର ଯୋଜନା, ବନ ସଂରକ୍ଷଣ ସମିତି ପାଇଁ ସୁବିଧା ସୁଯୋଗ ଓ ବୁଝାମଣାପତ୍ର ଓ ତତ୍ ସମ୍ବନ୍ଧୀୟ ବିଷୟମାନ ସ୍ଥାନପାଇଛି । ଏହି ସଂକଳ୍ପନାମାରେ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ଓ ସୁରକ୍ଷିତ ଅଞ୍ଚଳଗୁଡିକୁ ଅନ୍ତର୍ଭୁକ୍ତ କରାଯାଇନାହିଁ । ତେଣୁ ୨୦୦୮ ମସିହାରେ ଏହା କରାଯାଇ ୨୨ ଅକ୍ଟୋବର, ୨୦୦୮ରେ ସଂକଳ୍ପନାମା କରାଗଲା । ସେଥିରେ ଯେଉଁ ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଓ Revenue Forest Crown ଘନତା ୪୦% ରୁ କମ୍ ଅଛି ସେହିଗୁଡିକ ସୂକ୍ଷ୍ମ ବନପରିଚାଳନାର ଅନ୍ତର୍ଭୁକ୍ତ କରାଯାଇଛି ।

ସେହିପରି ଓଡିଶା ସରକାର ୨୦୧୧ ସେପ୍ଟେମ୍ବର ମାସରେ ଆଉ ଏକ ସଂକଳ୍ପନାମା କରିଛନ୍ତି । ସେଥିରେ କିଛିଟା ପରିବର୍ତ୍ତନ କରାଯାଇଛି । ଗୋଟିଏ ଗ୍ରାମରେ କିମ୍ବା ଅନେକ ଗ୍ରାମକୁ ନେଇ ବନସଂରକ୍ଷଣ ସମିତି ଗଠନ କରାଯାଇପାରିବ । ସଂକଳ୍ପନାମାଗୁଡିକ ପଲ୍ଲୀସଭାରେ ଅନୁମୋଦନ ହେଲାପରେ Range Officerଙ୍କୁ ଦିଆଯିବ । ସେ ତାହାକୁ DFOଙ୍କ ପାଖକୁ ପଞ୍ଜୀକରଣ ପାଇଁ ପଠାଇବେ । କାର୍ଯ୍ୟନିର୍ବାହୀ କମିଟିରେ ଶତକଡା ୫୦ ଭାଗ ମହିଳା ରହିବେ ଓ SC/ST Members ଆନୁପାତିକ ଭାବେ ରହିବେ । ଯେଉଁ ଗୋଷ୍ଠୀ ଜୀବିକାର ସୁବିଧା ନଥିବ ଓ କେବଳ ଜଙ୍ଗଲ ଉପରେ ନିର୍ଭର କରୁଥିବେ ସେମାନେ କାର୍ଯ୍ୟନିର୍ବାହୀ କମିଟିରେ ରହିବେ । ବନସୁରକ୍ଷା ସମିତିର କର୍ତ୍ତବ୍ୟ ଓ ଦାୟାତ୍ୱ ହେଲା ଜଙ୍ଗଲ ସୁରକ୍ଷା କରିବା । ତାହାଛଡା ନିକଟରେ ଥିବା ନଦୀ ଅବବାହିକା ଅଞ୍ଚଳ, ଜଳସମ୍ପଦ ଓ ଅନ୍ୟାନ୍ୟ ପରିବେଶୀୟ ସମ୍ବେଦନଶୀଳ ଅଞ୍ଚଳକୁ ମଧ୍ୟ ସୁରକ୍ଷା ଦେବେ । ସେମାନେ ସ୍ଥାନୀୟ ଔଷଧୀୟ ବୃକ୍ଷଲତା ଓ ଲଘୁବନଜାତ ଦ୍ରବ୍ୟର ବିଭିନ୍ନ ପ୍ରଜାତିର ଚାରା ରୋପଣ କରିପାରିବେ । ବନ୍ୟଜନ୍ତୁ ଓ ଜଙ୍ଗଲ ଉପରେ ପ୍ରଭାବ ପକାଉଥିବା କାର୍ଯ୍ୟକୁ ବନ୍ଦ କରିପାରିବେ ।

୨୦୧୨ ଜୁନ୍ ସୁଦ୍ଧା ଓଡିଶାରେ ୧୨୦୯୬ଟି ସୂକ୍ଷ୍ମବନ ପରିଚାଳନା କମିଟି ବା ବନ ସୁରକ୍ଷା ସମିତି ଗଠନ କରାଯାଇଛି । ସେଥିରେ ୧୬ଲକ୍ଷ ୪୨ ହଜାର ୯୮୨ଟି ପରିବାର ଅନ୍ତର୍ଭୁକ୍ତ । ସେମାନଙ୍କୁ ୧୧,୪.୬୭୬ ହେକ୍ଟର ଜଙ୍ଗଲକୁ ସୁରକ୍ଷା ଓ ପରିଚାଳନା କରିବାପାଇଁ ଦିଆଯାଇଛି । ସେମାନେ ସେଥିରେ ବୃକ୍ଷରୋପଣ କରି ତାହାର ସୁରକ୍ଷା କରିବେ ଓ ଜଙ୍ଗଲ ଲବ୍ଧ ଦ୍ରବ୍ୟ ବ୍ୟବହାର କରିପାରିବେ ।

ପ୍ରତିବର୍ଷ ବିଭିନ୍ନ ଯୋଜନାରେ ବୃକ୍ଷରୋପଣ କରାଯାଉଛି । ସେଗୁଡିକ ମୁଖ୍ୟତଃ ଅର୍ଥକାରୀ ବୃକ୍ଷରୋପଣ, ଭାରତ ସରକାରଙ୍କ ତ୍ରୟୋଦଶ ଅର୍ଥ କମିଶନ ଗ୍ରାଣ୍ଟ, ଲଣ୍ଡା ପାହାଡ ବୃକ୍ଷରୋପଣ, ସହରାଞ୍ଚଳ ବୃକ୍ଷରୋପଣ, ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା, ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି କର୍ମ ଯୋଗାଣ ଯୋଜନା ମାଧ୍ୟମରେ ମଧ୍ୟ ବହୁଳ ପରିମାଣରେ ଜଙ୍ଗଲ ସୃଷ୍ଟି କରାଯାଉଛି । ପଥ ପାର୍ଶ୍ୱ ବନୀକରଣ ମଧ୍ୟ ହାତକୁ ନିଆଯାଇଛି । ଶିଳ୍ପାଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ କରାଯାଉଛି ।

ଏହାଛଡା ଅନ୍ୟସଂସ୍ଥା ଯଥା, ଓଡିଶା ବନ ଉନ୍ନୟନ ନିଗମ ଓ ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପଙ୍କ ଦ୍ୱାରା ମଧ୍ୟ ପ୍ରର୍ଯ୍ୟାପ୍ତ ବୃକ୍ଷରୋପଣ କରାଯାଇଛି। ଏ ବର୍ଷ ଜାନୁଆରୀ ମାସ ସୁଦ୍ଧା ବିଭିନ୍ନ ଯୋଜନାରେ ୧,୩୮,୪୧୪ ହେକ୍ଟର ବନୀକରଣ କରାଯାଇଛି ଓ ୭୬୯ RKM ପର୍ଯ୍ୟନ୍ତ ପଥପାର୍ଶ୍ୱ ବନୀକରଣ କରାଯାଇଛି ଏବଂ ୫,୫୦,୨୫,୭୧୫ ଗୋଟି ଚାରା ରୋପଣ କରାଯାଇଛି।

ଜଙ୍ଗଲ ଜମି ସିମୀତ । ଜଙ୍ଗଲ ବାହାରେ ବୃକ୍ଷରୋପଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ତ୍ରୟୋଦଶ ଅର୍ଥ କମିଶନ ଗ୍ରାଣ୍ଟ ଜରିଆରେ ଚାରା ସୃଷ୍ଟି କରାଯାଇ ଗ୍ରାମଲୋକମାନଙ୍କୁ ବଣ୍ଟନ କରାଯାଉଛି। ଏ ବର୍ଷ ଜାନୁଆରୀ ସୁଦ୍ଧା ମୋଟ ୧,୮୪,୧୪,୧୮୦ ଗୋଟି ଚାରା ପ୍ରସ୍ତୁତ କରାଯାଇ ଗ୍ରାମବାସୀଙ୍କୁ ବଣ୍ଟନ କରାଯାଇଥିଲା। ସେମାନେ ନିଜ ବାଡିବଗିଚାରେ ବୃକ୍ଷରୋପଣ କରିଛନ୍ତି। ତାହାଛଡା ସହରାଞ୍ଚଳ ବୃକ୍ଷରୋପଣ ମାଧ୍ୟମରେ ୬,୭୫,୦୩୫ ଗୋଟି ବୃକ୍ଷ ରୋପଣ କରାଯାଇଛି।

ଆର୍ଥିକ ବର୍ଷ ୨୦୧୨-୧୩ରେ ବିଭିନ୍ନ ଯୋଜନାରେ ୨୧୨୪୪.୯୮ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ବୃକ୍ଷରୋପଣ ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ ସେଥିରୁ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଜଙ୍ଗଲର ସୁପରିଚାଳନା, ରାଜ୍ୟ ଯୋଜନା ହେଲା ବନ ଗବେଷଣା, ଔଷଧୀୟ ବୃକ୍ଷ ଚାଷ, ରାଜଧାନୀ ଭୁବନେଶ୍ୱର ଓ ଅନ୍ୟାନ୍ୟ ସହରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ଅର୍ଥକାରୀ ବୃକ୍ଷରୋପଣ, ରାଜ୍ୟ ବାଉଁଶ ଉନ୍ନୟନ ପ୍ରକଳ୍ପ ଏବଂ ଲଣ୍ଡା ପାହାଡ ବନୀକରଣ ଇତ୍ୟାଦି ଅର୍ନ୍ତଭୁକ୍ତ।

ଆସନ୍ତା ବର୍ଷପାଇଁ ୩ଟି ନୂଆ ଯୋଜନାରେ ଅର୍ଥର ପ୍ରସ୍ତାବ ଦିଆଯାଇଛି। ସେଗୁଡିକ ହେଲା ସ୍ଥାୟୀ ନର୍ସରୀର ରକ୍ଷଣାବେକ୍ଷଣ, ପଥପାର୍ଶ୍ୱ ବନୀକରଣ ଏବଂ ନଦୀ ଅବବାହିକା ଅଞ୍ଚଳର ଉପଯୁକ୍ତ ପରିଚାଳନା ବ୍ୟବସ୍ଥା ଅର୍ନ୍ତଭୁକ୍ତ।

ଲୋକସଂଖ୍ୟା ବୃଦ୍ଧି ହେତୁ ଉଭୟ ବନଜାତଦ୍ରବ୍ୟ ତଥା ବନଭୂମି ପାଇଁ ଜଙ୍ଗଲ ଉପରେ ଆଶାତୀତ ଚାପ ବୃଦ୍ଧିପାଇଛି। ୨୦୦୩ ବର୍ଷରେ ଜଙ୍ଗଲ ପରିବେଶ ବିଭାଗର ପୁନର୍ବିନ୍ୟାସ ପରେ ରାଜ୍ୟ ଜଙ୍ଗଲ ଅଞ୍ଚଳକୁ ୨୮୧ ଚକଲାରେ ବିଭକ୍ତ କରାଯାଇଛି। ଏଥିସହିତ ୧୦୦୧ଟି Section ଓ ୩୬୭୪ ଟି ବିଟ୍ ସୃଷ୍ଟି କରାଯାଇଛି। ପ୍ରତ୍ୟେକ ଚକଲାପାଇଁ ୨୦୬.୮୮ ବର୍ଗ କି.ମି. ବିଭିନ୍ନ ବିଭାଗର ବନାଞ୍ଚଳ ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ଜଙ୍ଗଲ ବିକାଶ କାର୍ଯ୍ୟକ୍ରମ ଏବଂ ଅନ୍ୟ ଶ୍ରେଣୀଭୁକ୍ତ ଜଙ୍ଗଲକୁ ସୁରକ୍ଷାଦେବା ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦାୟିତ୍ୱ ଅଟେ। ଜଙ୍ଗଲର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି।

୧. ଜଙ୍ଗଲ ଧ୍ୱଂସ କରୁଥିବା ମାଫିଆମାନଙ୍କୁ ଧରାଇଲେ ପୁରସ୍କାର ଦେବାର ବ୍ୟବସ୍ଥା ଅଛି।

୨. ୧୯ ଗୋଟି APR Unitକୁ ୧୯ଟି ବନଖଣ୍ଡରେ ମୁତୟନ କରାଯାଇଛି। ସେହି ବନଖଣ୍ଡ ଗୁଡିକ ହେଲା କେଉଁଝର, ଅନୁଗୁଳ, ଆଠଗଡ, ବାରିପଦା, ଢେଙ୍କାନାଳ, ସମ୍ବଲପୁର, ରେଢାଖୋଲ, ସୁନ୍ଦରଗଡ, ପୁରୀ, ନୟାଗଡ, ଘୁମୁସର (ଉତ୍ତର), ଘୁମୁସର (ଦକ୍ଷିଣ), ପାରଳାଖେମୁଣ୍ଡି, ବୌଦ୍ଧ, ରାୟଗଡା, କଳାହାଣ୍ଡି, ଜୟପୁର, ଖରିଆର ଏବଂ ବଲାଙ୍ଗିର ।

୩. ଓଡିଶାରେ ୨୭୬ ଟି Forest Protection Squad କରାଯାଇଛି। ସେଥିରେ ୧୦ ଜଣ ସ୍ଥାନୀୟ ଯୁବକ ଅଛନ୍ତି। ସେମାନେ ଜଙ୍ଗଲ ସୁରକ୍ଷାରେ ସହାୟକ ହେଉଛନ୍ତି।

୪. ୧୨୦୯୬ ଟି ବନ ସୁରକ୍ଷା ସମିତି ଗଠନ କରାଯାଇଛି ଓ ଜଙ୍ଗଲ ସୁରକ୍ଷାରେ ତାଙ୍କୁ ସାମିଲ କରାଯାଇଛି।

୫. Compunding Fee ୧୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତାହା Odisha Forest Amendant Act ୨୦୧୦ ପାଇଁ ସମ୍ଭବ ହୋଇଛି।

୬. "Reward for detection of Forest Offence ୨୦୦୪" ନିୟମ ଦ୍ୱାରା ପୁରସ୍କୃତ କରାଯାଇ ତାଙ୍କୁ ଜଙ୍ଗଲ ସୁରକ୍ଷା ଦିଗରେ ଉତ୍ସାହିତ କରାଯାଉଛି।

୭. ୫୯୦ VHF ଓ ୮୮୦ walkie-talkie ଜଙ୍ଗଲ ଅଧିକାରୀମାନଙ୍କୁ ଯୋଗାଇ ଦିଆଯାଇଛି।

୮. ୬୧୬ ଟି ବନ୍ଧୁକ କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଇଛି।

୯. ୬୨୭୭୭ ସଂଖ୍ୟକ ଜଙ୍ଗଲ ଅପରାଧ କେଶ ବୁକ୍ ହୋଇଛି ଓ ୨୮୦୫ ଜଣଙ୍କୁ ଗିରଫ କରାଯାଇଛି।

ଗ୍ରାମବାସୀମାନଙ୍କର ଚାହିଦା ଅନୁସାରେ ସେହିପ୍ରକାରର ବୃକ୍ଷରୋପଣ କରିବା ଦରକାର।

୧. ଅର୍ଥକାରୀ ଜଙ୍ଗଲ - ଟିକ୍, ଶିଶୁ, ଗମ୍ଭାରୀ

୨. ଜାଳକାଠ ପାଇଁ ଚାକୁଣ୍ଡା, ଆକାସିଆ, ବଡଚାକୁଣ୍ଡା, ଝାଉଁ।

୩. ଔଷଧୀୟ ବୃକ୍ଷ, ଅଁଳା, ବାହାଡା, ହରିଡା, ନିମ, ବେଲ।

୪. ପଥପାର୍ଶ୍ୱ ବନୀକରଣ, ବରଳ, କୃଷ୍ଣଚୂଡା, ରାଧାଚୂଡା, କଦମ୍ବ, ଚାକୁନିଆ, ପାଟୁଳୀ, ଚମ୍ପା।

୫. ବାଡିବଗିଚାରେ ସପେଟା, ଲେମ୍ବୁ, ଆତ, ଆମ୍ବ, ପଣସ, ପିଚୁଳି, କମଳା।

୬. ଅଣକାଷ୍ଠ ବନଜାତ ଦ୍ରବ୍ୟରେ ତେନ୍ତୁଳି, ବାହାଡା, ହରିଡା, ଅଁଳା, ଜାମ୍ମୁ, ମହୁଲ, ବାଉଁଶ ।

ଜନ ସାଧାରଣଙ୍କର ସହଯୋଗ ବିନା ସରକାରଙ୍କର ଯୋଜନା ସଫଳ ହେବା ସମ୍ଭବ ନୁହେଁ। ତେଣୁ ସମସ୍ତ ଭାଇଭଉଣୀ ଓ ଗ୍ରାମବାସୀଙ୍କୁ ଅନୁରୋଧ, ସେମାନେ ବନ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଆଗେଇ ଆସନ୍ତୁ ଓ ପରିବେଶକୁ ସୁରକ୍ଷା କରନ୍ତୁ।

# ବିଶ୍ୱ ବନ ଦିବସ

ଦେବବ୍ରତ ସ୍ୱାଇଁ
ମୁଖ୍ୟ ବନ ସଂରକ୍ଷକ
(ଯୋଜନା, କାର୍ଯ୍ୟକ୍ରମ ଓ ବନୀକରଣ)

ପ୍ରତିବର୍ଷ ମାର୍ଚ୍ଚ ମାସ ତା ୨୧ରିଖ ବିଶ୍ୱ ବନ ଦିବସ ରୂପେ ପାଳିତ ହେଉଅଛି । ଏହା ପ୍ରଥମେ ୧୯୭୧ ମସିହାରେ ୟୁରୋପୀୟ କୃଷି କନ୍‌ଫେଡେରେସନ (Europian Confederation of Agriculture) ଦ୍ୱାରା ପାଳନ କରାଗଲା । ପରେ ପରେ ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା (FAO) ଦ୍ୱାରା ସ୍ୱୀକୃତି ଲାଭ କରି ବିଗତ ଚାରି ଦଶନ୍ଧି ଧରି ବିଶ୍ୱର ସର୍ବତ୍ର ପାଳନ କରାଯାଉଛି । ବର୍ତ୍ତମାନର କ୍ରମବର୍ଦ୍ଧିଷ୍ଣୁ ଜଙ୍ଗଲକ୍ଷୟ ଓ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ପାଇଁ ଜନଜାଗରଣ ଆବଶ୍ୟକତା ହେତୁ ବିଶ୍ୱବନ ଦିବସର ଗୁରୁତ୍ୱ ବୃଦ୍ଧି ପାଇଛି ।

ପୃଥିବୀରେ ଏକ କୋଟିରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ, ବୃକ୍ଷଲତା ଏବଂ କୀଟ ପତଙ୍ଗ ବାସକରିଥାନ୍ତି । ଏଥି ମଧ୍ୟରୁ ପ୍ରତିଦିନ ପ୍ରାୟ ୪୦,୦୦୦ ପ୍ରଜାତି ମନୁଷ୍ୟର ଖାଦ୍ୟ, ପାନୀୟ, ଆବାସ, ବସ୍ତ୍ର ଏବଂ ଔଷଧ ପାଇଁ ବ୍ୟବହୃତ ହୁଅନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ଭଳି ଶିଳ୍ପୋନ୍ନତ ଦେଶରେ ୪୦ ପ୍ରତିଶତ ଔଷଧ କମ୍ପାନୀ ବନୌଷଧୀ ଉପରେ ନିର୍ଭର କରିଥାଆନ୍ତି । ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ତାଙ୍କର ଦୈନନ୍ଦିନ ଜୀବନ ଧାରଣ ପାଇଁ ଜଙ୍ଗଲ ଉପରେ ହିଁ ସମ୍ପୂର୍ଣ୍ଣ ନିର୍ଭରଶୀଳ । ପୃଥିବୀରେ ୪୦,୦୦ନିୟୁତ ହେକ୍ଟର ଜଙ୍ଗଲ ରହିଛି, ଯାହାକି ଭୂଭାଗର ୩୦ ପ୍ରତିଶତ ଅଟେ । ଏଥିମଧ୍ୟରୁ ମାତ୍ର ୬୨୫ ନିୟୁତ ହେକ୍ଟର ହେଉଛି ବିଷୁବ ମଣ୍ଡଳୀୟ ବର୍ଷା ବହୁଳ ଅରଣ୍ୟ (Rain Forest), ଯାହାକି ପୃଥିବୀ ପାଇଁ ଫୁସ୍‌ଫୁସ୍‌ର କାର୍ଯ୍ୟ କରେ । ପରିତାପର ବିଷୟ ଏହି ଯେ ପ୍ରତିବର୍ଷ ୫ ନିୟୁତ ହେକ୍ଟର ଜଙ୍ଗଲ ଲୋପ ପାଉଛି, ଯାହାର ସିଂହଭାଗ ହେଉଛି ବିଷୁବ ମଣ୍ଡଳୀୟ ବର୍ଷା ବହୁଳ ଅରଣ୍ୟ ।

ଭାରତରେ ୬୯.୨୦ ନିୟୁତ ହେକ୍ଟର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ରହିଛି, ଯାହାକି ଦେଶର ଭୂଭାଗର ୨୧ ପ୍ରତିଶତ । ସମୁଦାୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳର ୧୨ ପ୍ରତିଶତ ଅତି ଘଞ୍ଚ (ଘନତା ୭୦%ରୁ ଅଧିକ), ୪୬ ପ୍ରତିଶତ ଘଞ୍ଚ (ଘନତା ୪୦%ରୁ ୭୦%) ଏବଂ ୪୨ ପ୍ରତିଶତ ଖୋଲା ଜଙ୍ଗଲ (ଘନତା ୧୦% ରୁ ୪୦%) । ଓଡ଼ିଶାରେ ସମୁଦାୟ ୫.୮ ନିୟୁତ ହେକ୍ଟର ରେକର୍ଡ଼ଭୁକ୍ତ ଜଙ୍ଗଲ ରହିଛି, ଯାହାକି ରାଜ୍ୟର ଭୂଭାଗର ୩୭ ପ୍ରତିଶତ । ମାତ୍ର ଭାରତ ସରକାରଙ୍କର ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ସର୍ବଶେଷ ରିପୋର୍ଟ ଅନୁସାରେ ଆମ ରାଜ୍ୟର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ହେଉଛି ୪.୯ ନିୟୁତ ହେକ୍ଟର ଯାହାକି ଓଡ଼ିଶାର ଭୂଭାଗର ୩୧.୪ ପ୍ରତିଶତ ମାତ୍ର । ଏଥିରେ ରହିଛି ଅତି ଘଞ୍ଚ ଜଙ୍ଗଲ ୭,୦୬,୦୦୦ ହେକ୍ଟର । ଘଞ୍ଚ ଜଙ୍ଗଲ ୨୧,୩୬,୬୦୦ ହେକ୍ଟର, ଏବଂ ଖୋଲା ଜଙ୍ଗଲ ୨୦,୪୭,୭୦୦ ହେକ୍ଟର । ଉପରୋକ୍ତ ରିପୋର୍ଟ ଅନୁସାରେ ୨୦୦୭ ରୁ ୨୦୦୯ ମସିହା ମଧ୍ୟରେ ଭାରତରେ ୩୬, ୭୦୦ ହେକ୍ଟର ଜଙ୍ଗଲ ହ୍ରାସ ଘଟିଥିବା ବେଳେ ଆମ ରାଜ୍ୟରେ ୪,୮୦୦ ହେକ୍ଟର ଜଙ୍ଗଲ ବୃଦ୍ଧି ଘଟିଛି । କେବଳ ୨୦୦୭ରୁ ୨୦୦୯ରୁହେଁ, ବିଗତ ୧୦ ବର୍ଷରେ (୧୯୯୯ରୁ ୨୦୦୯) ଆମ ରାଜ୍ୟରେ ଦୁଇଲକ୍ଷ ହେକ୍ଟର ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି ଘଟିଅଛି । ଏଥିରୁ ଜଣାପଡୁଛି, ଆମ ରାଜ୍ୟରେ ଜନସହଯୋଗରେ ବନୀକରଣ ଯୋଜନାର ସଫଳ ରୂପାୟନ ହୋଇପାରିଛି । ମାତ୍ର ବର୍ତ୍ତମାନ ସମୟ ଆସିଛି, ଆମ ରାଜ୍ୟର ଜଙ୍ଗଲର ଗୁଣାତ୍ମକମାନ ବୃଦ୍ଧି କରିବା ଅର୍ଥାତ୍ ଘଞ୍ଚ ଓ ଅତି ଘଞ୍ଚ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି କରାଯିବା ସହିତ ଜଙ୍ଗଲରେ ଜୈବବିବିଧତା ସନ୍ତୁଳନର ଉନ୍ନତି ଆଣିବା । ବର୍ତ୍ତମାନ, ଜଙ୍ଗଲରେ ହାତୀଭଳି ଜୀବମାନଙ୍କର ଖାଦ୍ୟ ଏବଂ ଜଳର ଘୋର ଅଭାବ ପରିଲକ୍ଷିତ ହେଉଅଛି । ଯାହା ଫଳରେ ସେମାନେ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି । ଜଙ୍ଗଲରେ ବାଉଁଶ ତଥା ସ୍ଥାନୀୟ ବୃକ୍ଷପ୍ରଜାତିର ରୋପଣକୁ ଗୁରୁତ୍ୱ ଦିଆଯାଇଛି, ଯାହାର ସୁଫଳ ଆଗାମୀ ଦିନମାନଙ୍କରେ ଦେଖିବାକୁ ମିଳିବ ।

ଆମ ରାଜ୍ୟର ଜଙ୍ଗଲ ବନୌଷଧୀର ଗନ୍ତାଘର । ଔଷଧୀୟ ବୃକ୍ଷଲତାର ସଂରକ୍ଷଣ ଏବଂ ଅଭିବୃଦ୍ଧି ପାଇଁ ରାଜ୍ୟରେ ଏକ ଔଷଧୀୟ ଉଦ୍ଭିଦ ପରିଷଦ ଏବଂ ଏକ ବନସ୍ପତିବନ ସମିତି ଗଠନ କରାଯାଇଛି । ଔଷଧୀୟ ଉଦ୍ଭିଦ ପରିଷଦ ରାଜ୍ୟରେ ବନୌଷଧୀର ବ୍ୟବହାର ତଥା ଔଷଧୀୟ ବୃକ୍ଷଲତାର ସଂରକ୍ଷଣ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ସଙ୍ଗେ ସଙ୍ଗେ ଔଷଧୀୟ ବୃକ୍ଷଲତାର ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଆସୁଅଛି । ବନସ୍ପତିବନ ସମିତି ଔଷଧୀୟ ବୃକ୍ଷ ଏବଂ ଗୁଳ୍ମରେ ପରିପୁଷ୍ଟ ଗନ୍ଧମାର୍ଦ୍ଦନ ପାହାଡ଼ର ସଂରକ୍ଷଣପାଇଁ କାର୍ଯ୍ୟ କରିଅଛି । ଏହା ବ୍ୟତୀତ ରାଜ୍ୟର ଜଙ୍ଗଲରେ ଛଅଗୋଟି ଔଷଧୀୟ ଉଦ୍ଭିଦ ସଂରକ୍ଷଣ ଅଞ୍ଚଳ ଚିହ୍ନଟ କରାଯାଇ ବିଲୁପ୍ତ ପ୍ରାୟ ଔଷଧୀୟ ଉଦ୍ଭିଦ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଇଛି । ସେଗୁଡ଼ିକ ହେଲା ଆଶୋକ ଏବଂ ପଣପଣା ପାଇଁ ଖୋର୍ଦ୍ଧା ଜିଲ୍ଲାର ଟାମଣା ରିଜର୍ଭ ଜଙ୍ଗଲ, ଓଡ଼ଶମାରୀ ପାଇଁ ଢେଙ୍କାନାଳ ଜିଲ୍ଲାର କପିଳାସ ରିଜର୍ଭ ଜଙ୍ଗଲ, ଉଷ୍ମାଳଡ଼ି ପାଇଁ ନୂଆପଡ଼ା ଜିଲ୍ଲାର

ଗୁରୁଦ୍ୱଙ୍ଗର ଜଙ୍ଗଲ, ମୁଦ୍‌କୁଢ ପାଇଁ ମୟୂରଭଞ୍ଜ ଜିଲ୍ଲାର ସାତକୋଶିଆ ରିଜର୍ଭ ଜଙ୍ଗଲ, ଭୂର୍ଣ୍ଣିକଖାରୁ ପାଇଁ ଦେଓଗଡ଼ ଜିଲ୍ଲାର ପଧାନପାଟ ରିଜର୍ଭ ଜଙ୍ଗଲ, ଏବଂ ଶିଶୁମାର ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଟଂସାରିଡ଼ିହ ପ୍ରସ୍ତାବିତ ରିଜର୍ଭ ଜଙ୍ଗଲ । ରାଜ୍ୟରେ ଅଶୋକ ଓ ଦଶମୂଳ (ବେଲ, ଗମ୍ଭାରୀ, ଫଣଫଣା, ପାଢ଼ୋଇ, ଡ଼ଙ୍କାରୀ, ଗୋଖରା, ଅଙ୍କରାନ୍ତି, ଭେଙ୍ଗାଭେଜି, ଶାଳପର୍ଣ୍ଣୀ ଏବଂ କୃଷ୍ଣ ପର୍ଣ୍ଣୀ) ଉଦ୍ଭିଦର ସଂରକ୍ଷଣ ଏବଂ ସମୃଦ୍ଧି ପାଇଁ ବିଗତ ତିନିବର୍ଷରେ ଆମ ଜଙ୍ଗଲରେ ୪୮୫ ହେକ୍ଟର ଅଞ୍ଚଳରେ ଅଶୋକ ଏବଂ ୩୬୧ ହେକ୍ଟର ଅଞ୍ଚଳରେ ଦଶମୂଳ ପ୍ରଜାତିର ଉଦ୍ଭିଦ ରୋପଣ କରାଯାଇଛି । ରାଜ୍ୟ ରାଜଧାନୀରେ ଅନତିଦୂରରେ ପାତ୍ରପଡ଼ାଠାରେ ଏକ ଔଷଧୀୟ ଉଦ୍ଭିଦ ଜ୍ଞାନ କେନ୍ଦ୍ର ସ୍ଥାପନ କରାଯାଇଛି । ସେହିଭଳି ବିନ୍ଦୁସାଗର ତଟରେ କଳା ଭାସ୍କର୍ଯ୍ୟର ସମ୍ମିଶ୍ରଣରେ ଏକ ଅଭିନବ ଔଷଧୀୟ ଉଦ୍ଭିଦ ଉଦ୍ୟାନ ସୃଷ୍ଟି କରାଯାଇଛି ।


ବୃକ୍ଷ ହିଁ ଜୀବନ । ରାଜ୍ୟରେ ଜନସାଧାରଣଙ୍କ ବାଡ଼ି ବଗିଚାରେ ବୃକ୍ଷରୋପଣର ପ୍ରୋତ୍ସାହନ ପାଇଁ ପ୍ରତିବର୍ଷ ଦୁଇକୋଟି ଚାରା ବିନାମୂଲ୍ୟରେ ଯୋଗାଇ ଦେବାପାଇଁ ଯୋଜନା କରାଯାଇଛି । ଏହାଦ୍ୱାରା ଜଙ୍ଗଲ ବାହାରେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି ପାଇବ । ବର୍ତ୍ତମାନ ରାଜ୍ୟରେ ଜଙ୍ଗଲ ବାହାରେ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ୪,୩୦,୧୦୦ ହେକ୍ଟର ଅଟେ । ଯାହାକି ରାଜ୍ୟ ଭୂଭାଗର ୨.୮ ପ୍ରତିଶତ ।

ରାଜ୍ୟରେ ସହର ତଥା ଶିଳ୍ପାଞ୍ଚଳର ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ସହରାଞ୍ଚଳ ବନୀକରଣର ପରିକଳ୍ପନା କରାଯାଇଛି । ୨୦୧୧ ବର୍ଷରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବାରିପଦା, ବାଲେଶ୍ୱର, ଅନୁଗୁଳ, ତାଳଚେର, କଣିହା, ସମ୍ବଲପୁର, ଝାରସୁଗୁଡ଼ା, ଟିଟିଲାଗଡ଼ ତଥା ବଲାଙ୍ଗିର ଆଦି ସହର ଏବଂ ଶିଳ୍ପାଞ୍ଚଳମାନଙ୍କରେ ୬,୮୦,୦୦୦ ବୃକ୍ଷରୋପଣ କରାଯାଇଛି । ୨୦୧୨ରେ ୭,୩୦,୦୦୦ ଏବଂ ୨୦୧୩ରେ ୫,୫୦,୦୦୦ ବୃକ୍ଷଦ୍ୱାରା ରାଜ୍ୟର ସମସ୍ତ ସହରାଞ୍ଚଳରେ ରୋପଣ ପାଇଁ ଯୋଜନା କରାଯାଇଛି ।

ରାଜ୍ୟସରକାର ଜଙ୍ଗଲ ସୁରକ୍ଷା ଏବଂ ବନୀକରଣରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ପାଇଁ ସାରା ଭାରତରେ ପ୍ରଥମ ପଦକ୍ଷେପ ସ୍ୱରୂପ ଯୁଗ୍ମ ବନ ପରିଚାଳନାର ଶୁଭାରମ୍ଭ କରିଥିଲେ । ସେଥିପାଇଁ ଆମ ରାଜ୍ୟର ବର୍ତ୍ତମାନ ରାଜ୍ୟର ଯୁଗ୍ମ ବନ ପରିଚାଳନା ସଂକଳ୍ପ ୧୯୮୮ରେ ଭାରତରେ ପ୍ରଥମ କରି ଜାରି କରାଗଲା । ଏହିପ୍ରକ୍ରିୟାକୁ ଅଧିକ ଲୋକାଭିମୁଖୀ କରାଇବା ପାଇଁ ଯୁଗ୍ମ ବନ ପରିଚାଳନା ସଂକଳ୍ପ ୨୦୧୧ ପ୍ରଣୟନ କରାଯାଇଛି । ବର୍ତ୍ତମାନ ରାଜ୍ୟରେ ୧୨୧୫୮ଟି ବନସୁରକ୍ଷାସମିତି ଏବଂ ୪୬୨ଟି ପରିବେଶ ଉନ୍ନୟନ କମିଟି କାର୍ଯ୍ୟ କରୁଛି; ୧୧,୫୪,୨୪୪ ହେକ୍ଟର ଜଙ୍ଗଲ ଜମି ଯୁଗ୍ମ ଜଙ୍ଗଲ ପରିଚାଳନା ଅନ୍ତର୍ଭୁକ୍ତ କରାଯାଇଛି ।

ଖରାଦିନେ ଆମ ଜଙ୍ଗଲର ମୁଖ୍ୟ ସମସ୍ୟା ହେଉଛି ନିଆଁ । ଫେବୃଆରୀମାସରେ ଯେତେବେଳେ ଗଛରୁ ପତ୍ର ଝଡ଼ିବା ଆରମ୍ଭ କରେ ଏବଂ ବର୍ଷାର ଅଭାବ ଯୋଗୁଁ, ନିଆଁର ପ୍ରାଦୁର୍ଭାବ ଦେଖାଯାଏ । ଏହା ମଇମାସ ପର୍ଯ୍ୟନ୍ତ ଲାଗିରହିଥାଏ । ଏହାଦ୍ୱାରା ଅନେକ ବୃକ୍ଷଲତା ଏବଂ ଜୀବଜନ୍ତୁଙ୍କ ଜୀବନ ହାନୀ ହୁଏ । ଜଙ୍ଗଲର ଘନତା କମିଯାଏ ଏବଂ ଜୈବବିବିଧତା ନଷ୍ଟ ହୁଏ । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ସାନ୍ଦ୍ରତା ବୃଦ୍ଧି ହୁଏ । ନିଆଁକୁ ପ୍ରତିହତ କରିବା ପାଇଁ ଯୋଜନାମାନ ପ୍ରସ୍ତୁତ କରାଯାଇଛି । ସ୍ଥାନୀୟ ଗ୍ରାମବାସୀଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଏବଂ ନିଆଁ ଲାଗିଥିଲେ ଲିଭାଇବାପାଇଁ ପ୍ରୋତ୍ସାହିତ କରାଯାଇଛି । ଜଙ୍ଗଲକୁ କାଠମାଫିଆ ଏବଂ ବନ୍ୟଜନ୍ତୁ ଶିକାରୀଙ୍କ କବଳରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ଜଙ୍ଗଲ ଡିଭିଜନରେ ଅତ୍ୟନ୍ତ ଚୋରାପ୍ରବଣ ଅଞ୍ଚଳ ଚିହ୍ନଟ କରି ସେଠାରେ ସ୍ଥାନୀୟ ଲୋକ ଏବଂ ପୂର୍ବତନ ସାମରିକ କର୍ମଚାରୀଙ୍କୁ ନେଇ ସ୍କ୍ୱାଡ (ଦଳ) ଗଠନ କରାଯାଇଛି । ରାଜ୍ୟରେ ଏହି ଭଳି ୨୭୬ଟି ସ୍କ୍ୱାଡ୍ କାର୍ଯ୍ୟ କରୁଛି ଯାହାକି କାଠ ଚୋରୀ, ପଶୁ ଶୀକାର ଏବଂ ନିଆଁ ଡାଉରୁ ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରୁଛି ।

ଆଶା କରାଯାଇଛି, ଉପରୋକ୍ତ ଯୋଜନାମାନଙ୍କର ସୁଫଳ ଖୁବ୍ ଶୀଘ୍ର ଦେଖିବାକୁ ମିଳିବ; ଯାହାଫଳରେ ଓଡ଼ିଶାର ଜଙ୍ଗଲମାନଙ୍କର ଗୁଣାତ୍ମକମାନ ବୃଦ୍ଧି ଘଟିବ । ଘଞ୍ଚଜଙ୍ଗଲ ଅଞ୍ଚଳର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଜୈବବିବିଧତା ସନ୍ତୁଳନର ଉନ୍ନତି ହେବ ।



# ଆମ ରାଜ୍ୟର ପରିବେଶ ପ୍ରଦୂଷଣ ଓ ତାର ପ୍ରତିକାର

ଭାଗିରଥୀ ବେହେରା
ଅବସରପ୍ରାପ୍ତ ମୁଖ୍ୟ ବନ ସଂରକ୍ଷକ

ଆମ ରାଜ୍ୟ ଓଡ଼ିଶା ବିଭିନ୍ନ ଖଣିଜ ସଂପଦ, ଜଳ ସଂପଦ ଓ ଜଙ୍ଗଲ ସଂପଦରେ ପରିପୂର୍ଣ୍ଣ । ବିଭିନ୍ନ ପ୍ରକାର ପ୍ରାକୃତିକ ସଂପଦ ରହିଥିବାରୁ ଓଡ଼ିଶାରେ ଗତ ୫୮ ବର୍ଷ ଧରି ଖାଦାନ ଓ ଶିଳ୍ପ ପ୍ରକୃତି ଉନ୍ନତି ପଥରେ ଆଗେଇ ଚାଲିଛନ୍ତି । ପ୍ରାୟ ୨୭୫୦ଟି ଶିଳ୍ପ/କାରଖାନା ଓଡ଼ିଶାରେ ରହିଛି ତନ୍ମଧ୍ୟରୁ ୬୩୮ ଟି ବଡ ଓ ମଧ୍ୟମ ଧରଣର । ବର୍ତ୍ତମାନ ଲୌହ, ଷ୍ଟିଲ, ସ୍ପଞ୍ଜ, ଆଲୁମିନିଅମ୍, ତାପଜ ଇତ୍ୟାଦି ଶିଳ୍ପ ଗୁଡିକ ଓଡ଼ିଶାରେ ବହୁ ମାତ୍ରାରେ ବଢୁଛି । ବଡଧରଣ କାରଖାନା ମାନଙ୍କ ମଧ୍ୟରୁ ପ୍ରାୟ ୭୦% ଖଣିଜ ସଂପଦ ଉପରେ ନିର୍ଭର କରିଥାନ୍ତି । ବର୍ତ୍ତମାନ ଯାଜପୁରର ଦୁବୁରି, ଝାରସୁଗୁଡା ଅଞ୍ଚଳରେ ଅନେକ କାରଖାନା ମାନ ଗଢ଼ି ଉଠିଲାଣି । ଏହି ସବୁ ଶିଳ୍ପ ଗଢ଼ି ଉଠିବା ଯୋଗୁଁ ନିଶ୍ଚୟ ନୂତନ ସହରାଞ୍ଚଳ ମାନ ସୃଷ୍ଟି ହେଉଛି । ଜନସଂଖ୍ୟା ମଧ୍ୟ ବୃଦ୍ଧି ଏହି ସବୁ ଅଞ୍ଚଳରେ ଘଟୁଛି ।

ଜଳ ପ୍ରଦୂଷଣ :



ଓଡ଼ିଶାର ମୁଖ୍ୟ ନଦୀମାନଙ୍କ ମଧ୍ୟରୁ ବ୍ରାହ୍ମଣୀ ଓ ମହାନଦୀର କେତୋଟି ଶାଖା ଅଞ୍ଚଳରେ ଜଳ ପ୍ରଦୂଷଣ ଦେଖାଗଲାଣି । ଏହାଛଡା ନାଗାବଳୀ, ଋଷିକୂଲ୍ୟା ଓ ବୁଢାବଳଙ୍ଗରେ ମଧ୍ୟ ବିଭିନ୍ନ କାରଖାନା ମାନଙ୍କ ଯୋଗୁଁ ଜଳ ପ୍ରଦୂଷିତ ହେଉଛି । କଳକାରଖାନା ଛଡା ଅନ୍ୟାନ୍ୟ ଘରୋଇ ଆବର୍ଜନା ଯୋଗୁଁ ମଧ୍ୟ ନଦୀ ଗୁଡିକର ଜଳ ପ୍ରଦୂଷିତ ହେଉଛି ।

ବାୟୁ ପ୍ରଦୂଷଣ :

ବିଭିନ୍ନ କଳକାରଖାନା, ଯାନବାହନ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଯୋଗୁଁ ବାୟୁ ପ୍ରଦୂଷଣ ମାତ୍ରା ବଢୁଛି । ଏକ ସର୍ବେକ୍ଷଣରୁ ଜଣା ପଡ଼ିଛି ଯେ, ଅନୁଗୁଳ-ତାଳଚେର ଅଞ୍ଚଳରେ ପ୍ରାୟ ଦିନକୁ ୮୪ ଟନ ଭାସମାନ ଧୂଳିକଣା ବାୟୁମଣ୍ଡଳକୁ ଯାଉଛି । ସେହିପରି ପ୍ରତିଦିନ ହାରାହାରି ୩୪୦ ଟନ ସଲଫର ଡାଇଅକ୍ସାଇଡ ବାୟୁମଣ୍ଡଳକୁ ନିର୍ଗତ ହେଉଛି ।

କୃଷି କ୍ଷେତ୍ର :

ଯଦିଓ ଓଡ଼ିଶାରେ ରାସାୟନିକ ସାରର ବ୍ୟବହାର ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍ ତଥାପି ରାସାୟନିକ ସାରର ଅଧିକ ବ୍ୟବହାର ଦ୍ୱାରା ଅନେକ ପ୍ରଦୂଷଣ ସମସ୍ୟା ସୃଷ୍ଟି ହୋଇପାରେ ।

ବିଦ୍ୟୁତ୍ ପ୍ରକଳ୍ପ :

ଜଳ ବିଦ୍ୟୁତ ପ୍ରକଳ୍ପ ଯୋଗୁଁ ଜଙ୍ଗଲ ସଂପଦ ଉପରେ ଚାପ ପଡୁଛି । ପ୍ରକଳ୍ପ ଯୋଗୁଁ ଅନେକ ସ୍ଥାନ ବୁଡି ଯିବାର ସମ୍ଭାବନା ଥାଏ । ଏହା ବଦଳରେ ଗଢ଼ି ଉଠୁଥିବା କୋଇଲା ପ୍ରକଳ୍ପ ଯୋଗୁଁ ବାୟୁ ପ୍ରଦୂଷଣ ମଧ୍ୟ ଦୃଷ୍ଟି ଗୋଚର ହେଉଛି । ସବୁଜ ଗୃହ ଗ୍ୟାସ ଯଥା ଅଙ୍ଗାରକାମ୍ଳ ଗ୍ୟାସର ମାତ୍ରା ବାୟୁ ମଣ୍ଡଳରେ ବଢୁଛି । ଏହାଛଡା ଉଡନ୍ତା ପାଉଁଶର ସଠିକ୍ ପରିଚାଳନା ମଧ୍ୟ ଏକ ମୁଖ୍ୟ ସମସ୍ୟା । ପ୍ରାୟ ଓଡ଼ିଶାରେ ବିଭିନ୍ନ କୋଇଲା ବ୍ୟବହାର କରୁଥିବା ବିଦ୍ୟୁତ୍ ପ୍ରକଳ୍ପରୁ ହାରାହାରି ୧୦୦ ଲକ୍ଷ ଟନ୍ ଉଡନ୍ତା ପାଉଁଶ ସୃଷ୍ଟି ହେଉଛି ।

ଭୂତଳ ଜଳ :

ଓଡ଼ିଶାରେ ଭୂତଳ ଜଳର ମାତ୍ରା ପ୍ରାୟ ୨୧.୦୧ ବିଲିୟନ ଘନ ମିଟର । ସେଥିରୁ ୬୦% ଆମେ ନିରାପଦରେ ବ୍ୟବହାର କରିପାରିବା । ମାତ୍ର ଏମିତି କିଛି ଅଞ୍ଚଳରେ ଭୂତଳ ଜଳରେ ଫ୍ଲୋରାଇଡର ପ୍ରଦୂଷଣ ଦେଖାଗଲାଣି ଯଥା- ନୂଆପଡାର ବୋଡେନ୍ ବ୍ଲକ, ନୟାଗଡର ଭାପୁର ଓ ଶରଣକୁଳ ବ୍ଲକ, ଖୋର୍ଦ୍ଧାର ବୋଲଗଡ ବ୍ଲକ୍ ଏବଂ ବଲାଙ୍ଗୀରର କିଛି ଅଞ୍ଚଳରେ । ଭୂତଳ ଜଳର ସ୍ତର ଓ ମାନ ବଜାୟ ରଖିବା ମଧ୍ୟ ଏକ ଆଲୋଚନାର ବିଷୟ ।

ଖଣି ଖାଦାନ :

ଖଣି ଖାଦାନ କାର୍ଯ୍ୟ ପ୍ରାୟ ୧୦୦ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା । ଯଥେଷ୍ଟ ଖଣିଜ ସଂପଦ ଉପସ୍ଥିତି ଯୋଗୁଁ ଖାଦାନ କାର୍ଯ୍ୟ ବଢୁଛି । ବର୍ତ୍ତମାନ ପ୍ରାୟ ୧୧୦୩ ବର୍ଗ କିଲୋମିଟର ଅଞ୍ଚଳର ୪୦୦ ଖାଦାନ ଚାଲୁଛି ।

ବିଶେଷକରି ଏହା କେଉଁଝର, ସୁନ୍ଦରଗଡ଼, ଅନୁଗୁଳ, ଝାରସୁଗୁଡା ଓ ଯାଜପୁର ଜିଲ୍ଲାରେ ସକ୍ରିୟ । ଓଡ଼ିଶାର ପ୍ରାୟ ୨.୨୬% ଜଙ୍ଗଲ ଅଞ୍ଚଳ ଖାଦାନ ଅଞ୍ଚଳରେ ରହିଛି । ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣ ସମସ୍ୟାମାନ ମଧ୍ୟ ଏଠାରେ ଦେଖିବାକୁ ମିଳିଥାଏ । ସୁକିନ୍ଦା କ୍ରୋମାଇଟ୍ ଅଞ୍ଚଳରେ ହେକ୍ସାଭେଲେଣ୍ଟ କ୍ରୋମିଅମ୍‌ର ସମସ୍ୟା ରହିଛି । ଏହା ଯୋଗୁଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି ।

ଉପକୂଳ ଅଞ୍ଚଳ :

ଓଡ଼ିଶାର ୪୮୦ କି.ମି. ସମୁଦ୍ର ଉପକୂଳ ଅଞ୍ଚଳ ରହିଛି। ବିଗତ କିଛି ବର୍ଷ ମଧ୍ୟରେ ଦେଖାଯାଇଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଉପକୂଳ ଅଞ୍ଚଳର ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି।

ଜଳବାୟୁ ପରିବର୍ତ୍ତନ :

ବିଗତ ଦୁଇ ଦଶନ୍ଧି ମଧ୍ୟରେ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଦେଖା ଯାଇଛି। ଆମ ରାଜ୍ୟକୁ ବହୁ ମାତ୍ରାରେ ପ୍ରଭାବିତ ଓ କ୍ଷତି କରିଛି। ତାପମାତ୍ରା ଓ ବର୍ଷାର ଅସ୍ୱାଭାବିକ ପରିବର୍ତ୍ତନ ଜୀବନ ଶୈଳୀ ଉପରେ ବିଶେଷ ପ୍ରଭାବ ପକାଉଛି। ଏହାର ପ୍ରଭାବ ଯୋଗୁଁ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ମରୁଡ଼ି ଇତ୍ୟାଦି ଯୋଗୁ ଫସଲ ନଷ୍ଟ, ଜନ ସଂପତ୍ତି ନଷ୍ଟ ଓ ଜୀବନ ହାନୀ ମଧ୍ୟ ଦେଖା ଦେଇଛି। ବିଗତ ୧୦୦ ବର୍ଷ ମଧ୍ୟରେ ୯୮ ଟି ବାତ୍ୟା ଓ ମହାବାତ୍ୟା ଦେଖା ଦେଇଛି। ଗତ ଦଶ ବର୍ଷରେ ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରାୟ ୨୨୦୦ ଜୀବନହାନୀ ଘଟିଛି।

ଅନ୍ୟାନ୍ୟ :

ବର୍ତ୍ତମାନ ରାଜ୍ୟରେ ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ପ୍ଲାଷ୍ଟିକ୍ ଓ ଆବର୍ଜନାର ପରିଚାଳନା ମୁଖ୍ୟ ସମସ୍ୟା।

ପ୍ରତିକାର :

ଏହି ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଆମ ସରକାର ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି। ବିଭିନ୍ନ ପରିବେଶ ପ୍ରଦୂଷଣର ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗଠନ କରାଯାଇଛି। ବିଭିନ୍ନ ନିୟମ ଯଥା ଜଳ ନିୟନ୍ତ୍ରଣ ନିୟମ, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ନିୟମ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ନିୟମ, ଆବର୍ଜନା ନିୟନ୍ତ୍ରଣ ନିୟମ ଇତ୍ୟାଦି ଲାଗୁ କରାଯାଇଛି। ଏହାର ତଦାରଖ ବୋର୍ଡ କରୁଛନ୍ତି।

ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ ବୃକ୍ଷରୋପଣ କରାଯାଉଛି। ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ପାଇଁ ୨୦ ମାଇକ୍ରୋନ୍‌ରୁ କମ୍ ପଲିଥିନ୍‌ର ବ୍ୟବହାର ଉପରେ କଟକଣା କରାଯାଇଛି। ବାୟୋକମ୍ପୋଷ୍ଟର ବ୍ୟବହାରକୁ ପ୍ରୋତ୍ସାହନ ଦିଆଯାଉଛି। ଯଦ୍ୱାରା ରାସାୟନିକ ସାରର ବ୍ୟବହାରକୁ କମ୍ କରାଯାଇପାରିବ। ନିୟମ ଓ କଟକଣା ଲାଗୁ ହେବା ସହିତ ଜନସାଧାରଣଙ୍କ ସଚେତନ ନିମନ୍ତେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଜଳବାୟୁ ପରିବର୍ତ୍ତନ ଏକ ମୁଖ୍ୟ ସମସ୍ୟା। ଯାହାର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଏକ ଚିଠା ପ୍ରସ୍ତୁତ କରାଯାଇଛି। ବିଭିନ୍ନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମଦ୍ୱାରା ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବ।





# ସହରାଞ୍ଚଳରେ ବୃକ୍ଷ ରୋପଣ

ଅଶ୍ୱିନୀ କୁମାର କର
ଉପ ବନ ସଂରକ୍ଷକ (ଗବେଷଣା ଓ ତାଲିମ)

ସହରାଞ୍ଚଳରେ ବୃକ୍ଷ ରୋପଣର ଭୂମିକା :

ଏ ବିଷୟରେ ଆଲୋଚନା କରିବା ବେଳେ ପ୍ରଥମେ ଆମକୁ ଜାଣିବାକୁ ପଡିବ ଯେ ଜଙ୍ଗଲ ଦୁଇ ପ୍ରକାରର । ପ୍ରଥମରେ ପ୍ରାକୃତିକ ଜଙ୍ଗଲ ଯାହାକି ଆପେ ଆପେ ସୃଷ୍ଟି ହୁଏ । ଗଛରୁ ମଞ୍ଜି ପଡି ନୂଆ ଗଛ ବଢ଼େ, ପୁଣି ଗଛ ବୁଢା ହୋଇଗଲେ ମରିଯାଏ ଓ ତା ଜାଗାରେ ନୂଆଗଛ ମାନ ସୃଷ୍ଟି ହୁଏ । ପରିବେଶରେ ସେମିତି କିଛି ପରିବର୍ତ୍ତନ ନ ଆସିଲେ କିମ୍ବା କୃତ୍ରିମ ଭାବେ ହସ୍ତକ୍ଷେପ ନକଲେ ଏହିସବୁ ପ୍ରାକୃତିକ ଜଙ୍ଗଲ ବହୁକାଳ ପର୍ଯ୍ୟନ୍ତ ତିଷ୍ଠି ରହିପାରେ । ଏ ଜଙ୍ଗଲମାନଙ୍କରେ ଜୈବ ବିବିଧତା ଅବା ବୃକ୍ଷରାଜି ଓ ଜୀବଜନ୍ତୁମାନଙ୍କ ପ୍ରକାର ଭେଦ ଖୁବ୍ ବ୍ୟାପକ ଏବଂ ଏହାର ପରିବେଶ ପ୍ରତି ବହୁତ ଅବଦାନ ରହିଛି ଯାହାକୁ କି ମଣିଷ ଏପର୍ଯ୍ୟନ୍ତ ସଠିକ ଭାବେ ଓ ସଂପୂର୍ଣ୍ଣ ଭାବେ ଆକଳନ କରିପାରିନାହିଁ । ବର୍ତ୍ତମାନ ଏସବୁ ଜଙ୍ଗଲର ଦ୍ରୁତ ଅବକ୍ଷୟ ପୃଥିବୀ ସାରା ସମସ୍ତଙ୍କୁ ଚିନ୍ତିତ କରିଛି । ଦ୍ୱିତୀୟ ପ୍ରକାରର ଜଙ୍ଗଲ ହେଲା କୃତ୍ରିମ ଭାବେ ବୃକ୍ଷରୋପଣ ଓ ରକ୍ଷଣାବେକ୍ଷଣ ଦ୍ୱାରା ସୃଷ୍ଟି ହେଉଥିବା ଜଙ୍ଗଲ । ଏହା ସଂପୂର୍ଣ୍ଣ ମନୁଷ୍ୟକୃତ । ଏସବୁ ଜଙ୍ଗଲରେ ଥିବା ବୃକ୍ଷରାଜିର କିସମ ଆମେ ନିଜେ ଠିକ୍ କରିଥାଉ । ତେଣୁ ଏଠାରେ ପ୍ରାକୃତିକ ଜଙ୍ଗଲ ପରି ଜୈବ ବିବିଧତା ନଥାଏ । ପ୍ରାକୃତିକ ଜଙ୍ଗଲ ସୃଷ୍ଟି କରିବା ମଣିଷର ସାଧ ବାହାରେ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ପ୍ରାକୃତିକ ଜଙ୍ଗଲର ଦ୍ରୁତ ଅବକ୍ଷୟ ପରିପ୍ରେକ୍ଷୀରେ ବୃକ୍ଷରୋପଣ କରି କୃତ୍ରିମ ଜଙ୍ଗଲ ସୃଷ୍ଟି କରିବା ଛଡା ଆଉ କିଛି ବିକଳ୍ପ ନାହିଁ । ବୃକ୍ଷରୋପଣ କହିଲେ ଆମେ ସାଧାରଣତଃ ବୁଝୁ ଯେ ଏକର ଏକର ଧରି ପଡି ରହିଥିବା ପଡିଆ ଜମିରେ ଗଛ ଲଗାଇବା, କିନ୍ତୁ ଆଜିକାଲି ଜନସଂଖ୍ୟା ଯେପରି ବଢୁଛି, ଏତେ ପରିମାଣର ଖାଲି ଜମି ଗୋଟିଏ ଜାଗାରେ ପାଇବା କଷ୍ଟକର । ତେଣୁ ସାମାଜିକ ବନୀକରଣ ପ୍ରବର୍ତ୍ତନ କରାଗଲା, ଯେଉଁଥିରେ ଲୋକମାନଙ୍କୁ ଚାରା ଯୋଗାଇ ନିଜ ଜମିରେ ଓ ଗାଁ ଜମି ବା ଗ୍ରାମ୍ୟ ଜଙ୍ଗଲରେ ବୃକ୍ଷରୋପଣ କରିବା ପାଇଁ ଉତ୍ସାହିତ କରାଗଲା । ଏଥିସହ ରାସ୍ତାଘାଟ, ନଦୀନାଳ, କେନାଲ ଆଦି କଡରେ ମଧ୍ୟ ବନୀକରଣ କରାଗଲା । ଏସବୁର ସଫଳ ରୂପାୟନ ପରେ ବନୀକରଣକୁ ସହରାଭିମୁଖୀ କରାଗଲା । ଅର୍ଥାତ ସହରମାନଙ୍କରେ ମିଳୁଥିବା ଅଳ୍ପକିଛି ଜମି ବିଭିନ୍ନ ହିତକାରୀ ଉଦ୍ଦେଶ୍ୟ ନେଇ କୃତ୍ରିମ ବୃକ୍ଷରୋପଣ ଦ୍ୱାରା ବନୀକରଣ କରାଗଲା ।



ଅବଶ୍ୟ ଏହିସବୁ କୃତ୍ରିମ ବନୀକରଣରେ ଆହୁରି ଅନେକ କାମ କରିବାକୁ ଅଛି । ଏଥିପାଇଁ ଆହୁରି ଅଧିକ ଆର୍ଥିକ ସଂବଳ, ଜ୍ଞାନକୌଶଳ, ଜନସଚେତନତା, ଜନସଂବଳ, ଜନ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି ।

ସହରାଞ୍ଚଳରେ ବୃକ୍ଷରୋପଣର ମୁଖ୍ୟ ଉଦ୍ଦେଶ୍ୟ ସବୁ କ'ଣ ଓ ଏହାର କ'ଣ ଆବଶ୍ୟକତା ରହିଛି ?

ଆମର ଜଙ୍ଗଲ ଓ ବୃକ୍ଷସଂଖ୍ୟା ଯେପରି ଦ୍ରୁତ ଭାବରେ ହ୍ରାସ ପାଉଛି, ଯେ କୌଣସି ବୃକ୍ଷରୋପଣର ବୃହତ୍ତର ଉଦ୍ଦେଶ୍ୟ ହେଉଛି ପୃଥିବୀ ପୃଷ୍ଠରେ ବୃକ୍ଷ ସଂଖ୍ୟା ବୃଦ୍ଧି କରିବା ଏବଂ ଅଧିକରୁ ଅଧିକ ଜମିକୁ ବୃକ୍ଷଦ୍ୱାରା ଆଚ୍ଛାଦିତ କରିବା । ସ୍ଥଳବିଶେଷରେ ବିଭିନ୍ନ ଜାଗାରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିବାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରହିଛି । ନଦୀକୂଳ ଓ କେନାଲ କୂଳରେ ମୃତ୍ତିକା କ୍ଷୟକୁ ରୋକିବା, ସମୁଦ୍ର କୂଳରେ ବାଲୁକା ସ୍ଥାନାନ୍ତରୀକରଣ ଓ ଝଡବର୍ଷା, ପବନକୁ ରୋକିବା ଗାଁ ପାଖରେ ଗାଁ ଲୋକମାନଙ୍କର ଦୈନନ୍ଦିନ ବୃକ୍ଷ ଜନିତ ଆବଶ୍ୟକତାକୁ ପୂରଣ କରିବା, ଏହିପରି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ସାଧାରଣତଃ ବିଭିନ୍ନ ବୃକ୍ଷରୋପଣ ଯୋଜନା ପ୍ରସ୍ତୁତ କରାଯାଇଥାଏ କିନ୍ତୁ ସହରାଞ୍ଚଳରେ ବୃକ୍ଷରୋପଣର ଉଦ୍ଦେଶ୍ୟ ଏହି ସବୁ ତଥାକଥିତ ଉଦ୍ଦେଶ୍ୟ ଠାରୁ କିଛି ଅଲଗା । କ୍ରମାନ୍ୱୟରେ ଏହିସବୁ ଉଦ୍ଦେଶ୍ୟ ଗୁଡିକ ହେଲା -

୧. ମୃତ୍ତିକା ସଂରକ୍ଷଣ
୨. ମାଟିର ଆଦ୍ରତା ସଂରକ୍ଷଣ
୩. ଛାଇ ପ୍ରଦାନ
୪. ବାୟୁ ପ୍ରଦୂଷଣର ନିୟନ୍ତ୍ରଣ ଓ ଶବ୍ଦ ପ୍ରଦୂଷଣର ନିୟନ୍ତ୍ରଣ
୫. ପବନର ଗତି ନିୟନ୍ତ୍ରଣ
୬. ବାୟୁରେ ଥିବା ଧୂଳିକଣାର ନିୟନ୍ତ୍ରଣ
୭. ପ୍ରଦୂଷଣ ଓ ବ୍ୟବହାରରୁ ନିର୍ଗତ ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ଅମ୍ଳଜାନରେ ରୂପାୟନ
୮. ସୌନ୍ଦର୍ଯ୍ୟ ବର୍ଦ୍ଧନ

ଏହିସବୁ ମୁଖ୍ୟ ଉଦ୍ଦେଶ୍ୟ ସବୁକୁ ଚିନ୍ତା କରି ଦେଖିଲେ ଆମେ ଜାଣି ପାରିବା ଯେ ସହରାଞ୍ଚଳରେ ବୃକ୍ଷରୋପଣର ସିଧାସଳଖ ଅର୍ଥନୈତିକ

ଅଭିବୃଦ୍ଧି ଦିଗରେ ଆବଶ୍ୟକତା କମ୍ ବରଂ ସହରାଞ୍ଚଳର ଜନସାଧାରଣଙ୍କ ସୁସ୍ଥ ଜୀବନଯାପନ ଦିଗରେ ଆବଶ୍ୟକତା ବେଶୀ ରହିଛି ।

ଏହି ସବୁ ଉଦ୍ଦେଶ୍ୟ କୁ ନେଇ ସହରାଞ୍ଚଳରେ ବୃକ୍ଷରୋପଣ କି କି ପ୍ରକାରର କରାଯାଇପାରେ ?

ଏ ବିଷୟରେ ଆଲୋଚନା କଲାବେଳେ ପ୍ରଥମେ ଆମେ ସହରାଞ୍ଚଳର ବୈଶିଷ୍ଟ୍ୟକୁ ଲକ୍ଷ କରିବା । ଯେକୌଣସି ସହର ଲୋକମାନଙ୍କୁ ନେଇ ଗଢ଼ି ଉଠେ । ଲୋକମାନେ ରହିବା ପାଇଁ ନିର୍ଦ୍ଦିଷ୍ଟ ଜାଗାରେ ଘରସବୁ ତିଆରି କରାଯାଏ । ସହରର ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ କଳକାରଖାନା ସ୍ଥାପନ କରାଯାଏ । ଶିକ୍ଷା ପାଇଁ ଶିକ୍ଷା ଅନୁଷ୍ଠାନ ତିଆରି କରାଯାଏ । ଗମନାଗମନ ପାଇଁ ରାସ୍ତା ଘାଟ ତିଆରି କରାଯାଏ । ମନୋରଞ୍ଜନ ଓ ବ୍ୟବହାର ପାଇଁ ଉଦ୍ୟାନ, କେନାଲ୍, ପୋଖରୀ, ଦୋକାନ ବଜାର ଆଦି ଖୋଲାଯାଏ । ପୁଣି ଅଳିଆ, ଆବର୍ଜନା ସବୁକୁ ଏକ ନିର୍ଦ୍ଦିଷ୍ଟ ଚିହ୍ନିତ ଜାଗାରେ ପକାଯାଏ । ତେଣୁ ସହରାଞ୍ଚଳରେ ବିଭିନ୍ନ ଜାଗାରେ ବିଭିନ୍ନ ପ୍ରକାରର କ୍ରିୟା କଳାପ ଓ ବ୍ୟବହାରକୁ ଆଖିରେ ରଖି ବୃକ୍ଷରୋପଣ କରାଯାଇଥାଏ । ଏହା ମଧ୍ୟ ବିଚାର କରିବା କଥା ଯେ ଅଧିକାଂଶ ସହର ପ୍ରତିଷ୍ଠା କରିବା ସମୟରେ ସେ ଜାଗାରେ ପ୍ରାକୃତିକ ଭାବେ ବଢୁଥିବା ଅନେକ ବୃକ୍ଷରାଜିକୁ କାଟିବାକୁ ପଡିଥାଏ । ତେଣୁ ପରିବେଶର ସନ୍ତୁଳନକୁ ଅତୁଟ ରଖିବା ପାଇଁ ବୃକ୍ଷରୋପଣ ନିହାତି ଆବଶ୍ୟକ । ତା ଛଡା, ସବୁ ସହରର ଭୂମି ସମତଳ ନଥାଏ । କେଉଁଠି ଏହା ଖାଲ ଜମିରେ, କେଉଁଠି ପାହାଡ ଉପରେ, କେଉଁଠି ଢାଲୁ ଜମିରେ କିମ୍ବା କେଉଁଠି ନଦୀ ବା ସମୁଦ୍ର କୂଳରେ ପ୍ରତିଷ୍ଠିତ ହୋଇଥାଏ । ସମତଳ ଜମିରେ ମୃତ୍ତିକାକ୍ଷୟର ଆଶଙ୍କା ଖୁବ୍ କମ୍ ତେଣୁ ସେହିପରି ଜମିରେ ବୃକ୍ଷରୋପଣର ମୃତ୍ତିକା ସଂରକ୍ଷଣ ମୁଖ୍ୟ ଉଦ୍ଦେଶ୍ୟ ନହୋଇପାରେ । କିନ୍ତୁ ଢାଲ ଜମିରେ ମୃତ୍ତିକା ଓ ମାଟିର ଆର୍ଦ୍ରତା ସଂରକ୍ଷଣକୁ ମୁଖ୍ୟ ଉଦ୍ଦେଶ୍ୟ ହିସାବରେ ଗ୍ରହଣ କରାଯାଇପାରେ । ସେମିତି ସମୁଦ୍ର କୂଳରେ ପବନ ର ଗତିକୁ ରୋକିବା ଓ ବାଲୁକା ଖଣ୍ଡର ସ୍ଥାନାନ୍ତରଣକୁ ରୋକିବା ମୁଖ୍ୟ ଉଦ୍ଦେଶ୍ୟ ହିସାବରେ ଗ୍ରହଣ କରାଯାଇପାରେ । ସେମିତି ସମୁଦ୍ର କୂଳରେ ପବନର ଗତିକୁ ରୋକିବା ଓ ବାଲୁକା ଖଣ୍ଡର ସ୍ଥାନାନ୍ତରଣକୁ ରୋକିବା ମୁଖ୍ୟ ଉଦ୍ଦେଶ୍ୟ ହୋଇପାରେ । ସହର ମଧ୍ୟରେ ଜନବସତି ଅଞ୍ଚଳରେ ସୌନ୍ଦର୍ଯ୍ୟ ବର୍ଦ୍ଧନକାରୀ ବୃକ୍ଷରୋପଣ କରାଯାଇପାରେ । କଳକାରଖାନା ପାଖରେ ଅଙ୍ଗାରକାମ୍ଳ ଗ୍ୟାସ୍‌କୁ ଶୀଘ୍ର ଶୋଷି ନେବା ପାଇଁ ବୃକ୍ଷରୋପଣ କରାଯାଏ । ସହରର ରାସ୍ତା କଡରେ ଛାଇ ହେଲାପରି, ବର୍ଷସାରା ପତ୍ର ରହିବାପରି ଗଛ ଲଗାଯାଏ । ଉଦ୍ୟାନ ଭଳିକଡେ ଛୋଟ ଛୋଟ ସୌନ୍ଦର୍ଯ୍ୟ ବର୍ଦ୍ଧନକାରୀ ଗଛ ଲଗାଯାଇପାରେ । ଖେଳ ପଡିଆ ଚାରିକଡରେ ଛାଇ ଦେବା ପାଇଁ ବଡ ବଡ ପତ୍ରଥିବା ଚିରସବୁଜ ଗଛ ଲଗାଯାଇପାରେ । ନଦୀ, ନାଳ, କେନାଲ କୂଳରେ ମୃତ୍ତିକାକୁ ଧରି ରଖିବା ଭଳି ଗଛ ଲଗାଯାଏ । ସହରର ଆବର୍ଜନା ଜମା ହେବା ଜାଗାରେ ମଧ୍ୟ ମୃତ୍ତିକା ସଂରକ୍ଷଣରେ ସହାୟତା କରୁଥିବା ଗଛ ଲଗାଯାଇପାରେ । ତେଣୁ ସହରାଞ୍ଚଳରେ ଜାଗାର ଆବଶ୍ୟକତାକୁ ଆଖି ଆଗରେ ରଖି କେଉଁ ପ୍ରକାରର ବୃକ୍ଷରୋପଣ କରାଯିବା ଉଚିତ ତାହା ବିଚାର କରାଯାଏ ।

ସହରାଞ୍ଚଳରେ କଣ ସବୁ ବୃକ୍ଷରୋପଣ କରାଯାଇ ପାରିବ ?

ସହରାଞ୍ଚଳରେ ଆମର ବୃକ୍ଷରୋପଣର ଉଦ୍ଦେଶ୍ୟ, ଆବଶ୍ୟକତା ଓ ପ୍ରକାରଭେଦକୁ ବିଚାରକୁ ନେଇ କେଉଁ ଜାଗାରେ କ'ଣ ସବୁ ଗଛ ଲଗାଯାଇ ପାରିବ ତାହାର ଏକ ତାଲିକା ଓ ନକ୍ସା ପ୍ରସ୍ତୁତି କରିବା ଉଚିତ୍ । ତାପରେ ଆମେ ତାଲିକା ଅନୁଯାୟୀ ଗଛମାନଙ୍କର ଆବଶ୍ୟକତାକୁ ବିଚାରକୁ ନେବା । ତାର ଅର୍ଥ ହେଲା କେଉଁ ସବୁ ଗଛ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରୋପଣ କରାଯିବା ପାଇଁ ଉପଯୁକ୍ତ, ଏହାର ସଠିକ ଆକଳନ ନିମନ୍ତେ ବୈଷୟିକ ଜ୍ଞାନର ଆବଶ୍ୟକତା ରହିଛି । ସେଥିପାଇଁ ସହରାଞ୍ଚଳର ପାରିପାର୍ଶ୍ୱିକ ପରିବେଶ ଅନୁଧ୍ୟାନ କରିବା ଆବଶ୍ୟକ । ସେସବୁ ହେଲା ବର୍ଷାର ନିୟମିତତା ଓ ପରିମାଣ, ତାପମାତ୍ରା, ଆର୍ଦ୍ରତା, ପବନର ଗତି, ମୃତ୍ତିକାର ଉର୍ବରତା ଓ ଆର୍ଦ୍ରତା, ଜମିର ଜଳ ନିଷ୍କାସନ ପ୍ରଣାଳୀ । ଏହାଛଡା ସହର ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାକୃତିକ ଭାବେ ଓ କୃତ୍ରିମ ଭାବେ ବଢୁଥିବା ଗଛମାନଙ୍କୁ ଅନୁଧ୍ୟାନ କରି ସେ ଭିତରୁ ଭଲ ଭାବେ ବଢୁଥିବା ଗଛସବୁ ସହରାଞ୍ଚଳ ବୃକ୍ଷରୋପଣ ପାଇଁ ସାଧାରଣ ଭାବରେ ଉପଯୁକ୍ତ । ସହର ମଧ୍ୟରେ ବର, ଓସ୍ତ ପରି ବଡ ଗଛ ନ ଲଗାଇ ମଧ୍ୟମ ଓ ଛୋଟ ଆକାରର ଜଲଦି ବଢ଼ି ପାରୁଥିବା ଗଛ ଲଗାଇବା ଉଚିତ । ସାଧାରଣତଃ ସହର ମଧ୍ୟରେ ନିମ୍ବ, ଶିରିଶ, ବେଲ, ସିମୁଳୀ, ପଳାଶ, ଗୁଲୁଣ୍ଡା, କୃଷ୍ଣଚୂଡା, ରାଧାଚୂଡା, ଧଳା ଶିରିଶ, ବେଲ, ସିଲଭର୍ ଓକ୍, ଧଉରା, ଆମ୍ବ, ଜାକାରାଣ୍ଡା, କରଞ୍ଜ, ଜାମୁ, ମହାଲିମ୍ବ, ଅଶୋକ, ଦେବଦାରୁ ପ୍ରଭୃତି ଗଛମାନ ଲଗାଯାଇପାରେ । ଏହାଛଡା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଆଖିରେ ରଖି କେଉଁ ସବୁ ବୃକ୍ଷ ରୋପଣ କରାଯାଇପାରେ ତାହାର ଏକ ଛୋଟ ତାଲିକା ଦେଉଛି ।

୧. ମୃତ୍ତିକା ସଂରକ୍ଷଣ ପାଇଁ ମୁଞ୍ଜା ଘାସ, ଖସ୍ ଖସ୍ ଘାସ, ବରକୋଳି, ଜାଟ୍ରୋପା ଆଦି ଲଗାଯାଏ । ସମୁଦ୍ର କୂଳରେ ବାଲୁକାଖଣ୍ଡର ସ୍ଥାନାନ୍ତରଣ ରୋକିବା ପାଇଁ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଏ ।

୨. ବାଡ ବା ପାଚେରୀ ଭଳି କାମ ଦେବା ପାଇଁ ଓ ପବନର ଗତି ନିୟନ୍ତ୍ରଣ କରିବା ପାଇଁ ଖଇର, ବବୁଲ୍, ବେଲ, ପୁର୍ଗୀ,

ନାଗଫେଣୀ, ବରକୋଳି, ବିଲାତି ବବୁଲ୍ ଆଦି ଲଗାଯାଇପାରେ ।

୩. ରାସ୍ତା କଡରେ ଲଗାଇବା ପାଇଁ ଓ ଛାଇ ପ୍ରଦାନ ନିମନ୍ତେ ଶିରିଶ, ଇଉକାଲିପଟାସ୍, ଆକାଶିଆ, ଲିମ୍ବ, ମହାଲିମ୍ବ, ସିମୁଳି, ପଳାଶ, ଚକୁଣ୍ଡା, କାଠ ବାଦାମ୍, ଶିଶୁ, ଅଁଳା, ମହୁଲ, ଆମ୍ବ, ସଜନା ଆଦି ଲଗାଯାଇପାରେ ।

୪. କେବଳ ଫଳ ନିମନ୍ତେ ଲେମ୍ବୁ, ସିତାଫଳ, ପିଜୁଳି, ଖଜୁରୀ, ତେନ୍ତୁଳି, ଆମ୍ବ, ବେଲ, ପପୟା ଆଦି ମଧ୍ୟ ରୋପଣ କରାଯାଇପାରେ ।

ସହରାଞ୍ଚଳ ବୃକ୍ଷରୋପଣ ପାଇଁ ଚାରା କିପରି ପ୍ରସ୍ତୁତ କରାଯାଏ

ସହର ମଧ୍ୟରେ ବୃକ୍ଷରୋପଣ ଅନ୍ୟ ଜାଗାରେ ବୃକ୍ଷରୋପଣ ଠାରୁ ବହୁତ ଅଲଗା, କାରଣ ସହର ମଧ୍ୟରେ ବୃକ୍ଷରୋପଣ ପାଇଁ ଜାଗା କମ୍ ଥାଏ ଓ ଏହା ଏକକାଳିନ ନଥାଇ ଛୋଟ ବଡ ପକେଟ୍‌ରେ ଥାଏ । ଅନେକ ଜାଗାରେ ନଈ ନାଳ ପାଣିର ସୁବିଧା ମଧ୍ୟ ନଥାଏ । ତେଣୁ ନର୍ସରୀପାଇଁ କୃତ୍ରିମ ଜଳ ଯୋଗାଣ ନିହାତି ଆବଶ୍ୟକ । ଅନେକ ସମୟରେ ମଧ୍ୟ ଚାରାର ସଂଖ୍ୟା ଖୁବ୍ କମ୍ ହେଲେ ନର୍ସରୀ ଅଧିକ ବ୍ୟୟ ବହୁଳ ହୋଇଥାଏ । ତେଣୁ ଭଲ ଚାରା ବାଛି ବଜାରରୁ କିଣି ନିଆଯାଇପାରେ । ସହରାଞ୍ଚଳ ବୃକ୍ଷରୋପଣ ପାଇଁ ୨ବର୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ କରିବା ଆବଶ୍ୟକ । ଅଧିକ ସଂଖ୍ୟକ ବୃକ୍ଷ ରୋପଣ କରିବାକୁ ଥିଲେ ସହର ମଧ୍ୟରେ ବା ବାହାରେ ଖାଲିଜାଗା ଓ ପାଣିର ସୁବିଧା ଥିବା ଜାଗାରେ ଦୁଇବର୍ଷ ପୂର୍ବରୁ ନର୍ସରୀ ଆରମ୍ଭ କରିବା ଉଚିତ୍ । ଅକ୍ଟୋବର ମାସରେ ପଲିଥିନ୍ ବ୍ୟାଗ ସବୁ ମାଟି ଓ ଖତ ମିଶାଇ ଭରାଯାଏ । ନଭେମ୍ବର ମାସରେ ନର୍ସରୀରେ ମଞ୍ଜି ବୁଣିବା ପାଇଁ ବେଡ୍ ପ୍ରସ୍ତୁତ କରି ମଞ୍ଜି ବୁଣାଯାଏ । ଜାନୁୟାରୀ, ଫେବୃୟାରୀ ମାସରେ ବେଡ୍‌ରୁ ଚାରା ଧରିଥିବା ମଞ୍ଜି ଆଣି ପଲିଥିନ୍ ବ୍ୟାଗରେ ପୋତାଯାଏ ଓ ପାଣି ଦିଆଯାଏ । ଏହିପରି ଚାରାକୁ ସେ ବର୍ଷ ନର୍ସରୀରେ ରଖି ନିୟମିତ ପାଣି ଓ ମଝିରେ ମଝିରେ ସାର ଓ କୀଟନାଶକ ଦିଆଯାଏ ଓ ପର ବର୍ଷ ଏହି ଦୁଇ ବର୍ଷ ବୟସର ଚାରା ସବୁ ରୋପଣ କରାଯାଇଥାଏ ।

ସହର ମଧ୍ୟରେ ବୃକ୍ଷରୋପଣ କିପରି କରାଯାଏ

ବୃକ୍ଷରୋପଣ କରିବା ପାଇଁ ଉଦ୍ଦିଷ୍ଟ ଜାଗାରେ ମଇ-ଜୁନ ମାସରେ ଗାତ ଖୋଳାଯାଏ । ଏଥିପାଇଁ ଦୁଇଟି ଗଛ ମଧ୍ୟରେ ବ୍ୟବଧାନ କେତେ ରହିବ ତାହା ପୂର୍ବରୁ ଠିକ୍ କରାଯିବା ଉଚିତ । ସାଧାରଣତଃ ଏହି ବ୍ୟବଧାନ ୩ ମିଟରରୁ ୫ ମିଟର ମଧ୍ୟରେ ସିମୀତ ରହେ । ଜୁଲାଇ ମାସରେ ବର୍ଷା ହେବା ମାତ୍ରେ ଚାରାକୁ ପଲିଥିନ୍ ବ୍ୟାଗରୁ ଅଲଗା କରି ଗାତମାନଙ୍କରେ ପୋତାଯାଏ । ପୋତିବା ପୂର୍ବରୁ ମାଟିରେ ସାର ଓ କୀଟନାଶକ ପ୍ରୟୋଗ କରାଯାଇଥାଏ । ଅଗଷ୍ଟ ମାସରେ ଗାତ ଚାରିକଡରେ ଅନାବନା ଘାସ, ଗୁଳ୍ମ ବଛାଯାଏ ଓ ସାର ପ୍ରୟୋଗ କରାଯାଏ । ଅକ୍ଟୋବର - ନଭେମ୍ବର ମାସରେ ପୁଣିଥରେ ବଛା ବଛି କରାଯାଇ କୀଟନାଶକ ପ୍ରୟୋଗ କରାଯାଏ । ଜାନୁୟାରୀ - ଫେବୃୟାରୀ ମାସରେ ଗାତକୁ ଖୋସାଯାଏ ଓ ପୁଣି ସାର ପ୍ରୟୋଗ କରାଯାଏ । ସହରାଞ୍ଚଳରେ ଲଗାଯାଇଥିବା ବୃକ୍ଷମାନଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଯତ୍ନ ନିଆଯାଏ । ବର୍ଷାଦିନ ପରେ ମଧ୍ୟ ନିୟମିତ ୨-୩ ବର୍ଷ ପର୍ଯ୍ୟନ୍ତ ଗଛରେ ପାଣି ଦେବାକୁ ପଡେ ଓ ମଝିରେ ମଝିରେ ସାର ଓ କୀଟନାଶକ ପ୍ରୟୋଗ କରିବା ଆବଶ୍ୟକ । ସହର ମଧ୍ୟରେ ବୃକ୍ଷରୋପଣ ଅନ୍ୟ ଜାଗା ତୁଳନାରେ ଅଧିକ ବ୍ୟୟସାପେକ୍ଷ କାରଣ ଗଛ ଭଲଭାବରେ ଜଲଦି ବଢିବା ପାଇଁ ଥିବା ସମସ୍ତ ଆବଶ୍ୟକତାକୁ ପୂରଣ କରିବା ଅତି ଜରୁରୀ । ଏହି ସବୁ ଆବଶ୍ୟକତା ଗୁଡିକ ହେଲା ଭଲ ଚାରା ସଂଗ୍ରହ, ନର୍ସରୀରେ ଚାରାର ଯତ୍ନ, ଗଛ ଲଗାଇବା ବେଳେ ମାଟିରେ ଉନ୍ନତମାନର କୀଟନାଶକ ଓ ଜୈବିକ / ରାସାୟନିକ ସାର ପ୍ରୟୋଗ, ନିୟମିତ ବଛାବଛି ଓ ମାଟି ଖୋସା, ପୁଣି ଗଛ ଚାରିକଡେ ବାଡର ବ୍ୟବସ୍ଥା, ପ୍ରତ୍ୟହ ପାଣି ଦେବା ବ୍ୟବସ୍ଥା । ବୃକ୍ଷରୋପଣ ପରେ ଏହି ସବୁ ଯତ୍ନ ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ନେବା ଉଚିତ । ଏଥିପାଇଁ ସହରାଞ୍ଚଳର ବୃକ୍ଷରୋପଣ ଅନ୍ୟ ଜାଗାଠାରୁ ଅଧିକ ସଫଳ ହୁଏ, ଏହି ସଫଳତାକୁ ଆହୁରି ଅଧିକ ଓ କମ୍ ଖର୍ଚ୍ଚରେ କରାଇବା ପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ, ଯେମିତିକି ନର୍ସରୀ ପାଇଁ ଦୂରକୁ ନଯାଇ ପାଖରେ ଥିବା ଲୋକମାନଙ୍କ ଖାଲିଜାଗାରେ କରାଯାଇପାରେ । ପୁଣି ଲୋକମାନଙ୍କୁ ସଚେତନ କରି ସେମାନଙ୍କର ନିଜ ଜମି ବାଡିରେ, ଖାଲି ଜାଗାରେ କିଛି କିଛି ବୃକ୍ଷରୋପଣ କରାଯାଇପାରେ । ତେଣୁ ଲୋକମାନେ ସଚେତନ ହୋଇ ଯୋଜନାର ଅଂଶବିଶେଷ ହେଲେ ସବୁ ସମସ୍ୟାର ସମାଧାନ ଖୁବ୍ ସହଜରେ ହୋଇପାରିବ ।



# ବନ୍ୟଜନ୍ତୁ ଓ ମନୁଷ୍ୟ : ସଂଘର୍ଷପୂର୍ଣ୍ଣ ସହାବସ୍ଥାନ

ଅନୁପ କୁମାର ନାୟକ
ବିକାଶ ରଞ୍ଜନ ଦାଶ
ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ, ବାରିପଦା

ପୃଥିବୀରେ ସମସ୍ତପ୍ରକାର ଜୀବଜନ୍ତୁ ଓ ବୃକ୍ଷ ଲତାଙ୍କର ବଞ୍ଚିବାର ଅଧିକାର ରହିଛି ଏବଂ ପ୍ରକୃତିର ଭାରସାମ୍ୟ ରକ୍ଷା କରିବାରେ ସମସ୍ତଙ୍କ ଅବଦାନ ରହିଛି । ଖାଦ୍ୟ, ଜଳ ଓ ବାସସ୍ଥଳୀ ପାଇଁ ଉଭୟ ମଣିଷ ଓ ଜୀବଜନ୍ତୁ ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଉପରେ ନିର୍ଭର କରିଥାଆନ୍ତି । କୌଣସି କାରଣରୁ ଏଥିରେ ବାଧା ଉପୁଜିଲେ ସଂଘର୍ଷର ସୂତ୍ରପାତ ହୋଇଥାଏ ।

ଆଜିକାଲି ପ୍ରତିଦିନ ଆମେ ଖବର କାଗଜ, ରେଡିଓ ଓ ଟେଲିଭିଜନରୁ ହାତୀ ଓ ଭାଲୁ ଇତ୍ୟାଦି ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ଓ ଧନ, ଜୀବନ ନଷ୍ଟ ହେବାର ଖବର ପାଉଛୁ । ଏହାଛଡା ମଣିଷ ମାନଙ୍କ ଦ୍ୱାରା ଏହି ବଣ ଜନ୍ତୁ ମାନଙ୍କୁ ବିଭିନ୍ନ ଉପାୟରେ ମାରିବାର ଖବର ମଧ୍ୟ ମିଳୁଛି । ଓଡ଼ିଶା ପରିପ୍ରେକ୍ଷିରେ ଆଲୋଚନା କଲେ ମୁଖ୍ୟତଃ ହାତୀ ଓ ମଣିଷ ମଧ୍ୟରେ ଚାଲିଥିବା ସଂଘର୍ଷ ସବୁଠାରୁ ଗମ୍ଭୀର ସମସ୍ୟା ଭାବରେ ବିଚାର କରାଯାଇପାରେ । ଏହା ଛଡା ମଣିଷ ସହିତ ଭାଲୁ, ମାଙ୍କଡ, କୁମ୍ଭୀର, କଙ୍କଚ, ହେଟା ବାଘ, ସାପ ଇତ୍ୟାଦି ବନ୍ୟପ୍ରାଣୀ ମାନଙ୍କ ସହିତ ଲାଗିଥିବା ସଂଘର୍ଷ ବିଷୟରେ ମଧ୍ୟ ବିଭିନ୍ନ ସମୟରେ ତଥ୍ୟ ମିଳିଥାଏ । ଦିନକୁ ଦିନ ଏହି ସମସ୍ୟା ଅଧିକ ହେବାକୁ ଲାଗିଛି ।

ଏହି ସମସ୍ୟାର ବହୁବିଧ କାରଣ ଅଛି । ପ୍ରଥମତଃ ହାତୀ ପରି ବଣ ଜନ୍ତୁ ଖାଦ୍ୟ ଓ ଜଳ ସନ୍ଧାନରେ ଗୋଟିଏ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲକୁ ଯାତାୟତ କରି ଥାନ୍ତି । ତାଙ୍କର ଏହି ଗତିପଥକୁ କରିଡର କୁହାଯାଏ । ବ୍ୟାପକ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଅଧିକରୁ ଅଧିକ ବାସ ଓ ଚାଷ ଉପଯୋଗୀ ଜମିର ଆବଶ୍ୟକତା ତଥା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ ହେବାରୁ ଏମାନଙ୍କ ଗତି ପଥରେ ବାଧା ସୃଷ୍ଟି ହେଉଛି । କରିଡର ଅଞ୍ଚଳରେ ବିଭିନ୍ନ ଫସଲ ଚାଷ କରାଯାଉଛି ଯାହାକି ହାତୀମାନଙ୍କ ଯାତାୟତ ସମୟରେ ନଷ୍ଟ ହେଉଛି ଓ ସେଥିରେ ସଂଘର୍ଷର ସୂତ୍ରପାତ ହେଉଛି । କେତେବେଳେ ହାତୀ ମାନଙ୍କ ଦ୍ୱାରା ଧନ, ଜୀବନ ନଷ୍ଟ ହେଉଛି ତ କେତେବେଳେ ପ୍ରତିଶୋଧ ପରାୟଣ ହୋଇ ହାତୀମାନଙ୍କୁ ମାରି ଦେଉଛନ୍ତି । ସେହିପରି ଫସଲ ନଷ୍ଟ କରୁଥିବା ବାରହା ଓ ଭାଲୁ ମଧ୍ୟ ମଣିଷ ମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ଭୁବନେଶ୍ୱରରେ ଅଧିକାଂଶ ସମୟରେ ଘରମାନଙ୍କରୁ ସାପ ବାହାରୁ ଥିବା ଶୁଣିବାକୁ ମିଳେ । ଏହାର କାରଣ ଭୁବନେଶ୍ୱର ଅଞ୍ଚଳ ଜଙ୍ଗଲ ପରିପୂର୍ଣ୍ଣ ଥିଲା । ଜଙ୍ଗଲ ସଫା କରାଯାଇ ଜନବସତି କରାଗଲା । ସାପମାନେ ଯିବେ କୁଆଡେ ? ତେଣୁ ଯେତେବେଳେ ବାହାରି ଆସୁଛନ୍ତି, ଲୋକମାନଙ୍କ ଆକ୍ରମଣର ଶିକାର ହେଉଛନ୍ତି ।

ଏହି ସବୁ ସମସ୍ୟାର ସମାଧାନ ପାଇଁ ବ୍ୟାପକ ଜନ ସଚେତନତା ଆବଶ୍ୟକ । ବଣ ଜନ୍ତୁମାନଙ୍କୁ ଆମର ଶତ୍ରୁ ବୋଲି ନ ଭାବି ତାଙ୍କର ଅସହାୟତାକୁ ସହାନୁଭୂତି ସହ ବିଚାର କରିବା ଆବଶ୍ୟକ । ସରକାରୀ ସ୍ତରରେ ଏ ଦିଗରେ ମଧ୍ୟ ଅନେକ ପଦକ୍ଷେପ ନିଆଯାଉଛି । ବଣ ଜନ୍ତୁମାନଙ୍କ ଦ୍ୱାରା କ୍ଷୟକ୍ଷତି ପାଇଁ ମିଳୁଥିବା ଅନୁକମ୍ପା ରାଶିର ପରିମାଣ ନିକଟରେ ଅନେକ ବୃଦ୍ଧି କରାଯାଇଛି । ହାତୀ ମାନଙ୍କ ଗତିପଥ ବା କରିଡରର ପୁନରୁଦ୍ଧାର ଓ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଯଥା ଖଣି, କାରଖାନା, ଜଳ ଭଣ୍ଡାର, ରାସ୍ତା ଇତ୍ୟାଦି ପାଇଁ ଜଙ୍ଗଲ ଜମିର ଆବଶ୍ୟକତା ଥିଲେ ସେଥିରେ ବନ୍ୟ ଜନ୍ତୁଙ୍କର ସୁରକ୍ଷାରେ ଯେପରି ବାଧା ନ ଆସିବ ସେ ଦିଗରେ ଧ୍ୟାନ ଦିଆଯାଉଛି । 

ବନ୍ୟଜନ୍ତୁ ଓ ମଣିଷ ଚିରକାଳରୁ ଶାନ୍ତିପୂର୍ଣ୍ଣ ଭାବେ ସହାବସ୍ଥାନ କରି ଆସୁଛନ୍ତି । ଅନେକ ଉଦାହରଣ ଅଛି ଯେଉଁଠି ମଣିଷମାନେ ବନ୍ୟଜୀବଙ୍କ ସହ ସହାବସ୍ଥାନ ସହିତ ସେମାନଙ୍କୁ ସୁରକ୍ଷା ମଧ୍ୟ ଦେଇ ଆସୁଛନ୍ତି । ଗଞ୍ଜାମ ଜିଲ୍ଲାର ବାଲିପଦର ଅଞ୍ଚଳରେ କୃଷ୍ଣସାର ମୃଗ ଓ ରାଜସ୍ଥାନର ବିଷ୍ଣୋଇ ସମ୍ପ୍ରଦାୟ ଲୋକଙ୍କ ଦ୍ୱାରା ଚିଙ୍କାରା (ହରିଣ ଜାତୀୟ)ଙ୍କର ସୁରକ୍ଷା ସମଗ୍ର ଦେଶରେ ପ୍ରସିଦ୍ଧି ଲାଭ କରିଛି । ତେଣୁ ଆମେ ସଚେତନ ହେଲେ ବନ୍ୟଜନ୍ତୁଙ୍କ ସହ ଶାନ୍ତି ପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହେବ ।



# ବନ ସୁରକ୍ଷା ସମିତି

ସୁନୀତା
ସଂଯୋଜିକା, ବନା

ବିଗତ ବର୍ଷ ମାନଙ୍କରେ ଆମ ରାଜ୍ୟରେ ବହୁ ଅଞ୍ଚଳରେ ଜଙ୍ଗଲ କ୍ଷୟ ପ୍ରାପ୍ତ ହେବା ସହିତ ଜଙ୍ଗଲଜାତ ଦ୍ରବ୍ୟର ଉତ୍ପାଦନ କମିଛି, ଏଥିରେ କେହି ଦ୍ୱିମତ ହେବେ ନାହିଁ । କ୍ରମବର୍ଦ୍ଧିଷ୍ଣୁ ଲୋକ ସଂଖ୍ୟା ପାଇଁ ଆବଶ୍ୟକ ବାସସ୍ଥାନ ଏବଂ ଗୋ ମହିଷାଦି ପଶୁଙ୍କ ଚାରଣ ଭୂମିର ଆବଶ୍ୟକତା ଆଜି ଜଙ୍ଗଲ ଉପରେ ଅତ୍ୟନ୍ତ ଚାପ ପକାଇବାରେ ଲାଗିଛି । ଯେଉଁଥିପାଇଁ ଜଙ୍ଗଲ ଉପରେ ନିର୍ଭର କରୁଥିବା ମଣିଷଙ୍କ ଆର୍ଥିକ ପରିସ୍ଥିତି ବିଗିଡ଼ିବାରେ ଲାଗିଛି । ସେଥିପାଇଁ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ନିତ୍ୟାନ୍ତ ଆବଶ୍ୟକ । ସ୍ଥାନୀୟ ଲୋକଙ୍କର ଉଦ୍ୟମ ଓ ତତ୍ପରତା ନିହାତି ଅପରିହାର୍ଯ୍ୟ । ଏଥିପାଇଁ ଜଙ୍ଗଲ ବିଭାଗ ଓ ସ୍ଥାନୀୟ ବ୍ୟକ୍ତିଙ୍କର ପାରସ୍ପରିକ ସହଯୋଗ ହିଁ ଫଳବତ୍ ହେବ ।

ଗ୍ରାମବାସୀଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷା କିଛି ନୂଆ କଥା ନୁହେଁ । ପ୍ରାୟତଃ ୧୯୫୦ ରୁ ଏହି ପ୍ରଥା ଚଳି ଆସୁଛି । କିନ୍ତୁ ବିଧିବଦ୍ଧ ଭାବରେ ୧୯୮୮ ମସିହା ଅଗଷ୍ଟ ମାସରୁ ସରକାରଙ୍କ ଦ୍ୱାରା ପ୍ରକାଶିତ ଅଧିସୂଚନାରେ ପ୍ରଥମ କରି ସଂରକ୍ଷିତ ଜଙ୍ଗଲର ସୁରକ୍ଷାରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ଅଧିବାସୀଙ୍କୁ ସାମିଲ୍ କରାଗଲା । ୧୯୯୦ ମସିହା ଡିସେମ୍ବର ମାସରୁ ଗ୍ରାମରେ ବନ ସୁରକ୍ଷା ସମିତି ନାମରେ କମିଟି ଗଢ଼ାଯାଇ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ସେମାନଙ୍କ ହାତରେ ଦିଆଗଲା ।

ଏହି ସମିତି ଗଢ଼ିବା ପୂର୍ବରୁ ବନଖଣ୍ଡ ଅଧିକାରୀ, ବନାଞ୍ଚଳ ଅଧିକାରୀ କିମ୍ବା ବନପାଳଙ୍କ ପରାମର୍ଶ କ୍ରମେ ଗ୍ରାମ ପଞ୍ଚାୟତ ସହାୟତାରେ ଗ୍ରାମର ସମସ୍ତ ସାବାଳକ ପୁରୁଷ ଓ ମହିଳାଙ୍କର ଏକ ବୈଠକ ବସେ । ଯେଉଁଥିରେ ବନ ସୁରକ୍ଷା ସମିତି ଗଠନ, କାର୍ଯ୍ୟକାରିତା, ଉପକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଗ୍ରାମବାସୀଙ୍କୁ ବୁଝାଇ ଦିଆଯାଏ । ସେଥିରେ ସେମାନେ ଏକମତ ହୋଇ ସହଯୋଗର ହାତ ବଢ଼ାଇଲେ ବନ ସୁରକ୍ଷା ସମିତି ଟିଏ ଗଢ଼ାଯାଏ । ଏହି ସମିତିରେ ସରପଞ୍ଚ ସଭାପତି ଏବଂ ଗ୍ରାମର ପ୍ରତ୍ୟେକ ଘରୁ ଜଣେ ଜଣେ ବ୍ୟକ୍ତି ସଭ୍ୟ ହିସାବରେ ରହିବେ । ଏହି ସଭ୍ୟମାନଙ୍କ ମଧ୍ୟରେ ମହିଳାମାନେ ମଧ୍ୟ ରହିବା ଜରୁରୀ । ଜଣେ କୋଷାଧ୍ୟକ୍ଷ ମଧ୍ୟ ନିଯୁକ୍ତି ପାଆନ୍ତି ଯିଏ କି ସମସ୍ତ ହିସାବ କିତାବ ରଖି ସମିତିକୁ ବୁଝାଇ ଥାଆନ୍ତି । ସମିତି ଥରେ ଗଠନ କରାଗଲେ ତାହା ୨ ବର୍ଷ ପାଇଁ ବଳବତ୍ତର ରହେ । କମିଟିର ସଭ୍ୟମାନଙ୍କର ମନୋନୟନ ବା ନିର୍ବାଚନ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୁଏ ।

ସମିତି ଗଠନ ପରେ ଉଜୁଡ଼ା ଜଙ୍ଗଲର ସଂରକ୍ଷଣ ଦାୟିତ୍ୱ ସମ୍ପୂର୍ଣ୍ଣ ରୂପରେ ସମିତି ଉପରେ ନ୍ୟସ୍ତ ଥାଏ । ବଣ ଭିତରେ ଗୋ ମହିଷାଦି ପଶୁ ଚାରଣ, ନିଆଁ, ଗଛକଟା, ବନଜାତ ପଦାର୍ଥର ଚୋରି ଓ ଜଙ୍ଗଲ ଜମିର ଜବର ଦଖଲ ଆଦି ବନ୍ଦ କରିବା ସମିତି ସଭ୍ୟଙ୍କର ବ୍ୟକ୍ତିଗତ ଓ ମିଳିତ ଦାୟିତ୍ୱ । ଜଙ୍ଗଲ ହାନିର ପ୍ରତିରୋଧ କରିବା ଓ ସେ ବିଷୟରେ ଜଙ୍ଗଲ ବିଭାଗକୁ ଶୀଘ୍ର ଖବର ଦେବା ସମସ୍ତ ସଭ୍ୟଙ୍କର କର୍ତ୍ତବ୍ୟ । ଜଙ୍ଗଲ ଅପରାଧୀମାନଙ୍କୁ ଧରାଇ ଦେବାରେ ଏବଂ ତାଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବାରେ ସମିତି ସଭ୍ୟମାନେ ବିଧିବଦ୍ଧ ଭାବରେ ଜଙ୍ଗଲ ବିଭାଗକୁ ସାହାଯ୍ୟ କରିବେ । କାର୍ଯ୍ୟକାରୀ କମିଟିର କାର୍ଯ୍ୟ ସମିକ୍ଷା କରିବା ପାଇଁ ଏବଂ ଆଗୁଆ କାମର ଯୋଜନା ଓ ଖସଡ଼ା ତିଆରି କରିବା ପାଇଁ ପ୍ରତି ୩ ମାସରେ ଥରେ, ଦରକାର ହେଲେ ଅଧିକ ଥର ସଭା ଡକାଯାଇଥାଏ । ଏହି ସଭାରେ ଶତକଡ଼ା ୪୦ ଭାଗ ସଭ୍ୟ ଉପସ୍ଥିତ ରହିଲେ ସଭାକାର୍ଯ୍ୟ ଚାଲୁରହିବ । ଯଦି କୌଣସି ସଭ୍ୟ ବା ସଭ୍ୟା ସନ୍ତୋଷ ଜନକ କାର୍ଯ୍ୟ ନ କରନ୍ତି ତେବେ ବହୁମତ ଦ୍ୱାରା ଉକ୍ତ ସଭ୍ୟ /ସଭ୍ୟାଙ୍କୁ ସମିତିରୁ ବହିଷ୍କାର ମଧ କରାଯାଇପାରେ ।

କାର୍ଯ୍ୟକାରୀ କମିଟିର ବୈଠକରେ ଯାହା ଆଲୋଚନା କରାଯିବ ତାହା ଲିପିବଦ୍ଧ ହୋଇ ରହିବ । ଜଙ୍ଗଲ ସୁରକ୍ଷାରେ ଉପୁଜୁଥିବା ବାଧାବିଘ୍ନ ଏବଂ ତାହାର ପ୍ରତିକାର ଉପରେ ମଧ୍ୟ ଆଲୋଚନା ହୋଇ ସୁଦୃଢ଼ ପଦକ୍ଷେପ ନିଆଯିବ । ଦରକାର ହେଲେ ସମସ୍ତ ବିଷୟ ବନଖଣ୍ଡ ଅଧିକାରୀଙ୍କୁ ଜଣାଇ ତାହାର ବିହିତ ସମାଧାନର ଉପାୟ କରାଯିବ । ଏକ ମନ ଏକ ପ୍ରାଣ ହୋଇ ଜଙ୍ଗଲ ସୁରକ୍ଷା, ନୂଆ ଜଙ୍ଗଲ ସୃଷ୍ଟି, ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା, ଉପବନଜାତ ଦ୍ରବ୍ୟର ଆବଣ୍ଟନ, ଜାଳେଣି କାଠ, ପତ୍ରର ଆବଣ୍ଟନ ଇତ୍ୟାଦି ସମିତିର କର୍ତ୍ତବ୍ୟ ।

ସେହିପରି ବନବିଭାଗର ମଧ୍ୟ ଅନେକ ଭୂମିକା ରହିଛି ସମିତିକୁ ସୁଚାରୁ ରୂପେ ଆଗକୁ ଆଗେଇ ନେବାରେ । ବନାଞ୍ଚଳ ଅଧିକାରୀ ସମିତିର ବିଭିନ୍ନ ବୈଠକରେ ଉପସ୍ଥିତି ରହି ସଠିକ୍ ପରାମର୍ଶ ଦେଇ ସମସ୍ତ ପରିକଳ୍ପନାକୁ କାର୍ଯ୍ୟକାରୀ କରିବାକୁ ସଂପୂର୍ଣ୍ଣ ଦାୟିତ୍ୱ ନେଇଥାନ୍ତି । ସ୍ଥାନୀୟ ଅଧିବାସୀଙ୍କ ଆବଶ୍ୟକତା ଓ ଇଚ୍ଛା ପୂରଣ

ହୋଇପାରିବା ଭଳି "ସ୍ୱଳ୍ପ ଜଙ୍ଗଲ ପରିଚାଳନା" ଯୋଜନା ପ୍ରସ୍ତୁତ କରିବାର ଦାୟିତ୍ୱ ବନଖଣ୍ଡ ଅଧିକାରୀଙ୍କ ଉପରେ ନ୍ୟସ୍ତ ଥାଏ । ଜଙ୍ଗଲ ସୁରକ୍ଷା ତଥା ଉନ୍ନୟନକୁ ନେଇ ଯଦି କିଛି ବିବାଦ ଉପୁଜେ କିମ୍ବା ସମିତିର ସଭ୍ୟ କୌଣସି ଅପରାଧ ମୂଳକ ଘଟଣା ସହିତ ସଂପୃକ୍ତ ହୁଅନ୍ତି, ତେବେ ବନଖଣ୍ଡ ଅଧିକାରୀ ତୁରନ୍ତ ପଦକ୍ଷେପ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି । ଦରକାର ହେଲେ ଦୋଷୀ ସାବ୍ୟସ୍ତ ସଭ୍ୟଙ୍କୁ ବହିଷ୍କୃତ ମଧ୍ୟ କରିପାରିବେ । ଯଦି ସମିତି ଅପରାଧି ବୋଲି ସାବ୍ୟସ୍ତ ହୁଏ, ତେବେ ସମ୍ପୂର୍ଣ୍ଣ ସମିତିକୁ ଭାଙ୍ଗି ନୂତନ ସମିତି ମଧ୍ୟ ଗଠନ କରିପାରିବେ । ସମିତି ନିଜର ସଚ୍ଚୋଟତା ପ୍ରମାଣ କରିବା ପାଇଁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କୁ ମଧ୍ୟ ଅପିଲ କରିପାରନ୍ତି ଏବଂ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ଧରାଯିବ ।

ବନ ସୁରକ୍ଷା ସମିତି ଦ୍ୱାରା ମୂଳତଃ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ପୁନରୁଦ୍ଧାର, ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା ସହିତ ମୃତ୍ତିକା ସଂରକ୍ଷଣର ମଧ୍ୟ ବ୍ୟବସ୍ଥା କରାଯାଇଥାଏ । ଯେଉଁଥିରେ ଜଳର ସଦୁପଯୋଗ ହୋଇଥାଏ ଏବଂ ପରିବେଶର ସନ୍ତୁଳନ ରକ୍ଷାପାଏ । ଜଙ୍ଗଲ ଉପରେ ନିର୍ଭର କରି ରହୁଥିବା ଅଧିବାସୀ ମଧ୍ୟ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ପ୍ରଚୁର ପରିମାଣରେ ପାଆନ୍ତି । ଯାହାକୁ ଜୀବିକା ରୂପରେ ଗ୍ରହଣ କରି ନିଜର ଆର୍ଥିକ ମାନଦଣ୍ଡକୁ ସେମାନେ ଟାଣ କରିପାରନ୍ତି । ନିଜର ଗୁଜରାଣ ମେଣ୍ଟେ ଆଉ ଜଙ୍ଗଲ ମଧ୍ୟ ସୁରକ୍ଷିତ ରହେ । କିଛି ଲୋକ ଜଙ୍ଗଲ ଜାତ ଦ୍ରବ୍ୟର ପ୍ରକ୍ରିୟା କରଣ କରି ଅଧିକରୁ ଅଧିକ ଲାଭବାନ ହୁଅନ୍ତି । ସେହି ଆର୍ଥିକ ସୁଧାରତା ତାଙ୍କ ମନରେ ପ୍ରେରଣା ଯୋଗାଏ ଜଙ୍ଗଲକୁ ଅଧିକରୁ ଅଧିକ ସୁରକ୍ଷା ଦେବା ପାଇଁ ।

ସବୁଠୁ ବଡ଼ କଥା ହେଲା ଏହି ଯୋଜନାକୁ ଚରିତାର୍ଥ କରିବା ପାଇଁ ଗ୍ରାମବାସୀଙ୍କୁ କୌଣସି ଅର୍ଥର ଆବଶ୍ୟକତା ନାହିଁ । କାରଣ ସମସ୍ତ ଅର୍ଥ ବନ ବିଭାଗ ଦ୍ୱାରା ଦିଆଯାଇଥାଏ । କେବଳ ଅଧିବାସୀ ତାଙ୍କର ଶ୍ରମଦାନ କରି ନିଜର ଆର୍ଥିକ ଅବସ୍ଥା ସୁଧାରି ପାରନ୍ତି । ଥରେ ଭାବିଲେ ଦେଖି ବିନା ଅର୍ଥ ବିନିଯୋଗ କରି ଆମକୁ କେତେ କଣ ନ ମିଳୁଛି । ଫୁଲଝାଡୁ ପାଇଁ କଞ୍ଚାମାଲ, ବାଡ଼ ପାଇଁ କଣ୍ଟା ଓ ଝାଟି, ଛାଉଣି ପାଇଁ ଘାସ, ଶୁଖିଲା ପତ୍ର, କାଠ, ଦଉଡ଼ି ପାଇଁ ସବାଇ ଘାସ ଇତ୍ୟାଦି ବିନା ମହାସୁଲରେ ଆମକୁ ମିଳୁଛି । ଏମିତିକି କାଠ ଗଣ୍ଡି ଓ ବଲ୍ଲା ଯାହାକୁ ବିକ୍ରିକଲେ ଅନେକ ଅର୍ଥ ମିଳେ ସେଥିରୁ ମଧ୍ୟ ୫୦ ପ୍ରତିଶତ ଭାଗ ଆମକୁ ମିଳିବ । ଯାହାକୁ ଆମେ ସଭ୍ୟମାନେ ସମାନ ଭାବରେ ବାଣ୍ଟି ନେଇ ପାରିବା । ତେଣୁ ବନ ସୁରକ୍ଷା ସମିତି ଦ୍ୱାରା ଆମକୁ ଅନେକ ସାହାଯ୍ୟ ମିଳୁଛି । ଆମ ଜୀବନ ଜୀବିକା ନିର୍ବାହ କରିବା ପାଇଁ ଯଦି ଶ୍ରମଦାନ କରି ଆମକୁ ଏତେ ସୁବିଧା ସୁଯୋଗ ମିଳୁଛି ତେବେ କ'ଣ ଆମେ ଏତିକି କରିପାରିବା ନାହିଁ ଆମ ଜଙ୍ଗଲ ପାଇଁ । ଆମେ ନିଶ୍ଚିତ କରିବା ଏବଂ ଆମ ପାଖଲୋକଙ୍କୁ ମଧ୍ୟ କରିବା ପାଇଁ କହିବା ।

 କଲେ ଜଙ୍ଗଲ ସୁରକ୍ଷା

ହେବ ଆମର ରକ୍ଷା ।



# ପରିବେଶ ପର୍ଯ୍ୟଟନ

ହର୍ଷ ବର୍ଦ୍ଧନ ଉଦଗା
ଉପବନ ସଂରକ୍ଷ

ପ୍ରଶ୍ନ ୧ : ପରିବେଶ ପର୍ଯ୍ୟଟନ କହିଲେ ଆମେ କ'ଣ ବୁଝୁ ?

ଉତ୍ତର : ପର୍ଯ୍ୟଟକ ମାନେ କୌଣସି ଏକ ପ୍ରାକୃତିକ ପରିବେଶକୁ ବୁଲିଯିବା, କିଛି ସମୟ ବା ଦିନ ପ୍ରକୃତି କୋଳରେ ବିତେଇବା ଓ ସେଥିରୁ କିଛି ଶିଖିବା, ସର୍ବୋପରି ପରିବେଶକୁ ଅନୁଭବ କରିବାକୁ ପରିବେଶ ପର୍ଯ୍ୟଟନ କୁହାଯାଏ ।

ପ୍ରଶ୍ନ ୨ : ପରିବେଶ ପର୍ଯ୍ୟଟନର ଉଦ୍ଦେଶ୍ୟ କ'ଣ ?

ଉତ୍ତର : ଜନସାଧାରଣଙ୍କୁ (ଟୁରିଷ୍ଟମାନଙ୍କୁ) ଜଙ୍ଗଲ ଓ ଜୀବଜନ୍ତୁଙ୍କ ସଂରକ୍ଷଣ ବିଷୟରେ ସଚେତନ କରାଇବା, ପ୍ରକୃତି ବିଷୟରେ ଜ୍ଞାନ ପ୍ରଦାନ କରିବା ଓ ସ୍ଥାନୀୟ ବାସିନ୍ଦା ମାନଙ୍କୁ ଏହା ମାଧ୍ୟମରେ କିଛି ଜୀବିକା ପ୍ରଦାନ କରିବା ହେଉଛି ପରିବେଶ ପର୍ଯ୍ୟଟନର ମୂଳ ଉଦ୍ଦେଶ୍ୟ ।

ପ୍ରଶ୍ନ ୩ : ପରିବେଶ ପର୍ଯ୍ୟଟନ, ସାଧାରଣ ପର୍ଯ୍ୟଟନ (Mass tourisim) ଠାରୁ କିପରି ଅଲଗା ?

ଉତ୍ତର : ଦୁଇଟିର ଉଦ୍ଦେଶ୍ୟରେ ଫରକ ଅଛି । ସାଧାରଣ ପର୍ଯ୍ୟଟନରେ ଲୋକମାନେ ଅବସର ବିନୋଦନ ପାଇଁ ଯାଇଥାନ୍ତି, ନିଜକୁ ଜଞ୍ଜାଳ ଭିତରୁ କିଛି ସମୟ ଦୂରେଇ ରଖିବାକୁ ଚାହିଁଥାନ୍ତି । ଏହି ଅବସରରେ ସେମାନେ ସୁରମ୍ୟ ହୋଟେଲ, ପାନ୍ଥନିବାସରେ ରହିବାକୁ ପସନ୍ଦ କରନ୍ତି । ଖରାଦିନେ Air Condition room ଖୋଜନ୍ତି, କୃତ୍ରିମ ଆଲୋକ ସଜ୍ଜା ପ୍ରତି ଆଗ୍ରହ ପ୍ରକାଶ କରନ୍ତି, ଖାଇବା ପିଇବା ଉନ୍ନମାନରେ ହେଉ ବୋଲି ମଧ୍ୟ ଆଶା ପୋଷଣ କରନ୍ତି, Lawn, garden ଫୁଲ ବଗିଚା ଭିତରେ ଖେଳିବା ବୁଲିବାକୁ ପ୍ରାଧାନ୍ୟ ଦେଇଥାନ୍ତି ।

କିନ୍ତୁ ପରିବେଶ ପର୍ଯ୍ୟଟନର ଲକ୍ଷ୍ୟ ସମ୍ପୂର୍ଣ୍ଣ ଅଲଗା । ଏଠି ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟରେ ଗାଡିରେ ହେଉ ବା ଚାଲି ଚାଲି ହେଉ ଅନେକ ଦୂର ବୁଲିବା ପାଇଁ ଆଗ୍ରହୀ ଥାନ୍ତି । ପ୍ରକୃତି ପ୍ରେମୀ ଓ ଜୀବଜନ୍ତୁ ପ୍ରେମୀ tourist ମାନେ ଉଚ୍ଚକୋଟିର ଖାଦ୍ୟ, ବିଳାସ ବ୍ୟସନ, ବିଶ୍ରାମାଗାର ପ୍ରତି ଆଗ୍ରହ ପ୍ରକାଶ ନକରି ପ୍ରକୃତି କୋଳରେ କେମିତି ବେଶୀ ସମୟ କଟେଇବେ ଚିନ୍ତା କରନ୍ତି । ସ୍ଥାନୀୟ ଦେଶୀ ଖାଦ୍ୟ ଖାଇବା ଓ ଟେଣ୍ଟ କିମ୍ବା ବାଉଁଶ ଘର କୁଡ଼ିଆରେ ରହିବାକୁ ପସନ୍ଦ କରନ୍ତି, ରାତିରେ ନିଆଁ ଜାଳି ବସିବାକୁ, କିରୋସିନ ଲଣ୍ଠନ ଜାଳି ରହିବାକୁ ଭଲପାଆନ୍ତି । ସ୍ଥାନୀୟ କୁଟୀର ଶିଳ୍ପ ସାମଗ୍ରୀ ବ୍ୟବହାର କରିବାକୁ, ଆଦିବାସୀଙ୍କ ସହିତ ମିଶିବାକୁ ଭଲ ପାଆନ୍ତି । ଏମାନଙ୍କୁ ବାସ୍ତବରେ କୁହାଯାଏ ପରିବେଶ ପର୍ଯ୍ୟଟକ । ପିକ୍‌ନିକ୍ ପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହି ବିଭାଗର ପର୍ଯ୍ୟଟନରେ ଗଣାଯିବେ ନାହିଁ ।

ପ୍ରଶ୍ନ ୪ : ପିକ୍‌ନିକ୍ ପାଇଁ ଆସୁଥିବା ପର୍ଯ୍ୟଟକଙ୍କୁ କାହିଁକି ପରିବେଶ ପର୍ଯ୍ୟଟକର ଆଖ୍ୟା ଦିଆଯିବ ନାହିଁ ?

ଉତ୍ତର : ପିକ୍‌ନିକ ପାଇଁ ଯେଉଁମାନେ ଆସନ୍ତି ସେମାନେ ଜଙ୍ଗଲ ବା ପ୍ରାକୃତିକ ପରିବେଶକୁ ଆସନ୍ତି ସତ, କିନ୍ତୁ କିଛି ଶିଖି ପାରନ୍ତି ନାହିଁ । ସେମାନେ ଦିନବେଳା ଗୋଟିଏ ସ୍ଥାନରେ ବସିଗଲେ, ରୋଷେଇ କଲେ, ତାସ୍ ଖେଳିଲେ, ଟେପ୍ ରେକର୍ଡ ଜୋରରେ ବଜାଇ ନାଚକଲେ, ଖାଇ ପିଇ ଫେରି ଆସିଲେ । ଏହାକୁ ଅବସର ବିନୋଦନ କାର୍ଯ୍ୟକ୍ରମ କୁହାଯିବ । ପରିବେଶ ପର୍ଯ୍ୟଟନରେ ପିକ୍‌ନିକ୍‌ର ସ୍ଥାନ ନାହିଁ ।

ପ୍ରଶ୍ନ ୫ : ଓଡ଼ିଶାରେ କେଉଁଠି ପରିବେଶ ପର୍ଯ୍ୟଟନ କାମ ଚାଲିଛି ?

ଉତ୍ତର : ଭାରତରେ କର୍ଣ୍ଣାଟକ, ଉତ୍ତରାଖଣ୍ଡ, କେରଳ ଆଦି ରାଜ୍ୟରେ ଏହି କାର୍ଯ୍ୟକ୍ରମ କେବେ ଠାରୁ ଆରମ୍ଭ ହୋଇ ସାରିଥିଲେ ମଧ୍ୟ ଓଡ଼ିଶାରେ ଦୁଇ ତିନି ବର୍ଷ ହେଲା ଏହା ଆରମ୍ଭ ହୋଇଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ସାତକୋଶିଆ ଅଭୟାରଣ୍ୟରେ ଟିକରପଡ଼ାରେ ୨୦୦୬-୦୭ରେ ଆରମ୍ଭ ହୋଇଛି । ଅନ୍ୟସ୍ଥାନ ଗୁଡିକ ହେଲା ସିମିଳିପାଳ ବାଘ ଅଭୟାରଣ୍ୟ, ଚନ୍ଦକା ଅଭୟାରଣ୍ୟ, ଭିତର କନିକା ଅଭୟାରଣ୍ୟ, ଦେବ୍ରିଗଡ଼ ଅଭୟାରଣ୍ୟ ଯେଉଁଠାରେ ଗତ ବର୍ଷ ଠାରୁ ପରିବେଶ ପର୍ଯ୍ୟଟନ ଆରମ୍ଭ ହୋଇଛି ।

ପ୍ରଶ୍ନ ୬ : ପରିବେଶ ପର୍ଯ୍ୟଟନରେ ଆପଣମାନେ କ'ଣ କ'ଣ ସବୁ କାର୍ଯ୍ୟକ୍ରମରେ ପର୍ଯ୍ୟଟକମାନଙ୍କୁ ବ୍ୟସ୍ତ ରଖନ୍ତି ?

ଉତ୍ତର : ପ୍ରଥମତଃ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ବା ଟାଇଗର ରିଜର୍ଭର ଜଙ୍ଗଲ ଅଞ୍ଚଳରେ ସୁନ୍ଦରତମ ସ୍ଥାନ ମାନ ବାଛି ସେଠାରେ Nature Campର ଆୟୋଜନ କରାଯାଇଥାଏ । ତମ୍ବୁ ବାଉଁଶ କିମ୍ବା ଚାଳ କୁଡିଆରେ ସେମାନଙ୍କୁ ରହିବାକୁ ଦିଆଯାଇଥାଏ । ସାଧାରଣ ଦେଶୀ ଖାଦ୍ୟକୁ ପରିଷ୍କାର ପରିଚ୍ଛନ୍ନ ପରିବେଶରେ ପରିବେଷଣ କରାଯାଇଥାଏ । ଦିନରେ Nature trial

ରେ ବୁଲେଇ ଗଛ ପତ୍ର, ଜୀବଜନ୍ତୁଙ୍କ ବିଷୟରେ ଜ୍ଞାନ ଦିଆଯାଏ । Jeep କିମ୍ବା Boat ରେ ବୁଲାଇ ପ୍ରକୃତି ସହିତ ପରିଚିତ କରାଯାଏ । ଜୀବଜନ୍ତୁ ଦେଖାଇବାର ସୁଯୋଗ ଦିଆଯାଏ । ଏପରିକି ଜଙ୍ଗଲ ପ୍ରହରାର ଅନୁଭୂତି ଦେବା ପାଇଁ ବନ କର୍ମଚାରୀଙ୍କ ସହିତ ପାଦରେ ଚାଲି ବୁଲିବାର / trekking ସୁଯୋଗ ଦିଆଯାଏ । ରାତିରେ ତମ୍ବୁ ବାହାରେ ନିଆଁ ଜାଳି ବସିରହି ବିଭିନ୍ନ ଜନ୍ତୁ ଓ ପକ୍ଷୀଙ୍କର ରାବକୁ ଶୁଣିବାକୁ ସୁଯୋଗ ଦିଆଯାଏ । ପର୍ଯ୍ୟଟକଟି ଘରକୁ ଫେରିଲା ବେଳେ ଯେମିତି ଅନେକ କଥା ଶିଖି ପାରିଥିବ ।

ପ୍ରଶ୍ନ ୭ : ପରିବେଶ ପର୍ଯ୍ୟଟନ ହେତୁ ସ୍ଥାନୀୟ ଲୋକମାନଙ୍କର କ'ଣ ଲାଭ ହୁଏ ?

ଉତ୍ତର : ପରିବେଶ ପର୍ଯ୍ୟଟନ କାର୍ଯ୍ୟକ୍ରମର ଅନ୍ୟଏକ ଲକ୍ଷ୍ୟ ହେଲା ସ୍ଥାନୀୟ ବାସିନ୍ଦାମାନଙ୍କୁ ଜୀବିକା ଯୋଗାଇ ଦେବା । ପର୍ଯ୍ୟଟକମାନେ ଆସିଲେ ସେମାନଙ୍କର ରହିବା, ଖାଇବା, ବୁଲିବା ଆଦି ସୁବିଧା କରେଇ ଦେବା, ସେମାନଙ୍କୁ ସେବା ଯୋଗାଇ ଦେବା, Eco Guide ହିସାବରେ ନେଇ ଜଙ୍ଗଲ ବୁଲାଇ ଆଣିବା, ଜଙ୍ଗଲର ବୃକ୍ଷଲତା ପଶୁପକ୍ଷୀଙ୍କ ଉପରେ କିଛି କଥା ଜଣାଇବା, ସାଙ୍ଗରେ ଧରି ଜଙ୍ଗଲ ରାସ୍ତାରେ, ପାହାଡ଼ ରାସ୍ତାରେ trekking ରେ ନେବା, ଗାଡ଼ି କିମ୍ବା ବୋଟ୍‌ରେ ବୁଲାଇ ନେବା, ସ୍ଥାନୀୟ କୁଟୀର ଶିଳ୍ପ ସାମଗ୍ରୀ ବିକ୍ରି କରିବା, ଆଦିବାସୀ ନୃତ୍ୟ ପରିବେଷଣ ଓ ସଂସ୍କୃତିକୁ ପ୍ରଦର୍ଶନ କରିବା ଆଦି କାର୍ଯ୍ୟକରି ପାରିଶ୍ରମିକ ନେଇ ସ୍ଥାନୀୟ ଲୋକମାନେ ଉପକୃତ ହୋଇଥାନ୍ତି ।

ପ୍ରଶ୍ନ ୮ : ପରିବେଶ ପର୍ଯ୍ୟଟନର ଉନ୍ନତି ହେଲେ ବନ ବିଭାଗ ଜଙ୍ଗଲ ଓ ଜୀବଜନ୍ତୁଙ୍କର କ'ଣ ଲାଭ ହୁଏ ?

ଉତ୍ତର : ଜଙ୍ଗଲ ବିଭାଗ ସବୁବେଳେ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ହିଁ ଏହି ପରିବେଶ ପର୍ଯ୍ୟଟନ କାର୍ଯ୍ୟକ୍ରମ ଚଳେଇ ଥାନ୍ତି । ଏଥିରୁ ଯାହା ଲାଭ ଆସେ ସମସ୍ତ ଲାଭ ସେହିମାନଙ୍କୁ ବି ଦିଆଯାଇଥାଏ । ଫଳରେ ସ୍ଥାନୀୟ ଲୋକମାନେ ଜାଣିଲେ ଯେ ଅଭୟାରଣ୍ୟ ଥିବା ହେତୁ ସେମାନଙ୍କର ଜୀବନ ବଞ୍ଚୁଛି, ଫଳରେ ସେମାନେ ବନ ବିଭାଗକୁ ସୁରକ୍ଷା ଓ ପରିଚାଳନା କାର୍ଯ୍ୟରେ ଅଂଶୀଦାର ଭଳି ସହଯୋଗ କରିଥାନ୍ତି । ବନ କର୍ମଚାରୀମାନଙ୍କ ସାଙ୍ଗରେ Patroling / ପ୍ରହରା ଦେବାକୁ ଯାଆନ୍ତି । ଗାଁ ଗହଳିରୁ ଶିକାରୀଙ୍କ ବିଷୟରେ, କାଠ ଚୋରଙ୍କ ବିଷୟରେ ଗୁପ୍ତ ଖବର ସଂଗ୍ରହ କରି ବନ ବିଭାଗକୁ ଦେଇଥାନ୍ତି । ଫଳରେ ଜଙ୍ଗଲ ସୁରକ୍ଷା ସହଜ ହୋଇଥାଏ । ପୁଣି ଗ୍ରାମବାସୀ ଓ ବନ ବିଭାଗ ମଧ୍ୟରେ ଥିବା ବୈରିଭାବ ଦୂର ହୋଇଥାଏ । ବନ ବିଭାଗ ଯାହା କହେ ସେମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ରହନ୍ତି ।

ପୁଣି ଜୀବିକା ପାଇଁ କାଠ ଚୋରୀ, ପଶୁ ଶୀକାର, ମାଛମରା ଇତ୍ୟାଦି କାର୍ଯ୍ୟରୁ ସେହି ଲୋକମାନେ ନିବୃତ୍ତ ରହନ୍ତି । କାରଣ ସେମାନେ ଯେଉଁ ପାରିଶ୍ରମିକ ପାଉଥିଲେ ତା'ଠାରୁ ଅଧିକା ମୂଲ୍ୟ ଏହି ପରିବେଶ ପର୍ଯ୍ୟଟନ ଯୋଗୁଁ ପାଇପାରୁଛନ୍ତି, ଯାହା ଫଳରେ ଜଙ୍ଗଲ ଉପରୁ ଚାପ ମଧ୍ୟ କମି ଯାଉଛି ।

ପ୍ରଶ୍ନ ୯ : ପରିବେଶ ପର୍ଯ୍ୟଟନ କେଉଁଠାରେ ସଫଳ ହୋଇଛି ଦୃଷ୍ଟାନ୍ତ ଦେଇ କହିବେ କି ?

ଉତ୍ତର : ହଁ, ସାତକୋଶିଆ ଅଭୟାରଣ୍ୟର ଆଦର୍ଶ ହେଲା ଏ କାର୍ଯ୍ୟକ୍ରମ ଚାଲିଛି ଓ ଏଥିରୁ ଅନେକ ସଫଳତା ମଧ୍ୟ ମିଳିଛି । ପ୍ରଥମେ ୨୦୦୬ ମସିହାରେ ସରକାର ନିଷ୍ପତ୍ତି ନେଲେ ଯେ ସାତକୋଶିଆ ଗଣ୍ଡରେ ମହାନଦୀର ବାଲି ପଠାରେ ଏକ Nature Camp ପାଇଁ, ସେ ଅନୁସାରେ ୧୦ଟି ତମ୍ବୁ ସ୍ଥାପନ କରାଗଲା ଓ ପରିଦର୍ଶକ ମାନଙ୍କର ନୌକା ବିହାର, ଖାଦ୍ୟପେୟ ଓ ଜଙ୍ଗଲ ଭ୍ରମଣ ଆଦିର ସୁଯୋଗ ସୃଷ୍ଟି କରାଗଲା । ସ୍ଥାନୀୟ ଟିକରପଡ଼ାର ବେକାର ଯୁବକ, ରାତ୍ରରେ ମାଛ ମାରୁଥିବା, ଜଙ୍ଗଲରୁ କାଠ କାଟୁଥିବା ଯୁବକମାନଙ୍କୁ ସଂଗଠିତ କରାଯାଇ ଏକ Society ଗଠନ କରାଗଲା ଯାହାର ନାମ ହେଲା ଟିକରପଡ଼ା ପରିବେଶ ପର୍ଯ୍ୟଟନ ସମିତି । ସେତେବେଳେ ବନବିଭାଗ ପ୍ରାୟ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି Nature Campଟି ସ୍ଥାପନା କରିଲେ, ପରିଚାଳନା ପାଇଁ ଏହି Society କୁ ଦାୟିତ୍ୱ ଦିଆଗଲା । ୨୦୦୬-୦୭ରେ ଏହି ସମିତିକୁ ୭୦,୦୦୦ ଟଙ୍କା ଲାଭ ମିଳିଥିଲା । କିନ୍ତୁ ୨୦୦୭-୦୮ରେ ଏମାନେ ପ୍ରାୟ ୩ଲକ୍ଷ ଟଙ୍କା ଲାଭ କଲେ । ଏଠି ପର୍ଯ୍ୟଟକଙ୍କ ଭିଡ ନଭେମ୍ବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ରୁହେ । ଏ ସମୟରେ ଗତ ବର୍ଷ ୭୫୦ ଜଣ ରାଜ୍ୟ ଭିତରୁ ଓ ୩୦୦ ଜଣ ରାଜ୍ୟ ବାହାରର ECO tourism ଏହି Nature Camp ରେ ରାତ୍ରି ଯାପନ କରିଥିଲେ । ୧୨୬୦ ଜଣ tourist ନୌକା ବିହାର କରି ମହାନଦୀ, ଘଣ୍ଟ ଜଙ୍ଗଲ କୁମ୍ଭୀର, କଇଁଛ, ବିଦେଶାଗତ ପକ୍ଷୀ, ବେଲେରା ମୂଷା ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ଦେଖିବା ସହିତ ସେମାନଙ୍କ ବିଷୟରେ ଓ ତାଙ୍କର ବାସସ୍ଥାନ ବିଷୟରେ ଜ୍ଞାନ ଆହରଣ କରିଥିଲେ । ଯିଏ ଥରେ ଆସିଛି ସେ ପରବର୍ଷ ମଧ୍ୟ ଆସୁଛି । YHAI ର ୨୦୦ member ଏଠି ପ୍ରତିବର୍ଷ

Nature camp, Jungle trekking ର ମଜା ନେଉଛନ୍ତି । ଏ ବର୍ଷ ମଧ୍ୟ Nature Camp ଆରମ୍ଭ ହୋଇ ସାରିଛି । ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି, ବର୍ତ୍ତମାନ ପରିବେଶ ପର୍ଯ୍ୟଟନ ପ୍ରତି ଲୋକଙ୍କର ଆଗ୍ରହ ବଢୁଥିବାର ଲକ୍ଷ୍ୟ କରାଯାଉଛି ।

ପ୍ରଶ୍ନ ୧୦ : ୨୦ଲକ୍ଷ ଖର୍ଚ୍ଚ କରି ବର୍ଷକୁ ମାତ୍ର ୩ଲକ୍ଷ ପାଇବା ଲାଭଦାୟକ ବ୍ୟବସାୟ କି ?

ଉତ୍ତର : ଏ କାର୍ଯ୍ୟ ସରକାରୀ ଉଦ୍ୟମରେ ହେଉଥିବାରୁ ବ୍ୟବସାୟୀକ ଦୃଷ୍ଟି କୋଣ ଅପେକ୍ଷା ଜନ ସଚେତନତାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ତେଣୁ ଟେଣ୍ଟର ଦର କମ୍ ରଖାଯାଉଛି । ଯେମିତି ସବୁ ଶ୍ରେଣୀର ଲୋକ ଆସିପାରିବେ । ବ୍ୟବସାୟ ହିସାବରେ କଲେ ଜଣକୁ ପ୍ରାୟ ୧୫୦୦ଟଙ୍କା ଦରରେ ଆଦାୟ କରିବାକୁ ହେବ । ବିଭିନ୍ନ ମାଧ୍ୟମରେ ବିଜ୍ଞାପନ ଦେବାକୁ ହେବ ।

ପ୍ରଶ୍ନ ୧୧ : ଚଳିତ ବର୍ଷ ସାତକୋଶିଆରେ ପରିବେଶ ପର୍ଯ୍ୟଟନର ଉନ୍ନତି ପାଇଁ କ'ଣ ସବୁ ବ୍ୟବସ୍ଥା କରିଛନ୍ତି ?

ଉତ୍ତର : ସାତକୋଶିଆର ଟିକରପଡ଼ା ଠାରେ ଏ ବର୍ଷ ଆମେ ଏକ Package programme ଆରମ୍ଭ କରିଛୁ । ପ୍ରତ୍ୟେକଦିନ ଦିନ ୧୧-୧୨ଟାରେ ପର୍ଯ୍ୟଟକମାନେ Nature Camp କୁ ଆସି ନିଜ ନିଜର reserve କରାଯାଇଥିବା tent ରେ ଜିନିଷ ପତ୍ର ରଖନ୍ତି । ପରେ ମଧ୍ୟାହ୍ନ ଭୋଜନ, ବିଶ୍ରାମ, ଅପରାହ୍ଣ ୩ଟାରେ ସମସ୍ତେ dinning tent ରେ ସମବେତ ହେଲା ପରେ ଚା'ପାନ ପରେ ନୌକା ବିହାର, କୁମ୍ଭୀର ବିଦେଶାଗତ ପକ୍ଷୀ ଇତ୍ୟାଦି ଜୀବଜନ୍ତୁଙ୍କ ଦର୍ଶନ ସାରି ସନ୍ଧ୍ୟାକୁ ଫେରନ୍ତି । Camp ସ୍ଥାନରେ Camp Fire କରାଯାଏ, ଦର୍ଶକମାନେ ନିଜ ନିଜ ଭିତରେ ଆଲୋଚନା କରୁଥିବା ସମୟରେ ରାତ୍ରୀର ନିରବତା ଓ ପଶୁ ପକ୍ଷୀଙ୍କର କଳରବ ଶୁଣିବାକୁ ପାଉଥାନ୍ତି । ରାତ୍ରି ଭୋଜନ ୯ଟାରେ ସମାପନ ହୁଏ । ରାତ୍ରୀ ବିଶ୍ରାମ ପରେ ଭୋର ୬ଟାରୁ ଚା'ପିଇ guide ଙ୍କ ସହାୟତାରେ Jungle Trekking ଓ Nature trial ରେ ଯାଇ ବୃକ୍ଷଲତା, ପଶୁପକ୍ଷୀଙ୍କ ଉପରେ ଅନେକ କଥା ଜାଣିବାକୁ ପାଆନ୍ତି । ରାମ ଗାଁ ନାକର ଦୃଶ୍ୟ ଉପଭୋଗ କରନ୍ତି । ପରେ tent କୁ ଫେରି ଗାଧୋଇ ପାଧୋଇ, ଜଳପାନ ପରେ ଦିନ ୧୦ଟାରେ tent ଛାଡନ୍ତି ।

ଜଣେ ପରିଦର୍ଶକ Nature Camp କୁ ଆସିବା ଠାରୁ ଯିବା ପର୍ଯ୍ୟନ୍ତ ତାଙ୍କୁ ବ୍ୟସ୍ତ ରଖିବା ଦାୟୀତ୍ୱ ହେଲା ଆମର ଲକ୍ଷ୍ୟ । ତାର ନିହାତି ଆବଶ୍ୟକ ସେବା ଯୋଗାଇଦେବା ଆମର କର୍ତ୍ତବ୍ୟ । ରହିବା, ଖାଇବା, Trekking, boating ଇତ୍ୟାଦି ସମସ୍ତ ସୁବିଧା ପାଇଁ ଜଣେ ପରିଦର୍ଶକ ମାତ୍ର ୫୫୦ ଟଙ୍କା ଗୋଟିଏ ଥର ଦେଇଥାଏ, ୫-୧୨ ବର୍ଷ ପିଲାଙ୍କୁ ଜଣକ ପିଛା ୩୫୦ଟଙ୍କା ଦେବାକୁ ପଡେ ଓ ୫ ବର୍ଷରୁ କମ୍ ପିଲାଙ୍କୁ ଛାଡ ।

ପ୍ରଶ୍ନ ୧୨ : Privately ଜଣେ ଚାହିଁଲେ ପରିବେଶ ପର୍ଯ୍ୟଟନ ଆୟୋଜନ କରି ପାରିବ କି ?

ଉତ୍ତର : ହଁ କରିପାରିବ । ସେମାନଙ୍କୁ tour operator କୁହାଯାଏ, ଯେଉଁମାନେ Eco tourisim ମାନଙ୍କୁ ବଡ ବଡ ସ୍ଥାନ ମାନଙ୍କରୁ ଗାଡ଼ିରେ ଆଣି ତାଙ୍କୁ ଅଭୟାରଣ୍ୟ ଭିତରେ ବୁଲେଇ, ଖୁଆଇ ପିଆଇ ନେଇ ପୁଣି ତାଙ୍କ ସ୍ଥାନରେ ଛାଡ଼ି ଦେଇ ଆସିବେ । ଦୁଇ ଦିନର Package ରେ ରାତି ରହିବା ପାଇଁ ଆମର Nature Camp କୁ ପୂର୍ବରୁ reserve କରିବେ । ଏମିତି ସୁବିଧା କଲେ touristଙ୍କ ସଂଖ୍ୟା ବଢ଼ିବା ସହିତ tour operator ମାନେ ମଧ୍ୟ ଭଲ ଲାଭ ପାଇ ପାରିବେ ।

ପ୍ରଶ୍ନ ୧୩: ଜଣେ ଚାହିଁଲେ ନିଜେ Nature Camp କରିପାରିବ କି ?

ଉତ୍ତର : ହଁ । ଅଭୟାରଣ୍ୟ ଭିତରେ ଓ ଚାରିପଟେ ବାସକରୁଥିବା ଗ୍ରାମବାସୀମାନେ ନିଜ ଉଦ୍ୟମରେ ମଧ୍ୟ Nature Camp ଆରମ୍ଭ କରି ପାରିବେ । ନିଜର record ଯାଗାରେ tent ପକାଇ ଘରଘର କୁଡ଼ିଆ ତିଆରି କରି tourist ମାନଙ୍କୁ ରହିବା ଖାଇବାର ସବୁ ବନ୍ଦୋବସ୍ତ କରିପାରିବେ । ନିଜେ Petrol, Jeep, Gypsy କିଣି ସେଥିରେ ସେମାନଙ୍କୁ ଅଭୟାରଣ୍ୟର Bufferzone ରେ ବୁଲେଇ ପାରିବେ । ସ୍ଥାନୀୟ ଲୋକଙ୍କୁ guide ଭାବେ ନେଇ ପାଦରେ ଚାଲି ଜଙ୍ଗଲ ବୁଲି ଜୀବଜନ୍ତୁ ଦେଖି ପାରିବେ । କିନ୍ତୁ ସେମାନେ ଧ୍ୟାନ ଦେବା ଦରକାର ଯେ ପରିବେଶ ଉପରେ କିଛି କୁପ୍ରଭାବ ପଡୁନି, ଜଙ୍ଗଲ ଆଇନ୍ ଭଙ୍ଗ ହେଉନି ଓ ସ୍ଥାନୀୟ ଲୋକମାନେ ଲାଭବାନ ହେଉଛନ୍ତି । ଲାଭଟଙ୍କା ବାହାରକୁ ଯାଉନାହିଁ ।

ପ୍ରଶ୍ନ ୧୪ : ବ୍ୟକ୍ତିଗତ ଜଣେ Nature Camp କଲେ ସରକାରୀ ପ୍ରୋତ୍ସାହନ କ'ଣ ଅଛି ?

ଉତ୍ତର : ବର୍ତ୍ତମାନ ଯାହା କିଛି ହେଉଛି ସିଧା ସଳଖ ସରକାର କରୁଛନ୍ତି । ବ୍ୟକ୍ତିଗତ ଭାବରେ କରିବା ପାଇଁ କୌଣସି ସରକାରୀ ପ୍ରୋତ୍ସାହନ ନାହିଁ । କିନ୍ତୁ କୌଣସି ଏକ ସ୍ଥାନୀୟ community, ଗୋଷ୍ଠୀ ଯଦି ଇଚ୍ଛା ପ୍ରକାଶ କରନ୍ତି, ତେବେ କିଛିକାଂଶରେ ସହାୟତା କରିହେବ ।

# ହାତୀ : ସଂରକ୍ଷଣ ନା ବିଲୋପ

ଅକ୍ଷୟ କୁମାର ପଟ୍ଟନାୟକ
ବନଖଣ୍ଡ ଅଧିକାରୀ, ଚନ୍ଦକା ବନ୍ୟଜୀବ ବନଖଣ୍ଡ

ସ୍ଥଳଭାଗରେ ବୃହତକାୟ ସ୍ତନ୍ୟପାୟୀ ଜୀବ ହାତୀ ଏଲିଫେଣ୍ଟିଡି ବଂଶର ଦୁଇଟି ଜାତି ଏଲିଫସ୍ ଓ ଲକ୍ସୋଡଣ୍ଟା । ହାତୀର ଦୁଇଟି ପ୍ରଜାତି ଆଫ୍ରିକୀୟ  ହାତୀ ଓ ଏସିଆ ହାତୀ ବର୍ତ୍ତମାନ ଜୀବିତ ଅଛନ୍ତି । ଏତଦ୍‌ବ୍ୟତୀତ ଏଲିଫେଣ୍ଟାଡ଼ି ବଂଶର ଅନ୍ୟ ସମସ୍ତ ଜାତି ଓ ପ୍ରଜାତି ନିଶ୍ଚିହ୍ନ ହୋଇଯାଇଛନ୍ତି । ଏସୀୟ ହାତୀ ର ବୈଜ୍ଞାନିକ ନାମ ଏଲିଫସ୍ ମାକ୍ସିମସ୍ ଅନ୍ୟପକ୍ଷରେ ଆଫ୍ରିକୀୟ ହାତୀର ନାମ ଲକ୍ସୋଡଣ୍ଟା ଆଫ୍ରିକାନା । ଏସୀୟ ହାତୀ ଓଜନ ଓ ଉଚ୍ଚତାରେ ଆଫ୍ରିକୀୟ ହାତୀଠାରୁ କମ୍ । ଆଫ୍ରିକୀୟ ହାତୀର କାନ ବୃହତ୍ତର ଓ ସୁଦୃଶ୍ୟ ହୋଇଥାଏ । ଏସୀୟ ହାତୀ ବିଭିନ୍ନ ଅଞ୍ଚଳରେ ଦେଖାଯାଆନ୍ତି ଯଥା : ଭାରତୀୟ ଉପମହାଦେଶର ଭାରତ, ନେପାଳ, ଭୁଟାନ ଏବଂ ବାଂଲାଦେଶ, ଦକ୍ଷିଣ ପୂର୍ବ ଏସିଆର ଚୀନ, ବର୍ମା, ଥାଇଲାଣ୍ଡ, କାମ୍ବୋଡିଆ, ଲାଓସ୍, ଭିଏତନାମ ଏବଂ ମାଲେସିଆ, ଏସିଆ ଦ୍ୱୀପପୁଞ୍ଜର ଭାରତର ଆଣ୍ଡାମାନ ଦ୍ୱୀପ, ଶ୍ରୀଲଙ୍କା, ଇଣ୍ଡୋନେସିଆର ସୁମାତ୍ରା ଏବଂ ମାଲେସିଆର ବର୍ଣ୍ଣିଓ ଦ୍ୱୀପ ।

ଓଡ଼ିଶାରେ ହାତୀ ସଂସ୍କୃତି ଓ ପରମ୍ପରା ସହିତ ଅଙ୍ଗାଅଙ୍ଗୀଭାବେ ଜଡ଼ିତ । ଖ୍ରୀଷ୍ଟପୂର୍ବ ୩୦୦ରେ ରଚିତ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଓଡ଼ିଶାର ହାତୀ ସମ୍ପର୍କରେ ବର୍ଣ୍ଣନା ରହିଛି । ଖ୍ରୀଷ୍ଟପୂର୍ବ ୪୦୦ର ଧଉଳି ଶିଳାଲିପିରେ ହାତୀ ପ୍ରତିମୂର୍ତ୍ତି ଏହାର ଗୌରବଗାନ କରେ । ଖଣ୍ଡଗିରି ଏବଂ ଉଦୟଗିରିର ଗୁମ୍ଫା ଏବଂ ସୂର୍ଯ୍ୟମନ୍ଦିରର ପଥର ଗାତ୍ରରେ ହଜାର ହଜାର ହାତୀ ପଥରରେ ଖୋଦିତ ହୋଇଛନ୍ତି । ଓଡ଼ିଶାର ରାଜା ଗଜପତି ରୂପେ ସୁପରିଚିତ । ଗଙ୍ଗବଂଶ (୧୦୭୮–୧୧୫୬)ର ପ୍ରତିଷ୍ଠାତା ଚୋଡ଼ଗଙ୍ଗ ଦେବ ୯୧୦୦୦ ହାତୀ ରଖିଥିବା କିମ୍ବଦନ୍ତି ଶୁଣାଯାଏ । ଖେଦା ଓ ଖାତ ଦ୍ୱାରା ମୟୂରଭଞ୍ଜ, ବୌଦ୍ଧ, ଦେବଗଡ଼, ଆଠମଲ୍ଲିକ, ଅନୁଗୋଳ, ରେଢ଼ାଖୋଲ ପ୍ରଭୃତି ଅଞ୍ଚଳରେ ସ୍ୱାଧୀନତା ପର୍ଯ୍ୟନ୍ତ ହାତୀ ଧରାଯାଉଥିବାର ପ୍ରମାଣ ମିଳିଥାଏ ।

ହାତୀ ପୃଥିବୀର ସ୍ଥଳ ଭାଗରେ ଦେଖାଯାଉଥିବା ସର୍ବବୃହତ ସ୍ତନ୍ୟପାୟୀ ପ୍ରାଣୀ । ଏସୀୟ ପୁରୁଷ ହାତୀର ବଡ଼ଦାନ୍ତ ରହିଥାଏ । ଅନ୍ୟ ପକ୍ଷରେ ମାଈ ହାତୀର ଛୋଟ ଦାନ୍ତ ଥାଏ । ଦାନ୍ତ ନ ଥିବା ପୁରୁଷ ହାତୀକୁ 'ମାଖନା' କୁହାଯାଇଥାଏ । ହାତୀର ଶ୍ୱାନଦନ୍ତ ପରିବର୍ତ୍ତିତ ହୋଇ ବଡ଼ ଦାନ୍ତର ରୂପ ନେଇଥାଏ ଏବଂ ନାକ ପ୍ରଲମ୍ବିତ ହୋଇ ଶୁଣ୍ଢର ରୂପ ଗ୍ରହଣ କରିଥାଏ । ଯାହାକି ନିଶ୍ୱାସ ନେବା ଆଣିବା ଓ ପାଣି ପିଇବା ଓ ବିଭିନ୍ନ ବସ୍ତୁ ଉଠାଇବାରେ ସାହାଯ୍ୟ କରିଥାଏ । କାନ ବହୁତ ବଡ଼ ଏବଂ ଶରୀରକୁ ଥଣ୍ଡା କରିବାରେ ସାହାଯ୍ୟ କରିଥାଏ । ହାତୀର ଆଘ୍ରାଣ ଏବଂ ଶ୍ରବଣ ଶକ୍ତି ପ୍ରଖର ଥିବାବେଳେ ଦୃଷ୍ଟି ଶକ୍ତି ଦୁର୍ବଳ । ହାତୀ ମୁଖ୍ୟତଃ ଗଛର ପତ୍ର, ଡାଳ ମୂଳ, କାଣ୍ଡ, ବକଳ ସହିତ ବୁଦା ଏବଂ ଘାସ ଖାଦ୍ୟ ରୂପେ ଗ୍ରହଣ କରିଥାଏ । ସେମାନେ ଦିବାଚର ଏବଂ ହାତୀପଲରେ ରହିବାକୁ ଭଲ ପାଆନ୍ତି । ଦନ୍ତାହାତୀ ଏକାକୀ ବୁଲିବାକୁ ଭଲପାଏ ଏବଂ ମସ୍ତ ସମୟରେ ଦଳରେ ଯୋଗଦିଏ । ସାଧାରଣତଃ ହାତୀପଲ ମାତୃକୈନ୍ଦ୍ରିକ ସମାଜରେ ରହିବାକୁ ଭଲପାଆନ୍ତି । ସେମାନେ ପାର୍ବତୀୟ, ଖାଲଢିପ, ଜଙ୍ଗଲ ଅଞ୍ଚଳ, ବୁଦା ଜଙ୍ଗଲ, ଛୋଟ ଛୋଟ ଗଛ ଥିବା ତୃଣଭୂମି ଅଞ୍ଚଳରେ ବୁଲିବାକୁ ପସନ୍ଦ କରିଥାନ୍ତି । ହାତୀର ହାରାହାରି ଉଚ୍ଚତା ୨୪୫ ରୁ ୨୭୫ ସେଣ୍ଟିମିଟର । ଅଣ୍ଡିରା ହାତୀର ହାରାହାରି ଓଜନ ୪୦୦୦କେଜିରୁ ୫୦୦୦କେଜି ଥିବାବେଳେ ମାଈହାତୀର ଓଜନ ୨୦୦୦ ରୁ ୩୦୦୦ କେଜି ମଧ୍ୟରେ । ମାଈହାତୀ ଅଣ୍ଡିରା ହାତୀ ତୁଳନାରେ ଛୋଟ । ୧୫ ବର୍ଷ ବୟସରେ ସେମାନେ ଯୌବନ ପ୍ରାପ୍ତି ହୁଅନ୍ତି ଏବଂ ହାରାହାରି ୬୦ରୁ ୮୦ବର୍ଷ ବଞ୍ଚନ୍ତି । ମାଈ ହାତୀ ସାଧାରଣତଃ ତାର ୨୦ ମାସ ଗର୍ଭ ସମୟ ପରେ ଗୋଟିଏ ଛୁଆ ଜନ୍ମ କରିଥାଏ । ତାଙ୍କର ମିଳନ ବର୍ଷସାରା ହୋଇଥାଏ ଏବଂ ଗ୍ରୀଷ୍ମ ସମୟରେ ସର୍ବାଧିକ ହୋଇଥାଏ ।

ଏକ ପ୍ରାପ୍ତବୟସ୍କ ହାତୀ ଦୈନିକ ୨୦୦ରୁ ୨୫୦କି.ଗ୍ରା ପତ୍ର, ଡାଳ, ଘାସ ଖାଇଥାଏ ଏବଂ ୨୦୦ ଲିଟର ପାଣି ପିଇଥାଏ । ଏହା ଦୈନିକ ୧୬ ରୁ ୧୮ ଘଣ୍ଟା ନିଜର ଆହାର ଖୋଜିବାରେ ବିତାଇଥାଏ । ତା' ଖାଦ୍ୟରେ ପ୍ରାୟତଃ ୫୦ରୁ ଅଧିକ ପ୍ରକାରର ଉଦ୍ଭିଦ ଅନ୍ତର୍ଭୁକ୍ତ ହୋଇଥାଏ । ହାତୀ ଖାଦ୍ୟ ଓ ଜଳର ଅନ୍ୱେଷଣରେ ସର୍ବାଧିକ ଅଞ୍ଚଳ ବୁଲିଥାଏ । ଦୈନନ୍ଦିନ ଏକ ପଲ ହାତୀ ପ୍ରାୟ ୧୦ ବର୍ଗ କିଲୋମିଟର ଅଞ୍ଚଳ ବୁଲିଥାନ୍ତି । ଏକାକୀ ଅଣ୍ଡିରା ହାତୀ ପ୍ରାୟ ୧୫୦ ବର୍ଗ କିଲୋମିଟର ଅଞ୍ଚଳ ଅତିକ୍ରମ କରିଥାଏ । କଥାରେ ଅଛି ହାତୀ କୌଣସି କଥାକୁ ଭୁଲେ ନାହିଁ, ଏହା ନିଚ୍ଛକ ଭାବେ ସତ୍ୟ । ବନ୍ୟ ହାତୀମାନେ ଅନ୍ୟ ହାତୀ ସହିତ ତାଙ୍କ ସମ୍ପର୍କକୁ ସବୁଦିନ ପାଇଁ ସ୍ମରଣରେ ରଖିଥାନ୍ତି । ହାତୀର ସ୍ମୃତିକୋଷ ବୃହତ ଥିବାରୁ ଉପରୋକ୍ତ ଧାରଣା ଠିକ୍ ବୋଲି ପ୍ରମାଣିତ ହୁଏ । ବିଭିନ୍ନ ଅଞ୍ଚଳର ହାତୀପଲ ଏବଂ ଏକାକୀ ଅଣ୍ଡିରା ହାତୀମାନଙ୍କ ସମିଶ୍ରଣ ଫଳରେ ହାତୀର ଆନୁବଂଶିକ ଧାରା ବୃଦ୍ଧିଲାଭ ହୋଇଥାଏ । ହାତୀବଂଶ ପ୍ରତି ସବୁଠାରୁ ବଡ଼ ବିପଦ ଶିକାର, ବାସଭୂମି ନଷ୍ଟ ଏବଂ ହାତୀ ମଣିଷ ବିବାଦ । ଏସୀୟ ହାତୀକୁ ବନ୍ୟଜୀବନ (ସଂରକ୍ଷଣ) ଆଇନ, ୧୯୭୨ରେ ତଫସିଲ–୧ରେ ସଂରକ୍ଷିତ କରାଯାଇଛି ଏବଂ ଆଇ ୟୁ ସି ଏନ୍‌ର ରେଡ୍ ଡାଟା ବୁକ୍‌ରେ 'ଏନଡେଞ୍ଜର୍ଡ' ପଶୁ ରୂପେ ତାଲିକାଭୁକ୍ତ କରାଯାଇଛି ।

ହାତୀ ଖାଦ୍ୟ ଓ ପାନୀୟ ପାଇଁ ଅଧିକ ଅଞ୍ଚଳ ବୁଲିଥାଏ । ଏହା ତାଙ୍କର ବଂଶଗତ ପ୍ରବୃତ୍ତି । ତାଙ୍କର ଗତି ଋତୁ ଏବଂ ପାଣିପାଗ ଅନୁସାରେ ନିୟନ୍ତ୍ରିତ ହୋଇଥାଏ । ଗୋଟିଏ ହାତୀ ଅତିକ୍ରମ କରୁଥିବା ଦୂରତା ଏବଂ ଅଞ୍ଚଳ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ହୋଇଥାଏ ।

ଯାହାକି ବର୍ଷା ଏବଂ ଜଙ୍ଗଲର ଘନତା ଉପରେ ନିର୍ଭର କରେ । ଗ୍ରୀଷ୍ମଋତୁରେ ହାତୀମାନେ ମୁଖ୍ୟତଃ ଜଳାଶୟ ତଥା ନଦୀ ଉପତ୍ୟକା ଓ ସନ୍ତସନ୍ତିଆ ଅଞ୍ଚଳରେ ଦେଖାଯାଆନ୍ତି । ବର୍ଷା ସମୟରେ ଜଳର ବହଳତା ଯୋଗୁ ହାତୀମାନେ ବ୍ୟାପକ ଅଞ୍ଚଳ ଗତାଗତ କରିଥାନ୍ତି । ହାତୀମାନଙ୍କ ଚଳ ପ୍ରଚଳକୁ ମୁଖ୍ୟତଃ ମାଇଗ୍ରେସନ କୁହାଯାଇଥାଏ । ଯୁବାହାତୀ ବିଭିନ୍ନ ସ୍ଥାନକୁ ଚଳପ୍ରଚଳର ପଥ ଏବଂ ସ୍ଥାନ ସମ୍ପର୍କରେ ବଂଶ ପରମ୍ପରା କ୍ରମରେ ଜ୍ଞାନ ଅର୍ଜନ କରିଥାନ୍ତି । ହାତୀମାନେ ତାଙ୍କର ଋତୁକାଳୀନ ଖାଦ୍ୟ ଅଞ୍ଚଳ ପ୍ରତି ସୁଦୃଢ଼ ଆନୁଗତ୍ୟ ପ୍ରକାଶ କରିଥାନ୍ତି । ତେଣୁ ସେମାନେ ଗୋଟିଏ ଅଞ୍ଚଳକୁ ପ୍ରତିବର୍ଷ ଆସୁଥିବାରୁ ଦେଖାଯାଇଥାନ୍ତି । ସଂପ୍ରତି ହାତୀର ବାସଭୂମି ବିଭିନ୍ନ କାରଣ ତଥା ମାନବକୃତି ଯୋଗୁ କମିବାରେ ଲାଗିଛି ।

କୃଷି, ବାସଗୃହ, ରାସ୍ତା, ନଦୀବନ୍ଧ, କେନାଲ, ଜଳଭଣ୍ଡାର, ଖଣି, ରେଳପଥ, ସହର ଏବଂ ଶିଳ୍ପାଞ୍ଚଳ ବୃଦ୍ଧି ଯୋଗୁ ହାତୀର ବାସଭୂମି ବିନଷ୍ଟ ହେବାରେ ଲାଗିଛି । ଗ୍ରାମବାସୀଙ୍କ ଦ୍ୱାରା ଅଗ୍ନିଆର ଓ ଉପରୋକ୍ତ କାରଣ ଯୋଗୁ ହାତୀର ବାସଭୂମି ପରିବର୍ତ୍ତିତ ହୋଇ ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇଛି । ଫଳତଃ ହାତୀମାନେ ସ୍ୱେଚ୍ଛାକୃତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାରେ ବାଧାପ୍ରାପ୍ତ ହୋଇ ଛୋଟ ଅଞ୍ଚଳରେ ରହିବାକୁ ବାଧ ହେଉଛନ୍ତି । ଜଙ୍ଗଲ ଅଞ୍ଚଳ ଦିନକୁ ଦିନ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ପୂର୍ବରୁ ଥିବା ବାସଭୂମିର ଯୋଗସୂତ୍ର ବର୍ତ୍ତମାନ ଗଛକଟା, ଚାରଣ ଏବଂ ଜଙ୍ଗଲ ନିଆଁ ଯୋଗୁ ନଷ୍ଟ ହେବାରେ ଲାଗିଛି । ହାତୀର ଖାଦ୍ୟ ମଧ୍ୟ କମିବାରେ ଲାଗିଛି । ଜଙ୍ଗଲ ଭିତରେ ଲୋକଙ୍କ ପ୍ରବେଶ ଯୋଗୁ ହାତୀ ଭୟଭୀତ ହେଉଛି । ହାତୀ ଶାନ୍ତିରେ ପାଣି ପିଇ ପାରୁ ନାହିଁ କାରଣ ଗ୍ରାମବାସୀଙ୍କ ଗାଈଗୋରୁ ପାଣିକୁ କାବୁଅ କରୁଛନ୍ତି । ହାତୀମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାବେଳେ ବାଧ ହୋଇ ଶସ୍ୟକ୍ଷେତ୍ରୁ ଏବଂ ମଣିଷ ବସ୍ତି ଦେଇ ଗତି କରୁଛନ୍ତି । ତାଙ୍କର ସୀମିତ ବାସଭୂମି ଚାରିପଟେ ଶସ୍ୟକ୍ଷେତ୍ର ଗଢ଼ି ଉଠିଥିବାରୁ ସେମାନେ ବାଧ ହୋଇ ସେହି ଅଂଚଳରେ ଯାଉଛନ୍ତି ।

ହାତୀର ସମସ୍ୟା ମଣିଷକୃତ । ସଂପ୍ରତିକ ପରିସ୍ଥିତିରେ ହାତୀର ସମସ୍ୟା ଉତ୍କଟ ହୋଇଉଠିଛି ଏବଂ ଏହି ବୃହତକାୟ ଜୀବକୁ ପୃଥିବୀରେ ସୁରକ୍ଷିତ କରି ରଖିବାର ଆବଶ୍ୟକତା ସୃଷ୍ଟି ହୋଇଛି । ବନବିଭାଗ, ବିଭିନ୍ନ ସଂସ୍ଥା ସହିତ ଜନସାଧାରଣ ଯେଉଁମାନେ କି ହାତୀର ବାସଭୂମିକୁ ବ୍ୟବହାର କରୁଛନ୍ତି ସେମାନେ ଏହି ସମସ୍ୟାର ସମାଧାନ ପାଇଁ ଆଗଭର ହେବା ଉଚିତ । ଏହି ଜୀବ ପ୍ରତି ଆମର ଅଶେଷ ସମ୍ମାନ ଓ ଶ୍ରଦ୍ଧା ଥିବାରୁ ଏହା ଏପର୍ଯ୍ୟନ୍ତ ପୃଥିବୀରେ ବଞ୍ଚି ରହିଅଛି । ଆମେ ଯଦିଓ ହାତୀ ଦ୍ୱାରା ନଷ୍ଟ ହୋଇଥିବା ଶସ୍ୟକୁ ଗୁରୁତ୍ୱ ଦେଉଛେ ତଥାପି ମଣିଷ ଦ୍ୱାରା ହାତୀ ପ୍ରତି ହୋଇଥିବା ଅନ୍ୟାୟ ପ୍ରତି ଆଖିବୁଜି ଦେଉଛେ । ସେ ଯାହା ହେଉ ହାତୀର ବିଲୋପ ସାଧନ ଆମେ ଚାହୁଁନା । ହାତୀ ପ୍ରତି ଦୟା ଓ ଧୈର୍ଯ୍ୟ ପ୍ରଦର୍ଶନ କରି ଏହି ସୁନ୍ଦରତମ ପ୍ରାଣୀର ସୁରକ୍ଷା ଆମର କାମ୍ୟ ହେବା ଉଚିତ । ହାତୀ ପ୍ରତି ହେଉଥିବା ବିପଦ ଏବଂ ଅସୁବିଧା ପରିସ୍ଥିତିର ମୁକାବିଲା କରି ହାତୀ ସଂରକ୍ଷଣ ପାଇଁ ବଦ୍ଧପରିକର ହେବା ଆମର କର୍ତ୍ତବ୍ୟ । ସୃଷ୍ଟିର ଏହି ସୌନ୍ଦର୍ଯ୍ୟମୟ ଜୀବକୁ ସୁରକ୍ଷା ଦେବା ପାଇଁ ହାତୀର ବାସଭୂମି ଏବଂ ଚଳପ୍ରଚଳ ପଥକୁ ବିପଦମୁକ୍ତ ଏବଂ ସୁରକ୍ଷିତ କରିବା ସର୍ବାଦୌ ବିଧେୟ ।

### ବନ୍ୟ ଜନ୍ତୁଙ୍କ କରୁଣ ଚିତ୍କାର

ଆମର ଆହାର ଆଉ ଆଶ୍ରୟ ତମେ କରିଅଛ ଧ୍ୱଂସ !
ପେଟର ଜ୍ୱାଳା ଆଉ ରୌଦ୍ରର ପ୍ରକୋପ,
ଅସହ୍ୟରୁ ଅସହ୍ୟ ହୁଅଇ ।
ଟୋପାଏ ପାଣି ଆଉ ମୁଠାଏ ଘାସ ପାଇଁ
ଆମେ କରୁ ହା ହା କାର ।
ଜୀବନ ଧାରଣ ପାଇଁ, ତୁମ ଶସ୍ୟ କ୍ଷେତ୍ରେ
ଆମେ ଅବା ପଶୁ କେବେ କେବେ,
ବିନାଶ କରୁଛ ତୁମେ ଗଜରାଜ ବଂଶ,
ନାନା କଉଶଳେ ।
ଆମକୁ ବିନାଶ କରି ତୁମେ କେଭେ,
ପାଇବନି ସୁଖ, ପାଇବନି ସୁଖ ।
ଏହି କଥା ଶିଖ ତୁମେ -
"ହାତୀର ମରଣ ଅଶୁଭ ଲକ୍ଷଣ
ସମସ୍ତେ ବଞ୍ଚିବା, ସମସ୍ତେ ବଢ଼ିବା,
ବଞ୍ଚାଇଲେ ବଞ୍ଚିବା
ଏହା ତ ସୃଷ୍ଟିର ନିୟମ ।"

ଅନ୍ତର୍ଯ୍ୟାମୀ ସାହୁ (ଗଛ ସାର୍), କଣ୍ଟିଲୋ, ନୟାଗଡ



# ଜଙ୍ଗଲ ଓ ଶିଳ୍ପାୟନ

ସୁଦର୍ଶନ ବେହେରା
ବନଖଣ୍ଡ ଅଧିକାରୀ, ଆଠଗଡ

ଜଙ୍ଗଲ କ'ଣ ଯଦିଓ ଭାରତ ସରକାରଙ୍କ ଦ୍ୱାରା ଏହାର ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପଣ କରାଯାଇ ପାରିନାହିଁ ତଥାପି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା (Food Agricultural Organization)ଙ୍କ ମତରେ ଯେଉଁଠାରେ ଅଧ ହେକ୍ଟରରୁ ଅଧିକ ସ୍ଥାନ ଛିଟା ହୋଇଥିବା ବୃକ୍ଷରାଜି ଦ୍ୱାରା ଶୋଭା ପାଉଥିବ ଓ ଉକ୍ତ ବୃକ୍ଷ ରାଜିଙ୍କ ଦ୍ୱାରା ଅତିକମ୍‌ରେ ଉକ୍ତ ସ୍ଥାନର ଶତକଡ଼ା ୧୦ ଭାଗ ଅଂଶ ବୃକ୍ଷର ଶାଖା ମାନଙ୍କ ଦ୍ୱାରା ଆବୃତଥିବ ତାହାକୁ ଜଙ୍ଗଲ କୁହାଯିବ। ଏହି ଦୃଷ୍ଟିରୁ ବିଚାର କଲେ ଜଙ୍ଗଲ କ'ଣ ତାହା ସ୍ପଷ୍ଟ ଭାବରେ ଜଣା। ଏହାର ଆବଶ୍ୟକତା ଉପାଦେୟତା ସମସ୍ତଙ୍କୁ ଜଣା।

ଅପରପକ୍ଷରେ ଶିଳ୍ପାୟନ ହେଉଛି, ଶିଳ୍ପ ପ୍ରତିଷ୍ଠାର ମାର୍ଗ। ଏହା ପୃଥିବୀକୁ ପରିବର୍ତ୍ତନ କରିପାରୁଥିବା ସର୍ବବୃହତ୍ ପ୍ରକ୍ରିୟା। ଏହି ଶିଳ୍ପାୟନ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ଅଥବା ବୃହତ୍ ଶିଳ୍ପ ପ୍ରତିଷ୍ଠା ମାନ ହୋଇପାରେ। ସରକାରୀ, ଅର୍ଦ୍ଧ ସରକାରୀ ବା ବେସରକାରୀ ହୋଇପାରେ। ଏଠାରେ ପ୍ରଶ୍ନଉଠେ ଯେ - ଏହି ଶିଳ୍ପାୟନ ପ୍ରକ୍ରିୟା କିଭଳି ଭାବେ ଆମ ଜଙ୍ଗଲ ଉପରେ ପ୍ରଭାବ ପକାଇ ପାରୁଛି। ଏଭଳି କହିବାର ତାତ୍ପର୍ଯ୍ୟ ଏହି ଯେ ଜଙ୍ଗଲ ବା ଜଙ୍ଗଲର ସ୍ଥିତି ମାନବ ସମାଜ ଜାତିକି, ସମସ୍ତ ଜୀବଜଗତ ପାଇଁ କିପରି ଅତ୍ୟାବଶ୍ୟକ ତାହା ଆଲୋଚନା କରିବା ଅନାବଶ୍ୟକ, କାରଣ ଆଜିକାଲିର ସଚେତନ ନାଗରିକ ମାନେ ଅର୍ଥାତ୍ ଗାଁ ଗହଳିରେ ଥିବା ଜଙ୍ଗଲ ନିକଟବର୍ତ୍ତୀ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ନାଗରିକ ମାନଙ୍କ ଠାରୁ ଆରମ୍ଭକରି ବନବାସୀ ପର୍ଯ୍ୟନ୍ତ ଏହାର ମହତ୍ତ୍ୱ ଜାଣି ସାରିଲେଣି। ସେଥିପାଇଁ ସରକାରଙ୍କ ଆହ୍ୱାନ କ୍ରମେ ଅବୈତନିକ ଭାବେ ବନ ସୁରକ୍ଷା ସମିତି ମାନ ଗଠନ କରି ଜଙ୍ଗଲ ସୁରକ୍ଷା ପାଇଁ ଚେଷ୍ଟା କରିଛନ୍ତି। ପ୍ରଶ୍ନ ଉଠେ ଯେ - ସରକାରୀ ବା ବେସରକାରୀ ଶିଳ୍ପ ସଂସ୍ଥାମାନ ପ୍ରାୟ ଜଙ୍ଗଲ ଜମି ଉପରେ ଗଢ଼ି ଉଠୁଛି। ଏଥିପାଇଁ ଆମ ଦେଶର ଅମୂଲ୍ୟ ଜଙ୍ଗଲ ସଂପଦର ବ୍ୟାପକ କ୍ଷତି ଘଟୁଛି।

ତେବେ ଆଲୋଚନା କରିବା ଯେ- ଶିଳ୍ପାୟନ ଦ୍ୱାରା ଆମର ଅର୍ଥନୈତିକ ପ୍ରଗତି କିଭଳି ଭାବେ ହୋଇପାରୁଛି, ତାଦ୍ୱାରା ଜଙ୍ଗଲ କ୍ଷୟ ଆମର କି କ୍ଷତି କରୁଛି। ଶିଳ୍ପାୟନ ଓ ଜଙ୍ଗଲ କ୍ଷୟ ଏହି ୨ଟି ପ୍ରକ୍ରିୟା ଉପରେ ଆମର କେତେ ଲାଭ ବା କ୍ଷତି ବା ପରସ୍ପର ମଧ୍ୟରେ କେତେ ଓ କିପରି ସମନ୍ୱୟ ରକ୍ଷା କରାଯାଇ ପାରୁଛି। ପ୍ରଥମେ ଶିଳ୍ପାୟନ କଥା ବିଚାର କରିବା - ଶିଳ୍ପାୟନ କାହିଁକି ଆଲୋଚନା କରିବା। କୌଣସି ଦେଶର ଅର୍ଥନୈତିକ ପ୍ରଗତି ପାଇଁ ଓ ମୁଣ୍ଡ ପିଛା ଆୟର ବୃଦ୍ଧି ପାଇଁ ଶିଳ୍ପାୟନ ନିହାତି ଜରୁରୀ। ଏହା ସରକାରୀ, ଅର୍ଦ୍ଧ ସରକାରୀ ବା ବେ-ସରକାରୀ ହୋଇପାରେ, କିନ୍ତୁ ଶିଳ୍ପାୟନ କ୍ଷେତ୍ରରୁ ଏହା ଜଣାପଡ଼େ ଯେ, କୌଣସି ଦେଶର ମୁଣ୍ଡ ପିଛା ଆୟ ସହିତ ଶିଳ୍ପର ବିକାଶର ସିଧା ସଳଖ ସମ୍ବନ୍ଧ ରହିଅଛି। ଯଥା - ଜାପାନରେ ଶିଳ୍ପାୟନର ଅଭିବୃଦ୍ଧିରେ ସ୍ଥୂଳ ଘରୋଇ ଅଭିବୃଦ୍ଧିର ପରିମାଣ ୩୦% ଥିଲାବେଳେ, ବ୍ରିଟେନ୍ ରେ ୩୨%, ଆମେରିକାରେ ୨୨% ଓ ଭାରତରେ ୨୨%। ଏଠାରେ କହିବା ଯୋଗ୍ୟ ଯେ, ଭାରତକୁ ବ୍ରିଟିସମାନେ ଆସିବା ପୂର୍ବରୁ ତତ୍କାଳୀନ ଶିଳ୍ପ କ୍ଷେତ୍ରରେ ଭାରତ ଏକ ଅଗ୍ରିମ ଦେଶ ହିସାବରେ ପରିଗଣିତ ହେଉଥିଲା। ନିଜ ଦେଶର ଉତ୍ପାଦ ସାମଗ୍ରୀକୁ ବାହାର ଦେଶକୁ ମଧ୍ୟ ରପ୍ତାନୀ କରିପାରୁଥିଲା।

ଭାରତ ସ୍ୱାଧୀନତା ବେଳକୁ ଏହାର ଶିଳ୍ପ କ୍ଷେତ୍ର କେତେକ ସୂତାକଳ, ଝୋଟକଳ, ଚିନିକଳ ଓ ସିମେଣ୍ଟ କଳ ମଧ୍ୟରେ ସିମୀତ ରହିଲା।

କୌଣସି ଦେଶ ପାଇଁ ନିଜ ଦେଶର ଅତ୍ୟାବଶ୍ୟକ ସାମଗ୍ରୀ ନିର୍ମାଣ କରି ଦେଶବାସୀଙ୍କୁ ଯୋଗାଇ ଦେବା ଉଚିତ୍। ଯଥା ଖାଦ୍ୟ ସାମଗ୍ରୀ, ପୋଷାକ, ଔଷଧ, ଲୁହା, ପ୍ରତିରକ୍ଷା ସାମଗ୍ରୀ ଆଦି ଇତ୍ୟାଦି। ଏହା ଅତ୍ୟାବଶ୍ୟକ ଓ ଶସ୍ତାରେ ଦେଶବାସୀଙ୍କୁ ଉପଲବ୍ଧ ହେବା ଆବଶ୍ୟକ। କେବଳ ସେତିକି ନୁହେଁ, ଶିଳ୍ପାୟନର ବିକାଶ ଦ୍ୱାରା ବେକାର ଓ ଅର୍ଦ୍ଧବେକାର ମାନଙ୍କୁ ପୂର୍ଣ୍ଣ ନିଯୁକ୍ତି ସହ ବ୍ୟବସାୟ କ୍ଷେତ୍ରରେ ଥିବା ଶୂନ୍ୟ କ୍ଷେତ୍ରକୁ ପରାହତ କରିହେବ। ଏ କ୍ଷେତ୍ରରେ ମଧ୍ୟ ଅଧିକ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇ ପାରିବ। ନିଜ ରାଜ୍ୟ ବା ଦେଶରେ ମିଳୁଥିବା କଞ୍ଚାମାଲକୁ ବାହାରୁ ନଦେଇ ନିଜେ ବ୍ୟବହାର କରି ଉନ୍ନତ ମାନର ଆବଶ୍ୟକୀୟ ସାମଗ୍ରୀ ନିର୍ମାଣ କରି ଶସ୍ତାରେ ଦେଶବାସୀଙ୍କୁ ଯୋଗାଇ ବାହାରକୁ ରପ୍ତାନି କରିହେବ। ଏଥିପାଇଁ ପରିବହନ ଓ କଞ୍ଚାମାଲ ଉତ୍ତୋଳନ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଭାରତ ସ୍ୱାଧୀନତା ପରେ ଧ୍ୱଂସ ପ୍ରାପ୍ତ ଶିଳ୍ପ ପ୍ରଗତିକୁ ପରାହତ କରିବା ନିମନ୍ତେ ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ କୃଷି କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ ସହ ଶିଳ୍ପ କ୍ଷେତ୍ରରେ ମାତ୍ର ୩ଟି ଲୁହା କାରଖାନା ଓ ସିମୀତ ରେଳ କାରଖାନା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର ଦ୍ୱିତୀୟ ପଞ୍ଚ ବାର୍ଷିକ ଯୋଜନା ରେ ଗତାନୁଗତିକ ଅର୍ଥନୈତିକ ପ୍ରଗତିକୁ ବଦଳାଇବା ପାଇଁ ଶିଳ୍ପନିତୀ ୧୯୫୬ ମସିହାରେ ପ୍ରଣୟନ ହୋଇଥିବା ଶିଳ୍ପ ନିତୀ ପ୍ରସ୍ତାବ ଅନୁସାରେ ଶିଳ୍ପାୟନ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା। ସେବେଠାରୁ ଭାରତରେ ଶିଳ୍ପାୟନ କ୍ଷେତ୍ରରେ ପ୍ରଗତି ଘଟାଇବା ପାଇଁ ପ୍ରୟାସ ଜାରି ରହିଅଛି ଓ ଏହାଦ୍ୱାରା ଆମର ବିପଦଜନକ ଆର୍ଥିକ ପରିସ୍ଥିତିକୁ ସୁଧାର ମିଳିପାରିବ।

ଶିଳ୍ପଦ୍ୱାରା ଯେ କେବଳ ଆଲୋଚନା କରାଯାଇଥିବା ବିଷୟ ଗୁଡିକରେ ଲାଭ ହେଉଛି ତାହା ନୁହେଁ। କ୍ଷତି ମଧ୍ୟ ହେଉଅଛି ଯାହାକି

ପରୋକ୍ଷ । ମୁମ୍ବାଇ, କୋଲକତା ଓ କାନପୁର ଭଳି ସହରରେ ଶିଳ୍ପାୟନର ପ୍ରଗତି ଯୋଗୁଁ, ସୀମିତ କ୍ଷେତ୍ର ମଧ୍ୟରେ ଲୋକ ସଂଖ୍ୟାର ବୃଦ୍ଧି ଏକ ଅଣନିଶ୍ୱାସ କର ପରିସ୍ଥିତି ସୃଷ୍ଟି କରିଛି । ଜଳବାୟୁ ଅସ୍ୱାସ୍ଥ୍ୟକର ହୋଇପଡିଛି । ଯଦିଓ କଳକାରଖାନା ଦ୍ୱାରା ଭୋପାଳ ଗ୍ୟାସ ଦୁର୍ଘଟଣା ପରି ଆଶାତୀତ ଘଟଣା ମାନ ଘଟିଛି ତଥାପି ଶିଳ୍ପାୟନ ସ୍ୱାଗତ ଯୋଗ୍ୟ । କାରଣ ସାବଧାନତା ଅବଲମ୍ବନ କଲେ ଏହାକୁ ଏଡାଇ ଦିଆଯାଇପାରିବ ।

ଶିଳ୍ପାୟନ ସଂସ୍ଥାଗୁଡିକ ସବୁ ଦୃଷ୍ଟି କୋଣରୁ ଲାଭଦାୟକ ହେବା ଉଚିତ୍ । ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି, ନିକଟରେ କଞ୍ଚାମାଲ ସୁବିଧା, ଗମନାଗମନ ରେଳ, ସଡକ ଓ ବନ୍ଦର ମାନ ନିକଟରେ ଉପଲବ୍ଧ ହେବା ଉଚିତ୍ । ଜନସଂଖ୍ୟା ବୃଦ୍ଧି ହେତୁ ଖାଦ୍ୟର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଉଛି । ସେ ଦୃଷ୍ଟିରୁ ରୁକ୍ଷ ଜମିକୁ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଭିତ୍ତିଭୂମି ହିସାବରେ ଅଚ୍ଛ ବ୍ୟବହାର କରି ଖୋଲା ଜଙ୍ଗଲକୁ ଏ କ୍ଷେତ୍ରରେ ବ୍ୟବହାର କରିବାକୁ ଅଧିକ ଆଗ୍ରହ ପ୍ରକାଶ ପାଉଛି । ଏହା ଦ୍ୱାରା ଜଙ୍ଗଲର ପରିସୀମା ହ୍ରାସ ପାଇବା ସହ କେତେକ କ୍ଷେତ୍ରରେ ଗଛ ମଧ୍ୟ କାଟିବାକୁ ପଡୁଛି । ଅପରପକ୍ଷରେ ଶିଳ୍ପାୟନର ଆବଶ୍ୟକତା ଓ ଗୁରୁତ୍ୱ ଉପଲବ୍ଧ ହେଉଛି । ନକଲେ-ନ ଚଳେ ଭିତିରେ ଆବଶ୍ୟକତା ଅନୁଯାୟୀ ଜଙ୍ଗଲ କାଟି ଶିଳ୍ପାୟନକୁ ଅଗ୍ରାଧିକାର ଦିଆଯିବା ଉଚିତ୍ । କେତେକ ଅଣ ଲାଭକାରୀ କ୍ରିୟା ଓ କାରଣ ଯଥା - ମାଫିଆମାନଙ୍କ ଦ୍ୱାରା ଚୋରୀ, ପୋଡୁଚାଷ, ଜବରଦଖଲ, ଝଡ ବାତ୍ୟା, ଭୂସ୍ଖଳନ, ମରୁଡି, ଏସିଡ୍ ବର୍ଷା, ଜଙ୍ଗଲ ନିଆଁ ଆଦି ମାନଙ୍କ ଦ୍ୱାରା ଜଙ୍ଗଲ କ୍ଷୟ ମଧ୍ୟ ହେଉଅଛି । ଏଥିରେ ଆମର କିଛି ଲାଭ ନାହିଁ ମାତ୍ର ଶିଳ୍ପାୟନରେ କି ଲାଭ ଅଛି ତାହା ଆଲୋଚନା କରିବା ।



୧. ଆମ ଦେଶରେ ଶିଳ୍ପାୟନ ପାଇଁ ଜଙ୍ଗଲ ଜମି ବିତରଣ କରାଯାଉଅଛି । ଏଥିପାଇଁ ସରକାରଙ୍କର ସ୍ୱତନ୍ତ୍ର ନିୟମ ଓ କାନୁନ୍ ମାନ ମଧ୍ୟ ରହିଅଛି । Forest Conservation Act ର ଧାରା ୨ ଅନୁସାରେ ଯଦି କୌଣସି ବ୍ୟକ୍ତି ବା ସଂସ୍ଥା ଜଙ୍ଗଲ ଜମିର ବ୍ୟବହାର ଚାହିଁବେ ତେବେ ଅନୁମୋଦିତ ଫର୍ମରେ ଉକ୍ତ ଜଙ୍ଗଲ ଜମିକୁ ଅଣଜଙ୍ଗଲ କ୍ରିୟାରେ ବିନିଯୋଗ କରିବାକୁ ଆବେଦନ କରି ପାରିବେ । ଏହା ରାଜ୍ୟ ନୋଡାଲ ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ ।

୨. ଉକ୍ତ ଦରଖାସ୍ତ ପ୍ରାପ୍ତିପରେ ତହିଁରେ ରାଜ୍ୟସ୍ତରୀୟ ପ୍ରସ୍ତାବର କ୍ରମିକ ସଂଖ୍ୟା ଦେଇ ସଂପୃକ୍ତ ଖଣ୍ଡିୟ ବନ ଅଧିକାରୀଙ୍କୁ, କ୍ଷେତ୍ର ତର୍ଜମା କରି ପଠାଇବାକୁ, ନୋଡାଲ ଅଧିକାରୀ ଉକ୍ତ ଦରଖାସ୍ତ ପଠାଇବେ ।

୩. ଉକ୍ତ ଦରଖାସ୍ତରେ ସଂପୃକ୍ତ ଜଙ୍ଗଲ କ୍ଷେତ୍ରର ନକ୍ସା (topo map), ଜିଲ୍ଲା କଲେକ୍ଟରଙ୍କ ଠାରୁ ଅନୁମୋଦନ ପତ୍ର, ଯେଉଁ ଗ୍ରାମ ନିକଟରେ ଉକ୍ତ ଶିଳ୍ପ ପ୍ରତିଷ୍ଠା ହେବ ସେ ଗ୍ରାମର ପଲ୍ଲୀସଭା ମାଧ୍ୟମରେ ଅନୁମୋଦନ ପତ୍ର, ଜମିର ପଟ୍ଟା ଓ ଗ୍ରାମ୍ୟ ନକ୍ସା ଆଦି ଯୋଡ଼ା ଯାଇଥିବା ଆବଶ୍ୟକ ।

୪. ଆବେଦନକାରୀ ସଂସ୍ଥା ଯେତିକି ଜଙ୍ଗଲ ଜମି ନେବେ, ସେତିକି ଅଣଜଙ୍ଗଲ ଜମି ଚିହ୍ନଟକରି ନିଜ ବ୍ୟୟରେ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିବେ । ଯଦ୍ୱାରା ନଷ୍ଟ ହେଉଥିବା ଜଙ୍ଗଲର ସମପରିମାଣର ଜଙ୍ଗଲ ଉକ୍ତ କ୍ଷେତ୍ରଉପରେ ବୃକ୍ଷରୋପଣ ମାଧ୍ୟମରେ କରାଯାଇପାରିବ । ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଯାହା ଟଙ୍କା ଖର୍ଚ୍ଚ ହେବ ତାହାମଧ୍ୟ ଆବେଦନକାରୀ ସଂସ୍ଥା ବହନ କରିବେ । ଏଥିପାଇଁ ସ୍ୱତନ୍ତ୍ର ମାଧ୍ୟମ ମାନ ରହିଅଛି ।

୫. ଯେତିକି ଜଙ୍ଗଲ ଜମି ଆବେଦନକାରୀ ସଂସ୍ଥା ନେବେ, ସେଥିପାଇଁ ସରକାରଙ୍କ ସ୍ଥିରୀକୃତ ମୂଲ୍ୟ (NPV) ଦାଖଲ କରିବେ ।

୬. ଯଦି ଆବେଦନକାରୀ ସଂସ୍ଥା ଉକ୍ତ ଜଙ୍ଗଲ ଜମି ଉପରେ ଶିଳ୍ପ ପ୍ରତିଷ୍ଠା କରନ୍ତି ତେବେ, ସମୁଦାୟ ଜମିର ଚତୁଃପାର୍ଶ୍ୱକୁ ନେଇ ଶତକଡ଼ା ୩୩ଭାଗ ଜମି ଉପରେ ସବୁଜ ବଳୟ ଗଠନ କରିବେ ।

୭. ଏତଦ୍‌ବ୍ୟତିତ ଉକ୍ତ ଜଙ୍ଗଲ କ୍ଷେତ୍ର ଉପରେ କଟିଯାଉଥିବା ଗଛର ମୂଲ୍ୟାୟନ କରି ଆବେଦନକାରୀ ସଂସ୍ଥା ଉକ୍ତ ମୂଲ୍ୟ ସରକାରଙ୍କୁ ପୈଠ କରିବେ ।

୮. ଏହାଛଡ଼ା ଶିଳ୍ପ ପ୍ରତିଷ୍ଠା କଲେ ପରିବେଶ ପ୍ରଦୂଷଣ ଏକ ଅନୁମୋଦିତ ସୀମା ମଧ୍ୟରେ ରହିବ ବୋଲି ରାଜ୍ୟ ପ୍ରଦୂଷଣ ବୋର୍ଡ ନିକଟରୁ ଏକ ସାର୍ଟିଫିକେଟ୍ ଦାଖଲ କରିବେ ।

୯. ଏହିପରି ଏକ ବିଭିନ୍ନ ସଂସ୍ଥା ସହ ସଂପୃକ୍ତ କଠିନ ପ୍ରକ୍ରିୟା ନିୟମରେ ସମସ୍ତ ସର୍ତ୍ତ ପୂରଣ କରିସାରିବା ପରେ ସଂପୃକ୍ତ DFOଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାର ଉକ୍ତ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଇବେ । କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏହାକୁ ପ୍ରଥମ ସୋପାନର ଅନୁମୋଦନ ହିସାବରେ ଗ୍ରହଣ କରି, ପ୍ରସ୍ତାବର ପୁଙ୍ଖାନୁପୁଙ୍ଖ ତର୍ଜମା କରିବେ । ଏହାକୁ ଗ୍ରହଣ କରି ଅଥବା ଏଥିରେ ନୂତନ ସର୍ତ୍ତମାନ ଯୋଡି ରାଜ୍ୟ ସରକାରଙ୍କୁ ୨ୟ ସୋପାନର ଅନୁମୋଦନ ପାଇଁ ପଠାଇବେ ।

୧୦. ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ, ଆବେଦନକାରୀ ସଂସ୍ଥା କେନ୍ଦ୍ର ସରକାରଙ୍କ ସର୍ତ୍ତାବଳୀକୁ ଯଦି ମାନିନିଅନ୍ତି ତେବେ ଏହାର ୨ୟ ସୋପାନର ଅନୁମୋଦନ ପାଇଁ ପୁନର୍ବାର କେନ୍ଦ୍ର ସରକାରଙ୍କୁ ସୁପାରିସ୍ ପାଇଁ ପଠାଯିବ । କେନ୍ଦ୍ର ସରକାର ସନ୍ତୁଷ୍ଟ ହେଲେ ଏହାକୁ ଅନୁମୋଦନ କରିପାରନ୍ତି । ଉକ୍ତ ଅନୁମୋଦନ ଅନୁସାରେ ଆବେଦନକାରୀ ସଂସ୍ଥାକୁ ଜଙ୍ଗଲ ଜମି ହସ୍ତାନ୍ତର କରି, ସର୍ତ୍ତ ଅନୁଯାୟୀ ଉକ୍ତ ସଂସ୍ଥାର କାର୍ଯ୍ୟ ପ୍ରଣାଳୀକୁ କ୍ଷେତ୍ରରେ ନିୟୋଜିତ କରାଯାଏ ।

ଉକ୍ତ ଆଲୋଚନାରୁ ଯାହା ଜଣାଗଲା ଯେ, ଶିଳ୍ପାୟନ ପାଇଁ ବିନିଯୋଗ ହେଉଥିବା ଜଙ୍ଗଲ ଆମ ପାଇଁ କ୍ଷତିକାରକ, ତାହା ନୁହେଁ । ଲାଭ ଓ କ୍ଷତି ଦୃଷ୍ଟିରୁ ବିଚାରକଲେ ଉଭୟ ପରସ୍ପର ପରିପୂରକ ।

# ବର୍ଷା, ବନ୍ୟା ଓ ଜଙ୍ଗଲ

ଅଶୋକ କୁମାର ମିଶ୍ର
ବନାଞ୍ଚଳ ଅଧିକାରୀ, ମଙ୍ଗେଶ୍ୱର ବନାଞ୍ଚଳ

ଅସହ୍ୟ ଗ୍ରୀଷ୍ମ ଶେଷରେ ଯେତେବେଳେ ବର୍ଷା ଆସେ ସେତେବେଳେ ସମସ୍ତଙ୍କ ମନରେ ଖେଳିଯାଏ ଅପୂରନ୍ତ ଆନନ୍ଦ। କିନ୍ତୁ ବେଳେବେଳେ ଏହି ବର୍ଷା ବନ୍ୟାର କରାଳ ରୂପ ନିଏ ଓ ବହୁ ଧନଜୀବନ କ୍ଷତି କରେ। ବର୍ଷାର ଆନନ୍ଦ, ବନ୍ୟାର ବିଷାଦରେ ପରିଣତ ହୁଏ। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ବର୍ଷା ଓ ବନ୍ୟା ମଧ୍ୟରେ ଯେଉଁ ସୂକ୍ଷ୍ମ ଯୋଗସୂତ୍ରଟି ରହିଛି, ତାହା ହିଁ ହେଉଛି ଜଙ୍ଗଲ।

କୁହାଯାଇଛି "ବୃକ୍ଷରୁ ଜଳ, ଜଳରୁ ଅନ୍ନ ଓ ଅନ୍ନରୁ ଜୀବନ"। ବୃକ୍ଷ ତାର ଚେର ଓ କାଣ୍ଡ ମାଧ୍ୟମରେ ଭୂମୀତଳ ଜଳକୁ ଉପରକୁ ଉଠାଇ ପତ୍ର ରନ୍ଧ୍ର ମାଧ୍ୟମରେ ବାୟୁମଣ୍ଡଳକୁ ଛାଡିଥାଏ। ବାସ୍ତବରେ ଏହା ଏକ ପାଣି ପମ୍ପ ସଦୃଶ୍ୟ କାର୍ଯ୍ୟ କରିଥାଏ। ଏହା ଫଳରେ ବାୟୁମଣ୍ଡଳର ଆର୍ଦ୍ରତା ରକ୍ଷା ହୋଇଥାଏ। ଅନ୍ୟଥା ବାୟୁମଣ୍ଡଳ ଅତ୍ୟନ୍ତ ଶୁଷ୍କ ହୋଇଯାଇଥାନ୍ତା, ଏପରିକି ମରୁଭୂମିରେ ପରିଣତ ହୋଇଥାନ୍ତା। ବାୟୁମଣ୍ଡଳରେ ଏହି ଆର୍ଦ୍ରତା ଏକ ଅଣୁ ଜଳବାୟୁ (Micro climate) ର ପରିବେଶ ସୃଷ୍ଟି କରେ। ଯାହାକି ଆକାଶରେ ଭାସି ଯାଉଥିବା ମେଘକୁ ଆକର୍ଷଣ କରି ବର୍ଷା କରାଇଥାଏ। କାରଣ ବାୟୁମଣ୍ଡଳରେ ଗଛରୁ ନିର୍ଗତ ହୋଇଥିବା ଏହି ଜଳକଣାଗୁଡିକ ମେଘରେ ଥିବା ଜଳକଣା ସହ ମିଶି ତାକୁ ଓଜନିଆ କରି ବୃଷ୍ଟିପାତ ହେବାରେ ସାହାଯ୍ୟ କରିଥାନ୍ତି।

କିଛି ସମୟରେ ଅତ୍ୟଧିକ ବୃଷ୍ଟିପାତ ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ। ବନ୍ୟାର ଅନେକ କାରଣ ରହିଛି। ଏଠାରେ ମୁଖ୍ୟତଃ ଦୁଇଟି କାରଣ ବିଚାର୍ଯ୍ୟ। ପ୍ରଥମତଃ ନଦୀନାଳ ମାନଙ୍କରେ ଅଧିକା ପାଣି ଆସିଲେ ତାହା ଠିକ୍ ଭାବରେ ନିଷ୍କାସିତ ହୋଇନପାରି କୂଳଲଙ୍ଘି ନିକଟସ୍ଥ କୃଷି ଜମି ଗ୍ରାମ, ସହର ଆଦିକୁ ମାଡିଯାଏ ଏବଂ ବନ୍ୟା ସୃଷ୍ଟି କରେ। ନଦୀନାଳ ମାନଙ୍କରେ ସେମାନଙ୍କର ନିଷ୍କାସନ କରିବା କ୍ଷମତା ଠାରୁ ଅଧିକ ପାଣି ଆସିଲେ ବନ୍ୟା ହୁଏ। ଏହା ଦୁଇଟି ଜିନିଷ ଉପରେ ନିର୍ଭରଶୀଳ। ପ୍ରଥମତଃ ନଦୀନାଳର ପାଣି ନିଷ୍କାସନ କରିବା କ୍ଷମତା ଏବଂ ଦ୍ୱିତୀୟତଃ ନିଷ୍କାସନ କ୍ଷମତା ଠାରୁ ଅଧିକ ପାଣି ଆସିବା। ଏହି ଦୁଇଟି ଯାକ ଜିନିଷ ପରସ୍ପରର ପରିପୂରକ ଓ ଜଙ୍ଗଲ ଉପରେ ପର୍ଯ୍ୟବେସିତ।

ପ୍ରକୃତପକ୍ଷେ ଯେଉଁଠି ଜଙ୍ଗଲ ରହିଛି ସେଠାରେ ବର୍ଷା ହେଲେ ବର୍ଷା ଜଳ ପ୍ରଥମେ ଡାଳପତ୍ର ଉପରେ ପଡି ତାପରେ ଭୂମି ସ୍ପର୍ଶ କରୁଛି। ଫଳରେ ଜଳବୁନ୍ଦାର ଗତି ଅର୍ଥାତ କ୍ଷିପ୍ରତା ହ୍ରାସ ପାଉଛି ଏବଂ ତାହା ଉପର ସ୍ତର ମାଟିର ବିଶେଷ କ୍ଷତି ପହଞ୍ଚାଇ ପାରୁନାହିଁ। ଅନେକ ସମୟରେ ଜଙ୍ଗଲ ଜମିରେ ମାଟି ଉପରେ ଶୁଖିଲା ଡାଳପତ୍ରର ଏକ ଆବରଣ ଥାଏ। ଯାହାକି ମାଟିକୁ ବର୍ଷାବୁନ୍ଦା ଆଘାତରୁ ରକ୍ଷାକରେ। କିନ୍ତୁ ଯେଉଁଠାରେ ଜଙ୍ଗଲ ନାହିଁ ସେଠାରେ ମାଟି ଖୋଲା ଓ ବର୍ଷାବୁନ୍ଦା ସିଧାସଳଖ ମାଟିକୁ ଆଘାତ ଦିଏ ଓ ଏହି ତୀବ୍ର ଆଘାତ ଦ୍ୱାରା ଉପର ମାଟି ଯାହାକି ଅତ୍ୟନ୍ତ ମୂଲ୍ୟବାନ ଧୋଇହୋଇ ବିଭିନ୍ନ ପ୍ରକାରର ମୃତ୍ତିକା କ୍ଷୟ ସଙ୍ଘଟିତ ହୋଇଥାଏ। (ବୈଷୟିକ ଭାଷାରେ ଏହି ମୃତ୍ତିକା କ୍ଷୟକୁ ତୀବ୍ରତା ଅନୁଯାୟୀ Reel erosion, sheet erosion, Gully erosion ଓ Ravine ଇତ୍ୟାଦି କୁହାଯାଏ।) ଏହି ମାଟି ଧୋଇଯାଇ ନଦୀ ଓ ନାଳର ଶଯ୍ୟାକୁ ପୋତି ପକାଇ ତାହାର ଜଳ ନିଷ୍କାସନ କ୍ଷମତା ହ୍ରାସ କରାଏ। ଫଳରେ ସାଧାରଣ ଭାବେ ବର୍ଷାଜଳ ଆସିଲେ ମଧ୍ୟ ତାହା କୂଳ ଲଘି ବନ୍ୟା ସୃଷ୍ଟି କରାଏ। ଏହି ମାଟି ନଦୀନାଳ ମାଧ୍ୟମରେ ଯାଇ ମୁହାଣ (ନଦୀ ଓ ସମୁଦ୍ରର ସଙ୍ଗମ ସ୍ଥଳ)କୁ ପୋତି ପକାଇ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି କରେ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ସୃଷ୍ଟି କରେ। ବିଭିନ୍ନ ସ୍ଥାନରେ ନଦୀବନ୍ଧମାନ ନିର୍ମାଣ କରାଯାଉଛି। ସେମାନଙ୍କର ଜଳଛାୟା ଅଞ୍ଚଳକୁ ଜଙ୍ଗଲ ହ୍ରାସ ପାଉଛି, ତାହା ଫଳରେ ବର୍ଷା ଜଳରେ ମୃତ୍ତିକା କ୍ଷୟ ହୋଇ ସେହି ଜଳଭଣ୍ଡାର ଗୁଡିକ ପୋତିହୋଇ ତାହାର ଜଳ ଧାରଣା କ୍ଷମତା କମାଇ ଦେଉଛି। ଏଣୁ କମ୍ ପରିମାଣର ଜଳ ଜଳଭଣ୍ଡାରକୁ ଆସିଲେ ମଧ୍ୟ ତାହା ନଦୀବନ୍ଧ ଉପରେ ଅଧିକ ଚାପ ପକାଉଛି। ଯାହା ଫଳରେ ନିର୍ମାଣ ସମୟରେ ଯେଉଁ ନଦୀବନ୍ଧର ଆୟୁଷ ୧୦୦ ବର୍ଷ ବୋଲି ଆକଳନ କରାଯାଇଥିଲା ୩୦ ବର୍ଷ ପରେ ତାହାର ଆୟୁଷ ୬୦ ବର୍ଷ ବୋଲି ଆଶଙ୍କା ପ୍ରକାଶ ପାଉଛି। ତେଣୁ ଜଙ୍ଗଲ ବିନାଶ ଦ୍ୱାରା ଅତ୍ୟଧିକ ମୃତ୍ତିକା କ୍ଷୟ ହେବା ଫଳରେ ନଦୀ, ନାଳ ଜଳଭଣ୍ଡାରର ଶଯ୍ୟା ଓ ମୁହାଣ ପୋତି ହୋଇ ଯାଉଥିବାରୁ ବନ୍ୟାର ଆଶଙ୍କା ଓ ପ୍ରକୋପ ବୃଦ୍ଧି ପାଉଛି।

ଦ୍ୱିତୀୟ କଥା ହେଉଛି ଯେଉଁଠାରେ ଜଙ୍ଗଲ ରହୁଛି ସେଠାରେ ବର୍ଷାଜଳ ପ୍ରଥମେ ଡାଳପତ୍ର ଓ ଗଛକୁ ଛୁଇଁ ଭୂମିକୁ ସ୍ପର୍ଶ କରୁଛି। ଅନେକ ସ୍ଥାନରେ ଭୂମିକୁ ସ୍ପର୍ଶ କରିବା ପୂର୍ବରୁ ମଧ୍ୟ ଜଙ୍ଗଲ ଭୂମି ଉପରେ ରହିଥିବା ଶୁଖିଲା ଡାଳପତ୍ରର ଆଚ୍ଛାଦନକୁ ସ୍ପର୍ଶ କଲାପରେ ମାଟିକୁ ଛୁଇଁବ। ଏହାଦ୍ୱାରା ବର୍ଷାଜଳର ଗତି ବାଧାପ୍ରାପ୍ତ ହୋଇ ଏହା ମାଟିରେ ଅଧିକ ପରିମାଣ ବିଶୋଷିତ ହେବାରେ ସାହାଯ୍ୟ କରୁଛି। ଜଙ୍ଗଲ ରହିଥିବା ସ୍ଥାନରେ ବିଭିନ୍ନ ପ୍ରକାରର ଗଛର ଚେର

ମାଟିର ବିଭିନ୍ନ ସ୍ତରରେ ରହିଥିବାରୁ ତାହା ମାଟିକୁ ହାଲ୍‌କା ତଥା ରନ୍ଧ୍ର ବିଶିଷ୍ଟ କରିଥାଏ । ଫଳରେ ଅଧିକରୁ ଅଧିକ ପରିମାଣର ଜଳମାଟିରେ ଶୋଷିହୋଇଥାଏ । ଏହି ଜଳ ମାଟିର ଜଳସ୍ତରକୁ ବଢ଼ାଇବା ସଙ୍ଗେ ସଙ୍ଗେ ବର୍ଷସାରା ନିୟନ୍ତ୍ରିତ ଭାବେ ଝରଣା ଓ ନଦୀ ମାଧ୍ୟମରେ ପ୍ରବାହିତ ହୋଇଥାଏ । ଏହାଦ୍ୱାରା ବର୍ଷାଜଳର ଅଧିକାଭାଗ ମାଟିଦ୍ୱାରା ଶୋଷି ହୋଇଯାଏ ଓ କମ୍ ପରିମାଣର ବର୍ଷାଜଳ ବର୍ଷା ସମୟରେ ନଦୀ ଓ ନାଳକୁ ଆସିଥାଏ । ତେଣୁ ବୃକ୍ଷ ଆବରଣ, ମୃତ୍ତିକା ସଂରକ୍ଷଣ କରିବା ସଙ୍ଗେ ସଙ୍ଗେ ଭୂମୀଗତ ଜଳଭଣ୍ଡାର ପରିମାଣ ବଢ଼ାଇ ନଦୀ ଓ ନାଳଗୁଡ଼ିକୁ ଚିରସ୍ରୋତା ମଧ୍ୟ କରିଥାଏ । ଆମେ ଲକ୍ଷ କରିପାରିବା ଏବେ ମଧ ଯେଉଁ ଅଞ୍ଚଳରେ ଜଙ୍ଗଲ ରହିଛି ସେଠାରୁ ବାହାରିଥିବା ଝରଣା ଗୁଡ଼ିକ ବର୍ଷସାରା ପ୍ରବାହିତ ହେଉଛନ୍ତି । ଅନ୍ୟ ପକ୍ଷରେ ଯେଉଁଠି ଜଙ୍ଗଲ ନଷ୍ଟ ହୋଇଗଲାଣି ସେ ଅଞ୍ଚଳରୁ ବାହାରିଥିବା ଝରଣାଗୁଡ଼ିକ ଶୁଖିଗଲାଣି ଓ ବର୍ଷାଦିନେ ସେଠାରେ ପ୍ରବଳ ପାଣି ଆସି ନିମ୍ନବର୍ତ୍ତୀ ଅଞ୍ଚଳଗୁଡ଼ିକୁ ପ୍ଲାବିତ କରିବା ସଙ୍ଗେ ସଙ୍ଗେ ଅଶେଷ କ୍ଷତି ସାଧନ କରୁଛି । ତେଣୁ ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଜଙ୍ଗଲ ଏକ ସ୍ପଞ୍ଜ ଭଳି କାର୍ଯ୍ୟ କରେ ଯାହାକି ବର୍ଷା ସମୟରେ ପାଣିକୁ ସଞ୍ଚୟ କରି ବର୍ଷସାରା ନିୟମିତ ଭାବେ ଏହାକୁ ଛାଡ଼ିଥାଏ । ଏହାଦ୍ୱାରା ଜୀବନ ନିର୍ବାହ ଓ ଚାଷ କାର୍ଯ୍ୟ ସୁରୁଖୁରୁରେ ହେବା ସଙ୍ଗେ ସଙ୍ଗେ ବନ୍ୟାର ବିଭୀଷିକାରୁ ଆମକୁ ରକ୍ଷା କରିଥାଏ ।



୨୦୦୭ ମସିହାରେ ଜାତିସଂଘ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଜଙ୍ଗଲ ବନ୍ୟାର ପ୍ରକୋପକୁ ଯଥେଷ୍ଟ ଭାବେ ପ୍ରଭାବିତ କରିଥାଏ । ପୃଥିବୀର ବିଭିନ୍ନ ଅଞ୍ଚଳରେ ଯେପରିକି ପଶ୍ଚିମ ଆଫ୍ରିକା, କମ୍ବୋଡ଼ିଆ, ମାଲେସିଆ ଯେଉଁଠାରେ ବ୍ୟାପକ ଜଙ୍ଗଲ କ୍ଷୟ ହେଉଛି ସେ ଅଞ୍ଚଳରେ ଅନାବୃଷ୍ଟି ଏବଂ ଜଳକ୍ଲିଷ୍ଟ ଦେଖାଦେଉଛି ।

ସମ୍ଭବତଃ ସେହି କାରଣରୁ ଆମର ପୂର୍ବ ପୁରୁଷମାନେ ଜଙ୍ଗଲ ଅର୍ଥାତ ବନସ୍ପତିକୁ ଦେବତାଙ୍କର ମାନ୍ୟତା ଦେଇଛନ୍ତି ଓ ତାହାର ପୂଜା କରିବାର ବିଧାନ ରଖିଛନ୍ତି । ବେଦରେ କୁହାଯାଇଛି ଅରଣ୍ୟ ଶାନ୍ତିରେ ରହୁ, ଅରଣ୍ୟ ଶାନ୍ତିରେ ରହିଲେ ଦେବତାମାନେ ଶାନ୍ତିରେ ରହିବେ ଏବଂ ବର୍ଷା ଠିକ୍ ଭାବରେ ହେବ । ତାହାଦ୍ୱାରା କୃଷି ଠିକ୍ ଭାବରେ ହୋଇ ସାମାଜିକ ବ୍ୟବସ୍ଥା ଅକ୍ଷୁର୍ଣ୍ଣ ରହିବ । ଯୁଗେ ଯୁଗେ ଆମର ସଂସ୍କୃତି ଜଙ୍ଗଲ ଉପରେ ପର୍ଯ୍ୟବେଶିତ । ବୈଦିକ ଯୁଗରୁ ଆଜି ପର୍ଯ୍ୟନ୍ତ ଆମର ସାମାଜିକ ଜୀବନ ଓ ଚିନ୍ତନକୁ ବୃକ୍ଷ ତଥା ଜଙ୍ଗଲ ପ୍ରଭାବିତ କରି ଆସିଛି । ରାମାୟଣ ଓ ମହାଭାରତରେ ବନବାସ ପ୍ରସଙ୍ଗର ଅବତାରଣା ମଧ କରାଯାଇଛି । ପୁରାଣରେ ଗୋଟିଏ ବୃକ୍ଷକୁ ୧୦ଟି ଯୋଗ୍ୟପୁତ୍ର ସହ ତୁଳନା କରାଯାଇଛି ।

କିନ୍ତୁ ସମୟର ପ୍ରଗତି ସହ ମାନବୀୟ ମୂଲ୍ୟବୋଧର ଅବକ୍ଷୟର ଛବି ଜଙ୍ଗଲ ଉପରେ ମଧ ପ୍ରତିଫଳିତ । ବୈଦିକ ଯୁଗରୁ ବୃକ୍ଷ ଓ ଜଙ୍ଗଲକୁ ଦିଆହୋଇ ଆସୁଥିବା ମର୍ଯ୍ୟଦା ଏବେ ଭୂଲୁଣ୍ଠିତ । କିମ୍ବଦନ୍ତୀର କାଳିଦାସ ଭଳି ଆମେ ଆମକୁ ଧାରଣ କରିଥିବା ଜଙ୍ଗଲ ତଥା ପରିବେଶର ବିନାଶ ପାଇଁ ଚେଷ୍ଟିତ ।

ସୌଭାଗ୍ୟର ବିଷୟ ବିଳମ୍ବରେ ହେଲେ ମଧ ଜନସାଧାରଣ ଜଙ୍ଗଲର ମୌଳିକ ଦିଗଟି ପ୍ରତି ସଚେତନ ହେଲେଣି । ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ସମସ୍ୟା ସମଗ୍ର ପୃଥିବୀର ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି । ଏହାକୁ ଲକ୍ଷ୍ୟ ରଖି ବ୍ୟାପକ ଜନ ସଚେତନତା ଓ ଆଇନ୍ କାନୁନର ବ୍ୟବସ୍ଥା ମଧ କରାଯାଉଛି । କିନ୍ତୁ ଏ ସମସ୍ତ ବିଷୟରେ ଉର୍ଦ୍ଧ୍ୱରେ ରହିଛି ଆମର ଆନ୍ତରିକତା ଓ ପ୍ରତିବଦ୍ଧତା । ତାହା ହେଲେ ଯାଇ ଜଙ୍ଗଲ କ୍ଷୟଜନୀତ ସମସ୍ୟାରୁ ଆମେ ମୁକ୍ତି ପାଇ ପାରିବା ଓ ପରିବେଶର ସୁରକ୍ଷା ହୋଇ ପାରିବ । ଏହାଦ୍ୱାରା ପରିବେଶ ତଥା ପାଣିପାଗ ସନ୍ତୁଳିତ ହୋଇ ରହିବା ସଙ୍ଗେ ସଙ୍ଗେ ଆମେ ବନ୍ୟାର ଆଶଙ୍କାରୁ ଭୁଲି ବର୍ଷାର ପ୍ରକୃତ ଆନନ୍ଦ ପାଇପାରିବା ।



# ସହଭାଗିତା ପରିବେଶ ପର୍ଯ୍ୟଟନ - ସାତକୋଶିଆ ବନଖଣ୍ଡ

ସୁଧାଂଶୁ ଶେଖର ମିଶ୍ର
ବନଖଣ୍ଡ ଅଧିକାରୀ
ଅନୁଗୁଳ ବନଖଣ୍ଡ

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସାତକୋଶିଆ ଅଭୟାରଣ୍ୟର ସ୍ଥାନ ଅନନ୍ୟ । ଏହା ମଧ୍ୟରେ ପ୍ରବାହିତ ମହାନଦୀ ର ଟିକରପଡ଼ା ଠାରେ ଗଣ୍ଡର ସୌନ୍ଦର୍ଯ୍ୟ ଅତୁଳନୀୟ । ଏହା ଓଡ଼ିଶାର ସର୍ବପ୍ରଥମ ଓ ପୁରାତନ ଅଭୟାରଣ୍ୟ ଯାହାକି ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୭୬ ମସିହାରେ ଘୋଷିତ ହୋଇଥିଲା, ତତ୍‌ପରେ ଏହି ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପ ଭାବରେ ୨୦୦୭ ମସିହାରେ ଘୋଷଣା କରାଯାଇଥିଲା । ଏହି ଅଭୟାରଣ୍ୟରେ ଘଡ଼ିଆଳ କୁମ୍ଭୀର, ମଗର, ହସ୍ତୀ, ବ୍ୟାଘ୍ର, କଲରାପତରିଆ ବ୍ୟାଘ୍ର, ସମ୍ବର, ହରିଣ, କୁଟରା, ଗୟଳ, ଛିଙ୍କ, ନେପାଳି ମୂଷା, ବାରାହା ଓ ଅନ୍ୟାନ୍ୟ ବିବିଧ ବନ୍ୟପ୍ରାଣୀ ଦେଖାଯାଆନ୍ତି । ସ୍ଥାନୀୟ ଲୋକଙ୍କ ଆର୍ଥିକ ଅବସ୍ଥାର ଉନ୍ନତି, ବେକାରୀ ସମସ୍ୟାର ଦୂରୀକରଣ ତଥା ସେମାନଙ୍କୁ ଅଭୟାରଣ୍ୟ ସୁପରିଚାଳନାରେ ଅବବୁଦ୍ଧ ତଥା ସହଯୋଗ କରିବାରେ 'ସହଭାଗିତା ପରିବେଶ ପର୍ଯ୍ୟଟନ'ର ଆବଶ୍ୟକତା ଅନିବାର୍ଯ୍ୟ । ଏହି ହେତୁ ସାତକୋଶିଆ ବନଖଣ୍ଡର ଅଧ୍ୟାବଧି ଚାରୋଟି ଯାଗାରେ ଏହି ସହଭାଗିତା ପରିବେଶ ପର୍ଯ୍ୟଟନକୁ କାର୍ଯ୍ୟକାରୀ କରାଯାଇଛି । ସେଗୁଡ଼ିକ ହେଲା :

୧. ଟିକରପଡ଼ା ପରିବେଶ ପର୍ଯ୍ୟଟନ ସମିତି । (୧୦ଟି ତମ୍ବୁ, ପ୍ରତ୍ୟେକ ୨୦ ଜଣ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା ଅଛି)

୨. ଦିବା ପର୍ଯ୍ୟଟନ ସ୍ଥଳ, ଗୋଇନ୍ଦି । (ପ୍ରତ୍ୟେକ ୧୦୦ ଜଣ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା ଅଛି)

୩. ପୁରୁଣାକୋଟ ପରିବେଶ ପର୍ଯ୍ୟଟନ ସମିତି (୪ଟି କୁଟୀର, ପ୍ରତ୍ୟେକ ୮ ଜଣ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା ଅଛି)

୪. ପରିବେଶ କ୍ୟାମ୍ପ, ଛୋଟକେଇ । (୪ଟି କୁଟୀର, ପ୍ରତ୍ୟେକ ୧୦ ଜଣ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା ଅଛି)

ବର୍ତ୍ତମାନ ମଧ୍ୟ ଏହି ଅଭୟାରଣ୍ୟ ମଧ୍ୟରେ ଶତାଧିକ ଗ୍ରାମ ରହିଅଛି । ଏହି ଗ୍ରାମ ଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କ ରୋଜଗାର ସ୍ୱଳ୍ପ ଓ ବାସପୋଯୋଗୀ ସାମଗ୍ରୀ ମଧ୍ୟ ସ୍ୱଳ୍ପ । ଏକାଧାରରେ ଏଠାରେ ବସବାସ କରୁଥିବା ଲୋକମାନଙ୍କ ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନୁହଁ । ତେଣୁ ସ୍ଥାନୀୟ ବାସିନ୍ଦା ଏହି ଅଭୟାରଣ୍ୟର ସୁପରିଚାଳନାରେ ସାଧାରଣତଃ ଭାବେ ସହଯୋଗ କରି ନ ଥାନ୍ତି ପରନ୍ତୁ, ସେମାନେ ସେମାନଙ୍କ ଜୀବିକାର୍ଜ୍ଜନ ପାଇଁ ଅଭୟାରଣ୍ୟ ଉପରେ ନିର୍ଭରଶୀଳ ଥାଆନ୍ତି । ଉପରୋକ୍ତ ପରିବେଶ ପର୍ଯ୍ୟଟନ ସମିତିମାନ ରେଜିଷ୍ଟ୍ରି ଭୁକ୍ତ ହୋଇଛନ୍ତି ଓ ସେମାନେ ଏକ ଚୁକ୍ତି ବନବିଭାଗ ସହିତ କରି, ସାତକୋଶିଆ ଅଭୟାରଣ୍ୟର ପରିବେଶ ପର୍ଯ୍ୟଟନକୁ କାର୍ଯ୍ୟକାରୀ କରୁଛନ୍ତି । ଏହି ସମସ୍ତ ପରିବେଶ ପର୍ଯ୍ୟଟନ NTCA guide line ଅନୁସାରେ ଅଣ ଜଙ୍ଗଲ ଜମିରେ ଓ ବ୍ୟାଘ୍ର ପ୍ରକଳ୍ପର ବଫର ଅଂଚଳରେ ଅଭୟାରଣ୍ୟର ଧାରଣ କ୍ଷମତା ମଧ୍ୟରେ ହିଁ ସମ୍ପାଦିତ ହୋଇଅଛି । ଏହି ପରିବେଶ ପର୍ଯ୍ୟଟନରେ ପର୍ଯ୍ୟଟକଙ୍କୁ ମୁଣ୍ଡପିଛା ଦୈନିକ ହାରାହାରି ୧୦୦୦ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ, ଯେଉଁଥିରେ କି ସେମାନଙ୍କ ସମସ୍ତ ଖାଦ୍ୟ, ରହିବା, Trekking, Boating, Camp Fire ଇତ୍ୟାଦି ଅନ୍ତର୍ଭୁକ୍ତ । ସେମାନେ ପାଉଥିବା ସମୁଦାୟ ଲାଭର ୧୦% Satkosia Tiger Foundation ଓ ୧୦% ସେମାନଙ୍କର EDC କୁ ପ୍ରଦାନ କରିଥାନ୍ତି । ଅବଶିଷ୍ଟ ୮୦% ଆୟର ୫୦%କୁ ସେମାନେ ପରିବେଶ ପର୍ଯ୍ୟଟନର recurring expenditure ପାଇଁ ଓ ୧୦% ସ୍ଥାୟୀ ସମ୍ପତ୍ତି ପାଇଁ ରଖିଥାନ୍ତି ଓ ଶେଷ ୪୦% କୁ ସେମାନେ ସମିତିର ସଭ୍ୟମାନଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟି ନେଇଥାନ୍ତି । ଏହାଦ୍ୱାରା ପ୍ରତ୍ୟେକ ସଭ୍ୟ ହାରାହାରି ମାସକୁ ୪୦୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି । ଏହି ପରିବେଶ ପର୍ଯ୍ୟଟନ ପାଇଁ ଆଗୁଆ ଆରକ୍ଷଣ ସାତକୋଶିଆ ବନଖଣ୍ଡର ଇକୋଟୁରିଜିମ Cell ଦ୍ୱାରା Web site ମାଧ୍ୟମରେ ହୋଇଥାଏ (www.satkosia.org) । ଏହା ଓଡ଼ିଶା ତଥା ରାଜ୍ୟ ବାହାରେ (ଜାତୀୟ ସ୍ତରରେ ମଧ୍ୟ) ବେଶ ଆଦୃତି ଲାଭ କରିଛି ଏବଂ ଏହାକୁ ନେଇ ସ୍ଥାନୀୟ ଲୋକେ ମଧ୍ୟ ବେଶ ଉତ୍ସାହିତ ଓ ଲୋକଙ୍କର ଏହି ଉତ୍ସାହ ଅଭୟାରଣ୍ୟ ପରିଚାଳନାରେ ସହଯୋଗ ହୋଇପାରୁଅଛି ।



# ୬୨ତମ ବନ ମହୋତ୍ସବ

ଦେବବ୍ରତ ସ୍ୱାଇଁ
ମୁଖ୍ୟ ବନ ସଂରକ୍ଷକ
(ଯୋଜନା, କାର୍ଯ୍ୟକ୍ରମ ଓ ବନୀକରଣ)


ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ କରାଯାଏ । ସ୍ୱାଧୀନ ଭାରତରେ କ୍ଷିପ୍ର ଅର୍ଥନୈତିକ ଅଭିବୃଦ୍ଧି ପାଇଁ କଳକାରଖାନା, ସହରବଜାର, ରାସ୍ତାଘାଟ, ଜଳଭଣ୍ଡାର, କେନାଲ ଏବଂ କୃଷି କାମ ପାଇଁ ଜଙ୍ଗଲକୁ କାଟି ସଫା କରାଗଲା । ଜଙ୍ଗଲ ରାଜସ୍ୱ ଆଦାୟର ଉତ୍ସ ରୂପେ ବିବେଚିତ ହେଲା ଓ ଜଙ୍ଗଲରୁ ଅଧିକରୁ ଅଧିକ କାଠ ସଂଗ୍ରହକୁ ପ୍ରୋତ୍ସାହିତ କରାଗଲା । ଏହି ଅବସରରେ ୧୯୫୦ ମସିହାରେ ତତ୍କାଳୀନ କୃଷିମନ୍ତ୍ରୀ ଦୂରଦ୍ରଷ୍ଟା ଶ୍ରୀଯୁକ୍ତ କେ.ଏମ୍ ମୁନ୍‌ସୀ ବନ ମହୋତ୍ସବ ପ୍ରଚଳନ କରିଥିଲେ । ବର୍ତ୍ତମାନର ଅସନ୍ତୁଳିତ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ଜନିତ କୁପ୍ରଭାବରୁ ମୁକ୍ତିପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ଆବଶ୍ୟକତା ହେତୁ ବନମହୋତ୍ସବର ଗୁରୁତ୍ୱ ବୃଦ୍ଧିପାଇଛି । ୨୦୧୧କୁ ଆନ୍ତର୍ଜାତୀୟ ବନବର୍ଷ ରୂପେ ପାଳନ କରାଯାଉଛି । ସେଥିପାଇଁ ଆମରାଜ୍ୟରେ ବନମହୋତ୍ସବ ଜୁଲାଇ ଏକତାରିଖରୁ ଆରମ୍ଭହୋଇ ଜଗନ୍ନାଥଙ୍କ ବାହୁଡାଯାତ୍ରା ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଉଛି । ଜୁଲାଇ ୭ ତାରିଖରେ ଓଡ଼ିଶାର ବିଭିନ୍ନ ବନାଞ୍ଚଳରେ ଜନସାଧାରଣଙ୍କ ସକ୍ରିୟ ସହଯୋଗରେ ଗୋଟିଏ ଦିନରେ ଅନ୍ୟୂନ ୩୦ଲକ୍ଷ ବୃକ୍ଷ ଚାରା ରୋପଣ କରାଯାଉଛି ।

ବୃକ୍ଷ ହିଁ ଜୀବନ । ବୃକ୍ଷ ବାୟୁ ମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷିନିଏ ଏବଂ ଆମକୁ ଅମ୍ଳଜାନ ପ୍ରଦାନ କରେ । ଜଙ୍ଗଲ ବର୍ଷା ବୃଷ୍ଟି କରେ । ମୃତ୍ତିକାକୁ ଉର୍ବର କରେ । ଭୂତଳ ଜଳ ସଂରକ୍ଷଣ କରେ । ଆମକୁ ଫୁଲ, ଫଳ, ଖାଦ୍ୟ, ବସ୍ତ୍ର ଏବଂ ରହିବା ପାଇଁ ଘର ତିଆରି ସାମଗ୍ରୀ ପ୍ରଦାନ କରେ । ଥରଟିଏ ଭାବନ୍ତୁ ଦେଖି ବୃକ୍ଷ ବିନା ଆମ ଜୀବନ । ରାସ୍ତାଟିଏ ଥିବ, ମାତ୍ର ତା ପାର୍ଶ୍ୱରେ ଛାୟା ପ୍ରଦାନକାରୀ ଗଛ ନଥିବ । ଆମର ବଣଭୋଜି ସ୍ଥାନରେ ଜଙ୍ଗଲ ନଥିବ, ଝରଣା ନଥିବ, ଆମକୁ କେମିତି ଲାଗିବ, ବୃକ୍ଷବିନା ଆମ ଜୀବନ କିଭଳି ଦୁର୍ବିସହ ହୋଇ ପଡିବ ତାହା ଚିନ୍ତା କରିପାରୁଛନ୍ତି ତ ।

ପୃଥିବୀର ଭୂଭାଗର ୩୦ ପ୍ରତିଶତ ହେଉଛି ଜଙ୍ଗଲ । ମାତ୍ର ପ୍ରତି ମୁହୂର୍ତ୍ତରେ ଏହାର ଅନୁପାତ କମିବାରେ ଲାଗିଛି, ପୃଥିବୀର ଜଙ୍ଗଲ ପରିମାଣ ପ୍ରାୟ ୪,୦୦୦ ନିୟୁତ ହେକ୍ଟର ହୋଇଥିବା ବେଳେ ପ୍ରତିବର୍ଷ ୬ ନିୟୁତ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳ ସଫାହେବାରେ ଲାଗିଛି । ଯାହାଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଆଦି green house ଗ୍ୟାସର ପରିମାଣ ଅନବରତ ବଢ଼ିଚାଲିଛି । ଯାହାକି ପୃଥିବୀ ପୃଷ୍ଠରେ ତାପମାତ୍ରା ବୃଦ୍ଧି ସହିତ ଜଳବାୟୁର ଅନିୟମିତତା ସୃଷ୍ଟି କରୁଛି । ଏହାର କୁପରିଣାମ ସମଗ୍ର ଜୀବଜଗତ ଭୋଗୁଛନ୍ତି । ଅନେକ ସମ୍ବେଦନଶୀଳ ଜୀବ ଓ ଉଦ୍ଭିଦ ଏଥିପାଇଁ ଲୋପ ପାଇଲେଣି ଏବଂ ଅନେକ ଲୋପପାଇବାକୁ ବସିଲେଣି । ମେରୁ ଅଞ୍ଚଳରେ ବରଫ ତରଳୁଥିବା ଯୋଗୁଁ ସମୁଦ୍ରର ଜଳପତନ ବୃଦ୍ଧିଘଟି ସମୁଦ୍ରକୂଳ ସହର ଏବଂ ସମୁଦ୍ର ମଧ୍ୟସ୍ଥ କ୍ଷୁଦ୍ରଦ୍ୱୀପ ଜଳମଗ୍ନ ଅବସ୍ଥାକୁ ଆସିଲାଣି । ସତ କହିବାକୁ ଗଲେ ମଣିଷର ଅବିବେକତା ଯୋଗୁଁ ସମଗ୍ର ଜୀବଜଗତ ପାଇଁ ପ୍ରଳୟ ମାଡି ଆସୁଛି ।

ଆମରାଜ୍ୟରେ ସରକାରଙ୍କ ଉଦ୍ୟମରେ ଏବଂ ଜନସାଧାରଣଙ୍କ ସହଯୋଗରେ ବିଗତ ଦଶବର୍ଷ ମଧ୍ୟରେ ଦୁଇଲକ୍ଷ ହେକ୍ଟର ଜଙ୍ଗଲର ଅଭିବୃଦ୍ଧି ଘଟିଛି । ମାତ୍ର ଆମର ରେକର୍ଡଭୁକ୍ତ ଜଙ୍ଗଲର ପରିମାଣ ୩୭ ପ୍ରତିଶତ ଥିବାବେଳେ ଘଞ୍ଚ ଜଙ୍ଗଲ ହେଉଛି ଓଡ଼ିଶା ଭୂଭାଗର ମାତ୍ର ୧୮ ପ୍ରତିଶତ । ଆମ ଜଙ୍ଗଲର ଆୟତନ ସହିତ ଘଞ୍ଚ ଜଙ୍ଗଲ ବୃଦ୍ଧିର ଆବଶ୍ୟକତା ରହିଛି । ସେଥିପାଇଁ ଏବର୍ଷ ରାଜ୍ୟରେ ୨,୨୫,୦୦୦ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ ପାଇଁ ଲକ୍ଷ୍ୟ ରଖାଯାଇଛି, ରାଜ୍ୟର ବନବିଭାଗର ନର୍ସରୀରେ ବନୀକରଣ ପାଇଁ ପ୍ରାୟ ୬କୋଟି ବୃକ୍ଷଚାରା ଉତ୍ପନ୍ନ କରାଯାଇଛି । ସେଥିମଧ୍ୟରୁ ୨କୋଟି ଚାରା ସର୍ବସାଧାରଣଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯିବ ।

ଆମେ ଶପଥନେବା ଏହି ବନମହୋତ୍ସବ ସପ୍ତାହରେ ଆମେ ଅନ୍ତତଃ ଗୋଟିଏ ବୃକ୍ଷଚାରା ରୋପଣ କରିବା ଏବଂ ତାହାର ଯତ୍ନନେଇ ଏକ ଦ୍ରୁମରେ ପରିଣତ କରିବା, ଯେଉଁଥିରେ କି ଫୁଲ ଫଳ ଧରି ନାନା ଜାତିର ଚଢ଼େଇ ଏବଂ ଜୀବଜନ୍ତୁଙ୍କୁ ଆକର୍ଷଣ କରିବ ଏବଂ ପରିବେଶକୁ ସରସ ଓ ସୁନ୍ଦର କରିବ ।



# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ବନୀକରଣ ଯୋଜନା

ଦେବୀଦତ୍ତ ବିଶ୍ୱାଳ
ବନ ସଂରକ୍ଷକ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଜାପାନ ଆନ୍ତର୍ଜାତୀୟ ସହଯୋଗ ସଂସ୍ଥା (JICA)ର ଆର୍ଥିକ ସହାୟତାରେ ଓଡ଼ିଶାର ୧୦ଗୋଟି ଜିଲ୍ଲା ତଥା ୧୪ ଗୋଟି ବନ ଓ ବନ୍ୟପ୍ରାଣୀ ଖଣ୍ଡରେ କାର୍ଯ୍ୟକାରୀ ହେଉଛି । ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ଦେବଗଡ଼, ଗଜପତି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଫୁଲବାଣୀ, ଅନୁଗୁଳ, ବଣାଇ, ଦେବଗଡ଼, ଡାଲିଗୁଡ଼ା, ଜୟପୁର, କୋରାପୁଟ, ପାରଳାଖେମୁଣ୍ଡି, ରାୟଗଡ଼ା, ରାଉରକେଲା, ଭଦ୍ରକ (ବନ୍ୟପ୍ରାଣୀ), ବାଲେଶ୍ୱର (ବନ୍ୟପ୍ରାଣୀ) ଓ ସାତକୋଶିଆ (ବନ୍ୟପ୍ରାଣୀ) ବନଖଣ୍ଡ ମାନଙ୍କରେ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପ ୭ବର୍ଷ ପାଇଁ ୨୦୦୬-୦୭ ରୁ ୨୦୧୨-୧୩ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପର ମୁଖ୍ୟ ଆଭିମୁଖ୍ୟ "ପରିବେଶର ବିକାଶ ସହ ଦାରିଦ୍ର୍ୟ ଦୂରୀକରଣର ବୃହତ୍ତର ଲକ୍ଷ୍ୟ ରଖି ଯୁଗ୍ମ ବନ ପରିଚାଳନା ଓ ଗୋଷ୍ଠୀ ତଥା ଜନଜାତି ଉନ୍ନୟନ ଉପରେ ପର୍ଯ୍ୟବେଶିତ ଦୀର୍ଘସ୍ଥାୟୀ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ମାଧ୍ୟମରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରିବା ଓ ସଂପୃକ୍ତ ଗ୍ରାମବାସୀଙ୍କ ଆର୍ଥିକ ଉନ୍ନତି ଆଣିବା" ଅଟେ । ଏହି ପ୍ରକଳ୍ପ ର ପ୍ରମୁଖ ଉପାଦାନ ଗୁଡ଼ିକ ହେଲା :-

୧. ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ନୂତନ ଜଙ୍ଗଲ ସୃଷ୍ଟି ।

୨. ସମୁଦ୍ର ତଟବର୍ତ୍ତୀ ବନୀକରଣ ।

୩. ଜୈବ ବିବିଧତା ପରିଚାଳନା ।

୪. ଗୋଷ୍ଠୀ ତଥା ଜନଜାତି ଉନ୍ନୟନ ଓ ବନ ସଂରକ୍ଷଣ ସମିତିର ସାମର୍ଥ୍ୟ ବୃଦ୍ଧି ।

ଉଜୁଡ଼ା ଜଙ୍ଗଲ ର ପୁନରୁଦ୍ଧାର ଏବଂ ବନୀକରଣ ମୁଖ୍ୟତଃ ଯୁଗ୍ମ ବନ ପରିଚାଳନା ଢାଞ୍ଚାରେ (JFM Mode) କରାଯାଉଛି । ଏଥିରେ ନିମ୍ନଲିଖିତ ଉପାଦାନ ମାଧ୍ୟମରେ ବନୀକରଣ କରାଯାଉଛି :-

୧. ପୁନର୍ଜନନ ସହାୟକ କାର୍ଯ୍ୟକ୍ରମ (ANR)

୨. ବ୍ଲକ୍ ବନୀକରଣ :- ଏଥିରେ ଅର୍ଥକାରୀ (Economic) ବନୀକରଣ, ଇନ୍ଧନ ଓ ଗୋଖାଦ୍ୟ (Fuel and Fodder) ବନୀକରଣ, ବାଉଁଶ (Bamboo) ବନୀକରଣ, ଅଣକାଷ୍ଠ ଜଙ୍ଗଲ ଦ୍ରବ୍ୟ (NTFP) ବନୀକରଣ ରହିଛି । ଏହି ବନୀକରଣ ପାଇଁ ଉଦ୍ଦିଷ୍ଟ ଅର୍ଥରାଶି ବନସଂରକ୍ଷଣ ସମିତିକୁ ହସ୍ତାନ୍ତର କରାଯାଉଛି ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅଣୁଯୋଜନା ଅନୁଯାୟୀ ବିଭିନ୍ନ ପ୍ରକାର ଗଛ ଲଗାଯାଉଛି ।

କିଛି ଶାଗୁଆନ୍ ବୃକ୍ଷରୋପଣ (Teak Plantation) ବିଭାଗ ଦ୍ୱାରା ମଧ୍ୟ କରାଯାଉଛି । ସମୁଦ୍ର ତଟବର୍ତ୍ତୀ ବନୀକରଣ ମାଧ୍ୟମରେ ୨୧୬୦ ହେକ୍ଟରରେ ହେନ୍ତାଳ ବନ ଏବଂ ୬୫୦ ହେକ୍ଟରରେ ଝାଉଁ ଜଙ୍ଗଲ ସୃଷ୍ଟି କରିବାର ପ୍ରବିଧାନ ଅଛି । ଏହି ବନୀକରଣ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କରାଯାଉଛି । ଏହା ଭବିଷ୍ୟତ ରେ ଉପକୂଳବର୍ତ୍ତୀ ଅଞ୍ଚଳକୁ ବାତ୍ୟା, ସୁନାମି ଇତ୍ୟାଦି ଦୈବୀଦୁର୍ବିପାକରୁ ରକ୍ଷା କରିବ ।

ପ୍ରକଳ୍ପରେ ୨୦୧୦ ମାର୍ଚ୍ଚ ସୁଦ୍ଧା ୭୮୭୭୮.୫ ହେକ୍ଟରରେ ANR, ୨୩୧୯.୫ ହେକ୍ଟରରେ Economic Plantation, ୨୫୧୭.୫ ହେକ୍ଟରରେ Fuel & Fodder Plantation, ୮୮୧ ହେକ୍ଟରରେ Bamboo, ୪୪୬୧ ହେକ୍ଟରରେ NTFP Plantation, ୩୧୬୦ ହେକ୍ଟରରେ Teak Plantation, ୯୫୧ ହେକ୍ଟରରେ ହେନ୍ତାଳ ବନୀକରଣ ଏବଂ ୬୨ ହେକ୍ଟରରେ ଝାଉଁ ଜଙ୍ଗଲ ବନୀକରଣ କରାଯାଇଛି ।

୨୦୧୦-୧୧ ବର୍ଷରେ ୪୬,୬୩୫ ହେକ୍ଟରରେ ANR, ଏବଂ ପ୍ରାୟ ୧୯୦୦୦ ହେକ୍ଟରରେ Block Plantation, ୬୩୬୦ ହେକ୍ଟରରେ ଶାଗୁଆନ୍ ବନୀକରଣ, ୧୧୦୦ ହେକ୍ଟରରେ ହେନ୍ତାଳ ବନ, ୫ ହେକ୍ଟରରେ ଝାଉଁ ଜଙ୍ଗଲ ବନୀକରଣର କାର୍ଯ୍ୟକ୍ରମ ରହିଛି ।

ଏହି ପ୍ରକଳ୍ପରେ ବନୀକରଣ ସମ୍ବନ୍ଧୀୟ କିଛି ଅଭିନବ ହସ୍ତକ୍ଷେପ ନିମ୍ନରେ ପ୍ରଦାନ କରାଗଲା :

୧. ବନୀକରଣ ମୁଖ୍ୟତଃ ବନସଂରକ୍ଷଣ ସମିତିଗୁଡ଼ିକ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି । ଏଥି ସମ୍ବନ୍ଧୀୟ ସଂପୂର୍ଣ୍ଣ ଧନରାଶି ବନ ସଂରକ୍ଷଣ ସମିତିକୁ ଅଣୁଯୋଜନା ପ୍ରସ୍ତୁତ ଓ ଅନୁମୋଦନ ପରେ ପର୍ଯ୍ୟାୟ କ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ହସ୍ତାନ୍ତର କରାଯାଉଛି । ବନୀକରଣ ସମ୍ବନ୍ଧୀୟ ଏବଂ ଅନ୍ୟାନ୍ୟ ସମସ୍ତ କାଗଜପତ୍ର ବନ ସଂରକ୍ଷଣ ସମିତିରେ ରଖାଯାଉଛି ଏବଂ VSS ଆକାଉଣ୍ଟକୁ ପ୍ରତିବର୍ଷ Audit କରାଯାଉଛି । ଏତଦ୍ୱାରା ବନସଂରକ୍ଷଣ ସମିତିକୁ ସଶକ୍ତିକରଣ କରାଯାଉଛି ।

୨. ବନୀକରଣ ପାଇଁ ଲାଗୁଥିବା ବିଭିନ୍ନ ପ୍ରଜାତିର ଗଛ ବନସଂରକ୍ଷଣ ସମିତି ଦ୍ୱାରା ପ୍ରସ୍ତୁତ ଅଣୁଯୋଜନା ଅନୁଯାୟୀ ନିଷ୍ପତ୍ତି କରାଯାଉଛି ।

୩. ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ସମୟରେ ଜୀବୀକା ନିର୍ବାହ ପାଇଁ ଦରକାରୀ ଗଛ ଉପରେ ଧ୍ୟାନ ଦିଆଯାଉଛି ।

୪. ମୃତ୍ତିକା ଓ ଜଳ ସଂରକ୍ଷଣ ପାଇଁ ଅଧିକ ଅର୍ଥ ପ୍ରଦାନ କରାଯାଉଛି ।

୫. ଦ୍ୱିତୀୟ ବର୍ଷ ପୁନଃରୋପଣ ପାଇଁ ୨୦% ବନୀକରଣର ବ୍ୟବସ୍ଥା ଅଛି ।

୬. ପ୍ରକଳ୍ପରେ ସଫଳ ବନୀକରଣ ପାଇଁ ନିମ୍ନମତେ ସୂଚକ ଧାର୍ଯ୍ୟ କରାଯାଇଛି :-

୧ମ ବର୍ଷ ପରେ - ୯୦%

୨ୟ ବର୍ଷ ପରେ - ୯୦%

୩ୟ ବର୍ଷ ପରେ - ୭୦%

୪ର୍ଥ ବର୍ଷ ପରେ - ୬୫%

୫ମ ବର୍ଷ ପରେ - ୬୦%

୭. ବନୀକରଣ ସମୟରେ ଖାଲି ଯାଗାରେ ମଞ୍ଜି ବୁଣିବା ଏବଂ NTFP ବନୀକରଣରେ ଗଛ ଧାଡ଼ି ମଝିରେ କିଛି କୃଷିଜାତ ଦ୍ରବ୍ୟ ଚାଷ କରିବାର ବ୍ୟବସ୍ଥା ରହିଛି, ଯଦ୍ୱାରା ଗ୍ରାମବାସୀ ମାନେ ଅଧିକ ଆୟ କରିପାରିବେ ।

୮. ପ୍ରତ୍ୟେକ ବର୍ଷ Sample ପଦ୍ଧତିରେ ଏକ ସ୍ୱାଧୀନ ତଥା ନିରପେକ୍ଷ ସଂସ୍ଥା ଦ୍ୱାରା ଏହି ବନୀକରଣର ଏବଂ ପ୍ରକଳ୍ପ ଅର୍ଥରେ ସୃଷ୍ଟି ହୋଇଥିବା ସମ୍ପତ୍ତିର ତନଖି ଓ ଅନୁଧ୍ୟାନ କରାଯାଉଛି ।

୯. NTFP ଏବଂ ANR ବନୀକରଣରେ କିଛି କଲମି ଗଛ ଲଗେଇବାର ବ୍ୟବସ୍ଥା ଅଛି, ଯେଉଁଥିରୁ ବନସଂରକ୍ଷଣ ସମିତି ଶୀଘ୍ର ଏବଂ ଅଧିକ ଆୟ କରିପାରିବ ।

ଏହିପରି ଅନେକ ନୂତନ ଅଭିନବ ପନ୍ଥା ପ୍ରକଳ୍ପରେ କାର୍ଯ୍ୟକାରୀ କରାଯାଉଛି ।



# ଓଜୋନ ଦିବସ

ଅଶ୍ୱିନୀ କୁମାର କର
ଉପ ବନ ସଂରକ୍ଷକ (ଗବେଷଣା ଓ ତାଲିମ)

ଗତ ସେପ୍ଟେମ୍ବର ୧୬ ତାରିଖରେ ପାଳିତ ହୋଇଯାଇଛି ସପ୍ତଦଶ ବିଶ୍ୱ ଓଜୋନ ଦିବସ । ୧୯୯୫ ମସିହା ଠାରୁ ପ୍ରତିବର୍ଷ ସାରା ପୃଥିବୀରେ ଏହି ଦିନଟିକୁ ବିଶ୍ୱ ଓଜୋନ୍ ଦିବସ ଭାବେ ପାଳନ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଲା ପୃଥିବୀର ବାୟୁମଣ୍ଡଳ ଓ ଜୀବଜଗତର ସୁରକ୍ଷା ପାଇଁ ଓଜୋନ ସ୍ତରର ଗୁରୁତ୍ୱ ସମ୍ବନ୍ଧରେ ଲୋକମାନଙ୍କୁ ସୂଚିତ କରାଇବା ଏବଂ ଏହାର କ୍ରମଶଃ କ୍ଷୟ ହେତୁ ଜୀବଜଗତ ପ୍ରତି ଯେଉଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେଉଛି ସେ ବିଷୟରେ ଧାରଣା ଦେଇ ଏହାର ସୁରକ୍ଷା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା । ଓଜୋନ ସ୍ତରର ପୃଥିବୀ ପାଇଁ ରହିଥିବା ଗୁରୁତ୍ୱ ବିଜ୍ଞାନୀମାନେ ପ୍ରଥମେ ୧୯୩୦ ମସିହାରେ ଆବିଷ୍କାର କରିଥିଲେ । ପରେ ୧୯୭୦ ମସିହାରେ ଗବେଷକମାନେ Antarctica ଉପରିସ୍ଥ ବାୟୁମଣ୍ଡଳରେ ଓଜୋନ୍ ସ୍ତରରେ ଗର୍ତ୍ତ ସୃଷ୍ଟି ହୋଇଥିବା ଆବିଷ୍କାର କରିଥିଲେ । ସେଥିପାଇଁ ପୃଥିବୀ ସାରା ବିଜ୍ଞାନୀମାନେ ଏବାବଦରେ ଗବେଷଣା କରି ଓଜୋନ ସ୍ତରରେ ଗର୍ତ୍ତ ସୃଷ୍ଟି ଦ୍ୱାରା ପୃଥିବୀର ବାୟୁମଣ୍ଡଳ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ବନ୍ଧରେ ଅଧିକ ଜାଣିବାକୁ ପାଇଲେ । ଏଥିପାଇଁ ୧୯୮୭ ମସିହାରେ ମଣ୍ଟ୍ରିଲ ଠାରେ ବିଶ୍ୱର ୨୪ଟି ରାଷ୍ଟ୍ରର ଗବେଷକମାନେ ଏକାଠି ହୋଇ ଏ ବାବଦରେ ଜନ ସଚେତନତା ସୃଷ୍ଟି ପାଇଁ ଏବଂ ଏହାର ସୁରକ୍ଷା ପାଇଁ ସହମତି ପ୍ରକାଶ କରି ଐତିହାସିକ ମଣ୍ଟ୍ରିଲ୍ ରାଜିନାମା ସ୍ୱାକ୍ଷରିତ କରିଥିଲେ ।

ପ୍ରଥମେ ଜାଣିବା ଓଜୋନ ସ୍ତର କଣ ? ପୃଥିବୀର ବାୟୁମଣ୍ଡଳର ୧୬ରୁ ୫୦ କି.ମି. ମଧ୍ୟରେ ରହିଛି Stratosphere ସ୍ତର । ଏହି ସ୍ତରଟିର ନିମ୍ନ ଭାଗରେ ଅଥବା ପୃଥିବୀ ପୃଷ୍ଠରୁ ୧୭ ରୁ ୨୫ କି.ମି. ମଧ୍ୟରେ ଓଜୋନ ସ୍ତର ଅବସ୍ଥିତ । ଏହା ଓଜୋନ ଗ୍ୟାସ୍‌ରେ ପରିପୂର୍ଣ୍ଣ ଏକ ପତଳା ସ୍ତର । ସୂର୍ଯ୍ୟ କିରଣରେ ରହିଥିବା Ultraviolet ବା ଅତିବାଇଗଣି ରଶ୍ମି ଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନ ଅଣୁଗୁଡ଼ିକ ଅମ୍ଳଜାନ ପରମାଣୁରେ ପରିଣତ ହୋଇଥାଆନ୍ତି । ଏହି ଅମ୍ଳଜାନ ଅଣୁ ଓ ପରମାଣୁ ରାସାୟନିକ ପ୍ରକ୍ରିୟାରେ ଏକତ୍ରିତ ହୋଇ ଓଜୋନ ଅଣୁ ଗଠନ କରିଥାଆନ୍ତି । ସୂର୍ଯ୍ୟ ରଶ୍ମିରେ ଥିବା Ultraviolet ରଶ୍ମିର ଏକ ଅଂଶ ଯାହାକି ୨୪୦ ରୁ ୩୧୦ Nanometer ଦୈର୍ଘ୍ୟ ବିଶିଷ୍ଟ, ତାହା ଜୀବଜଗତ ପାଇଁ ଅତି ବିପଦପୂର୍ଣ୍ଣ । ଏହାର କୁପ୍ରଭାବରେ ଚର୍ମକର୍କଟ, ପରକରୋଗ ଆଦି ବ୍ୟାଧି ମଣିଷମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହି ରଶ୍ମି ଦ୍ୱାରା ଉଦ୍ଭିଦର ଆଲୋକ ସଂଶ୍ଳେଷଣ କ୍ରିୟା ବାଧାପ୍ରାପ୍ତ ହୋଇ ଫସଲ ଉତ୍ପାଦନ ହ୍ରାସ ପାଇଥାଏ । ସାମୁଦ୍ରିକ ଜୀବଜଗତ ଉପରେ ମଧ୍ୟ ଏହାର କୁପ୍ରଭାବ ରହିଛି ଯାହାଦ୍ୱାରା ଅନେକ ସାମୁଦ୍ରିକ ପ୍ରାଣୀ ଲୋପ ପାଇଥାଆନ୍ତି, କିନ୍ତୁ ବାୟୁମଣ୍ଡଳର ଓଜୋନ ସ୍ତର ଏହି କ୍ଷତିକାରକ ରଶ୍ମିକୁ ସଂପୂର୍ଣ୍ଣ ଭାବେ ବିଶୋଷଣ କରି ଜୀବଜଗତକୁ ସୁରକ୍ଷା ପ୍ରଦାନ କରିଥାଏ ।

ଏବେ ଦେଖିବା ଓଜୋନ ସ୍ତରରେ ଗର୍ତ୍ତ କାହିଁକି ସୃଷ୍ଟି ହେଉଛି ? ଏହାର ଅନେକ ଗୁଡ଼ିଏ କାରଣ ରହିଛି । ପ୍ରମୁଖ କାରଣ ମଧ୍ୟରେ ରହିଛି ବିଭିନ୍ନ ରାସାୟନିକ ଦ୍ରବ୍ୟର ବହୁଳ ବ୍ୟବହାର । ଏଥିରେ ଅଗ୍ରଣୀ ଭୂମିକା ରହିଛି Chlorofloro carbon ର ଯାହାକି Refrigerator, Air Conditioner ରେ ବ୍ୟାପକ ଭାବେ ବ୍ୟବହାର କରାଯାଇଥାଏ । ଏହାଛଡ଼ା Carbon Tertrachloride, Methyl Chloroform ଯାହାକି କପଡ଼ା ଓ ଧାତୁ ସଫା କରିବା ପାଇଁ ବ୍ୟବହାର କରାଯାଏ, ଏସବୁ ଓଜୋନ ସ୍ତରକୁ କ୍ଷତି ପହଞ୍ଚାଇଥାନ୍ତି । ଏହାଦ୍ୱାରା Ultraviolet ରଶ୍ମିର କ୍ଷତିକାରକ ଅଂଶ ପୃଥିବୀ ପୃଷ୍ଠରେ ପ୍ରବେଶ କରି ଜୀବଜଗତରେ ବ୍ୟାପକ କ୍ଷତି କରିଥାଏ । ଏକ ଆକଳନ ଅନୁସାରେ ବିଗତ ବର୍ଷ ଗୁଡ଼ିକରେ ଏହାର ପ୍ରଭାବରେ ପୃଥିବୀରେ ଏକଲକ୍ଷ ୩୦ ହଜାର ଲୋକ ମେଲାନୋମା ଏବଂ ୬୬ ହଜାର ଲୋକ ଚର୍ମ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏହା ମଧ୍ୟ ବିଜ୍ଞାନ ସିଦ୍ଧ ଯେ ଶତକଡ଼ା ଏକଭାଗ ଓଜୋନ ହ୍ରାସ ପାଇବା ଦ୍ୱାରା ଶତକଡ଼ା ଦୁଇଭାଗ ଅତିବାଇଗଣି ରଶ୍ମି ପୃଥିବୀ ପୃଷ୍ଠରେ ପହଞ୍ଚିଥାଏ । ତେଣୁ ଏହା ସହଜରେ ଅନୁମାନ କରିପାରୁଥିବେ ଏହାଦ୍ୱାରା କେତେ କ୍ଷତି ହୋଇପାରେ । ଏହାଛଡ଼ା ପୃଥିବୀ ପୃଷ୍ଠର ଉତ୍ତାପର ବୃଦ୍ଧିର ପ୍ରମୁଖ କାରଣ ମଧ୍ୟ ଓଜୋନ୍ ସ୍ତରର ହ୍ରାସ ।

୨୦୧୧ ମସିହାରେ ଏହି ଦିବସ ପାଇଁ ବିଷୟ ବସ୍ତୁ ରଖାଯାଇଛି "ଆମ ଆକାଶକୁ ରକ୍ଷା କରିବା : ସୁରକ୍ଷିତ ଓଜୋନ ଯୁକ୍ତ ଗ୍ରହ ଆମର ଲକ୍ଷ ।" ସୁଖର ବିଷୟ ଯେ ସାରା ପୃଥିବୀରେ କ୍ଷତିକାରକ ରାସାୟନିକ ପଦାର୍ଥର ବ୍ୟବହାରକୁ ନିୟନ୍ତ୍ରଣ କରାଯାଉଛି । ଭାରତରେ ୪ଟି ରାସାୟନିକ ପଦାର୍ଥ ଯଥା CFC, CTC, Nalon ଏବଂ HCFC କୁ ପର୍ଯ୍ୟାୟକ୍ରମେ ପରିହାର କରାଯାଉଛି । ବିଶ୍ୱ ପାଣିପାଗକୁ ଅନୁଧ୍ୟାନ କରୁଥିବା ବିଜ୍ଞାନୀମାନେ କହିଛନ୍ତି ଯେ Antarctica ଉପରେ ସୃଷ୍ଟି ହୋଇଥିବା ସବୁଠାରୁ ବଡ଼ ଓଜୋନ ଗର୍ତ୍ତ ପୂରଣ ହେବାରେ ଲାଗିଛି ଏବଂ ୨୦୫୦ ମସିହା ବେଳକୁ ଏହା ସ୍ୱାଭାବିକ ହୋଇଯିବ । ତେଣୁ ଏହି ଦିବସ ଉପଲକ୍ଷେ ଓଜୋନ ସ୍ତରର ସଂପୂର୍ଣ୍ଣ ସୁରକ୍ଷା ପାଇଁ ଆସନ୍ତୁ ଆମେ ସମସ୍ତେ ଏକାଠି ହେବା ।

# ଓଡ଼ିଶାର ବନ୍ୟପ୍ରାଣୀ ଏବଂ ସେମାନଙ୍କର ସୁରକ୍ଷା

ଅରୁଣ କୁମାର ମିଶ୍ର
ବନଖଣ୍ଡ ଅଧିକାରୀ, ବଣାଇ

ବର୍ତ୍ତମାନ ଓଡ଼ିଶାରେ ୧୯ଟି ଅଭୟାରଣ୍ୟ, ୨ଟି ଜାତୀୟଉଦ୍ୟାନ, ୨ଟି ବ୍ୟାଘ୍ର ପ୍ରକଳ୍ପ ଏବଂ ଗୋଟିଏ ଜୈବମଣ୍ଡଳ ରହିଛି । ଏହାଛଡ଼ା ୩ଟି ହସ୍ତୀସଂରକ୍ଷଣ ପ୍ରକଳ୍ପ ମଧ୍ୟ ରହିଛି । ଓଡ଼ିଶାର ଜୈବବିବିଧତା ଅନନ୍ୟ । ଓଡ଼ିଶାର ଚିଲିକା ଏବଂ ଭିତରକନିକା କୁ 'ରାମସାର" ଅଞ୍ଚଳ ଭାବରେ ଅଭିହିତ କରାଯାଇଅଛି । ଓଡ଼ିଶାରେ ଚିରହରିତ ଅରଣ୍ୟ ଠାରୁ ଆରମ୍ଭକରି ପର୍ଣ୍ଣମୋଚୀ ଅରଣ୍ୟ, ହେନ୍ତାଳ ବନ ଠାରୁ ଆରମ୍ଭ କରି ଉପକୂଳବର୍ତ୍ତି ଝାଉଁ ବନ ରହିଅଛି । ପ୍ରତିବର୍ଷ ଲକ୍ଷଲକ୍ଷ ସଂଖ୍ୟାରେ ଅଲିଭରିଡ୍ଲେ ସାମୁଦ୍ରିକ କଇଁଛମାନେ ଗହୀରମଥା ଉପକୂଳ ତଥା ଋଷିକୁଲ୍ୟା ନଦୀର ମୁହାଣ ନିକଟବର୍ତ୍ତି ଗୋଖରକୁଦା, ପୁରୁଣାବନ୍ଧ ଅଞ୍ଚଳରେ ଅଣ୍ଡାଦାନ ସ୍ଥଳୀ 'ଆରିବାଡ଼ା' ନାମରେ ପ୍ରସିଦ୍ଧି ଲାଭ କରିଅଛି । ଗହିର ମଥାକୁ ଓଡ଼ିଶାର ପ୍ରଥମ ସାମୁଦ୍ରିକ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଅଛି । ସେହି ପରି ନୀଳାମ୍ବୁ ଚିଲିକାକୁ ଶୀତ ଋତୁରେ ସୁଦୂର ସାଇବେରିଆରୁ ହଜାର ହଜାର ସଂଖ୍ୟାରେ ବିଦେଶାଗତ ପକ୍ଷୀମାନଙ୍କର ଆଗମନ ହୋଇଥାଏ । ଏହି ନୈସର୍ଗିକ ଶୋଭା ଦର୍ଶକ, ପ୍ରକୃତି ପ୍ରେମୀ, ପକ୍ଷୀବିଶାରଦ ମାନଙ୍କୁ ଆମୋଦିତ କରିଥାଏ ।



ଓଡ଼ିଶାର ସମସ୍ତ ଅଭୟାରଣ୍ୟ ତଥା ଅନ୍ୟ ବନ୍ୟପ୍ରାଣୀ ଅଞ୍ଚଳ ପର୍ଯ୍ୟଟକମାନଙ୍କୁ ବିଶେଷ ଆକୃଷ୍ଟ କରିଥାଏ । ଏଥିପାଇଁ ଇକୋଟୁରିଜିମ ବା ପରିବେଶ ପର୍ଯ୍ୟଟନ ବର୍ତ୍ତମାନ ସ୍ଥାନୀୟ ଅଧିବାସୀମାନଙ୍କର ଜୀବନଜୀବିକାର ଏକ ମାଧ୍ୟମରୂପେ ପରିଗଣିତ ହୋଇଛି । ପରିବେଶ ପର୍ଯ୍ୟଟନ ଦ୍ୱାରା ପ୍ରାକୃତିକ ପରିବେଶ ମାନଦଣ୍ଡ ସୁରକ୍ଷିତ ରହୁଛି ଏବଂ ସନ୍ତୁଳିତ ରହୁଛି । ଏହାଫଳରେ ବନ୍ୟପ୍ରାଣୀମାନଙ୍କର ଆବାସସ୍ଥଳୀର ସୁରକ୍ଷା ତଥା ସଂରକ୍ଷଣ ହୋଇପାରୁଛି । ଏକ ସନ୍ତୁଳିତ ବନ୍ୟପ୍ରାଣୀ ସଂରକ୍ଷଣ ଅଭିଯାନ ଦ୍ୱାରା ସମସ୍ତ ଜୀବଜଗତର ନୀରନ୍ତର ଉନ୍ନତି ସାଧିତ ହୋଇପାରିବ । ଓଡ଼ିଶାରେ ଭିତରକନିକା, ଚିଲିକା, ସାତକୋଶିଆ, ଶିମିଳିପାଳ, ଉଷାକୋଠି, ବଡ଼ରମା, ନନ୍ଦନକାନନରେ ଏକ ବିଶ୍ୱସ୍ତରୀୟ ଚିଡ଼ିଆଖାନା ରହିଛି । ଏଠାରେ ବର୍ତ୍ତମାନ ବନ୍ଧୁକାସ୍ତାର ସଂରକ୍ଷଣ କେନ୍ଦ୍ର, ଶାଗୁଣା ସଂରକ୍ଷଣ କେନ୍ଦ୍ର, ପାଣିଗୋଧି ସଂରକ୍ଷଣ କେନ୍ଦ୍ର, ଘଡ଼ିଆଳ ସଂରକ୍ଷଣ କେନ୍ଦ୍ର ଇତ୍ୟାଦି ଚାଲୁରହିଛି । ବିଲୁପ୍ତ ପ୍ରଜାତୀର ଜନ୍ତୁମାନଙ୍କର ସଂରକ୍ଷଣ ପାଇଁ ଚିଡ଼ିଆଖାନାର ବିଶେଷ ଗୁରୁତ୍ୱ ରହିଛି । ନନ୍ଦନକାନନ ଧଳାବାଘ ପ୍ରଜନନ ପାଇଁ ବିଶ୍ୱ ପ୍ରସିଦ୍ଧି ଲାଭ କରିଛି । ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୧୮୦୦ରୁ ଊର୍ଦ୍ଧ୍ୱ ହାତୀ ରହିଛନ୍ତି । ଏକଦା ବ୍ୟାଘ୍ର ସଂରକ୍ଷଣ ପାଇଁ ଓଡ଼ିଶାର ଶିମିଳିପାଳ ବିଶ୍ୱବିଖ୍ୟାତ ହୋଇପାରିଥିଲା ଯାହାକି ଖଇରୀ ବାଘୁଣୀ ପାଇଁ ସମ୍ଭବ ହୋଇଥିଲା ।


ଜନସଂଖ୍ୟାର ବିସ୍ଫୋରଣ ସହିତ କଳକାରଖାନାର ପରିବ୍ୟାପ୍ତି, କ୍ରମବର୍ଦ୍ଧିଷ୍ଣୁ ବିକାଶର ଅଭିବୃଦ୍ଧି ସହିତ ବନ୍ୟପ୍ରାଣୀ ମାନଙ୍କର ଆବାସସ୍ଥଳୀ କ୍ରମଶଃ ସଂକୁଚିତ ହେଉଅଛି । ଆବାସସ୍ଥଳୀ ସବୁ ଖଣ୍ଡ ବିଖଣ୍ଡିତ ହୋଇଛି ଏବଂ ସେମାନଙ୍କ ମଧ୍ୟରେ 'କରିଡ଼ର'ର ସଂଯୋଗୀକରଣର ଆବଶ୍ୟକତା ଦେଖାଯାଇଛି । ଖଣିଖାଦାନର ଅଭିବୃଦ୍ଧି, ଚାଷଉପଯୋଗୀ ଜମିର ଆବଶ୍ୟକତା, ପୋଡୁଚାଷ, ଗମନାଗମନର ବିକାଶ, ସହରାଞ୍ଚଳର ବିକାଶ ଇତ୍ୟାଦି ପାଇଁ ବନ୍ୟପ୍ରାଣୀମାନଙ୍କର ଆବାସସ୍ଥଳୀ ଆଜି ବିପଦସଂକୁଳ ଅବସ୍ଥାରେ ଅଛି । ଏଥିପାଇଁ ବିଲୁପ୍ତ ପ୍ରାଣୀମାନଙ୍କର ସଂରକ୍ଷଣର ବିଶେଷ ଆବଶ୍ୟକତା ଦେଖାଦେଇଛି । ମନୁଷ୍ୟ ଏବଂ ବନ୍ୟପ୍ରାଣୀ ପରସ୍ପର ପରିପୂରକ । ଖାଦ୍ୟଶୃଙ୍ଖଳା ନ ରହିଲେ ପ୍ରକୃତି ତାର ଭାରସାମ୍ୟ ହରାଇ ବସିବ ।

ବନ୍ୟପ୍ରାଣୀ ମାନଙ୍କର ସୁରକ୍ଷା ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ର ପ୍ରଣୟନ ହୋଇଥିଲା । ଏହା ଏକ କେନ୍ଦ୍ରୀୟ ଆଇନ ଏବଂ ଏହାର ପରିବର୍ତ୍ତିତ ସଂଶୋଧିତ ନିୟମରେ କମ୍ୟୁନିଟି ରିଜର୍ଭ ଏବଂ କନଜରଭେସନ ରିଜର୍ଭ ଏବଂ ଟାଇଗର କନଜରଭେସନ ଅଥରିଟି ବ୍ୟବସ୍ଥା ମଧ୍ୟ କରାଯାଇଛି । ଏହାଦ୍ୱାରା ଶିକାରୀ ତଥା ଦୋଷୀମାନଙ୍କୁ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି । ଅଭୟାରଣ୍ୟ ତଥା ଜାତୀୟ ଉଦ୍ୟାନ ମଧ୍ୟରେ ବନ୍ୟପ୍ରାଣୀ ଅପରାଧର ନିରାକରଣ ପାଇଁ କଠୋର ଦଣ୍ଡ ବିଧାନ କରାଯାଇଛି । ବର୍ତ୍ତମାନ ଅଧିକରୁ ଅଧିକ ଉଦୀୟମାନ ବନ୍ୟପ୍ରାଣୀ ବିଶାରଦମାନେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ କାର୍ଯ୍ୟକରୁଛନ୍ତି । ବହୁତ ଏନ୍.ଜି.ଓ ମାନେ ମଧ୍ୟ ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ବନ୍ୟଜନ୍ତୁ ଓ ମନୁଷ୍ୟ ମଧ୍ୟରେ ଯେଉଁ ତିକ୍ତତା ବୃଦ୍ଧିପାଉଛି ଏଥିପାଇଁ ଜନସାଧାରଣଙ୍କୁ ଯଥାଶିଘ୍ର କ୍ଷତିପୂରଣ ଦିଆଯାଉଛି । ବର୍ତ୍ତମାନ ବନ୍ୟଜନ୍ତୁମାନଙ୍କର ଘରଦ୍ୱାର ନଷ୍ଟ, ତଥା ଶସ୍ୟହାନୀ ପାଇଁ ଯଥେଷ୍ଟ ଅନୁକମ୍ପା ମୂଳକ ଅର୍ଥର ବ୍ୟବସ୍ଥା କରାଯାଇଛି । ସେହିପରି ମନୁଷ୍ୟର ମୃତ୍ୟୁପାଇଁ ତଥା ଆଘାତର ଚିକିତ୍ସାପାଇଁ ଯଥେଷ୍ଟ ଅନୁକମ୍ପା ମୂଳକ ଅର୍ଥର ବ୍ୟବସ୍ଥା ରହିଛି । ଜଙ୍ଗଲବିଭାଗର କର୍ମଚାରୀ ତଥା ବନସଂରକ୍ଷଣ ସମିତିର ସଭ୍ୟମାନଙ୍କର ସହଯୋଗରେ ହାତୀ ଘଉଡ଼ା କାର୍ଯ୍ୟକ୍ରମ ଜାରି ରହିଛି । ଜନସହଯୋଗରେ ବନ୍ୟପ୍ରାଣୀ ତଥା ସେମାନଙ୍କର

ଆବାସସ୍ଥଳୀ ସଂରକ୍ଷଣ ପାଇଁ ବିଶେଷ ଉଦ୍ୟମ ଜାରି ରହିଛି । ଜନସାଧାରଣଙ୍କ ମନରେ ସଚେତନତାର ଜାଗରଣ ପାଇଁ ମାର୍ଚ୍ଚ ୨୧ରେ ବିଶ୍ୱ ବନଦିବସ, ଜୁନ ୫ରେ ବିଶ୍ୱ ପରିବେଶ ଦିବସ, ଅକ୍ଟୋବର ୨ରୁ ୮ ରେ ବନ୍ୟଜନ୍ତୁ ସପ୍ତାହ, ମାର୍ଚ୍ଚ ୨୦ରେ ବିଶ୍ୱ ଘରଚଟିଆ ଦିବସ, ଏପ୍ରିଲ ୨୨ରେ ଧରିତ୍ରୀ ଦିବସ ଇତ୍ୟାଦି ପାଳନ କରାଯାଉଛି । ବନ୍ୟପ୍ରାଣୀ ସଂରକ୍ଷଣରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର, ପ୍ରକୃତିବନ୍ଧୁ, ପ୍ରକୃତିମିତ୍ର, ଶ୍ରେଷ୍ଠ ବନସଂରକ୍ଷଣ ସମିତି ଇତ୍ୟାଦି ବିଭିନ୍ନ ପୁରସ୍କାର ଦିଆଯାଉଛି । ପରିବର୍ତ୍ତିତ ପରିସ୍ଥିତିରେ ବର୍ତ୍ତମାନ ଆମ ପ୍ରଦେଶର କେତେକ ପ୍ରମୁଖ ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳ ଯଥା ସୁନାବେଡ଼ା ଅଭୟାରଣ୍ୟ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଇତ୍ୟାଦି ଆଜି ମାଓବାଦୀ ପ୍ରବଣ ଅଂଚଳ ର ଆଖ୍ୟାପାଇଛି । ଏହାଦ୍ୱାରା ଏଠାରେ କାର୍ଯ୍ୟରତ କର୍ମଚାରୀମାନେ ଭୀତତ୍ରସ୍ତ ଏବଂ ଏହାଦ୍ୱାରା ବନ୍ୟପ୍ରାଣୀର ସୁରକ୍ଷା ଏକ ପ୍ରଶ୍ନବାଚୀ ହୋଇରହିଛି । ଏଥିପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସମନ୍ୱିତ ସୁରକ୍ଷା କାର୍ଯ୍ୟକ୍ରମ ଦେବାର ଆବଶ୍ୟକତା ରହିଛି । ବର୍ତ୍ତମାନ "ବାମ୍ପା" କାର୍ଯ୍ୟକ୍ରମରେ ବନବିଭାଗ ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାଫଳରେ ଜଙ୍ଗଲକୁ ନିଆଁ ଠାରୁ ରକ୍ଷା କରିବା ସହିତ ବନ କର୍ମଚାରୀମାନଙ୍କ କ୍ୱାଟର, ଅଫିସ, ପେଟ୍ରୋଲିଂ ଗାଡ଼ି ଇତ୍ୟାଦିର ବ୍ୟବସ୍ଥା ରହିଛି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ଜାପାନ ସରକାରଙ୍କର ଆର୍ଥିକ ସହାୟତାରେ ବନ ସଂରକ୍ଷଣ ସମିତି କରିଆରେ ଜଙ୍ଗଲ ସୁରକ୍ଷା, ସେମାନଙ୍କ ଆର୍ଥିକ ମାନଦଣ୍ଡର ବିକାଶ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସେହିପରି ସମନ୍ୱିତ ଉପକୂଳବର୍ତ୍ତୀ ଅଂଚଳର ବିକାଶ ପ୍ରକଳ୍ପ ଦ୍ୱାରା ବହୁତ ବନ୍ୟପ୍ରାଣୀ ତଥା ଜନସାଧାରଣଙ୍କର ଜୀବନ ଜୀବିକା ର ମାନଦଣ୍ଡର ବିକାଶ କାର୍ଯ୍ୟକ୍ରମ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଛି ।

ବନ୍ୟପ୍ରାଣୀ ସଂରକ୍ଷଣର ଆବଶ୍ୟକତାକୁ ଉପଲବ୍ଧି କରି ବର୍ତ୍ତମାନ ବିଭିନ୍ନ ପ୍ରକଳ୍ପରେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟରେ ବିନିଯୋଗ କରିଲେ ସେଥିପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଭିତ୍ତିକ ବନ୍ୟପ୍ରାଣୀ ସଂରକ୍ଷଣ ଯୋଜନାର ବ୍ୟବସ୍ଥା କରାଯାଇଛି । ଏହା ଫଳରେ ରାଜ୍ୟ ବିକାଶ ସହିତ ବନ୍ୟପ୍ରାଣୀ ମାନଙ୍କର ତଥା ସେମାନଙ୍କର ଆବାସ ସ୍ଥଳୀର ସଂରକ୍ଷଣ ହୋଇପାରିବ । ବିଲୁପ୍ତ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ପାଇଁ ସରକାର ବହୁତ ନୂତନ ପ୍ରକଳ୍ପର ପରିକଳ୍ପନା କରୁଛନ୍ତି । ଏଥିପାଇଁ ସମସ୍ତ ଜନସାଧାରଣଙ୍କର ସାହାଯ୍ୟ ଓ ସହଯୋଗ ଅପରିହାର୍ଯ୍ୟ । ବନ୍ୟପ୍ରାଣୀର ବିକାଶ ହେଲେ ଜଙ୍ଗଲର ବିକାଶ ହେବ ଏବଂ ଜଙ୍ଗଲର ବିକାଶ ହେଲେ ରାଜ୍ୟ ତଥା ଦେଶର ଉତ୍ତରୋତ୍ତର ଉନ୍ନତି ହୋଇପାରିବ ।





# ପଶୁ ଓ ମଣିଷ ବିବାଦ

- ସୁନୀତା ଝା
ସଂଯୋଜିକା, ବନାନୀ

ସକାଳୁ ସକାଳୁ ଖବର କାଗଜ ଖୋଲିଲେ ଆଖିରେ ପଡେ ମଣିଷ ଆଉ ପଶୁଙ୍କର ଶତ୍ରୁତାର କାହାଣୀ । କେଉଁଠି ପଶୁ ମଣିଷକୁ ଆକ୍ରମଣ କରି ମାରିଦେଇଛି, ଘାଇଲା କରିଛି, ଘର ଭାଙ୍ଗି ଦେଇଛି ବା କେଉଁଠି ଶସ୍ୟ କ୍ଷେତ୍ରକୁ ନଷ୍ଟ କରି ଦେଇଛି ଏମିତି କେତେ କ'ଣ । ଅନ୍ୟପକ୍ଷରେ କେଉଁଠି ମଣିଷ ମାନେ ମିଶି ହାତୀ ଶୀକାର କରିଛନ୍ତି । ବାଘକୁ ଘେରି ମାରି ଦେଉଛନ୍ତି, ମାଂସ ଭିତରେ ବୋମା ରଖି ଗଧିଆ, ବିଲୁଆ ଶୀକାର କରିଛନ୍ତି ଏମିତି କେତେ କଣ । ଏସବୁ ଦୈନିକ ଖବର କାଗଜର ମୁଖ୍ୟ ଆକର୍ଷଣ ଓ ମୁଖ୍ୟ ଖବର । ଏଥିରୁ ମଣିଷ ଭାବେ ଜଙ୍ଗଲରେ ପଶୁ ସଂଖ୍ୟା ଅଧିକ ହୋଇଯିବାରୁ ସେମାନେ ଗ୍ରାମାଭିମୁଖୀ ହେଉଛନ୍ତି । ଯାହା ବାସ୍ତବରେ ସତ ନୁହେଁ ।

ଜଙ୍ଗଲ ଯାହାକି ପଶୁ ପକ୍ଷୀଙ୍କୁ ଖାଦ୍ୟ, ବାସସ୍ଥାନ ଏବଂ ପାନୀୟ ଯୋଗାଇ ଥାଏ । କିନ୍ତୁ ଜଙ୍ଗଲ କ୍ଷୟ ପଶୁ ପକ୍ଷୀଙ୍କ ଉପରେ ଅନେକ ଚାପ ପକାଇଛି । ଯାହାକୁ ସାମନା କରିବାକୁ ଯାଇ ପଥ ଭ୍ରଷ୍ଟ ହୋଇ ଅନେକ ସମୟରେ ପଶୁ ପକ୍ଷୀ କୁଆଡେ ଯାଆନ୍ତି ଜାଣିପାରନ୍ତି ନାହିଁ ।  ୧୪.୦୩.୨୦୧୨ ଧରିତ୍ରୀ ରେ ପ୍ରକାଶ ପାଇଥିଲା ଜଳ ଅନ୍ବେଷଣରେ ଆସି ୧୧ଟି ମାଙ୍କଡ ଏକ କୂଅ ଭିତରେ ପଶିଯାଇ ଆଉ ପଦାକୁ ବାହାରି ପାରିନଥିଲେ । ଶେଷରେ ସେମାନଙ୍କର ମୃତ୍ୟୁ ଘଟିଥିଲା । ସେମିତି ଅନେକ ସମୟରେ ଦେଖାଯାଏ ହାତୀ ବୈଦ୍ୟୁତୀକ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଛି । ଠିକ୍‌ରେ ତର୍ଜମା କଲେ ଜଣାଯାଏ ଜଙ୍ଗଲର କ୍ଷୟହିଁ ଏକ ମାତ୍ର କାରଣ । ଏହି ପଶୁ ମଣିଷର ବିବାଦକୁ ଯଦି ଆମେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରିବା ତେବେ ମୁଖ୍ୟତ ନିମ୍ନଲିଖିତ ଘଟଣାମାନ ଏହାର କାରଣ ହୋଇପାରେ ।

ଓଡିଶା ବନ୍ୟଜନ୍ତୁ ସଂଗଠନର ଏକ ବିବରଣୀ ମୁତାବକ ୨୦୦୪-୦୫ ରୁ ୨୦୦୯-୧୦ ଏହି ୬ବର୍ଷ ମଧ୍ୟରେ ୩୫୨ ଲୋକ ମୃତ୍ୟୁବରଣ କରିଛନ୍ତି, ୧୩୨ ଜଣ ଘାଏଲ ହୋଇଛନ୍ତି ୩୮୬୩ ବଖରା ଘର ଭାଙ୍ଗିଛି ଏବଂ ୨୧୭୬୮ ଏକର ଫସଲ ଜମି ଉଜୁଡି ଯାଇଛି କେବଳ ହାତୀ ମାନଙ୍କ ପାଇଁ ଏହାବ୍ୟତୀତ ୭୫ ଜଣଙ୍କ ଜୀବନ ହାନୀ ଏବଂ ୬୬୧ ଜଣ ଆଘାତପ୍ରାପ୍ତ ହୋଇଥିଲେ ଅନ୍ୟାନ୍ୟ ହିଂସ୍ର ଜନ୍ତୁଙ୍କ ଦ୍ୱାରା । ସେହିପରି ଏହି ସମୟ ଭିତରେ ୩୩୧ଟି ହାତୀ ମରିଛନ୍ତି । ସେଥିମଧ୍ୟରୁ ୫୫ଟି ହାତୀ ଶୀକାରୀଙ୍କ ଦ୍ୱାରା, ୯୬ଟି ହାତୀ ଦୁର୍ଘଟଣା ଗ୍ରସ୍ତ ହୋଇ, ୪୯ ଜଣଙ୍କର ସ୍ୱାଭାବିକ ମୃତ୍ୟୁ, ୮୨ଜଣ ରୋଗଗ୍ରସ୍ତ ହୋଇ ଏବଂ ୪୯ ଜଣ ଅଜଣା କାରଣ ବସତଃ ମରିଛନ୍ତି । ୨୦୧୦ ମସିହା ଗଣନା କହେ ୧୮୮୬ ହାତୀ ଓଡ଼ିଶାରେ ଅଛନ୍ତି । ଏହି ଗଣନାକୁ ଭିତ୍ତିକରି ଜଣେ କହିପାରେ ସେ ଦିନ ଆଉ ବେଶିଦୂର ନୁହେଁ । ଯେଉଁ ଦିନ ଏ ପୃଥିବୀରେ କେବଳ ମଣିଷ ଥିବେ ଆଉ ପଶୁପକ୍ଷୀଙ୍କର ପଟଚିତ୍ର କେବଳ ଥିବ କିନ୍ତୁ ସେମାନେ ନଥିବେ ।

କିଛି ପଶୁପକ୍ଷୀ ଅଛନ୍ତି ଯାହାର କିଛି ନିଆରା ପ୍ରକୃତି ଅଛି । ସେହି ନିଆରା ପ୍ରକୃତିକୁ ନେଇ ବଂଶାନୁକ୍ରମିକ ଭାବେ ସେମାନେ ଚଳପ୍ରଚଳ ହୁଅନ୍ତି । ଗୋଟାଏ ଉଦାହରଣ ଆମେ ନେଇ ପାରିବା ହାତୀ । ହାତୀଙ୍କର ଦୈନନ୍ଦିନ ଖାଦ୍ୟ, ଜଳ ଏବଂ ସାଥୀଟିଏ ଖୋଜିବା ପାଇଁ ୨୫୦ ରୁ ୩୦୦ କି.ମି. ପର୍ଯ୍ୟନ୍ତ ଜଙ୍ଗଲରେ ଅତିକ୍ରମ କରିପାରେ । ବିଗତ ଦିନରେ ଘଞ୍ଚ ଜଙ୍ଗଲ ଥିଲା ଯାହାଫଳରେ ଏକ ନିର୍ଦ୍ଦିଷ୍ଟ ରାସ୍ତା ଦେଇ ହାତୀମାନେ ବିଚରଣ କରିଥାନ୍ତି ଯାହାକୁ Elephant Corridor ବୋଲି କୁହାଯାଏ । ଏହି ନିର୍ଦ୍ଦିଷ୍ଟ ରାସ୍ତାକୁ ବରିଷ୍ଠ ହାତୀମାନେ ମନେ ରଖନ୍ତି ଏବଂ ଛୋଟ ହାତୀମାନେ ତାଙ୍କ ପଦାନୁଶରଣ କରିଥାନ୍ତି । ଏହିପରି କ୍ରମରେ ସବୁବେଳେ ବରିଷ୍ଠ ହାତୀମାନେ ହିଁ ତାଙ୍କ ବଂଶକୁ ନିର୍ଦ୍ଦିଷ୍ଟ ରାସ୍ତାର ପରିଚୟ ଦିଅନ୍ତି । କିନ୍ତୁ ଏବେ ଆଉ ସେ ଘଞ୍ଚ ଜଙ୍ଗଲ ନାହିଁ । ଜଙ୍ଗଲ ମଧ୍ୟରେ ପିଚୁ ରାସ୍ତା, ରେଲୱେ ଟ୍ରାକ, ଶିଳ୍ପ ପ୍ରତିଷ୍ଠାନ ମାନଙ୍କର ପ୍ରତିଷ୍ଠା ସେମାନଙ୍କୁ ବିଚରଣ କରିବା ପାଇଁ ଅସୁବିଧା କରିଥାଏ । ଯେଉଁଥିପାଇଁ ସେମାନେ ତାଙ୍କର ରାସ୍ତା ପରିବର୍ତ୍ତନ କରିବାକୁ ଚେଷ୍ଟାକରି ବେଳେ ବେଳେ ଗାଁ ଗଣ୍ଡା ସହର ଶସ୍ୟ କ୍ଷେତ୍ର ମଧ୍ୟରେ ପହଞ୍ଚନ୍ତି ଏବଂ ଜନ ଜୀବନକୁ କ୍ଷତି ପହଞ୍ଚାଇବା ସହିତ ନିଜର ମଧ୍ୟ କ୍ଷତି ପହଞ୍ଚାଇଥାନ୍ତି । ଉଦାହରଣ ସ୍ୱରୂପ ଆମେ ଚିନ୍ତା କରିପାରିବା ଯେଉଁ ହାତୀ ଦଳ ଚନ୍ଦକାରୁ କପିଳାସ ଯାଉଥିଲେ ସେମାନେ N.H-୫୫ ରେ ମାତ୍ରାଧିକ ଗାଡି ମଟର ଯାନବାହାନ ଦ୍ୱାରା ପ୍ରଭାବିତ ହୋଇ ତାଙ୍କର ଗତିପଥ ବଦଳାଇ ଦେଉଛନ୍ତି । କପିଳାସ ଯିବା ବଦଳରେ ସେମାନେ ଦକ୍ଷିଣକୁ ଖୋର୍ଦ୍ଧା, ଚିଲିକା, ଛତ୍ରପୁର, ଗଞ୍ଜାମ ଆଡେ ମୁହାଁଉଛନ୍ତି । ତେଣୁ ଯେଉଁ ହାତୀ ମାନେ ନିର୍ଦ୍ଦିଷ୍ଟ କିଛି ଜିଲ୍ଲାରେ ବୁଲୁଥିଲେ ପାଖାପାଖି ୧୬ଟି ଜିଲ୍ଲାରେ, ସେମାନେ ଏବେ ଓଡ଼ିଶାର ପ୍ରାୟ ୨୮ଟି ଜିଲ୍ଲାରେ ବୁଲିବା ଆରମ୍ଭ କଲେଣି । ତେଣୁ ଅଧିକ ଲୋକ ହାତୀ ଆକ୍ରମଣର ସମ୍ମୁଖିନ ହେବାର ସମ୍ଭାବନା ଅଛି ।

ଏହା ବ୍ୟତୀତ ଆଧୁନିକ ଚାଷ ପ୍ରଣାଳୀ ଦ୍ୱାରା ଅଧିକ ଅମଳର ଆଶାରଖି ଚାଷୀମାନେ ଆଖୁ ସହିତ କଦଳୀଚାଷ ଏବଂ ପରେ ଧାନ

ରୋପଣ କରୁଛନ୍ତି । ଏବେ ମଧ୍ୟ, ପଣସ, ଆମ୍ବ, ନଡ଼ିଆ ଜାତୀୟ ଫଳବୃକ୍ଷ କରାଯାଉଛି । ଯାହା ହାତୀମାନଙ୍କର ଅତିପ୍ରିୟ ଖାଦ୍ୟ । ଜଙ୍ଗଲରେ ଖାଦ୍ୟାଭାବ ହାତୀମାନଙ୍କୁ ଏହି ଖାଦ୍ୟ ଆଡ଼କୁ ଆକର୍ଷିତ କରେ ।

ଶୀତ ଦିନେ ଧାନ ପାଚିବା ପରେ ହାତୀମାନେ ଧାନ ବିଲ ମାନଙ୍କୁ ଆସିଥାନ୍ତି ଏବଂ ଖରାଦିନେ ଫଳ ବଗିଚାରେ ପଣସ, ଆମ୍ବ, କଦଳୀ ପାଚିଲେ ଆସିଥାନ୍ତି । ଗାଁ ମାନଙ୍କରେ ଘର ଭାଙ୍ଗିବାର କାରଣ ସେମାନେ ଧାନ, ଲୁଣ, ମହୁଲି ଇତ୍ୟାଦି ଘରମାନଙ୍କରେ ଥିବାର ଆଶା କରି ଭାଙ୍ଗିଥାନ୍ତି । ସେହିପରି ଭାଲୁମାନେ ମଧ୍ୟ ଏହି ସମୟରେ ମଣିଷଙ୍କୁ ଆକ୍ରମଣ କରିଥାନ୍ତି ଯେହେତୁ ବହି ଲୋକୁ ମଣିଷ ମହୁଲି ଗୋଟାଇବା ପାଇଁ ଗଛ ମୂଳକୁ ଯାଆନ୍ତି କିମ୍ବା ପଣସ ତୋଳିବା ପାଇଁ ଗଛ ପାଖକୁ ଯାଆନ୍ତି । ବର୍ଷାଦିନେ ସାପ ଗାତରେ ପାଣି ପଶିବା ଦ୍ୱାରା ମଧ୍ୟ ସାପମାନେ ବାହାରକୁ ବାହାରି ଆସନ୍ତି ଏଣୁ ଏହି ସମୟରେ ସାପ କାମୁଡ଼ାର ଭୟ ଅଧିକ ଥାଏ । ଗାଁ ପାଖ ପଡ଼ିଆରେ ବେଳେ ବେଳେ ଆମେ ମଲା ଗାଈ ଗୋରୁଙ୍କୁ ଛାଡ଼ି ଦେଉ ଯାହାକି ପାଖ ଜଙ୍ଗଲରୁ ବାଘମାନଙ୍କୁ ଆସିବାର ଖୋରାକ ଯୋଗାଏ କିମ୍ବା ଗାଁ ଭିତରେ ଥିବା ଗାଈ ଗୋରୁଙ୍କୁ ମଧ୍ୟ ଖାଇବା ପାଇଁ ବେଳେ ବେଳେ ଆସି ଯାଆନ୍ତି । ଏହି ସବୁ କାରଣ ଜନ୍ତୁ ଜୀବଙ୍କୁ ଖୋରାକ ଯୋଗାଏ ମଣିଷ ମାନଙ୍କୁ ଆକ୍ରମଣ କରିବାକୁ ।

ଏହି ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଆମେ କେତେକ ପ୍ରତିକାର ମୂଳକ ପଦକ୍ଷେପ ନେଇପାରିବା । ଯଥା ପଶୁ ପକ୍ଷୀଙ୍କୁ ଦେଖିବା ପାଇଁ ଯଦି ଆମେ ଜଙ୍ଗଲ ଭିତରକୁ ଯିବା ତେବେ ସେମାନଙ୍କ ପାଖକୁ ଯିବାନି, ସେମାନଙ୍କୁ ବିରକ୍ତ କରିବା ପରି କୌଣସି କାର୍ଯ୍ୟ କରିବା ନାହିଁ । ଜଙ୍ଗଲ ଜନ୍ତୁଙ୍କର ଶତ୍ରୁ ଦୃଷ୍ଟିରେ ନଦେଖି ପ୍ରେମ ମନୋଭାବ ଆଣିବା ଉଚିତ୍ । ସେମାନଙ୍କୁ ସେମାନଙ୍କ ସ୍ୱଚ୍ଛନ୍ଦ ବିଚରଣ ଜାଗା ଛାଡ଼ିଦେବା ଉଚିତ ଯାହା ତାଙ୍କର ନିହାତି ଦରକାର ଏବଂ ଅଧିକାର । ତାଛଡ଼ା ସେମାନେ ଯେଉଁ ଗାଁ ଭିତରକୁ ପଶି ଆସୁଛନ୍ତି ଆମେ ସେଥିପାଇଁ ତାର ବାଡ଼ ଘେରେଇ ପାରିବା, ଜଙ୍ଗଲ ଚାରିପଟ ବଡ଼ ଖାଲ ଖୋଳି ପାରିବା, ଉଚ୍ଚା ପଥର ପ୍ରାଚୀର କରିପାରିବା କିମ୍ବା ସୌର ଶକ୍ତି ଦ୍ୱାରା ବିଦ୍ୟୁତ ତାର ବାଡ଼ ଘେରେଇ ପାରିବା । ଯେଉଁଥିରେ ଆମେ ଆମକୁ ସୁରକ୍ଷିତ ରଖି ପାରିବା । ଯେଉଁ ଶସ୍ୟ ଲୋଭରେ ସେମାନେ ଗାଁ ଆଡ଼େ ଆସନ୍ତି ସେହି ଶସ୍ୟକୁ ବିଶେଷତଃ ଧାନକୁ ଆମେ ମାଟିତଳେ ବା ସିମେଣ୍ଟ ତିଆରି କୁଣ୍ଡରେ ରଖିବା ଯାହାର ସନ୍ଧାନ ହାତୀଙ୍କୁ ମିଳିବା କଷ୍ଟହେବ । ଯଦି ଆମେ ଆମ ଗ୍ରାମର କିସମ ବଦଳାଇବା ଧାନ, ଆଖୁ ଇତ୍ୟାଦି ବଦଳରେ ଲଙ୍କା, ଅଦା, ହଳଦୀ, ଖୋଟ, ଅମୃତଭଣ୍ଡା ତେଲ ମଞ୍ଜି ଜାତୀୟ ଚାଷ କିମ୍ବା ଫୁଲ ଗଛ କରିବା ତେବେ ହୁଏତ ଦୁର୍ଘଟଣା କମେଇ ହେବ । ତାଛଡ଼ା ସନ୍ଧ୍ୟା ଏବଂ ଭୋର ସମୟରେ ଯଦି ଆମେ ଟିକେ ସଜାଗ ରହି ବାହାରକୁ ଯିବା ତେବେ ହୁଏତ ଆମେ ଦୁର୍ଘଟଣାକୁ ଏଡ଼େଇ ପାରିବା । କାରଣ ଏହି ସମୟରେ ହାତୀ ଏବଂ ଭାଲୁ ବିଶେଷ କରି ବିଚରଣ କରନ୍ତି । ଯଦିବି କେବେ କିଛିବି ଜନ୍ତୁ ଗାଁ ଭିତରକୁ ପଶିଆସନ୍ତି ତାଙ୍କୁ ବିରକ୍ତ ନକରି ତାଙ୍କ ବାଟ ବନ୍ଦ ନକରି ସମସ୍ତ ଗାଁ ବାଲା ହୋ ହାଲ୍ଲା ନକରି ତାଙ୍କୁ ଚୁପ ଚାପ ଫେରିଯିବା ପାଇଁ ସାହାଯ୍ୟ କରନ୍ତୁ କିମ୍ବା ନିକଟସ୍ଥ ବନ ବିଭାଗକୁ ଖବର ଦିଅନ୍ତୁ । ଯାହାଫଳରେ ଅଭିଜ୍ଞ ତାଲିମ ପ୍ରାପ୍ତ ବ୍ୟକ୍ତି ବିଶେଷ ତାଙ୍କୁ କାବୁ କରିବେ । ଯାହାଫଳରେ ଧନ ଜୀବନ ଏବଂ ଘର ଉପରେ ସୁରକ୍ଷା ପାଇବେ । ଯଦି କୌଣସି ଜନ୍ତୁ କୂଅ କିମ୍ବା ଖାତରେ ପଡ଼ି ଆଘାତ ପ୍ରାପ୍ତ ହୁଅନ୍ତି ତେବେ ତାଙ୍କ ପାଖକୁ ନଯାଇ ତାଲିମପ୍ରାପ୍ତ ଲୋକଙ୍କ ଦ୍ୱାରା ନିଶା ଇଞ୍ଜେକସନ୍ ଦେଇ ତାଙ୍କୁ କାଢ଼ିବାକୁ ଚେଷ୍ଟା କରନ୍ତୁ । ନିଜେ କିଛି କରନ୍ତୁ ନାହିଁ କି ଦୁର୍ଘଟଣାକୁ ନିମନ୍ତ୍ରଣ କରନ୍ତୁ ନାହିଁ । ତେଣୁ ଏବେ କଥାରେ କହିବାକୁ ଗଲେ ଜଙ୍ଗଲ ଜନ୍ତୁଙ୍କ ସହିତ ଆମକୁ ରହିବାକୁ ହେଲେ ଆମେ ତାଙ୍କ ପ୍ରତି ଦୟା, ପ୍ରେମ ଭାବ ରଖିବା ସହିତ ସେମାନଙ୍କୁ ଦରକାର ହେଉଥିବା ସ୍ୱାଧୀନତା ମଧ୍ୟ ଦେବାକୁ ହେବ ଏହା ସ୍ଥିର ନିଶ୍ଚିତ । ଆମ ସରକାର ମଧ୍ୟ ହାତୀ ଓ ମଣିଷଙ୍କ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ୧୪ଟି Elephant Corridor ଚିହ୍ନିତ କରିଛନ୍ତି । ସେଗୁଡିକ ହେଲା


୧. ବାଦାମ ପାହାଡ଼ - ଧୋବା ଧୋବଣୀ କରିଡର, ଜିଲ୍ଲା : ମୟୁରଭଞ୍ଜ
୨. ବାଦାମ ପାହାଡ଼ - ଖରିଡ଼ା, ଜିଲ୍ଲା : ମୟୁରଭଞ୍ଜ
୩. ପଶ୍ଚିମବଂଗ - ଡେଉଳି-ସୁଳିଆପଦା, ଜିଲ୍ଲା ମୟୁରଭଞ୍ଜ, ବାଲେଶ୍ୱର ଏବଂ ପଶ୍ଚିମବଂଗ ରାଜ୍ୟ
୪. ସିମିଳିପାଳ - ହଦଗଡ଼ - କୁଲଡିହା, ଜିଲ୍ଲା ମୟୁରଭଞ୍ଜ, ବାଲେଶ୍ୱର, କେନ୍ଦୁଝର
୫. ତେଲକୋଇ -ପାଲହଡ଼ା, ଜିଲ୍ଲା କେନ୍ଦୁଝର, ଅନୁଗୁଳ
୬. କାରୋ - କରମପଦା, ଜିଲ୍ଲା କେନ୍ଦୁଝର, ଝାଡ଼ଖଣ୍ଡ
୭. ମହୁଲଭଞ୍ଜ - ଡିରିଡ଼ା ମାଳି - ଅନନ୍ତପୁର, ଢେଙ୍କାନାଳ
୮. କନ୍ଦେଇଜେନା - ଅନନ୍ତପୁର, ଅନୁଗୁଳ - ଜିଲ୍ଲା ଢେଙ୍କାନାଳ
୯. ବୁରୁଡ଼ା, ଜିଲ୍ଲା ନୟାଗଡ଼
୧୦.ନୂଆଗାଁ - ବରୁଣି, ଜିଲ୍ଲା ଅନୁଗୁଳ
୧୧.ଡବ ଖୋଲାଗଡ଼, ଜିଲ୍ଲା ସମ୍ବଲପୁର
୧୨.ବଡ଼ପାହାଡ଼, ତରଭା, କନ୍ଧମାଳ, ଜିଲ୍ଲା ସୋନପୁର, ବୌଦ୍ଧ
୧୩.କୋଟାଗଡ଼, ଚନ୍ଦ୍ରପୁର, ଜିଲ୍ଲା କନ୍ଧମାଳ

୧୪.କରଲାପଟ, ଭରଲାବାନି, ଜିଲ୍ଲା କଳାହାଣ୍ଡି ରାୟଗଡା

ଆମ ସରକାର ହାତୀମାନଙ୍କୁ ରକ୍ଷା ଦେବା ପାଇଁ ଯେତିକି ଚେଷ୍ଟିତ ଜନ୍ତୁଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବା ଲୋକମାନଙ୍କୁ ମଧ୍ୟ କ୍ଷତିପୂରଣ ଆକାରରେ ଅର୍ଥରାଶି ପ୍ରଦାନ କରିଥାନ୍ତି । ଯେମିତିକି ଯନ୍ତୁଙ୍କ ଦ୍ୱାରା ଯଦି କୌଣସି ବ୍ୟକ୍ତି ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ଘର ଲୋକଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଆକାରରେ ଦିଆଯାଏ । ଯଦି କେହି ଶାରିରୀକ ବିକଳାଙ୍ଗ ହୁଏ ତେବେ ତାଙ୍କୁ ୭୫,୦୦୦ଟଙ୍କା, ଯିଏ ଆକ୍ରମଣର ଶିକାର ହୋଇ ଆଂଶିକ କ୍ଷତିଗ୍ରସ୍ତ ହୋଇଥାନ୍ତି ତାଙ୍କୁ ଚିକିତ୍ସା ଖର୍ଚ୍ଚ ବାବଦକୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଦିଆଯାଏ । ଯଦି ଗାଇଗୋରୁ ଜାତୀୟ ଜୀବ କ୍ଷତିଗ୍ରସ୍ତ ହୁଅନ୍ତି ତେବେ ୫୦୦୦ଟଙ୍କା ଏବଂ ଛେଳି ଜାତୀୟ ଜୀବନଙ୍କ ପାଇଁ ୧୦୦୦ଟଙ୍କା କ୍ଷତିପୂରଣ ମିଳେ । ହାତୀ ଦ୍ୱାରା ଯଦି ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଏ ତେବେ ଦଶ ହଜାର ଟଙ୍କା ଯଦି ଆଂଶିକ ଭାବେ ଭାଙ୍ଗିଯାଇଥାଏ ତେବେ ୨୦୦୦ଟଙ୍କା ମିଳେ ଶସ୍ୟ ହାନୀ ହେଲେ ମଧ୍ୟ କ୍ଷତିପୂରଣ ଦିଆଯାଏ । ଧାନ ଗହମ ଆଦି ଶସ୍ୟ ଜାତୀୟ ଫସଲ ହାନୀ ହେଲେ ଏକର ପିଛା ୫୦୦୦ଟଙ୍କା ଜପା, ଆମ୍ବ ଆଦି ବାଣିଜ୍ୟ ଜାତୀୟ ଫସଲ ହାନୀ ପାଇଁ ୧୦୦୦୦ ଟଙ୍କା କ୍ଷତି ପୂରଣ ମିଳେ । ଯାହା ସଂପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ସ୍ଥିରିକୃତ ଏବଂ ନିର୍ଦ୍ଧାରିତ ହୋଇଥାଏ ।

ସେହିପରି ପଶୁପକ୍ଷୀଙ୍କୁ ଶୀକାର କଲେ ମଧ୍ୟ ଶୀକାରୀଙ୍କୁ ଦଣ୍ଡିତ କରାଯାଏ । କେବଳ ଯେ ଶୀକାର ତାହା ନୁହେଁ ଯଦି କୌଣସି ଜୀବଙ୍କୁ ଜାଲ ପକାଇ ଧରାଯାଏ, ଫାସ ବସାଇ ଧରାଯାଏ କିମ୍ବା କିଛି ବି ଆଘାତ୍ ଦିଆଯାଏ, ଯଦି ପକ୍ଷୀ ମାନଙ୍କ ବସା ଭଙ୍ଗାଯାଏ, ଅଣ୍ଡାକୁ ନଷ୍ଟକରାଯାଏ, ପକ୍ଷୀଙ୍କୁ ଧରାଯାଏ କିମ୍ବା ମରାଯାଏ ତେବେ ଅତିକମ୍‌ରେ ୩ବର୍ଷ ଜେଲ ଦଣ୍ଡ ସହିତ ୧୦,୦୦୦ଟଙ୍କା ଜୋରିମାନା ଆଦାୟ ହୁଏ । କେତେକ ସ୍ଥାନରେ ବିରଳ ପ୍ରାଣୀମାନଙ୍କୁ ଶୀକାର କଲେ ୭ବର୍ଷ ପାଇଁ ମଧ୍ୟ ଜେଲ ଦଣ୍ଡ ହୋଇପାରେ । ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲରେ ଯଦି କେହି ଶୀକାରୀ ଶିକାର କରେ ତେବେ ଧାରା ୫୧ ରେ ୩ ରୁ ୭ବର୍ଷ ଜେଲ ଦଣ୍ଡ ସହିତ ୫୦,୦୦୦ ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯାଏ ।

ସମସ୍ତ ଆଲୋଚନା ପର୍ଯ୍ୟାଲୋଚନାରୁ ଆମେ ଏହି ସିଦ୍ଧାନ୍ତରେ ଉପନିତ ହେବା ଯେ ଏହି ପୃଥିବୀ ପୃଷ୍ଠରେ ମଣିଷ ବଞ୍ଚିବାର ଯେମିତି ଅଧିକାର ଅଛି ସେମିତି ପଶୁ ପକ୍ଷୀ ବୃକ୍ଷ ଲତା ମଧ୍ୟ ଧରାପୃଷ୍ଠରେ ବଞ୍ଚିରହିବାର ଅଧିକାର ଅଛି । ସେମାନଙ୍କର ମଧ୍ୟ ଏହି ଧରା ପୃଷ୍ଠର ଉନ୍ନତିରେ ଅନେକ ଅବଦାନ ଅଛି । ଆମ ପରିବେଶକୁ ସରସ, ସୁନ୍ଦର, ସ୍ୱଚ୍ଛ କରି ଗଢ଼ି ତୋଳିବାରେ ସେମାନେ ଅନନ୍ୟ ଏବଂ ଅପ୍ରତିଦ୍ୱନ୍ଦ୍ୱୀ । ତେଣୁ ଆମେ ସେମାନଙ୍କର ବଂଚିବାର ଅଧିକାରକୁ ସମ୍ମାନ ଦେବା ଉଚିତ୍ ।



# ଜଙ୍ଗଲ୍ ଥିଲେ ମଙ୍ଗଲ୍

ସ୍ୱରାଜ କୁମାର କହଁର
"ପ୍ରକୃତି ବନ୍ଧୁ", ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବୌଦ୍ଧ

"ବୃକ୍ଷ ହିଁ ଜୀବନ" । "ସବୁଜିମା କୋଳରେ, ହସ ଖୁସି ଜୀବନରେ" । "ଗଛ-ଗଛ-ଗଛ, ଆଉ ସବୁ ପଛ" । "ଗଛ ଆମ ଜୀବନ ଭଳି, ଗଛ ଲଗାଇବା ଆସରେ ଭାଇ" । ଏ ସମସ୍ତ ବାଣୀ ଜଙ୍ଗଲରକ୍ଷା ଓ ବୃକ୍ଷରୋପଣର ଆବଶ୍ୟକତା ସଂପର୍କରେ ଆମକୁ ଜାଣିବାକୁ ଦେଇଥାଏ । "ବିଶ୍ୱ ପରିବେଶ ଦିବସ" ଓ "ବନ ମହୋତ୍ସବ ସପ୍ତାହ" ପାଳନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଶର ସଂରକ୍ଷଣ ଓ ବୃକ୍ଷ ରୋପଣ, ବନୀକରଣର ଗୁରୁତ୍ୱ ବିଷୟରେ ସୂଚନା ଦେଇଥାଏ ।

ବିଶ୍ୱ ଉତ୍ତାପନ, ପରିବେଶ ପ୍ରଦୂଷଣ, ଦ୍ରୁତ ଜଙ୍ଗଲକ୍ଷୟ ଆଦି ସମସ୍ୟା ସାମ୍ପ୍ରତିକ ଜନମାନସକୁ ବିକ୍ଷୁବ୍ଧ ଓ ଚିନ୍ତାଗ୍ରସ୍ତ କରିଦେଇଛି । ଏ ସମସ୍ତ ସମସ୍ୟାରୁ ମୁକ୍ତି ଲାଭ ପାଇଁ ବୃକ୍ଷରୋପଣ ଓ ବନୀକରଣ ଏକ ଉତ୍କୃଷ୍ଟ ପ୍ରତିକାର ବ୍ୟବସ୍ଥା ଅଟେ ।

ପରିବେଶବିତ୍ ମାନଙ୍କର ସୁଚିନ୍ତିତ ବକ୍ତବ୍ୟ ଏହି ଯେ - ଜଙ୍ଗଲ ଧ୍ୱଂସ ଯୋଗୁଁ ବାୟୁମଣ୍ଡଳରେ ଅମ୍ଳଜାନର ଅଭାବ ଓ ଅଙ୍ଗାରକାମ୍ଳର ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ଜଳ ଉତ୍ସମାନ କ୍ରମଶଃ ଶୁଷ୍କ ଓ ନୀରସ ହେବାରେ ଲାଗିଛନ୍ତି । ମୃତ୍ତିକା କ୍ଷୟ ବୃଦ୍ଧି ପାଉଛି ଓ ମରୁଭୂମି ଆୟତନ ବୃଦ୍ଧି ପାଇ ପରିବ୍ୟାପ୍ତ ହେବାରେ ଲାଗିଛି ।

ମେଘ, ବର୍ଷା ପାଇଁ ବୃଷ୍ଟିରେ ସବୁଜ ବନାନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ସବୁଜବନାନୀ ବିନାଶରେ ବୃଷ୍ଟିପାତ ହ୍ରାସପାଏ ଓ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥାଏ । ମୃତ୍ତିକା କ୍ଷୟ ରୋକିବାରେ ଉଦ୍ଭିଦମାନଙ୍କର ଯଥେଷ୍ଟ ଅବଦାନ ରହିଛି । ଭୂ-ଗର୍ଭରେ ତଥା ମାଟିରେ ଜଳକୁ ଧାରଣ ଓ ସଂରକ୍ଷଣରେ ବୃକ୍ଷର ଚେର ବହୁ ସାହାଯ୍ୟ କରିଥାଏ । ବନାନୀ ନଷ୍ଟ ହେଲେ ନଦୀ ନିର୍ଝରର ଜଳଉତ୍ସ ଶୁଷ୍କ ହୋଇଯାଆନ୍ତି । ବିଶୁଦ୍ଧ ବାୟୁମଣ୍ଡଳ ପାଇଁ ଜଙ୍ଗଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ କିନ୍ତୁ ନିର୍ବୋଧ ମଣିଷ ଏହି ମହତ୍ କାର୍ଯ୍ୟଟି ଉପଲବ୍ଧି କରିନପାରି ନିର୍ବିବାଦରେ ଜଙ୍ଗଲ ଧ୍ୱଂସ କରିଚାଲିଛି । ବୃକ୍ଷ ଆମର ଅଶେଷ ଉପକାର ସାଧନ କରିଥାଏ । ଏହା ତ୍ୟାଗ କରୁଥିବା ଅମ୍ଳଜାନ ଆମର ଜୀବନ ରକ୍ଷାରେ ସାହାଯ୍ୟ କରିଥାଏ । ପୃଥିବୀ ବକ୍ଷରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଦେଖିବାକୁ ମିଳିଥାଏ, ସେସବୁର ଚେର, ମୂଳ, ପତ୍ର, ଫଳ, ଫୁଲ ଆମକୁ ବିଭିନ୍ନ ପ୍ରକାର ରୋଗ ବ୍ୟାଧିରୁ ମୁକ୍ତ କରିଥାଏ । ବଣ ଜଙ୍ଗଲରେ ବାସ କରୁଥିବା ଅଧିବାସୀମାନେ ବଣରୁ ଲାଖ, ଝୁଣା, ମହୁଲ, ମହୁ, ଆଦି ଦ୍ରବ୍ୟ ଆଦାୟକରି ଜୀବିକାର୍ଜନ କରିଥାନ୍ତି । ବନ୍ୟା ଦାଉରୁ ରକ୍ଷା ପାଇବା ପାଇଁ ନଦୀନାଳ, ପୋଖରୀ କୂଳରେ ବଡ ବଡ ବୃକ୍ଷରୋପଣ କରାଯିବା ଉଚିତ୍ ଅଟେ ଯେହେତୁ ମୂଳ ଓ ଚେରମାନ ମାଟିକୁ ବାନ୍ଧି ରଖିବାରେ ସାହାଯ୍ୟ କରିଥାଏ ଫଳରେ ବଢ଼ିପାଣି ଆସିଲେ ସେଥିରୁ ମାଟି ଧୋଇ ହୋଇ ଯାଇପାରେ ନାହିଁ । ଏହିହେତୁ ବୃକ୍ଷରୋପଣ ଆମର ଅଶେଷ ଉପକାର କରିଥାଏ । ଆମେମାନେ ବିଚାର ନ କରି ଜଙ୍ଗଲରେ ନିଆଁ ଲଗାଇ ସବୁଜ ଜଙ୍ଗଲକୁ ନଷ୍ଟ କରିଦେଉଅଛୁ ।

ଏହା ଦ୍ୱାରା ଆମର ବନ୍ୟସଂପଦର କ୍ଷତି ସାଧନ ହେବା ସଙ୍ଗେ ସଙ୍ଗେ ନିଜର ଯେ କ୍ଷତି କରୁଅଛୁ ତାହା ଆମେ ବୁଝି ପାରୁ ନାହୁଁ । ସେଥିପାଇଁ ସମସ୍ତେ ମିଳିମିଶି ଏହି ବନ୍ୟ ସଂପଦର ସୁରକ୍ଷା କରିବା ଆମର କର୍ତ୍ତବ୍ୟ ଅଟେ । ବୃକ୍ଷରୋପଣ କରି ଆମ ପରିବେଶକୁ ସବୁଜ ସୁନ୍ଦର କରିବା ଆମର କର୍ତ୍ତବ୍ୟ । ସବୁଜ ପରିବେଶ ହିଁ ଆମର ମନରେ ନୂଆ ଚେତନା ଓ ଭାବନା ଜାଗ୍ରତ କରିଥାଏ । ଜୀବନରେ ଶାନ୍ତି ଓ ପ୍ରୀତି ଭରିଦେଇ ଥାଏ । ସମସ୍ତେ ବୃକ୍ଷରୋପଣ ପ୍ରତି ଆଗ୍ରହ ପ୍ରକାଶ କରି ଜୀବନ କାଳ ମଧ୍ୟରେ ନିଜେ ବୃକ୍ଷରୋପଣ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଏହି ମହତ କାର୍ଯ୍ୟରେ ଉତ୍ସାହିତ କରିବା ଉଚିତ୍ ଅଟେ ।

ବନାନୀ ଏକାଧାରରେ ଆମ ପାଇଁ ଖାଦ୍ୟ, ଜାଳେଣୀ, ଔଷଧ, ଶିଳ୍ପୋଦ୍ୟୋଗ ପାଇଁ କଞ୍ଚାମାଲ, ପଶୁପକ୍ଷୀଙ୍କ ପାଇଁ ଆଶ୍ରୟ ସ୍ଥଳ, ଅମ୍ଳଜାନ ଯୋଗାଇ ଆମର ଜୀବନ ଧାରଣରେ ଅଶେଷ ସାହାଯ୍ୟ କରିଥାଏ । 

ଆମ ରାଜ୍ୟ ଓଡ଼ିଶା ବହୁ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଅଟେ । ଓଡ଼ିଶାର ବହୁ ଅଂଶ ନିବିଡ଼ ଅରଣ୍ୟରେ ପରିବେଷ୍ଟିତ । ଓଡ଼ିଶାର ଘନବନାନୀ ବହୁ ଅମୂଲ୍ୟ ସଂପଦର ଭଣ୍ଡାରଘର । ସରକାରଙ୍କ ତରଫରୁ ବନ୍ୟସଂପଦର ସୁରକ୍ଷା ନିମନ୍ତେ ଗ୍ରାମ ଗୁଡ଼ିକରେ ବନ ସୁରକ୍ଷା ସମିତି ଗଠନ କରାଯାଇ ଗ୍ରାମବାସୀମାନଙ୍କ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଅଛି ଏବଂ ବିଦ୍ୟାଳୟ, ମହାବିଦ୍ୟାଳୟ ଗୁଡ଼ିକରେ ଇକୋ-କ୍ଲବ ଗଠନ କରାଯାଇ ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଜଙ୍ଗଲ, ପରିବେଶ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନତା ବୃଦ୍ଧି କରାଯାଉଅଛି ।

ଏହି ଆଲୋଚନାରୁ ଆମେ ଉପଲବ୍ଧ କରିବାକୁ ହେବ "ଜଙ୍ଗଲ୍ ଥିଲେ ମଙ୍ଗଲ୍" ଜୀବ ଜଗତ ହିତପାଇଁ ଜଙ୍ଗଲର ଦାନ ଅମୂଲ୍ୟ ଓ ଅକଳନୀୟ । ତେଣୁ ବୃକ୍ଷ ବର୍ଦ୍ଧନ ଓ ସଂରକ୍ଷଣ ପାଇଁ ଆମର ନିଷ୍ଠାପର ଉଦ୍ୟମ ଅତ୍ୟନ୍ତ ଜରୁରୀ ଓ ଏହା ହିଁ ଆଜିର ଆହ୍ୱାନ ଓ ଆବଶ୍ୟକତା ଅଟେ । ଏହିହେତୁ, ଆମେ ସମସ୍ତେ ଜଙ୍ଗଲ ବିଭାଗ ସହିତ ସାମିଲ ହୋଇ ଜଙ୍ଗଲ, ବନ୍ୟଜନ୍ତୁ ଏବଂ ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟକରିବା ।

"ଗଛ ବଞ୍ଚିଲେ, ଆମେ ବଞ୍ଚିବା
ଜଙ୍ଗଲ ସୁରକ୍ଷା ଆମର କର୍ତ୍ତବ୍ୟ" ।

# ଆସ ଗଢ଼ିବା ବନ ସୁରକ୍ଷା ସମିତି

ବନଜ ବିହାରୀ ମହାପାତ୍ର

(ସମୟ ସକାଳ, ପାହାଡ଼ ତଳି ଗାଁର ଦୃଶ୍ୟ ଓ କୋଳାହଳ । ପକ୍ଷୀଙ୍କ କାକଳି ଶବ୍ଦ । ହଠାତ୍ ଜଣେ ସ୍ତ୍ରୀ ଲୋକଙ୍କ ଚିତ୍କାର ଶବ୍ଦ)

ସନିଆ ମା : ଆରେ ହେ ସନିଆ ବାପା, କୋଉଠି ଅଛ ଧାଇଁ ଆସ, ଧାଇଁ ଆସ । ଏ ଛତରଖିଆ ଭାଲୁ କୋଉଠି ଥିଲା ଆସି ଆମ ଘରେ ପଶି ଗଲାଣି ।

ସନିଆ ବାପା : କ'ଣ ହେଲା ଭାଲୁ ଆମ ଘର ଭିତରେ । ରହ ରହ ପାଟି କରନା । ଧୀରେ କବାଟ ବାହାରୁ ବନ୍ଦ କରିଦେ । ମୁଁ ଆଜି ତାକୁ ଦଉଛି ପାନେ... ।

ସନିଆ ମା : (କବାଟ ବନ୍ଦ କରିବାକୁ ଗଲା ବେଳକୁ ଭାଲୁଟା ଦୌଡ଼ି ପଳାଇ ଗଲା) ସନିଆ ବାପା ମାର ମାର, ପଳେଇ ଗଲା ପଳେଇ ଗଲା ଚିଆ ବା ଦି ପାହାର, ଅନେଇଛ କ'ଣ କା ?

ସନିଆ ବାପା : ଆଲୋ ତୋ ଭାଗ୍ୟ ଭଲ ଛୁଆ ଭାଲୁଟାଏ ନ ହେଲେ ତୋ ଜୀବନ ନେଇ ଯାଇଥାନ୍ତା ।

୪୬ ସନିଆ ମା : ଦେଖୁଛ ଏଇ ଠେଙ୍ଗାକୁ, ଏକା ପାହାରକେ ତା ମୁଣ୍ଡକୁ ଦି ଫାଳ କରି ଦେଇଥାନ୍ତି, ମତେ କାମୁଡ଼ିବ ।

ସନିଆ ବାପା : ଆଲୋ ତାକୁ କାହିଁକି ମାରିଥାନ୍ତୁ । ତା'ରି କି ଦୋଷ । ତୋ ଛୁଆ ଯେମିତି ସେ ଭାଲୁ ଛୁଆ ସେମିତି ।

ସନିଆ ମା : ମଲା ମୋର ମୋ ଛୁଆ କଣ ବଣର ପଶୁ ଯେ ମୋ ଛୁଆକୁ ଭାଲୁ ଛୁଆ ସାଙ୍ଗରେ ସମାନ କରୁଛ ।

ସନିଆ ବାପା : ଆଲୋ ସମାନ କରୁନି, ଆମେ ମଣିଷ ଜଙ୍ଗଲ ପଶୁଙ୍କ ଠାରୁ ବି ହୀନ । ଦେଖୁନ ଆମର ଦରକାର ବୋଲି ଆମେ ଜଙ୍ଗଲ ସଫା କରିସାରିଲେଣି । ପଶୁ ପକ୍ଷୀଙ୍କ ଘର ଦ୍ୱାର ମଧ୍ୟ ଭାଙ୍ଗି ଗଲାଣି । ତେଣୁ ସେମାନେ ଆଉ ରହିବେ କୋଉଠି ।

ସନିଆ ମା : ମଲା ମୋର ତା ବୋଲି କ'ଣ ଏ ଦୁନିଆ ଯାକରେ ଖାଲି ମୋରି ଘର ଅଛି ଏ ଜଙ୍ଗଲ ଜନ୍ତୁ ରହିବା ପାଇଁ ।

ସନିଆ ବାପା : ତୁଣ୍ଡିଟା । ଖାଲି ତୋରି ଘର କାହିଁ କି ? ଆଜି ଆମ ଘରକୁ ଆସିଲେ କାଲି ଆଉ କାହା ଘରକୁ ଯିବେ । ଆଜି ଭାଲୁ ଆସିଛି କାଲି ବାଘ ଆସିବ । ତା' ପର ଦିନ ହେଟା ବାଘ, ସିଂହ, ହାତୀ ଏମିତି କେତେ କିଏ ଆସିବେ ।

ସନିଆ ମା : ଏମାନେ ଏମିତି ଆସିଲେ ଆମେ କରିବା କ'ଣ ।

ସନିଆ ବାପା : ସେଇଥି ପାଇଁ ତ କଥାରେ ଅଛି "ବେଳ ଥାଉଁ ପାଞ୍ଚ କଲେ ବିପଦ ନ ଆସଇ ଭଲେ" ।

ସନିଆ ମା : ମଲା ମୋର ଖାଲି ତମେ ପାଞ୍ଚୁ ଦେଲେ ହୋଇ ଯିବନା କ'ଣ ।

ସନିଆ ବାପା : ସେ କଥା ନୁହେଁ । ଆମେ ସମସ୍ତେ ମଣିଷ ସମାଜ ଏକଥା ପାଞ୍ଚିଲେ ଯାଇ ହେବ ।

ସନିଆ ମା : ଆମ ଉପରକୁ ବିପଦ ମାଡ଼ି ଆସୁଛି । ଏତିକି ବେଳକୁ ଆମ ଏ ସରକାର କୁଆଡ଼େ ଗଲେ କି ?

ସନିଆ ବାପା : ଆଲୋ ଧୀରେ କହ । ଏଥିରେ ଆମ ସରକାରଙ୍କର ଭୁଲ କଣ ? ଆମର ଉନ୍ନତି ପାଇଁ କେତେ ଯୋଜନା ତ ସରକାର କରୁଛନ୍ତି । ଆମେ ଯିନା ସେ ସବୁକୁ କରିଲେ ହେବ ।
(ଏତିକି ବେଳକୁ ସରପଞ୍ଚ ସେଇ ରାସ୍ତା ଦେଇ ଯାଉଥାନ୍ତି । ଏ ଦୁଇ ଜଣଙ୍କ କଥା ଶୁଣି ଟିକେ ଅଟକି ଗଲେ ।)

ସରପଞ୍ଚ : ସନିଆ ବାପା ଠିକ୍ କହୁଛି ।

ସନିଆ ବାପା ଓ ମା : ଦଣ୍ଡବତ ।

ସରପଞ୍ଚ : କ'ଣ ହେଲାକି ? ଏଇ ସକାଳଟାରୁ ସରକାରଙ୍କୁ ଦୋଷ ଦିଆଯାଉଛି ।

ସନିଆ ବାପା : ନାଇଁ ଆଜ୍ଞା । ଆଜି ଭୋରୁ ଗୋଟାଏ ଛୁଆ ଭାଲୁ ଆମ ଘର ଭିତରକୁ ପଶିଗଲା ତ ସେଇଥିପାଇଁ ସନିଆ ମା'ର ସରକାରଙ୍କ ଉପରେ ରାଗ ।

ସରପଞ୍ଚ : ସନିଆ ମା'ର ରାଗ ଠିକ୍ ଯେ ହେଲେ ସରକାର କ'ଣ ଆସି ଆମ ଜଙ୍ଗଲ ନଷ୍ଟ କଲେ । ଯାହା

ହାନି ତ, କରିଛେ ଆମେ କରିଛେ । ତେଣୁ ସରକାରଙ୍କ ଯୋଜନା ମୁତାବକ ଆମକୁ ଗୋଟା କିଛି କରିବାକୁ ପଡ଼ିବ । ନହେଲେ ଆମେ ହିଁ ହଇରାଣ ହେବା ।

ସନିଆ ମା : ଆମେତ ଗରିବ ଲୋକ । ଏହି ଜଙ୍ଗଲରୁ ଯାହା ମିଳୁଛି ତାକୁ ହିଁ ଆଣି ଆମ ଗୁଜୁରାଣ ମେଣ୍ଟାଉଛୁ । ଜଙ୍ଗଲ ସରିଗଲେ ଆମେ କ'ଣ କରିବୁ । କେମିତି ବଞ୍ଚିବୁ ।

ସରପଞ୍ଚ : ସେଥିପାଇଁ ସରକାର କରିଥିବା ଯୋଜନା ମୁତାବକ ଆମକୁ ବନ ସୁରକ୍ଷା ସମିତିଟିଏ ଗଢ଼ିବାକୁ ପଡ଼ିବ । ଆମ ଜଙ୍ଗଲକୁ ଆମକୁ ସୁରକ୍ଷା ଦେବାକୁ ପଡ଼ିବ ।

ସନିଆ ବାପା : ବନସୁରକ୍ଷା ସମିତି । ସେଇଟା କ'ଣ ?

ସରପଞ୍ଚ : ବନସୁରକ୍ଷା ସମିତି ଯାହା ସରକାର ଓ ଗ୍ରାମବାସୀଙ୍କ ସହଯୋଗରେ ହୋଇଥାଏ ।

ସନିଆ ବାପା : ବୁଝିଲେ ସରପଞ୍ଚ ଆଜ୍ଞା । ଇଏତ ମାଇପିଲୋକ ସେ କ'ଣ ଏ ସମିତି ବିଷୟରେ କିଛି ବୁଝୁଛି । ଖାଲି ସରକାରଙ୍କୁ ଦୋଷ ଦେଉଛି ।

ସରପଞ୍ଚ : ନାଇଁ ନାଇଁ ସନିଆ ବାପା ଏ କଥା ଆଉ ମାଇପି, ମରଦ ଭିତରେ ନାହିଁ । ଏହା ସମସ୍ତେ ଜାଣିବା ନିହାତି ଦରକାର । କାରଣ ସରକାର ଯେଉଁ ନିୟମ କରିଛନ୍ତି ସେଥିରେ ସ୍ତ୍ରୀ ଲୋକ ମାନେ ମଧ୍ୟ ଭାଗିଦାର ହେବେ । ତେଣୁ..............

ସନିଆ ମା : ସ୍ତ୍ରୀ ଲୋକମାନେ ଭାଗ ନେବେ ।

ସରପଞ୍ଚ : ନିଶ୍ଚିନ୍ତ । ତମେ ଦୁଇଜଣ ଯଦି ରୋଜଗାର କରିବ ତମର କ'ଣ ଆଉ ଗରିବ ପଣିଆ ରହିବ । ନା କ'ଣ କହୁଛ ?

ସନିଆ ମା : ସତ କଥାତ ? ତେବେ ସରପଞ୍ଚ ଆଜ୍ଞା । ଏ କଥା ଟିକେ ଆମକୁ ବୁଝାଇ କୁହନ୍ତୁ ।

ସରପଞ୍ଚ : ହଁ ମୁଁ ତ କହିବି । ହେଲେ ଆମ ରେଂଜର ବାବୁଙ୍କ ପାଖକୁ ଗଲେ ସେ ଆମକୁ ତନ୍ନ ତନ୍ନ କରି ସବୁ ବୁଝେଇ ଦେବେ । ତେଣୁ ଚାଲ ଆମେ ତାଙ୍କ ପାଖକୁ ଯିବା ।

ସନିଆ ବାପା : ଆପଣ ଠିକ୍ କହୁଛନ୍ତି ସରପଞ୍ଚ ଆଜ୍ଞା । ଆପଣ ଆଗରେ ଚାଲନ୍ତୁ ଆମେ ଘରର ବାସି ପାଇଟି ସାରି ଯାଇ ସେଠି ପହଞ୍ଚୁଛୁ ।

ସରପଞ୍ଚ : ହଉ ମୁଁ ଏବେ ଚାଲିଲି ତୁମେ କାମ ସାରି ଆସ । (ପ୍ରସ୍ଥାନ)

ସନିଅ ମାଆ : ...... ଏତେ କଥା ଅଛିଟି । ହେଲେ ତୁମେ ଏତେ ଦିନ ଯାଏ କ'ଣ କରୁଛ ।

ସନିଆ ବାପା : ସବୁତ ମୋ ଦୋଷ । ମୁଁ କଣ ମନା କଲି ତତେ ଏସବୁ କରିବା ପାଇଁ ।

ସନିଆ ମାଆ : ମନା ସିନା କରିନ ହେଲେ କହିଛ କ'ଣ କହିଲ । କହିଲେ ସିନା ମୁଁ ଜାଣିଥାନ୍ତି ଆଉ ଜାଣିଲେ ସିନା ମୁଁ କରିଥାନ୍ତି ।



ସନିଆ ବାପା : ହଉ ହେଲା ହେଲା ଏବେତ ଜାଣିବୁ । ଗପ୍ପ ଗପ୍ପ ଟିକେ ତା ବସେଇଲୁ । ମୁଁ ସାଢ଼େ ଗାଈ ଗୋରୁ କାମ ସାରିଦିଏ ତୁ ବି ବାସି ପାଇଟି ସାରିଦେ ସଅଳ ସଅଳ ଆମେ କାମ ସାରି ରେଂଜର ସାରଙ୍କ ପାଖକୁ ଯିବା ।

ସନିଆ ମା : ହେଇଛତିନି ମତେ ସେମିତି କହିବନି କହୁଛି । ମୁଁ କ'ଣ ଆଉ କାମ ବାକି ରଖୁଛି । ସବୁ ସାରିଲିଣି । କାମସାରି ପରା ଘର ଭିତରକୁ ପଶିବା ବେଳକୁ ଭାଲୁକୁ ଦେଖିଲି ।

ସନିଆ ବାପା : ହଉ ହଉ ଚାଲ ମୁଁ କାମ ସାରେ (ଦୁହେଁ ପ୍ରସ୍ଥାନ)

### ୨ୟ ଦୃଶ୍ୟ

(ରେଂଜରଙ୍କ ଘର । ରେଂଜର ଘର ଭିତରେ ଥାଆନ୍ତି ସରପଞ୍ଚ ଡାକି ଡାକି ଆସିଲେ)

ସରପଞ୍ଚ : ରେଂଜର ଆଜ୍ଞା ଘରେ ଅଛନ୍ତି ।

ରେଂଜର : କିଏ ସରପଞ୍ଚ ବାବୁକି ? ଆସନ୍ତୁ ଆସନ୍ତୁ ଭିତରକୁ ଆସନ୍ତୁ ।

ସରପଞ୍ଚ : ଆଜ୍ଞା ନମସ୍କାର ।

ରେଂଜର : ନମସ୍କାର । କୁହନ୍ତୁ ଏମିତି ଅବେଳାରେ ଅଚାନକ କୁଆଡ଼େ ଆମ ଆଡ଼େ ଆସିଗଲେ । ବସନ୍ତୁ ।

ସରପଞ୍ଚ : ନାଇଁ ଆଜ୍ଞା । କଥା କଣ କି "ବନ ସୁରକ୍ଷା ସମିତି" ଯେଉଁ ଯୋଜନାଟା ଅଛି, ସେଇ

ବିଷୟରେ ଟିକେ ଆମ ଗାଁ ଲୋକଙ୍କୁ କହିଦେଲେ ଭଲ ହୁଅନ୍ତା ।

ଗେଂଜର : ଆଜି ହଠାତ୍ ଏ ଚିନ୍ତା କାହିଁକି ପଶିଲ ।

ସରପଞ୍ଚ : ସନିଆ ବାପା ଘରେ ଆଜି ଭାଲୁ ଛୁଆଟିଏ ପଶିଗଲା । ଅବଶ୍ୟ କାହାରି କିଛି କ୍ଷତି ହୋଇନି । ହେଲେ କାଲିକି ଯେ କିଛି ଅଘଟଣ ନ ଘଟିବ କିଏ କହିବ । ତେଣୁ ଜଙ୍ଗଲର ସୁରକ୍ଷା ଚିନ୍ତା ସହିତ ନିଜର ସୁରକ୍ଷା ଚିନ୍ତାର ସମୟ ଏବେ ଆସିଛି । ନା କ'ଣ କହୁଛନ୍ତି ଆପଣ ?

ଗେଂଜର : ଆପଣ ଏକଦମ୍ ଠିକ୍ ସମୟରେ ଠିକ୍ କଥାଟିଏ ଚିନ୍ତା କରିଛନ୍ତି । କେବଳ ସରକାର ଯେ ସବୁ କରିବେ ତାହା ତ ନୁହେଁ ଆମ ନିଜ ସୁରକ୍ଷା କଥା ଆମକୁ ବି ଚିନ୍ତା କରିବା ଦରକାର ।

ସରପଞ୍ଚ : ନୁହେଁ ଆଉ କ'ଣ । ସରକାର ସିନା କ୍ଷତିପୂରଣ ବାବଦକୁ କିଛି ଟଙ୍କା ଦେଇଦେବେ ହେଲେ ଯାହାର ପ୍ରାଣହାନୀ ଘଟିବ ତାଙ୍କୁ କ'ଣ ଆଉ ଫେରେଇ ଦେଇପାରିବେ ।

ଗେଂଜର : ଆପଣ ଠିକ୍ ବୁଝିଛନ୍ତି । ଆମେ ତ ଧୀରେ ଧୀରେ ଜଙ୍ଗଲ ନଷ୍ଟ କଲେ । ପଶୁ ପକ୍ଷୀଙ୍କ ଘର ଭାଙ୍ଗି ଆମ ଘର କଲେ, ସେମାନେ ଆମର କ୍ଷତି କରିବେନି ତ ଆଉ କାହାର କରିବେ ।

ସରପଞ୍ଚ : ଯାହା ତ ହେବାର ହେଇ ସାରିଲାଣି । ସେ କଥା ଦୋହରେଇ ଆଉ ଲାଭ କ'ଣ । ଏବେ ଆମେ କ'ଣ କିରବା ସେ କଥା ଚିନ୍ତା କରିବା ।

ସରପଞ୍ଚ : ମୁଁ ଏବେ ସବୁ ଲୋକଙ୍କୁ ଡାକି ଦେଉଛି ।

ଗେଂଜର : ଆଗେ ଆମେ ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ତା ପରେ ଗ୍ରାମ ସଭାରେ ଏକଥା ପକାଇ କାର୍ଯ୍ୟପନ୍ଥା ଗ୍ରହଣ କରିବା ।

ସରପଞ୍ଚ : ଠିକ୍ ଅଛି , ତା'ହେଲେ ଆସନ୍ତୁ ଯିବା

ଗେଂଜର : ଚାଲନ୍ତୁ (ଦୁହେଁ ପ୍ରସ୍ଥାନ)

## ୩ୟ ଦୃଶ୍ୟ

(ଘରୁ ବାହାରିବା ପରେ ଗାଁ ଦାଣ୍ଡରେ କଥା ହୋଇ ହୋଇ ଚାଲି ଥାନ୍ତି ସନିଆ ବାପା ଓ ସନିଆ ମା)

ସନିଆ ବାପା : ଆଲୋ ହେ ସନିଆ ବୋଉ । କ'ଣ ସଜବାଜ ସରିଲା ନା ନାହିଁ ବା । ସଅଳ ସଅଳ ଆସୁନୁ ଏତେ ଡେରି କିଆଁ କରୁଛୁ ।

ସନିଆ ବୋଉ : ତମକୁ ଖାଲି ମୋର ସଜବାଜ ଦେଖାଯାଉଛି ।

ସନିଆ ବାପା : ହଉ ହଉ ମୁଁ ଭୁଲ ତୁ ଠିକ୍ । ଏ ମାଇପି ଜାତିକୁ ଭଗବାନ ତ ପାରି ନାହାନ୍ତି ମୁଁ କଣ ପାରିବି, ଆସ ଆସ ଯିବା ।

ସନିଆ ମା : ଚାଲ ଚାଲ......... (ଦୁହେଁ ଚାଲିଲେ) ସନିଆ ବାପା ତମେ ସବୁ କଥା ଠିକ୍ ଠିକ୍ ବୁଝିବ, ତମ ହାତ ସାଙ୍ଗରେ ମୋ ହାତ ମିଳେଇ ଯଦି ଆମର ବି ପଇସା ଅଧିକା ହେଲା, ତା ହେଲେ ଆମ ସନିଆଟାକୁ ଦି ଅକ୍ଷର ପଢ଼େଇବାକୁ ଆମକୁ ଆଉ ଅସୁବିଧା ହେବନି । ନା କ'ଣ କହୁଛ ?

ସନିଆ ବାପା : ଆଲୋ ସେ କଥା ଠିକ୍ ଯେ ହେଲେ ଆମ ସନିଆ ତ ଭୁଇଁରୁ ଉଠିନି । ତା' ଭବିଷ୍ୟତ କଥା ତୋର ଆଜିଠୁ ଚିନ୍ତା ହେଲାଣି ।

ସନିଆ ମା : ତମର ଲୋଭ କଥାକୁ ହେଜ ନାହିଁ । ଚାହୁଁ ଚାହୁଁ ପରା ଦିନ ଗଡ଼ିଯିବ । ହାତରେ ଦି ପଇସା ପୁଞ୍ଜି ଥିଲେ ସିନା ଛାତି ଦମ୍ଭ ହେବ । ସନିଆର ପାଠ ପଢ଼ାରେ କିଛି ଅସୁବିଧା ହେବନି । ତମେ କ'ଣ ଭାବୁଛ ମୋ ସନିଆ ଏମିତି ଗାଁରେ ବଗଲା ହେଇ ବୁଲୁଥିବ ।

ସନିଆ ବାପା : ହେଲା ବାବା ହେଲା । ସେ କଥା ଆମେ ଚିନ୍ତା କରିବ । (ସେହି ରାସ୍ତାରେ ସରପଞ୍ଚ ଆଉ ଗେଂଜରଙ୍କ ସହିତ ଦେଖା ହୁଏ ସନିଆ ବାପା ଆଉ ମା'ର)

ସନିଆ ବାପା : ହେଇତ ସରପଞ୍ଚ ଆଜ୍ଞା ଆଉ ଗେଂଜର ଆଜ୍ଞା ତ ଇଆଡ଼େ ଆସୁଛନ୍ତି । ଦଣ୍ଡବତ ଆଜ୍ଞା ।

ସନିଆ ବୋଉ : ଦଣ୍ଡବତ ଆଜ୍ଞା

ସରପଞ୍ଚ ଓ ଗେଂଜର : ଦଣ୍ଡବତ

ରେଂଜର : ତମ ଦୁଇ ଜଣଙ୍କ କଥା ମତେ ସରପଞ୍ଚ ଆଜ୍ଞା କହୁଥିଲେ । ତମ ଦି ଜଣଙ୍କ ସାଙ୍ଗରେ ଏଇଠି ଦେଖା ହୋଇଗଲା । ଚାଲ ଆମେ ବନ ସୁରକ୍ଷା ସମିତି ବିଷୟରେ କଥା ହେବା ।

ସନିଆ ବାପା : ସେଇ କଥା ହେବା ପାଇଁ ତ ଆମେ ଆପଣଙ୍କ ପାଖକୁ ଆସିଛୁ ।

ରେଂଜର : ମୁଁ ଜାଣିଛି । ଚାଲ ଏଇ ପଞ୍ଚାୟତ ଘରେ ବସି କଥା ହେବା । (ସମସ୍ତେ ବସିଲେ)

ରେଂଜର : ଦେଖ ଜଙ୍ଗଲର କ୍ଷୟ ଆମ ପରିବେଶ ଓ ପରିସ୍ଥିତିକୁ ଅସନ୍ତୁଳିତ କରିସାରିଲାଣି । ଅନେକାଂଶରେ ଆମେ ମଣିଷମାନେ ସେଥିପାଇଁ ଦାୟୀ । ଏଣୁ ସରକାର ଜଙ୍ଗଲ ବିଭାଗ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଯୋଜନା ବନ ସୁରକ୍ଷା ସମିତି କାର୍ଯ୍ୟ କରିବ । ଯାହାର ମୂଳ ଲକ୍ଷ ହେଲା ଉଜୁଡ଼ା ଜଙ୍ଗଲର ସୁରକ୍ଷା, ଅଧିକ ଜଙ୍ଗଲ ସୃଷ୍ଟି । ଜଙ୍ଗଲ ପଶୁ ପକ୍ଷୀଙ୍କ ସୁରକ୍ଷା ।

ସନିଆ ବାପା : ସେ କଥା ଠିକ୍ ହେଲେ, ବନ ସୁରକ୍ଷା ସମିତି ଏଇଟା କ'ଣ ?

ରେଂଜର : ବଢ଼ିଆ କଥାଟିଏ କହିଲ । ଏହି ସମିତି କହିଲେ ତୁମ ଗାଁରେ ଥିବା ସମସ୍ତ ସାବାଳକ ମାନେ ମିଶି ଏକ କମିଟି ଗଠନ କରିବେ । ସେଥିରେ ସ୍ତ୍ରୀ ଲୋକମାନେ ମଧ୍ୟ ରହିବେ ।

ସରପଞ୍ଚ : ମୁଁ କହୁନଥିଲି ସ୍ତ୍ରୀ ଲୋକ ଏହି କମିଟିରେ ରହିବେ । ସେହି କମିଟିରେ ଜଣେ ସଭାପତି, ଜଣେ ସାଧାରଣ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିବେ । ଆଉ କେତେ ଜଣ ସାଧାରଣ ସଭ୍ୟ ଭାବରେ ରହିବେ ।

ସନିଆ ବାପା : ଆପଣ ପରା କହୁଥିଲେ ସରକାର ଜଙ୍ଗଲ ବିଭାଗ ଓ ଗ୍ରାମବାସୀ ମିଶି ଏହି କମିଟି ହେବ ବୋଲି ।

ସରପଞ୍ଚ : ବାଃ ସନିଆ ବାପା ବାଃ ତୁ ତ ମଜ୍ଜି କଥାଟିଏ କହିଛୁ ।

ରେଂଜର : ଯେହେତୁ ଏହା ସହଯୋଗରେ ହେବ ଏଥିରେ ମୁଁ ପ୍ରତ୍ୟେକ୍ଷ ଭାବରେ ରହିବି । ଏହି କମିଟିରେ ସାଧାରଣ ସମ୍ପାଦକ ଜଣେ ଗାଁ ଲୋକ ରହିବେ । ବିଭିନ୍ନ ସମୟରେ ତୁମମାନଙ୍କୁ ସହଯୋଗର ହାତ ବଢ଼ାଇ କାମକୁ ସୁରୁଖୁରୁରେ ବଢ଼େଇ ନେବା ପାଇଁ ଆମେ ରହିବୁ । ହଁ ଆହୁରି ଅଧିକ ସୁବିଧା ସୁଯୋଗ ଉପରିସ୍ଥ ଅଫିସରଙ୍କ ଠାରୁ ଅନୁମୋଦନ କରି ଆଣିବା ପାଇଁ ମୁଁ ଅଛି । ଆମ ବନଖଣ୍ଡ ଅଧିକାରୀ ମଧ୍ୟ ଅଛନ୍ତି । ଏବେ କୁହ ଏହା ସରକାର ଜଙ୍ଗଲ ବିଭାଗ ଆଉ ଗ୍ରାମବାସୀଙ୍କ ସହଯୋଗରେ ହେଉଛି ନା ନାହିଁ ।

ସନିଆ ବୋଉ : ହଁ ଏବେ ବୁଝି ହେଲା । ସରକାରଙ୍କ ତରଫରୁ ଆପଣ ଆଉ ଆମ ବନପାଳବାବୁ ଆଉ ଗ୍ରାମବାସୀଙ୍କ ତରଫରୁ ଆମେ ଗାଁ ବାଲା ସମସ୍ତେ ।

ସରପଞ୍ଚ : ଆମ ସନିଆ ବୋଉ ଏବେ ସବୁ ବୁଝି ଗଲାଣି ।

ସନିଆବାପା : ହେଲେ ଆମର କାମ କ'ଣ ।

ରେଂଜର : ଗ୍ରାମବାସୀଙ୍କର କାମ ହେଲା ବୃକ୍ଷ ରୋପଣ କରିବା, ଗଛରେ ପାଣି ଦେବା । ଗଛର ଜଗାରଖା କରିବା । ଗୋରୁଗାଈ, ଛେଳି, ମେଣ୍ଢାଙ୍କ ଦାଉରୁ ଗଛକୁ ରକ୍ଷା କରିବା । ଯାହା ଫଳରେ ଗଛ ବଢ଼ିବା ପରେ ନୂଆଁ ଜଙ୍ଗଲଟିଏ ସୃଷ୍ଟି ହେବ । ୪୯

ସନିଆ ବୋଉ : ଏତିକି କରି ଜଙ୍ଗଲ କରିଦେଲେ ଆମ ଚିନ୍ତା ଗଲା ।

ରେଂଜର : ନାଇଁ ନାଇଁ ଖାଲି ସେତିକିରେ ଚିନ୍ତା ଯିବନି ।

ସନିଆ ବାପା : ଆଉ ।

ରେଂଜର : ଗଛ ବଢ଼ିବା ପରେ ଚୋର ମାନେ ଗଛକାଟି ଅସାଧୁ ଉପାୟରେ ବେପାର କରି ପୁଣି ଜଙ୍ଗଲ ନଷ୍ଟ କରିଦେବେ । ତେଣୁ ଚୋରଙ୍କ ଦାଉରୁ ମଧ୍ୟ ଜଙ୍ଗଲକୁ ରକ୍ଷା କରିବା ତୁମର କାମ । ତା ସହିତ ଜଙ୍ଗଲରେ ନିଆଁ ଲାଗି ମଧ୍ୟ ଜଙ୍ଗଲ ନଷ୍ଟ ହୁଏ । ତେଣୁ ସେଥିପ୍ରତି ମଧ୍ୟ ଗ୍ରାମବାସୀଙ୍କୁ ଯତ୍ନବାନ ହେବାକୁ ପଡ଼ିବ ।

ସନିଆ ବାପା : ଏତେ ଗଛ ପାଇଁ ପାଣି କୁଆଡୁ ଆସିବ ।

ରେଂଜର : ସେଥିପାଇଁ ବନ୍ଧ ବାନ୍ଧି ଆମକୁ ବର୍ଷା ଜଳକୁ ରୁଦ୍ଧ କରିବାକୁ ପଡିବ । ଗଛ ଲଗାଇବା ଦ୍ୱାରା ମଧ୍ୟ ମାଟି ଆଉ ବର୍ଷା ପାଣିରେ ଧୋଇ ଯିବନି । ଏଣୁ ମୃତ୍ତିକା ମଧ୍ୟ ସଂରକ୍ଷଣ ହୋଇପାରିବ ।

ସନିଆ ବାପା : ହେଲେ ସାର ଏ ବୃକ୍ଷ ରୋପଣ କେଉଁଠାରେ ହେବ ଆମେ କେମିତି ଜାଣିବୁ । ନା ଆମର ଯେଉଁଠି ଇଛା ହେବ ଆମେ ସେଠି ଗଛ ଲଗେଇବୁ ।

ଶେଂକର : ନାହିଁ ନାହିଁ ସେମିତି ହେବନି । ଆପଣଙ୍କ ଗାଁ କୁ ଲାଗି ଯେତିକି ଜଙ୍ଗଲ ଅଛି ତାହାକୁ ମାପ ଚୁପ କରି ଆପଣଙ୍କୁ ନିର୍ଦ୍ଧାରିତ ଚିହ୍ନିତ ଜାଗା କହି ଦିଆଯିବ । ସେହି ଯାଗାରେ ହୋଇଥିବା ଅବକ୍ଷୟ ଜଙ୍ଗଲକୁ ଆପଣମାନଙ୍କୁ ନୂଆ ଜଙ୍ଗଲରେ ପରିଣତ କରିବାକୁ ପଡ଼ିବ ।

ସନିଆ ବୋଉ : ପଚାରୁଛ । ଏ ସବୁ କାମ ପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ ତାହା କେଉଁଠୁ ଆସିବ ।

ସରପଞ୍ଚ : ଯାହା କହିବାର କଥା ଠିକ୍‌ରେ କୁହ ।

ସନିଆ ବାପା : ନାହିଁ ସିଏ କହୁଥିଲା ଯେଉଁ ଟଙ୍କା ଖର୍ଚ୍ଚ ହେବ ସେ କେଉଠୁ ଆସିବ ।

ଶେଂକର : ଅର୍ଥ ଜଙ୍ଗଲ ବିଭାଗ ତରଫରୁ ଯୋଗାଇ ଦିଆଯିବ ।



ସନିଆ ମା : ଏବେ ବୁଝିି ହେଲା, ଜଙ୍ଗଲ ବିଭାଗ ଅର୍ଥ ଯୋଗାଇବା ଆଉ ଆମେ ଗ୍ରାମବାସୀ ଆମର ଶ୍ରମ ଦାନ କରି ନୂଆ ଜଙ୍ଗଲ ସୃଷ୍ଟି କରିବୁ ।

ସନିଆ ବାପା : ଏଥିରେ ଦୁଇଟି ଫାଇଦା । ନୂଆ ଜଙ୍ଗଲକୁ ଜଙ୍ଗଲ ହେବ ଆଉ ଜନ୍ତୁ ଜାନୱାରି ଜଙ୍ଗଲ ଭିତରେ ରହିବେ । ଆଉ ବାହାରକୁ ଆସିବେନି କି ଆମକୁ ହଇରାଣ କରିବେନି ।

ଶେଂକର : ଏଥିରେ ଆଉ ଗୋଟାଏ ଫାଇଦା ମଧ୍ୟ ଅଛି ।

ସନିଆ ମା : ସେଇଟା କ'ଣ ।

ସରପଞ୍ଚ : ତମେମାନେ ପରିଶ୍ରମ କରି ଯେଉଁ ନୂଆ ଜଙ୍ଗଲ କରିବ ସେଥିରେ ଫାଇଦା କ'ଣ ।

ସନିଆ ମା : ହଁ, ହଁ ଆମର ଫାଇଦା କ'ଣ ହେବ ଟିକେ କୁହନ୍ତୁ ।

ସନିଆ ବାପା : ଫାଇଦା କଥା ଉଠିଲେ ପଚାସ ଜିନା ଝାମ୍ପ ମାରି ପକାଇଛି ।

ଶେଂକର : ନାହିଁ, ନାହିଁ ସନିଆ ବାପା ସିଏ ଯାହା କହୁଛନ୍ତି ଠିକ୍ କହୁଛନ୍ତି । ଗ୍ରାମବାସୀଙ୍କର ଫାଇଦା ନ ହେଲେ ସେମାନେ କାହିଁକି ପରିଶ୍ରମ କରିବେ ।

ସନିଆ ବାପ : ସେ କଥା ଠିକ୍ ଯେ ।

ଶେଂକର : ଦେଖ ଜଙ୍ଗଲ ଅଧିକ ହେଲେ ତୁମକୁ ଲଘୁ ବନଜାତ ଦ୍ରବ୍ୟ ଯଥା ଶୁଖିଲା ପତ୍ର, ଜାଳେଣି କାଠ, ମହୁ, ଝୁଣା, ଲାଖ, ଶାଳପତ୍ର, ସବାଇ ଘାସ ଏମିତି କେତେ କଣ ମିଳିବ ନା ନାହିଁ ।

ସନିଆ ମା : ହଁ ନିଶ୍ଚିତ ମିଳିବ ।

ଶେଂକର : ସେ ସବୁ ବିକ୍ରିକରି ଭଲ ଦି ପଇସା ଗ୍ରାମବାସୀ ପାଇବେ ନା ନାହିଁ ।

ସନିଆ ମା : ସାର ମୁଁ ଗୋଟିଏ କଥା କହିବି

ଶେଂକର : କହୁନ କୁହ ।

ସନିଆ ମା : ଶାଳପତ୍ର କିମ୍ବା ସବାଇ ଘାସ ଅପେକ୍ଷା ସେଥିରୁ ତିଆରି ଦଉଡି, ଖଲି ଠୋଲା କରି ବିକ୍ରିକଲେ ଅଧିକ ଫାଇଦା ମିଳିବ ।

ଶେଂକର : ତମେ ମୋ ମୁହଁରୁ କଥା ଛଡାଇ ନେଲ । ମୁଁ ମଧ୍ୟ ସେଇ କଥା କହିବା ପାଇଁ ଚାହୁଁଥିଲି, ସେଥିପାଇଁ ମଧ୍ୟ ତୁମକୁ ବିଭାଗ ତରଫରୁ ଆର୍ଥିକ ସୁବିଧା ସୁଯୋଗ ଦିଆଯିବ ବ୍ୟବସ୍ଥା ଅଛି ।

ସନିଆ ମା : ତା ହେଲେତ ଜଙ୍ଗଲରୁ କଞ୍ଚାମାଲ ମିଳିବ । ଜଙ୍ଗଲ ବିଭାଗ ତରଫରୁ ସାହାଯ୍ୟ, ତାଲିମି ପାଇଲେ ଆମେ ଆମ ବଳକା ସମୟରେ ଲଘୁ ବନଜାତ ଦ୍ରବ୍ୟରୁ ଉପକରଣ ତିଆରି କରି ଆମ ଆର୍ଥିକ ମାନ ଦଣ୍ଡକୁ ସୁଦୃଢ଼ କରିପାରିବୁ ।

ସରପଞ୍ଚ : କାହିଁକି ନୁହେଁ, ନିଶ୍ଚିତ କରି ପାରିବ ।

ଶେଂକର : ଖାଲି ସେତିକି ନୁହେଁ, ସହରରେ ବାସ କରୁଥିବା ଲୋକମାନେ ସମୟ ସମୟରେ ବ୍ୟସ୍ତ ବହୁଳ ଜୀବନରୁ ବାହାରି ବଣ ଭୋଜି କରିବା ପାଇଁ ଜଙ୍ଗଲ ମାନଙ୍କୁ ଆସିଥାନ୍ତି । ସେଥିପାଇଁ ମଧ୍ୟ ଆମ ଜଙ୍ଗଲ ବିଭାଗ ଏକ ନୂଆ ନୀତି ପ୍ରଣୟନ କରିଛି । ଇକୋ ଟୁରିଜିମ୍ ଯେଉଁଠି ବଣ ଭୋଜିର ସୁବିଧା ଅଛି ସେଠି ପାଣି ଆଉ ରହିବାର ମଧ୍ୟ ବନ୍ଦୋବସ୍ତ କରୁଛୁ । ତାହା ମଧ୍ୟ ଗ୍ରାମବାସୀଙ୍କ ସହଯୋଗରେ । ଯେଉଁ ଲୋକମାନେ ଆସି ଭୋଜି କରନ୍ତି ଆଉ ରହିବା ପାଇଁ ଗେଷ୍ଟହାଉସ୍ ନିଅନ୍ତି । ଭଡା ସୂତ୍ରରେ ତାଙ୍କଠାରୁ କିଛି ଟଙ୍କା ଆଦାୟ କରାଯାଏ । ସେ ଟଙ୍କା ଗ୍ରାମବାସୀଙ୍କ

ଉନ୍ନତି ମୂଳକ କାର୍ଯ୍ୟରେ ଲଗାଯାଏ । କୁହତ ଏଥିରୁ ତୁମର ଫାଇଦା ହେଲାକି ନାହିଁ ।

ସନିଆ ବାପା : ନିଶ୍ଚିତ ।

ରେଂଜର : ଖାଲି ସେତିକି ନୁହେଁ କିଛି ଲୋକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଗାଇଡ୍ କରାଯାଏ । ଯିଏ କି ଆସୁଥିବା ଲୋକମାନଙ୍କୁ ତାଙ୍କ ଜଙ୍ଗଲ ବିଷୟରେ ବିଭିନ୍ନ ଉପାଦେୟ ତଥ୍ୟ ଯୋଗେଇ ଦିଅନ୍ତି । ସେଥିପାଇଁ ମଧ୍ୟ ସେମାନେ କିଛି ପାରିଶ୍ରମିକ ପାଆନ୍ତି ।

ସନିଆ ବୋଉ : ବାଃ ବଢ଼ିଆ କଥାତ ।

ସରପଞ୍ଚ : ଯେତେ ଅଧିକ ଲୋକ ଆସିବେ ଆମ ହାତ ତିଆରି ଜିନିଷର ଚାହିଦା ମଧ୍ୟ ସେତିକି ବଢ଼ିବ । ସେମାନେ ଆମ ଠାରୁ ତାହା କିଣିନେବେ । ସେଥିରୁ ମଧ୍ୟ ଆମର ଫାଇଦା ହେବ ।

ରେଂଜର : ଏବେ ତ ଜାଣିଲ ବନ ସୁରକ୍ଷା ସମିତି ଗଢ଼ିବା ଦ୍ୱାରା ଆମ ଜଙ୍ଗଲର ସୁରକ୍ଷା ହେଲା । ଜଙ୍ଗଲ ସୁରକ୍ଷା ଦ୍ୱାରା ଜଙ୍ଗଲ ପଶୁପକ୍ଷୀ ମଧ୍ୟ ସୁରକ୍ଷା ପାଇଲେ । ପରିବେଶ ସନ୍ତୁଳିତ ହେଲା । ଜଙ୍ଗଲରୁ ମିଳୁଥିବା ଲଘୁ ବନଜାତ ଦ୍ରବ୍ୟ ଆମର ଆର୍ଥିକ ପରିସ୍ଥିତିକୁ ଦୃଢ଼ କଲା । ଆମ ଜୀବନକୁ ଆମେ ସୁରକ୍ଷା ଦେଇ ପାରିଲେ ।

ସନିଆ ମା : ସାର ମୁଁ ଆପଣଙ୍କୁ କଥା ଦେଉଛି । ସନିଆ ବାପା ଆଉ ମୁଁ ମିଶି ଆମ ଗାଁର ସବୁ ଲୋକଙ୍କୁ ଏକଜୁଟ କରି "ବନ ସୁରକ୍ଷା ସମିତି" ଗଢ଼ିବୁ । ଆମ ଜଙ୍ଗଲକୁ ରକ୍ଷା କରିବା ସହିତ ଆମ ଭବିଷ୍ୟତକୁ ଦୃଢ଼ କରିବୁ ।



# ଜଙ୍ଗଲ ବାହାରେ ବୃକ୍ଷ ରୋପଣ

ସୁଧାକର ଦାସ

ଦୃଶ୍ୟ-୧

(ସମୟ ଅପରାହ୍ନ ବାସନ୍ତୀ ବସି ପାନ ଭାଙ୍ଗୁଥାଏ)

ମାଗୁଣୀ : ଆଲୋ ସରିଲା ତୋ'ର ? ପାନ ଦି'ଖଣ୍ଡ ଦବାକୁ କେତେ ସମୟ ଲାଗୁଚି ତତେ.................

ବାସନ୍ତୀ : ନଇ ନା ନିଅ, ତମ ପାନ ତ ମୁଁ କେତେବେଳୁ ଭାଙ୍ଗି ସାରିଲିଣି । ସୁଆ ଦି'ଟା ବସି କାଟୁଥିଲି । ସଂଝକୁ ଦୀପୁ ବାବୁ ଆସି ପହଞ୍ଚିଲେ ପୁଣି ରୋଷେଇ ବାସ କାମ ଲାଗିଯିବ, ତମର ତ ଘଡ଼ିକି ଘଡ଼ି ପାନ ଦରକାର୍, ସୁଆ ଦି'ଖଣ୍ଡ ଭାଙ୍ଗି ରଖି ଦେଇଥିଲେ ......

ମାଗୁଣୀ : ଜାଣିଲୁ ବାସନ୍ତୀ, (ପାନ ପାଟିରେ ପୁରାଏ) ଛ'ମାସେ କି ବରଷେ ନୁହଁ ୧୦ ବରଷ ପରେ ଆଜି ବଡ଼ବାବୁ ଗାଁ କୁ ଆସୁଛନ୍ତି । ତାଙ୍କ ଖାଇବା ପିଇବାରେ ଯେମିତି ଏତେଟିକେ ହେଳା ନହୁଏ ।

ବାସନ୍ତୀ : ତେମେ କାହିଁକି ବ୍ୟସ୍ତ ହଉଚ ? ତାଙ୍କ ମନ ମୁତାବକ ଦେଶୀଆଳୁ, ସଜନା ଛୁଇଁ, ବାଡ଼ି ବାଇଗଣ, ପାଣି କଖାରୁ ସବୁ ଖୋଜି ତୋଡ଼ି ଆଣି ରଖିଛି । ମୁଁ ଜାଣିଚି ଗାଁ କୁ ଆସିଲେ ସେ କ'ଣ ଖୋଜନ୍ତି .......

ମାଗୁଣୀ : ସେ କଥା ଠିକ୍ ଯେ, ହେଲେ ଦଶ ବରଷ ହେଲାଣି, ଯା ଭିତରେ ଶୁଣିଥିଲି ବାବୁ ମଝିରେ କାନେ ବର୍ଷେ ନା ଦି'ବର୍ଷ ବିଦେଶ ଯାଇଥିଲେ । ମଣିଷର ରୁଚି କେତେବେଳେ କ'ଣ ସେ କଥା କ'ଣ କହିହବ, ହେଲେ ବାସନ୍ତୀ, ଏଥର ବାବୁ ଆସିଲେ ମୁଁ ଗୋଟାଏ ଫଇସଲା ତାଙ୍କ ସାଙ୍ଗରେ କରିବି .............

ବାସନ୍ତୀ : ଫଇସଲା ? କି ଫଇସଲା କି ?

ମାଗୁଣୀ : ଏଥର ଆଇଲେ ଚାବି ଧରେଇଦେବି, ଏଡ଼େବଡ଼ ଖଂଜା, ୫ ଏକରର ବାଡ଼ିବଗୀଚା ଏସବୁର ଦେଖାଚାହାଁ ଦାୟିତ୍ୱ ମୁଁ ଆଉ ସମ୍ଭାଳି ପାରିବିନି, ମୋର କ'ଣ ଆଉ ବଳ ବୟସ ମାଡ଼ି ଆସୁଚି ? ବର୍ଷ, ଦି'ଟା ମତେ ଦାୟିତ୍ୱ ନେବାକୁ କହିଥିଲେ .... ହେଲେ ଆସି ୨୦ବର୍ଷରେ ପହଞ୍ଚିଲା,...........

ବାସନ୍ତୀ : ହଉ ତେମେ ଉଠିଗଲ........... ଆଉ ଘଡ଼ିକରେ ସଂଜ ନଇଁଯିବ ।

ମାଗୁଣୀ : ହଁ ହଁ ମୁଁ ଯାଉଛି । ତୁ ଶୁଣ୍ ବାବୁ ଆସି ପହଂଚିଲେ ଆଗ ଦାଣ ବଖରାଟା ଖୋଲିଦବୁ । ଚା' ପାଣି ଦବୁ । ନୂଆ ଲଣ୍ଠଣଟାର କାଚ ଫାଚ ସଫା କରି ରଖିଛୁତ ? ଲାଇନି ତ ଯଦି ଘଡ଼ିଏ ରହୁଛି ଆଉ ଘଡ଼ିକି ଛୁ...............

ବାସନ୍ତୀ : ହଁ ମୁଁ ସବୁ ଯୋଗାଡ଼ କରି ରଖିଛି । ତେମେ ଚାଲ....

ମାଗୁଣୀ : ହଉ ହଉ..........

ଦୃଶ୍ୟ-୨

(ବାହାରୁ ଡ଼ାକି ଡ଼ାକି ଆସେ ଦୀପୁ ବାବୁ)

ଦୀପୁ : ମାଗୁଣୀ ଦାଦା................. ମାଗୁଣି ଦାଦା............

ବାସନ୍ତୀ : ........ ଇଲୋ ମା' ଆସିଲେଣି ବୋଧେ ।

ଦୀପୁ : ଆରେ କୁଆଡେ ଗଲ ମାଗୁଣି ଦାଦା ।

ବାସନ୍ତୀ : ଆସ ଆସ ବାବୁ ।

ଦୀପୁ : ଆରେ ଖୁଡ଼ୀ, ମାଗୁଣି ଦାଦା କୁଆଡେ ଗଲେ ? ତମ ଦେହମୁଣ୍ଡ ଭଲ ଅଛି ଟି ?

ବାସନ୍ତୀ : ହଁ ହଁ ଦେହ ମୁଁଣ୍ଡ ସବୁ ଭଲ ଅଛି । ଆଉ ସହରରେ ପିଲାମାନେ - ତାଙ୍କ ଦେହ ମୁଣ୍ଡ ସବୁ ଭଲ ଅଛି ଟି ?

ଦୀପୁ : ସମସ୍ତେ ଭଲ ଅଛନ୍ତି । ତମେ ନିଅ ଏ ବେଗ୍‌ଟା ।

ବାସନ୍ତୀ : ହେଲେ ବାବୁ ଆଜି କ'ଣ ଏକା ? ଗାଡ଼ି ନାହିଁ ଡ୍ରାଇଭର୍ ନାହିଁ .......................

ଦୀପୁ : (ହସୁ ହସୁ ) ଓ ହୋ ହୋ ଆରେ ନାହିଁ ଖୁଡ଼ୀ କଥା କ'ଣ କି ବହୁତ ଦିନ ହେଲା ଗାଁ ଆଡ଼େ ଆସି ନ ଥିଲି ତ ଭାବିଲି ଏଥର ବସ୍ ରେ ଯିବି । ବସ୍‌ରୁ ଓହ୍ଲାଇ ଗାଁ ଯାଏ ଚାଲି ଚାଲି ଯିବି ।

ବାସନ୍ତୀ : ହଉ ବସ । ଖବର ପଠେଇ ଦେଲେ ଦାଦି ବସ୍ ପାଖକୁ ଯାଇ ନ ଥାନ୍ତେ ?

ମାଗୁଣି : ବୁଝିଲୁ ବାସନ୍ତୀ ସବୁ ମିଳିଲା ହେଲେ (ଦୀପୁକୁ ଦେଖି ଚମକେ) ଆରେ .... ବାବୁ କେତେବେଳେ ଆସିଲ, ବାହାରେ ଗାଡ଼ି ଘୋଡ଼ି କିଛି ନାହିଁ ।

ଦୀପୁ : ସେଇ କଥା ପରା ଖୁଡ଼ୀଙ୍କି କହୁଥିଲି ଏଥର ବସ୍‌ରେ ପଳେଇ ଆସିଲି ।

ମାଗୁଣି : ବସ୍‌ରେ ପଳେଇ ଆସିଲ ?

ଦୀପୁ : ହଁ ।

ମାଗୁଣି : ହେଲେ ବସ୍ ତ ଯିବଣି ୪ଟା ବେଳଠାଁ ତମେ ଏତେବେଳେ ଯାଏ ଥେଲ କୋଉଁଠି ?

ଦୀପୁ : ୪ଟା ବେଳରୁ ଆସିଲିଣି ଯେ ହେଲେ ଆସୁ ଆସୁ ବାଟରେ ବହୁତ ଲୋକଙ୍କ ପାଖରେ ଟିକେ ଟିକେ ରହିବାକୁ ପଡ଼ିଲା ।

ମାଗୁଣି : ଓ ହୋ ହୋ ... ପୁରୁଣା ସାଙ୍ଗ ସଙ୍ଗାତ ସମସ୍ତେ ଦେଖା ହୋଇଥିବେ । କିଏ କିଏ ସବୁ ଦେଖା ହେଲେ ବା' ?

ବାସନ୍ତୀ : କ'ଣ ସବୁ କଥା ଏଇଠି ହୋଇଯିବ ? ତେମେ ଘରଟା ଖୋଲି ଦିଅ । ବାବୁ ଟିକେ ଲୁଗାପଟା ବଦଳାନ୍ତୁ ଚା' ପାଣି ପିଅନ୍ତୁ ତା'ପରେ କଥା ହେଲେ ହବନି ?

ଦୀପୁ : ନାଇଁ ନାଇଁ ଖୁଡ଼ୀ । ଦି ଥର ବାଟରେ ଚା' ପି କି ଆସିଛି । ମୁଁ ଟିକେ ଦାଦା ସାଙ୍ଗରେ କଥାବାର୍ତ୍ତା ସାରେ । ବଦଳା ବଦଳି କରିବି ତ ଥାଉ ।

ବାସନ୍ତୀ : ହଉ । ମୁଁ ସେବାଟେ କାମ ଧନ୍ଦା ଦେଖୁଛି । କିଛି ଦରକାର ଥିଲେ ମତେ ଡ଼ାକିବ

ମାଗୁଣୀ : ଏ ବେଞ୍ଚ୍ ଟା ନେ ।

ବାସନ୍ତୀ : ହଁ ହଁ ।

ମାଗୁଣୀ : ହଁ ବାବୁ କିଏ କିଏ ସବୁ ଦେଖା ହେଲେ ବା ଗାଁ ରେ ?

ଦୀପୁ : ଦାଦା ଗାଁ ଭିତର କଥା ତ ଛାଡ଼ ଗାଁ ବାହାରୁ ମାନେ ମୁଁ ଯେତେବେଳେ ଗାଁ ଭିତରକୁ ପଶିଲି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।

ମାଗୁଣି : ହଁ ଆଠ ଦଶ ବର୍ଷ ହବ ଆସିନ । କେତେ ବଦଳିଗଲାଣି ଯା' ଭିତରେ ଗାଁ କଂକ୍ରିଟ ରାସ୍ତା, ଟେଲିଫୋନ୍ ଖୁଣ୍ଟି, ହନୁମାନ ମନ୍ଦିର ।

ଦୀପୁ : ହଁ ସେ ସବୁତ ଦେଖିଲି ଦାଦା । ହେଲେ ସବୁଠୁ ମତେ ବେଶୀ ଆଶ୍ଚର୍ଯ୍ୟ ଲାଗିଲା ଆମ ଗାଁ ରାସ୍ତା କଡ଼ରେ ବଡ଼ ବଡ଼ ଗଛ ସବୁ ଦେଖି । ରାଧାଚୂଡ଼ା, କୃଷ୍ଣଚୂଡ଼ା, ଚାକୁଣ୍ଡା - ମାନେ ସତ କଥା କହିଲେ ଦାଦା ମୁଁ ରାସ୍ତାରେ ଆସିଲାବେଳେ ମତେ କାହିଁକି କେଜାଣି ବାରମ୍ବାର ଲାଗୁଥିଲା ମୁଁ ଠିକ୍ ରାସ୍ତାରେ ଯାଉଛି ତ ! ମାନେ ଏଇଟା ଗାଁ ରାସ୍ତା ତ ?

ମାଗୁଣି : (ହସୁ ହସୁ) କି କଥା କହୁଛ ବାବୁ । ଗଛ ବିନା ଆଉ ଗତି ଅଛି । ତେବେ ବୋଧେ ଜାଣିନ ଗଛ ଲଗେଇବା, ନୂଆ ଜଙ୍ଗଲ ତିଆରି କରିବା - ଯା'କୁ ନେଇ ଏବେ ଗାଁ ଲୋକଙ୍କ ଭିତରେ ନାହିଁ ନ ଥିବା ଆଗ୍ରହ ।

ଦୀପୁ : ଆଛା ଦାଦା ମୁଁ ଦେଖିଲି ବିଲ ଭିତରେ ବି ହିଡ଼ ଧାଡ଼ରେ ବି ଗଛ ଲଗା ହେଉଛି ।

ମାଗୁଣି : ହଁ । ଏ ସେ ଗଛଗୁଡ଼ା ପରା ହୁ ହୁ ହେଉ ବଢ଼ୁଛି । ଅନେଇଲ ବାବୁ , ବର୍ଷେ ଦେଢ଼ ବର୍ଷ ଭିତରେ ଦି' ତିନି ମହଣ କାଠ ବାହାରୁଛି ଗୋଟାଏ ଗଛରୁ ।

ଦୀପୁ : ଆଛା, କି ଗଛ କି ସେଇଟା ?

ମାଗୁଣୀ : ତାକୁ ପରା କହୁଛନ୍ତି ....... ବାବୁଲ୍ ।

ଦୀପୁ : ଯା'କୁ ଲଗେଇଲେ ଲାଭ କ'ଣ ?

ମାଗୁଣି : ଲାଭ (ହସେ) ତେମେ ବାବୁ ବୋଧେ ମୋ ସାଙ୍ଗରେ ଥଟ୍ଟା କରୁଛ । ପାଠ ପଢ଼ୁଆ ବିଦ୍ୱାନ ଲୋକେ ତମେ ତମକୁ ମୁଁ ବୁଝେଇବି ଗଛରୁ କ'ଣ ଲାଭ ? ହେଲେ ବାବୁ ଆମେ ସାରା ଗାଁ ଲୋକ ଗୋଟାଏ କଥା ଏବେ ବୁଝିଛୁ ଯେ ଜାଳକାଠ ପାଇଁ ଆମେ ଜଙ୍ଗଲ ଭିତରକୁ ପଶିବୁନି । ତେବେ ଦେଖୁନା ଅଲଗା କାଠ କଥା, ଜଣେ ଚାଷୀ ତା' ବିଲ ଭିତରୁ ଯଦି ବର୍ଷକୁ ଦଶ ବାର ମହଣ କାଠ ପାଇଗଲା କହିବାକୁ ଗଲେ ବର୍ଷକରୁ ଆଠମାସେ ତ ତା'ର ଚିନ୍ତା ସରିଗଲା ନା' ।

ଦୀପୁ : ଠିକ୍ ଠିକ୍ । ସେଇଆ ତ ମୁଁ ଶୁଣିଲି ଗାଁ ରୁ । ଆଉ ଗୋଟେ କଥା ଦେଖି ମତେ ଆଶ୍ଚର୍ଯ୍ୟ ଲାଗିଲା ଦାଦା ସାରା ଗାଁରେ ଖାଲି ଜାଗାଟ କେଉଁଠି ଆଉ ମୁଁ ପାଇଲିନି ।

ମାଗୁଣି : କେମିତି ପାଇବ ? ମୁଁ କହିଲି ନା ଟିକେ ଆଗରୁ ଗାଁ ସାରା ଲୋକେ ମାତିଛନ୍ତି ଇଏ ତ ଗଲା ବାବୁ ରାସ୍ତା ଘାଟ ଆଉ ବିଲ କଥା । ଲୋକଙ୍କ ବାଡ଼ି ବଗିଚା ତମେ ଦେଖିଲଣି ଆମ ଗାଁ ରେ ?

ଦୀପୁ : ସେଇ କଥା କହୁଛି ପରା ମୁଁ ଆସିଲା ବେଳେ ପ୍ରଭାତ ସାଥିରେ ମୋର ଦେଖା ହେଲା ।

ମାଗୁଣି : ପ୍ରଭାତ କିଏ କହିଲ ?

ଦୀପୁ : ପ୍ରଭାତ ମହାନ୍ତି ମ' ।

ମାଗୁଣି : ଓ ମହାନ୍ତି ଘର ପରଭା !

ଦୀପୁ : ହଁ । ମତେ ଘରକୁ ଡ଼ାକିଲା । ପ୍ରଭାତର ବାପା ମହେଶ୍ବର ମଉସା ମତେ ଭାରି ଭଲ ପା'ନ୍ତି ପିଲା ଦିନୁ ଭାବିଲି ଆସିଛି ମାନେ ଟିକେ ଦେଖା କରିଦେଇ ଯିବ, ତାଙ୍କୁ ଦେଖିଲା ବେଳକୁ ବୁଢ଼ା ଯାଇ ବାଡ଼ି ପଟରେ । ବାଡ଼ି ପଟରେ ମାନେ ସେ ବି ଲାଗିଛନ୍ତି ଗଛ ସାଙ୍ଗରେ ।

ମାଗୁଣି : ଠିକ୍ ଠିକ୍ ଠିକ୍ । ଦେଖିଥିବ ତ ମନ୍ଥି ମାହାନ୍ତି ବାରିରେ କେତେ ଗଛ ।

ଦୀପୁ : ଗଛ ମାନେ ? ଦାଦା ମୁଁ ତ ନିଜ ଆଖିକୁ ବିଶ୍ବାସ କରି ପାରିଲିନି । ମାନେ ଫଳଗଛ ଫୁଲଗଛରେ ବାଗିଚା ସାରା ଭର୍ତ୍ତି । ମଉସା ପୁଣି ମତେ ଗୋଟି ଗୋଟି କରି ଚିହ୍ନେଇ ଦେଲେ । ଦେଖେ ଏଇଟା ଜାଳକାଠ ଗଛ । ଏଇଟା ଫଳ ଗଛ । ଏଇଟା ଔଷଧୀୟ ଗଛ । ଆଚ୍ଛା ଦାଦା ସମସ୍ତଙ୍କ ବାଡ଼ିର ଅବସ୍ଥା କ'ଣ ଏଇଆ ?



ମାଗୁଣି : ପୁରା ଗାଁ ସାରାର କଥା ଏଇଆ । ଚାକୁଣ୍ଡା, ବଉଳ, ଜାମୁ, ଝାଉଁ, ଆମ୍ବ, ପଣସ, କେନ୍ଦୁ, ପିଜୁଳି, ଜାତି ଜାତିକା ଗଛରେ ସମସ୍ତଙ୍କ ବଗିଚା ଭର୍ତ୍ତି । ଆଜିତ ରାତି ହୋଇଗଲାଣି କାଲି ସକାଳେ ଦେଖିବନି । ଆମ ଗାଁ ଗଣ୍ଡା ପାହାଡ଼ଟା ଏବେ ହସୁଛି ନା' ଭ ।

ଦୀପୁ : ଆଚ୍ଛା ଆଚ୍ଛା । ହଁ ଦାଦା ମୁଁ ଯେତିକି ଜାଣିଛି ଆମ ଗାଁ ଲୋକଙ୍କର ଚାଷ ବାସ ଅପେକ୍ଷା ବେପାର ବଣିଜରେ ଟିକେ ଅଧିକ ଧ୍ୟାନ । ରାତି ପାହିଲେ ଯିଏ ଯୁଆଡ଼େ ବାହାରି ଯା'ନ୍ତି ନିଜ କାମ ଧନ୍ଦାରେ । ହେଲେ ଏସବୁ କାମରେ...............

ମାଗୁଣି : (ହସୁ ହସୁ) ତେମେ ଯୋଉ କଥା କୁହ ବାବୁ ବେପାର ବଣିଜ କରିବାକୁ ଘରର ପୁରୁଷ ଲୋକ ଯାଉଛନ୍ତି ନା' ଏ ଗଛ ଲଗେଇବା କି ଘରର ଯତ୍ନ ନବା ଯା'ଙ୍କୁ କ'ଣ ଘରର ପିଲାଝିଅ ମାଇପେ କରି ପାରିବେନି ?

ଦୀପୁ : ନା ନା ନା ମୁଁ ସେ କଥା କହୁନି । ମୋ କହିବା କଥା ଲୋକଙ୍କ ଭିତରେ ଆଗ୍ରହ ଆସିଲା କେଉଁଠୁ ?

ମାଗୁଣି : ହଁ । ଏଇଟା ଗୋଟାଏ କଥା । କଥା କ'ଣ କି ବାବୁ, ଗାଁ ରେ ତ ଆମର ବନ ସଂରକ୍ଷଣ ସମିତି ଗଠନ ହୋଇଛି । ତା'ର କାମ ହେଲା ଗାଁ ଜଙ୍ଗଲ ଆଉ ନଣ୍ଡା ପାହାଡ଼ର ସବୁଜିମା କଥା ବୁଝିବା । ତେବେ ଆମ ଗାଁର କିଛି ଯୁବକ ଗାଁ ଲୋକଙ୍କୁ, ଏଇ ବିଲ ବାଡ଼ିରେ ଘର ପଛପଟ ବାଡ଼ିରେ ଅଧିକରୁ ଅଧିକ ଗଛ ଲଗେଇବାକୁ ବୁଝେଇ ଆସୁଛନ୍ତି ।

(ବାସନ୍ତୀ ଆସୁଛି )

ବାସନ୍ତୀ : ଜାଣିଲ ବାବୁ ଏ ଗପୁରା ଲୋକଙ୍କ ହାବୁଡ଼ରେ ପଡ଼ିଲେ ତମ ରାତି ସରିଯିବ ତାଙ୍କ ଗପ ସରିବନି । ତେବେ ଉଠିବଟି । ସେତେବେଳୁ ଆସିଲଣି କିଛି ଟିକେ ଏ ଯାଏ ମୁହଁରେ ନେଇନ ।

ଦୀପୁ : ଆରେ ହଁ ତ' ରାତି ଆଠ ନ'ଟା ହବାକୁ ବସିଲାଣି । ହଉ ହଉ, ଦାଦା । ତମେ ଘରଟା ଖୋଲିଲ ।

ବାସନ୍ତୀ : ତମେ ଆସିଲ ମୁଁ ଘର କେତେବେଳଠୁ ଖୋଲି ମଶାବତି ବି ଲଗେଇ ଦେଇଛି ।

(ଏତିକି ବେଳେ ବାହରୁ ଡ଼ାକେ ଶରତ )

ଶରତ : ବୋଉ............ ଏ ବୋଉ

ବାସନ୍ତୀ : ହଁ ଯାଉଛି ରେ

ଦୀପୁ : କିଏ ? କିଏ ଡ଼ାକୁଛି ?

ମାଗୁଣି : ମୋରି ପୁଅ ପରା ଶରତ ।

ଦୀପୁ : ଆରେ ଆରେ ଆରେ । ବଡ଼ ପିଲାଟା ହେଇଯିବଣି ନା । କ'ଣ କରୁଛି ସେ ?

ମାଗୁଣି : ସେ ପରା ଗଲା ମାସରେ ଶିକ୍ଷା ସହାୟକ ଚାକିରୀ ପାଇଛି । ଆମରି ଗାଁ ଇସ୍କୁଲରେ ।

(ବାସନ୍ତୀ ବୁଲନ୍ତି)

ବାସନ୍ତୀ : କ'ଣ କହିବି ଏ ଲୋକଙ୍କୁ ................ ପୁଣି ଯୋଡ଼ି ଦେଲଟି ଗପ ।

ମାଗୁଣି : ଏ ବାବୁ ତେମେ ଚାଲିବଟି ।

ଦୀପୁ : (ହସ) ମୁଁ ଭାବୁଛି ଦାଦା ମୁଁ ଏକୁଟିଆ ତମ ବୋହୂଙ୍କୁ ଡ଼ରୁଛି ବୋଲି ତମେ ବି............

(ଦୁହେଁ ହସନ୍ତି)

ମାଗୁଣି : ଚାଲ ଚାଲ ।

## ଦୃଶ୍ୟ - ୩

(ସମୟ ସକାଳ) ବସି ଚା' ପିଉଥାଏ ଦୀପୁ । ଆସି ପହଞ୍ଚେ ମାଗୁଣି ।)

ମାଗୁଣି : ନିଅ ବାବୁ ଆଜିର ଖବର କାଗଜ ।

ଦୀପୁ : ଆଁ ! ଏତେ ସକାଳୁ ଗାଁରେ ଖବର କାଗଜ !

ମାଗୁଣି : ଆଉ କ'ଣ ଗାଁ ଗାଁ ହୋଇ ଅଛି ? ହଉ ଛାଡ଼ ସେ କଥା । କ'ଣ କହୁଥିଲ ମତେ ଗାଁକୁ ଗଲେ ଜରୁରୀ କଥା ଅଛି । କାଲି ରାତିରୁ ଆସିଲିଣି ସେ କଥା ତ କିଛି ଉଠଉନ ?

ଦୀପୁ : କ'ଣ ଆଉ କଥା ଉଠେଇ ବି ଦାଦା ? କାଲି ରାତି ସାରାତ ମୁଁ ଆଉ ଶୋଇ ପାରିନି ।

ମାଗୁଣି : ମଶା ହଇରାଣ କଲେ ନା' କ'ଣ ? ମୁଁ ତ ପଚାରୁ ଥିଲି ମଶରି ପକେଇ ଦେବିକି କ'ଣ ।

ଦୀପୁ : ଆରେ ନାହିଁ ଦାଦା ମଶା ନୁହଁ ତମ ଭାଷା କାଲି ରାତିରେ ମତେ ଶୁଆଇ ଦେଇନି ।

ମାଗୁଣି : ଭାଷା ? ମାନେ ମୁଁ ....... ମୁଁ କିଛି କହିଲି

ଶରତ : ପ୍ରଣାମ ଆଜ୍ଞା ।

ଦୀପୁ : ହେଉ ହେଲା । ଶରତ ନା ?

ଶରତ : ଆଜ୍ଞା ।

ଦୀପୁ : କେତେ ଟିକେ ନାକୁଁ ହେଉଥିଲ ଏବେ ପୁରା ହଟାକଟା ଯୁବକ ନା କ'ଣ ? ଆଉ ଚାକିରୀ କରିଛ ପରା ?

ଶରତ : ଆଜ୍ଞା ଭାଇ ।

ଦୀପୁ : ଆଉ କ'ଣ କେମିତି ସବୁ ଚାଲିଛି ?

ମାଗୁଣି : କାଲି ରାତିରେ ଯୋଉ କହୁ ନଥିଲି, ଆମ ଗାଁ ବନ ସଂରକ୍ଷଣ ସମିତି କଥା ସେ ପରା ତା'ର ସଭାପତି ଅଛି ।

ଦୀପୁ : ଗୁଡ୍, ଗୁଡ୍, ବହୁତ ଭଲ କଥା । ଜାଣିଲ ଶରତ ମତେ ସବୁଠୁ ବେଶୀ ଭଲ ଲାଗିଲା ଏଇ ଯୋଉ ଗାଁର ଲୋକମାନେ ନିଜ, ବାଡ଼ି ବଗିଚାରେ ନାନା ଜାତିର ଗଛ ଲଗେଇଛନ୍ତି ।

ଶରତ : ଆମକୁ ବହୁତ ବୁଝେଇବାକୁ ପଡ଼ିଥିଲା ଆଜ୍ଞା । ପ୍ରଥମ କଥା ହଉଛି ଗାଁ ପାଖ ଲଣ୍ଡା ପାହାଡ଼ ଟା ଦିନକୁ ଦିନ ଉଜୁଡ଼ି ଯାଉଥିଲା । ଗ୍ରାମ୍ୟ ଜଙ୍ଗଲକୁ ଆମରି ଗାଁ ଲୋକେ ଜାଳକାଠ ପାଇଁ ବହୁ ମୂଲ୍ୟବାନ ଗଛକୁ କାଟି ପକା କରି ଦଉଥିଲେ । ତେଣୁ ମୋଟା ମୋଟି ଆମେ ଦେଖିଲୁ ଲୋକଙ୍କୁ କ୍ଷେତ ବାଡ଼ିରେ ଗଛ ଲଗେଇବାକୁ ଉତ୍ସାହିତ କଲେ ଜଙ୍ଗଲ ଉପରୁ ନିଶ୍ଚିତ ଚାପ କମିଯିବ ।

ଦୀପୁ : ବାଃ ବହୁତ ବଢ଼ିଆ କଥା ।

ଶରତ : ଆମେ ଲୋକଙ୍କ କାନେ କାନେ ବୁଝେଇଲୁ ଆଜ୍ଞା ଯେ ଗୋଟିଏ ପାଞ୍ଚ ଜଣିଆ ପରିବାରରେ ଦିନକୁ ପାଞ୍ଚ କେ.ଜି. ଜାଳେଣି କାଠ ଦରକାର ଆମ ଗାଁରେ ଅଶିଟି ପରିବାର । ଯଦି ଦିନକୁ ଆମେ ଚାରି କ୍ୱିଣ୍ଟାଲ କାଠ ଜଙ୍ଗଲରୁ ଆଣି ଜାଳିବା ତା'ହେଲେ ଗୋଟିଏ ମାସରେ ୧୨ଟନ୍ କାଠ ଜାଳିବା ଜଙ୍ଗଲ ରହିବ ନା ଉଜୁଡ଼ିବ ? ସେଇଠୁ ଆସ୍ତେ ଆସ୍ତେ ଲୋକେ ବୁଝିବା ଆରମ୍ଭ କଲେ । ଆମ କଥା ଶୁଣିଲେ । ଆଉ ବର୍ଷ ପାଞ୍ଚଟା ଭିତରେ ପୁରା ବଦଳିଗଲା ଜଙ୍ଗଲର ଚେହେରା ଆଉ 
ଲୋକଙ୍କ ବାଡ଼ି ବଗିଚାର ରୂପ ।

ଦୀପୁ : ଭାରି ଖୁସି ଲାଗୁଛି ମତେ । ସହରରେ ସଭ୍ୟ ଶିକ୍ଷିତ ଲୋକମାନେ ଭୋଗ ବିଳାସରେ ବଞ୍ଚିବା ପାଇଁ ଜଙ୍ଗଲ ନଷ୍ଟର ପରୋକ୍ଷ ଭାବରେ କାରଣ ପାଲଟୁଥିବା ବେଳେ ଆଜି ଗାଁ ରେ ଗଛ ଆଉ ଜଙ୍ଗଲକୁ ନେଇ ଲୋକଙ୍କ ଭିତରେ କେତେ ଉତ୍ସାହ କେତେ ମୋହ ।

ଶରତ : ବାପା ମୁଁ ଆସୁଛି । ସ୍କୁଲ ଟାଇମ୍ ହୋଇଗଲାଣି । ଆସୁଛି ଆଜ୍ଞା ଆପଣ ତ ଆଜି ବୋଧେ ବାହାରି ଯିବେ ।

ଦୀପୁ : ଆଁ ! ନା ନା । ବାହାରି ଯିବା କଥା ତ ହେଲେ ମୁଁ ଅଛି ତମେ ଆସ । ସଞ୍ଜକୁ କଥା ହବା ।

ଶରତ : ହଉ ଆଜ୍ଞା ମୁଁ ଆସୁଛି ।

ଦୀପୁ : ମାଗୁଣି ଦାଦା, କ'ଣ ହେଲା ? ତମେ ଏମିତି ଚୁପ୍ ହୋଇଗଲ ?

ମାଗୁଣି : ମୁଁ ପରା ସେତେ ବେଳଠୁ ବସି ଭାବୁଛି ଯେ କୋଉ ଭାଷା ମୋର ତମକୁ ରାତି ସାରା ଶୁଆଇ ଦେଲାନି ।

ଦୀପୁ : (ହସି) ଆଚ୍ଛା ଆଚ୍ଛା ଏଇ କଥା । ଶୁଣ, ଆଜ୍ଞା କହିଲ ଗଲା ମାସରେ ତମେ ଯେତେବେଳେ ଭୁବନେଶ୍ୱର ଯାଇଥିଲ ତମକୁ ତମ ବୋହୂ କ'ଣ କହିଥିଲା ।

ମାଗୁଣି : ବୋହୂ ମା' ତ କହିଥିଲେ ଆମର ଆଉ ଗାଁକୁ ଯିବାର ନାହିଁ । ତମେ ଯଦି ଚାଷବାସ , ଘରଦ୍ୱାରର ଦାୟୀତ୍ୱ ନବ ତ ନିଅ ନ ହେଲେ ଆମେ ସବୁ ବିକି ଦବୁ । ଏଇଆ ତ କହିଥିଲେ । ଆଉ ମୁଁ ବି ମନସ୍ଥ କରିଛି ମୁଁ ଏତେ ଦାୟିତ୍ୱ ମୁଣ୍ଢେଇ ପାରିବିନି । ତେମେ ତମ ଚାବି ଧର ।

ଦୀପୁ : ଓ ହୋ ମାଗୁଣି ଦାଦା ଏତେ ଅଥୟ ହେଲେ ଚଳିବ । ମୋ କଥାଟା ଟିକେ ଶୁଣ ।

ମାଗୁଣି : କ'ଣ କହୁ ନାହାଛି ?

ଦୀପୁ : କଥା ହେଲା.......... ଗାଁ ରେ ଗଛ ଲଗେଇବାକୁ ନେଇ ଲୋକଙ୍କ ଭିତରେ ଯୋଉ ଆଗ୍ରହର କଥା ତମେ ମତେ କାଲି କହିଲ ସେଇ କଥା ମତେ କାଲି ରାତି ସାରା ଶୁଆଇ ଦେଇନି । ଆଉ କାଲି ରାତିରେ ମୁଁ ନିଷ୍ପତ୍ତି ନେଇଛି ଯୋଉ ଗାଁ ରେ ମୁଁ ଜନ୍ମ । ଯୋଉଠି ମୋ ଅନ୍ତୁରୀ ଜଳିଛି ସେଇ ଗାଁ ଆଉ ଗାଁ ଲୋକଙ୍କ ପାଇଁ ମୁଁ ମୋର କର୍ତ୍ତବ୍ୟ କରିବି । ଏ ଯାଗା ବିକ୍ରି ହବନି କି ଚାବି ତମେ ମତେ ଫେରେଇ ଦବନି । ଏ ଯେଉଁ ୫ଏକର ବିରାଟ ବାଡ଼ି ପଡ଼ିଛି କାଲିଠୁ ଏଠି ଗଛ ଲଗା ଆରମ୍ଭ ହେବ । ଜାତି ଜାତି ଗଛ । ଶରତ ଆଜି ସଂଜରେ ଘରକୁ ଫେରୁ .....

ମାଗୁଣି : ବାଃ......



# ପୁରସ୍କାର

ବନଜ ବିହାରୀ ମହାପାତ୍ର

ସାରାଂଶ

କିପଟ ମଫସଲର ଝିଅ ପ୍ରକୃତି, ନା ଯେମିତି ପ୍ରକୃତି, ପ୍ରକୃତି ପ୍ରତି ପ୍ରେମ ଭାବବି ସେମିତି । ନିଜ ହାତରେ ପରିଶ୍ରମ କରି ଗଢ଼ିଛି ବାରମାଣିଆ ଜଙ୍ଗଲ, ଯାହାକୁ ଛାଡ଼ି ମେଧାବୀ ଛାତ୍ରୀ ପ୍ରକୃତି ଚାକିରୀ କରିବାକୁ ବି ମନା କରେ । ତା'ର ଜିଦ୍‌ରେ ଥିବା ସତ୍ୟତାକୁ ଉପଲବ୍ଧ କରନ୍ତି ବାପା ଆଉ ଦାଦା, ସେମାନେ ତା' କଥାରେ ଅନୁପ୍ରାଣିତ ହୋଇ ଜଙ୍ଗଲର ସୁରକ୍ଷା, ସଂରକ୍ଷଣ ନୂତନ ଜଙ୍ଗଲ ସୃଷ୍ଟିର ପ୍ରତିଶ୍ରୁତି ଦିଅନ୍ତି ପ୍ରକୃତିକୁ ।

ସେହି ଜଙ୍ଗଲ ସୃଷ୍ଟି ଆଉ ସଂରକ୍ଷଣ ପାଇଁ ବିଭିନ୍ନ ପୁରସ୍କାର ଯାହାକି ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଦ୍ୱାରା ଦିଆଯାଏ, ତାହା ମଧ୍ୟ ବୁଝନ୍ତି ବନାଞ୍ଚଳ ଅଧିକାରୀଙ୍କ ଠାରୁ । ସବୁ ବୁଝିବା ପରେ ବୃକ୍ଷ ରୋପଣର ଗୁଣ ମର୍ମ ବୁଝି ପାରନ୍ତି ଏବଂ ପ୍ରକୃତିକୁ କୁହନ୍ତି ତୁ ଚାକିରୀ କର ତୋର ସ୍ୱପ୍ନକୁ ଆମେ ଗ୍ରାମବାସୀ ମିଶି ସାକାର କରିବୁ ।

ଭାରତ ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଦିଆଯାଉ ଥିବା ପୁରସ୍କାର ଜଙ୍ଗଲ ସୃଷ୍ଟି ଓ ସୁରକ୍ଷାର ବାର୍ତ୍ତା ଓଡ଼ିଶା ବାସୀଙ୍କ ପାଖରେ ପହଞ୍ଚାଇବାର ଏକ ପ୍ରୟାସ ଏହି ଲେଖା ମାଧ୍ୟମରେ ।

## ୧ମ ଦୃଶ୍ୟ

ପ୍ରକୃତି : ଦେଖ ବୋଉ , ମତେ ବାଧ୍ୟ କରନା, ତୋର ସବୁ କଥା ମୁଁ ରଖିଛି । ପାଠ ପଢ଼ିଲି, ଫାଷ୍ଟକ୍ଲାସ ପାଇଲି, ସ୍କଲାରସିପ୍ ପାଇଲି । ତୋର ଯେତେ ଯାହା ଇଚ୍ଛାଥିଲା ପୂରଣ କଲି । ହେଲେ ଆଉ ହେବନି ।

ମା : ମୋ ମା ଟା ପରା, ଟିକେ ମୋ କଥା ଶୁଣ । ମୁଁ କ'ଣ କହୁଥିଲି କି ?

ପ୍ରକୃତି : ମୁଁ ଆଉ କିଛି ଶୁଣି ପାରିବି ନାହିଁ କି କିଛି କରିପାରିବି ନାହିଁ ଯାହା ତୁ ଚାହୁଁଛୁ ।

ମା : ମୋର ଏହି ଶେଷ ଇଚ୍ଛାଟା ପୂରଣ କରିଦେ । ମୁଁ ତତେ ଆଉ କିଛିବି କହିବି ନାହିଁ ।

ପ୍ରକୃତି : ଦେଖ ବୋଉ । ମୁଁ ତତେ ଯେଉଁ କଥା ଦେଇଥିଲି ତାହା ରଖିଲି ହେଲେ ଏବେ ମୁଁ ଯାହା କହିବି ତୁ ରଖିବୁ ।

ମା : କେତେ ଅବାଧଟା ତୁ କହିଲୁ । ଚାକିରୀଟା ଯେତେବେଳେ ଆସିଛି କରିବୁନି କାହିଁକି କହିଲୁ ।

ପ୍ରକୃତି : ତୁ ମୋ ନାଁ ପ୍ରକୃତି କାହିଁକି ଦେଇଥିଲୁ କହିଲୁ ।

ମା : ଏଇଥି ପାଇଁକି ତୁ ସବୁବେଳେ ଗଛ, ଲତା, ଫୁଲ, ଫଳ ଦେଖି ଖୁସି ହେଉଥିଲୁ, ଯେତିକି ଖୁସି ତୁ ଖେଳନାରେ ହେଉ ନଥିଲୁ ।

ପ୍ରକୃତି : ଆଜିବି ମତେ ସେହି ଗଛ, ଲତା, ପାହାଡ଼, ପର୍ବତ, ଝରଣା, ଫୁଲ, ଫଳ ଭଲ ଲାଗେ । ସେହିମାନଙ୍କ ସହିତ ସାଥି ହୋଇ ବଞ୍ଚିବାକୁ ଅନେକ ଆନନ୍ଦ ମିଳେ । ଗଛ ବିନା ମୁଁ ? ଭାବିଲା ବେଳକୁ ମତେ ଯେମିତି ଅଣନିଶ୍ୱାସ ପରି ଲାଗେ ।

ମା : ଏ ସବୁ କଥା ଠିକ୍ ଯେ । ହେଲେ ଜୀବନରେ ବଞ୍ଚିବା ପାଇଁ ଅର୍ଥର ଆବଶ୍ୟକ ଆଉ ଅର୍ଥ ପାଇଁ ଚାକିରୀ କିହାତି କରୁରୀ ।

ପ୍ରକୃତି : ଖାଲି ଚାକିରୀ କଲେ ଯେ ଅର୍ଥ ଆସିବ ତାହା ତ ନୁହେଁ, ଏ ପୃଥିବୀରେ ଯେଉଁମାନେ ବଞ୍ଚିଛନ୍ତି ସମସ୍ତେ କ'ଣ ଚାକିରୀ..... (ଏତିକି ବେଳେ ପ୍ରବେଶ କରିଛନ୍ତି ବାପା)

ମା : (ବାପାଙ୍କୁ ଦେଖି) .. ଗେହ୍ଲା କରିଛ, ତାକୁ ମୁଣ୍ଡରେ ବସେଇଛ, ଏବେ ଶୁଣ ଯେ...

ବାପା : ଗେହ୍ଲା ଝିଅ କ'ଣ କହୁଛି ।

ପ୍ରକୃତି : ନାହିଁମ ବାପା ମୁଁ କିଛି କହୁନି । ଦେଖୁନ ବୋଉ କେମିତି ମୋ ଉପରେ ଗାଗୁ ଗାଗୁ ହେଉଛି ।

ମା : ହଁ ଆଜି କାଲିତ ଭଲ କଥା କହିଲେ ଭେଲ ।

ପ୍ରକୃତି : ମୁଁ ତ ଆଗରୁ କହିଥିଲି ଚାକିରୀ କରିବି ନାହିଁ ବୋଲି । ହେଲେ ଦେଖିଲ ବୋଉ କେମିତି ମୋ ପିଛା ଛାଡୁନି । କହୁଛି କ'ଣ ନା ଚାକିରୀ କର ଚାକିରୀ କର ।

ବାପା : (ହସି) ଓଃ ଏହି କଥା । ଠିକ୍ ଅଛି ଯଦି ସେ ନ ଚାହୁଁଛି ଚାକିରୀ କରିବା ପାଇଁ ତେବେ ଠିକ୍ ଅଛି । ନ କରୁ ।

ମୋର କ'ଣ ଛଟା ନା ନଟା ଅଛି ଯେ ମୁଁ ଏତେ ବ୍ୟସ୍ତ ହେବି ।

ମା : ନାହିଁ ବ୍ୟସ୍ତ ହୋଇବାକୁ ହେବ । ନିଜ ଗୋଡରେ ନିଜେ ଛିଡ଼ା ହେବାଟା ଯେମିତି... ମୁଁ ଗୋଟେ ଭାରି ଖରାପ କଥାଟି ଏ କହୁଛି ।

ପ୍ରକୃତି : ବୋଉ ତୁ ଖାଲି ମିଛଟାରେ ବ୍ୟସ୍ତ ହେଉଛୁ । ମୁଁ କ'ଣ ଆଉ ଛୋଟ ପିଲା ହୋଇ ଅଛି । ମୋର ବି ବୁଝିବା ଶକ୍ତି ହୋଇଗଲାଣି । ମୁଁ ଯାହା କରିବା ପାଇଁ ସ୍ଥିର କରିଛି ସେଥିରେ ଆମ ଗ୍ରାମବାସୀ ସମସ୍ତଙ୍କର ଉନ୍ନତି ହେବ । ତୁ ଖାଲି ମୋରି ଉନ୍ନତି କ'ଣ ଚାହୁଁଛୁ ।

ବାପା : ଆରେ ଯାହାର ଚିନ୍ତାଧାରା ଯେତିକି ସେ ସେତିକି ଚିନ୍ତା କରିବ ନା ? ତା ଠାରୁ ଅଧିକ କେଉଁଠୁ ଆସିବ (ତାଚ୍ଛଲ୍ୟ କରି କହିଲେ । ବୋଉ ରାଗିଗଲେ )

ବୋଉ : ହଉ ତମେ ବାପ ଝିଅ ଦିଟା କ'ଣ କରୁଛ କର । ପଛରେ ମତେ ଆଉ ଦୋଷ ଦେବନି । ମୁଁ ମୋର ଯାଉଛି । (ପ୍ରସ୍ଥାନ)

ବାପା : ନାଲିବତୀ ଜଳିଗଲା ଲୋ ମା ।

ପ୍ରକୃତି : ତମେ ଖାଲି ଜାଣିଶୁଣି ବୋଉକୁ ରାଗଉଛ ।

ବାପା : ତୋ ବୋଉ ପରା ରାଗିଗଲେ ଅଧିକ ସୁନ୍ଦରୀ ଦେଖାଯାଏ ସେଥିପାଇଁ...............
(ବାପ, ଝିଅ, ହସି ଉଠିଲେ)

## ୨ୟ ଦୃଶ୍ୟ

ରାମୁ : (ଡାକି ଡାକି ପ୍ରବେଶ) ଆଲୋ ମା ପ୍ରକୃତି ଘରେ ଅଛୁକି । କ'ଣ କେହି ଦେଖା ଯାଉ ନାହାନ୍ତି । କିଏ କୁଆଡେ଼ ଗଲେ କି ?

ପ୍ରକୃତି : ହଁ ଦାଦା ମୁଁ ଏଇଠି ଅଛି । ଆସୁଛି

ରାମୁ : ଖୁସି ଖବରଟା ଏମିତି ଲୁଚେଇ ରଖିଛୁ କ'ଣ ବା ।

ପ୍ରକୃତି : ନାହିଁ ମ ଦାଦା ତମକୁ କ'ଣ ପାଇଁ ଲୁଚେଇବି ।

ରାମୁ : ଆସ ବସ ସେଠି କେହି ନିଜର ବୋଲି ନାହିଁ । କାହାକୁ କ'ଣ ମାଗିବୁ । ମନେ ପକେଇ ସବୁ ଦରକାରି ଜିନିଷ ପ୍ୟାକ୍ କର । ଯେମିତି ସେଠି ହଇରାଣ ନ ହେଉ ।

ପ୍ରକୃତି : କୋଉ କଥା କହୁଛ ଦାଦା ।

ରାମୁ : ଆଲୋ ତୋର ପରା ସରକାରୀ ଚାକିରୀ ହୋଇଛି । ତୁ ପରା ସହର ଯିବୁ । ଏମିତି ନ ଜାଣିବା ପରି କ'ଣ ହୋଉଛୁ ବା ।

ବୋଉ : (ପ୍ରବେଶ) ସେଇ କଥା ବୁଝେଇ ବୁଝେଇ ମୁଁ ମଲିଣି । ହେଲେ ବାପା ଝିଅ ଦିଇଟା ମୋର ମଜା ଉଡ଼ାଉଛନ୍ତି । ତା'ର ଏକା ଯିଦ୍ ସେ ଚାକିରୀ କରିବ ନାହିଁ ।

ରାମୁ : ଆଲୋ ମା କ'ଣ ପାଇଁ ।

ପ୍ରକୃତି : ତମେ ତ ଦାଦା ଜାଣିଛ । ଗଛ ମୋର ଜୀବନ । ଆଉ ଆମର ସେଇ ବାର ମାଣିଆ ପଡ଼ିଆକୁ କେତେ କଷ୍ଟ କରି ମୁଁ କେତେ ଗଛ ଲଗେଇଛି । ମୋର ପାଞ୍ଚ ବର୍ଷର ଫଳ ସବୁ ମାଟିରେ ମିଶିଯିବ ।

ରାମୁ : ସେ କଥା ସତ ଯେ ହେଲେ ...

ପ୍ରକୃତି : ମତେ ତମେ ଆଉ କିଛି କୁହନି ଦାଦା । ମୁଁ ମୋର ସ୍ୱପ୍ନରେ ସୁଦ୍ଧା ଭାବି ପାରୁନି ସେ ଗଛ ମାନଙ୍କର କ୍ଷତି । ସେ ବଗିଚାକୁ ଗଲେ ମତେ ଲାଗୁଛି ଯେମିତି ସେ ଗଛ ମାନେ ଖୁସି ଖୁସି ହୋଇ ହସୁଛନ୍ତି ।। ଆନନ୍ଦ ବିଭୋର ହୋଇ ପବନ ସହ ଲୁଚକାଳି ଖେଳୁଛନ୍ତି । ଡାଳ ହଲେଇ ମତେ ସ୍ୱାଗତ କରୁଛନ୍ତି । କହୁଛନ୍ତି ପ୍ରକୃତି ଆ ଆମ ପାଖରେ ବସ । ଆମେ ଗପିବା ବହୁତ ମଜା କରିବ । ବର୍ଷା, ବତାସ, ପବନ ଯାହାବି ଆସୁ, ଆମେ ଆମ ଡାଳପତ୍ର ଉହାଡ଼ରେ ତତେ ଲୁଚେଇ ରଖିବୁ । ତୋର କିଛିବି ଅସୁବିଧା ହେବାକୁ ଦେବୁନି । ସେମାନଙ୍କର ଏହି ବିଶ୍ୱାସରେ ବିଷ ମିଶେଇ ମୁଁ କେମିତି ତାଙ୍କୁ ଛାଡ଼ି ଏକୁଟିଆ କରି ଚାଲିଯିବି କହିଲ ଦାଦା । ସେମାନଙ୍କ କଥା କିଏ ବୁଝିବ । ମୁଁ ପାରିବନି ଦାଦା, ସେମାନଙ୍କୁ ଛାଡ଼ି ମୁଁ ଯାଇ ପାରିବିନି (ଛଳ ଛଳ ଆଖି ବାଷ୍ପରୁଦ୍ଧ କଣ୍ଠ)

ଦାଦା : ତୁ ଠିକ୍ କହୁଛୁ ଲୋ ମା । ତୋର ଅକ୍ଳାନ୍ତ ପରିଶ୍ରମର ଫଳ ହେଉଛି ଏ ଛନ ଛନିଆ ଜଙ୍ଗଲ ।

ବୋଉ : ଏଇ କେଇଟା ଛନ ଛନିଆ ଗଛ ପାଇଁ ତୁ ତୋ ଭବିଷ୍ୟତ ଅନ୍ଧାର କରି ଦେବାକୁ ବସିଛୁ ।

ପ୍ରକୃତି : ବୋଉ ମୁଁ ତୋର ଗୋଟିଏ ବୋଲି ଝିଅ । ସେଇ ଗୋଟିଏ ଝିଅ ପାଇଁ ତୁ ତୋର ଆଖିର ନିଦ ହଜେଇ ଦେଇଛୁ । ତୋ ମନର ଇଚ୍ଛାକୁ ଛାଡି ତଳେ ଚାପି ରଖି ମୋ ଇଚ୍ଛା

ପୂରଣ କରିଛୁ । ତୋ ନିଜସ୍ୱ ସବୁ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ତୁ ମୋ ସ୍ୱପ୍ନକୁ ତୋର ବୋଲି ଭାବି ନେଇଛୁ । କାହିଁକି ବୋଉ ? କାହିଁକି ?

ବୋଉ : ମଲା ମୋର ଅଡ଼ ଫାଡ଼ି ଜନମ ଦେଇଛି । ୧୦ ମାସ, କଷ୍ଟ ସହିକି । ତୋ ଖୁସିରେ ମୁଁ ଖୁସି ହେବିନି ତ ଆଉ କ'ଣ ଗାଁ ବାଲା ହେବେ ।

ପ୍ରକୃତି : ଠିକ୍ ସେମିତି ଲୋ ବୋଉ । ଅଡ଼ ଫାଡ଼ି ସିନା ଜନମ ଦେଇନି ୧୦ ମାସ ସିନା ଗର୍ଭରେ ରଖିନି ହେଲେ ପାଞ୍ଚ ବର୍ଷ ହେଲାଣି ମୁଁ ସେଇ ଗଛ ମାନଙ୍କର ସେବା କରି ତାଙ୍କୁ ବି ପତରିଆରୁ ଆଜି ଡାଳ ଶାଖା ମେଲେଇ ଥିବା ଯୁବା ବୃକ୍ଷ କରିଛି । ସେମାନେ ବି ମୋ ସନ୍ତାନ ଠାରୁ କମ୍ ନୁହନ୍ତି । କେମିତି କହୁଛୁ ତାଙ୍କୁ ଛାଡି ଦେଇ କେଇଟା ଟଙ୍କା ପାଇଁ ମୁଁ ଚାଲିଯିବି । ନାଇଁ ବୋଉ ମୁଁ ପାରିବିନି ।

ଦାଦା : ପ୍ରକୃତି ଠିକ୍ କହୁଛି ଭାଉଜ । ତା କଥାର ଦମ୍ ଅଛି । ତା'ଠାରୁ ଏକଥା ଶୁଣିବା ପରେ ମୋର ବି ଶତ ସିଂହର ବଳ ଆସି ଯାଇଛି । ଆମେ ଏହାର କିଛି ଗୋଟାଏ ସମାଧାନର ପନ୍ଥା ଖୋଜିବ ।

ପ୍ରକୃତି : (ମନରେ ଉଲ୍ଲାସ) ଯାହା ହେଉ କେହିତ ମୋ ମନକଥା ବୁଝିଲେ । ତମେ ଠିକ୍ କହିଛ ଦାଦା ।

ବୋଉ : ଶେଷରେ ତମେ ବି ରାମୁ ତା'କଥାରେ ତରଳି ଗଲ ।

ଦାଦା : ନାଇଁ ଭାଉଜ । ମୁଁ ତରଳି ନାହିଁ । ବରଂ ତା କଥାର ଗାମ୍ଭିର୍ଯ୍ୟତା ଏବେ ମୋ ମୁଣ୍ଡରେ ପଶିଛି । ମୁଁ ଗୋଟାଏ କଥା ଭାବୁଛି । ଆମର ଚାଷ ବାସ କାମ ସରିବା ପରେ ଆମ ପାଖରେ ଯଥେଷ୍ଟ ସମୟ ଅଛି । ସେ ସମୟ ଆମେ ତାସ୍ ଖେଳ, ଗୁଲିଗପ, ମଉଜ ମଜଲିସରେ କାଟୁଛୁ । ନାଁ ସେ ସମୟର ବି ଆମେ ସଦୁପଯୋଗ କରିବା ।

ପ୍ରକୃତି : ତମେ ବିଲ୍‌କୁଲ ଠିକ୍ କଥା କହିଛ ଦାଦା ।

ଦାଦା : ଭାଇ କୁଆଡ଼େ ଗଲେ କି ? କାହିଁ ଦେଖା ଯାଉ ନାହାନ୍ତି ।

ବୋଉ : ଆଉ କୁଆଡ଼େ ଯିବେ ସେଇ ବାର ମାଣିଆ ଜଙ୍ଗଲରେ ହିଁ ଥିବେ ।

ଦାଦା : ତୁ ତୋର ଚାକିରୀକୁ ଯିବା କଥା ଚିନ୍ତା କର । ମୁଁ ଭାଇଙ୍କ ସହିତ ମିଶି ଖାଲି ବାରମାଣିଆ ନୁହେଁ ଯେତେ ଖାଲି ପଡ଼ିଆ ଅଛି ତା ସହିତ ଆମ ସ୍କୁଲ ଆଉ କଲେଜ ହତା ଭିତରେ ବି ଗଛ ଲଗେଇବାର ବ୍ୟବସ୍ଥା କରିବୁ ।

ପ୍ରକୃତି : ଦାଦା............. । ସମସ୍ତେ ଯଦି ତମ ପରିକା ଚିନ୍ତା କରନ୍ତେ ତେବେ ..............

ଦାଦା : (କହି କହି) ଏବେ ସମସ୍ତେ ମୋ ପରି ଚିନ୍ତା କରିବେ । (ପ୍ରସ୍ଥାନ)

## ୩ୟ ଦୃଶ୍ୟ

ଦାଦା : ଭାଇ..........ଭାଇ................... (ଡ଼ାକି ଡ଼ାକି)

ବାପା : ଆରେ କ'ଣ ହେଲା ରାମୁ । ମୁଁ ଏଇଠି ଅଛି ।

ଦାଦା : ବୁଝିଲେ ଭାଇ ଆଜି ଆମ ଝିଅ ପ୍ରକୃତି ମୋର ଆଖି ଖୋଲି ଦେଇଛି । ଖାଲି ଏହି ବାରମାଣିଆ ଜଙ୍ଗଲ ନୁହେଁ । ଆମ ଗାଁରେ ଥିବା ସମସ୍ତ ଖାଲି ପଡ଼ିଆ, ସ୍କୁଲ ଆଉ କଲେଜ ହତା ସବୁଠି ଗଛ ଲାଗିବ । ଆମ ଗାଁର ସମସ୍ତେ ମିଶି ଏହାର ଦେଖା ରଖା କରିବେ । କ'ଣ କହୁଛ ?

ବାପା : ଏଇଟା ତ ବହୁତ ବଢ଼ିଆ କଥା । ହେଲେ ଏ ବିଷୟରେ ଆମ ସମସ୍ତଙ୍କୁ ବସି ଆଲୋଚନା କରି କିଛି ଗୋଟାଏ ନିଷ୍ପତ୍ତି କରିବାକୁ ହେବ ।

ଦାଦା : ସେ କାମ ମୁଁ ଆଉ ବାକି ରଖିନି । ସମସ୍ତିଙ୍କ ସହିତ କଥା ହୋଇ ସାରିଛି । ଆମ ସ୍କୁଲ ପ୍ରଧାନ ଶିକ୍ଷକ ମଧ୍ୟ ଏ କଥାରେ ରାଜି ଏବଂ ଭାରି ଖୁସି । ତେଣୁ ଆଉ ଡେରି ନ କରି ଆମେ ତୁରନ୍ତ ଏ କାମ ଆରମ୍ଭ କରିବା ।

ବାପା : ଦେଖ ଖାଲିତ ଆମେ କହି ଦେଲେ ହେବନି । ସେଥି ପାଇଁ ଖର୍ଚ୍ଚ ବି ଦରକାର । ଗଛ ଆସିବ । ଗାତ ଖୋଳା ହେବ । ମଜୁରୀ ଲାଗିବ । ପାଣି ଦିଆଯିବ । ଜଗିବାକୁ ପଡ଼ିବ । ତା ନ ହେଲେ ରାଧୁଆ, ମଧୁଆର ଛେଳି କ'ଣ ଗଛ ରଖିବେ । ସବୁ ପତ୍ର ଖାଇ ସଫା କରିଦେବେ ।

ଦାଦା : ଆରେ ହଁ ତ ଏକଥା ମୁଁ ଭାବି ନଥିଲି । ହେଲେ ତା'ର ତ ପୁଣି କିଛି ଉପାୟ ଥିବ ।

ବାପା : ଉପାୟ ତ ନିଶ୍ଚିତ ଅଛି । ହେଲେ ମନ ମିଳିଲେ ସବୁ ହେବ ।

ଦାଦା : ତା' ହେଲେ କ'ଣ କରିବା କହନ୍ତୁ ଭାଇ ।

ବାପା : ଶୁଣ । ଆମେ ସମସ୍ତ ଗ୍ରାମବାସୀ ମିଶି ଆଗେ ଗୋଟାଏ ଦଳ କରିବା । ସେଥିରେ ସଭାପତି, ସମ୍ପାଦକ, ସଭ୍ୟ, କୋଷାଧକ୍ଷ ବାଛିବା । ସମସ୍ତିଙ୍କର ମିଳିତ ମତାମତ ନେଇ ଆମେ ଆଗେଇବା ।

ଦାଦା : ଭାଇ ମୋ ମୁଣ୍ଡକୁ ଗୋଟାଏ କଥା ଆସୁଛି ।

ବାପା : କ'ଣ କହୁନୁ ।

ଦାଦା : ଯଦି ଆମ ସହିତ ଆମ ବନ ବିଭାଗର ରେଞ୍ଜ ଅଫିସରଙ୍କୁ ସାଙ୍ଗରେ ରଖିବା ତା' ହେଲେ ତ ଆମକୁ ଆଉ କିଛି ଅସୁବିଧା ହେବ ନାହିଁ ।

ବାପା : ତୁ ଠିକ୍ କହିଛୁ । ଜଙ୍ଗଲ ଅଫିସର ଆଉ ଆମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଆମ ସଭାର ମୁଖ୍ୟ ପୁରୋଧା କରିବା । ସେମାନେ ତ ପାଠ ପଢୁଆ ଲୋକ ତେଣୁ ଆମର ଭଲ ମନ୍ଦ  ହାନୀ ଲାଭ ସବୁ ସେ ଠିକ୍ ଭାବରେ ବୁଝିବେ ଆଉ ଆମକୁ ବୁଝେଇବେ ।

ଦାଦା : କାହିଁ ଆମ ପ୍ରକୃତି କ'ଣ ପାଠ ପଢୁଆ ପିଲାନୁହଁ ।

ବାପା : ହଁ ଯେ ? ହଉ, ତାକୁ ତା ହେଲେ ଆମର କୋଷାଧକ୍ଷ କରିଦେବା । ପଇସା ପତ୍ର କଥା ସିଏ ବୁଝିବ ।

ଦାଦା : ବାସ୍ । ଏବେ କଥାଟା ପକ୍କା ହୋଇଗଲା ସିଏ ଚାକିରୀ କରିବ ପ୍ରତ୍ୟେକ ଶନିବାର ରବିବାର ସେ ଆସିଲେ ପଇସା ପତ୍ର ସହିତ ଆମ ଜଙ୍ଗଲ ଆଉ ବୃକ୍ଷ ରୋପଣ କଥା ବୁଝିବ । ଏଥିରେ ସିଏ ବି ଖୁସି ଆଉ ଆମେ ବି ଖୁସି ।

ବାପା : ଆମେ ତାହାଲେ ଆଜି ଜଙ୍ଗଲ ଅଫିସରଙ୍କୁ ତାଙ୍କ କ୍ୱାଟରରେ ଦେଖାକରିବା ।

ଦାଦା : ହଉ ହେଲା । ହେଲେ ତମେ ଆଉ ଉଛୁର କରିବନି ସଅଳ ସଅଳ ବାହାରି ପଡ଼ିବ । ପ୍ରକୃତିକୁ ସଂଗରେ ଆଣିବ ।

ବାପା : ହଉ ହଉ ............... (ପ୍ରସ୍ଥାନ)

## ୪ର୍ଥ ଦୃଶ୍ୟ

(ରେଞ୍ଜରଙ୍କ ଘର । ପହଞ୍ଚିଛି ବାପା, ଦାଦା ଓ ଝିଅ ପ୍ରକୃତି )

୬୦ ଅଫିସର : ଆରେ ଆପଣମାନେ । ରାମ, ଶ୍ୟାମ କଥା କ'ଣ ।

ରାମ ଓ ଶ୍ୟାମ : ସାର୍ ଆଜ୍ଞା ନମସ୍କାର । ଖାଲି ଆମେ ନୁହେଁ, ଆମ ସାଙ୍ଗରେ ଆମ ଝିଅ ପ୍ରକୃତି ବି ଆସିଛି ।

ପ୍ରକୃତି : ନମସ୍କାର ସାର୍ ....

ଅଫିସର : ନମସ୍କାର । ଆସନ୍ତୁ ଆସନ୍ତୁ । ବସନ୍ତୁ ଏଇଠି ।

ଶ୍ୟାମ : କଥା କ'ଣ କି ? ଆମେ ଗାଁର ସମସ୍ତେ ଭାବିଛୁ ଖାଲି ଜାଗାରେ କିଛି ଗଛ ଲଗାଇବା ପାଇଁ ।

ଅଫିସର : ଏତ ବହୁତ ବଢ଼ିଆ କଥା । ହେଲେ ହଠାତ୍ ଏକଥା କାହିଁକି ମୁଣ୍ଡରେ ପଶିଲା ।

ରାମ : ସାର୍ । ଆମ ଝିଅ ପ୍ରକୃତିକୁ ଚାକିରୀ ମିଳିଛି ।

ଅଫିସର : ବାଃ ଏତ ବଢ଼ିଆ କଥା ।

ଶ୍ୟାମ : କଥା ତ ବଢ଼ିଆ ।·ହେଲେ ଝିଅ ରାଜି ହେଉନି ଚାକିରୀ କରିବା ପାଇଁ ।

ରାମ : ସିଏ ଗୋଟିଏ ସର୍ତ୍ତ ରଖିଛି । ଯଦି ତା'ର ସେଇ ବାରମାଣିଆ ବଗିଚାକୁ ଆମେ ଦେଖା ରଖା କରିବୁ ତା ହେଲେ ଯାଇ ସେ ଚାକିରୀ କରିବା ପାଇଁ ଯିବ ।

ପ୍ରକୃତି : ସାର୍ କଥାଟା ହେଲା ୫ବର୍ଷ ହେଲାଣି ଯେଉଁ ପରିଶ୍ରମ କରି ମୁଁ ସେ ବଗିଚାରେ ଗଛ ଉଠୁରେଇଛି । ଆପଣ କହିଲେ  ମୁଁ ଚାକିରୀ କରିବାକୁ ଗଲେ ସେ ବଗିଚା କ'ଣ ଆଉ ରହିବ ।

ଅଫିସର : ବାଃ ଚମତ୍କାର ସର୍ତ୍ତ । ହେଲେ ମା ପ୍ରକୃତି ତୁମେ ଏବେ ବେ ଫିକର ହୋଇ ରୁହ । ତୁମ ବାପା ଆଉ ଦାଦା ଯେତେବେଳେ ରାଜି ହେଲେଣି ତେଣୁ ସେ ଗଛ ସହିତ ମଧ୍ୟ ତୁମକୁ ସାହଯ୍ୟ କରିବି ।

ପ୍ରକୃତି : ଆପଣଙ୍କର ସାହାଯ୍ୟ ସହାନଭୂତି ରହିଲେ ଆମ ମନର ଉତ୍ସାହ ଆହୁରି ବଢ଼ିଯିବ ।

ଅଫିସର : ନାଇଁ ନାଇଁ ସେମିତି କଥା ନୁହେଁ । ଆମେତ ମାଧ୍ୟମ ମାତ୍ର ଏହିପରି ବୃକ୍ଷରୋପଣ, ସଂରକ୍ଷଣ, ଜଙ୍ଗଲ ଜନ୍ତୁଙ୍କର ସଂରକ୍ଷଣ ପାଇଁ ଆଜିକାଲି ସରକାର ବିଭିନ୍ନ ପ୍ରକାରର ସାହାଯ୍ୟ ସହଯୋଗର ହାତ ବଢ଼ାଉଛନ୍ତି । ସେ ସବୁକୁ ଆପଣମାନଙ୍କ ପାଖରେ ପହଞ୍ଚାଇବା ହେଉଛି ଆମର କାମ ।

ଶ୍ୟାମ : ଭଲ କଥାଟିଏ ସାର କହିଲେ । ହେଲେ ସେ ବିଷୟରେ ଆମକୁ ଟିକେ ବୁଝେଇ ଦିଅନ୍ତୁ ।

ଅଫିସର : ଜଙ୍ଗଲ ଏବଂ ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷା ପାଇଁ ବନଖଣ୍ଡ, ବନାଞ୍ଚଳ, ରାଜ୍ୟ ବା ଦେଶ ସ୍ତରରେ ସରକାର ବିଭିନ୍ନ ପ୍ରକାରର ପୁରସ୍କାର ବ୍ୟବସ୍ଥା କରିଛନ୍ତି । ଯୋଗ୍ୟ ବିବେଚିତ ସଂସ୍ଥା ବ୍ୟକ୍ତିବିଶେଷ ବା କର୍ମଚାରୀଙ୍କୁ ପୁରସ୍କାର ମାନ ଦିଆଯାଇଥାଏ ।

ପ୍ରକୃତି : ଆମେ କଲେ ଆମେ ମଧ୍ୟ ପାଇବୁ ।

ଅଫିସର : ନିଶ୍ଚିତ, କାହିଁକି ନୁହେଁ । ଆପଣମାନେ ସମସ୍ତେ ଗାଁ ଲୋକ ମିଶି, ଗଛ ଲଗାଇବା ଆଉ ଜଗିବା ବ୍ୟବସ୍ଥା କର । ଯାହା ଚାରା ଦରକାର ହେବ ସେ ସବୁ ମୁଁ ଯୋଗେଇ ଦେବି ବିନା ମୂଲ୍ୟରେ ।

ରାମ : ହଁ ଯେଉଁ ପୁରସ୍କାର କଥା କହୁଥିଲେ ସେ ସବୁ କ'ଣ ?

ଅଫିସର : ଦେଖ ଆମର ଭାରତ ସରକାରଙ୍କ ଦ୍ୱାରା "ଇନ୍ଦିରା ପ୍ରିୟଦର୍ଶୀନି ବୃକ୍ଷ୍ୟମିତ୍ର ଆୱାର୍ଡ଼" ରାଜ୍ୟ ସ୍ତରରେ ଦିଆଯାଏ । ଏହା କୌଣସି ଲୋକ ବା ବ୍ୟକ୍ତି ବିଶେଷ ହେଉ ବା କୌଣସି ବନ ସଂରକ୍ଷଣ ସମିତି (ଭି.ଏସ୍, ଏସ୍) ହେଉ ବା କୌଣସି ଅନୁଷ୍ଠାନଙ୍କୁ ତାଙ୍କର ସଫଳ ଜଙ୍ଗଲ ସୃଷ୍ଟି ପାଇଁ ଦିଆଯାଏ ।

ପ୍ରକୃତି : ଆମ ରାଜ୍ୟକୁ "ଇନ୍ଦିରା ପ୍ରିୟଦର୍ଶୀନି ବୃକ୍ଷ୍ୟମିତ୍ର ପୁରସ୍କାର" କେବେ ମିଳିଛି ।

ଅଫିସର : ହଁ ୨୦୦୨ ମସିହାରେ ଘୁମୁସର କର୍ଣ୍ଣ ଫରେଷ୍ଟ ଡେ଼ଭଲପମେଣ୍ଟ ଏଜେନ୍ସି "ଇନ୍ଦିରା ପ୍ରିୟଦର୍ଶୀନି ବୃକ୍ଷ୍ୟମିତ୍ର" ପୁରସ୍କାର ପାଇବାର ଗୌରବ ଅର୍ଜନ କରିଥିଲେ ।

ଶ୍ୟାମ : ତେବେ ଆମ ରାଜ୍ୟ ସ୍ତରୀୟ ପୁରସ୍କାର ସବୁ କ'ଣ ଅଛି ।

ଅଫିସର : ପ୍ରତିବର୍ଷ ଆମର ବନୋମହୋତ୍ସବ ସପ୍ତାହ ପାଳନ କରାଯାଏ । ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ବୃକ୍ଷରୋପଣ ଉପରେ ଅନେକ ଗୁରୁତ୍ୱ ଦିଆଯାଇ ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଲକ୍ଷାଧିକ ବୃକ୍ଷରୋପଣ କରାଯାଏ ।

ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯେଉଁ ଭି.ଏସ୍, ଏସ୍. ବା ବନ ସଂରକ୍ଷଣ ସମିତି, ଯେଉଁ ଅନୁଷ୍ଠାନ ବା ଯେଉଁ ଛାତ୍ର ଛାତ୍ରୀ ଯୋଗ୍ୟ ବିବେଚିତ ହୁଅନ୍ତି । ସେମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଏ ।

ପ୍ରକୃତି : ଯୋଗ୍ୟ ବିବେଚିତ ହେବେ ମାନେ ।

ଅଫିସର : ବୃକ୍ଷରୋପଣ, ରକ୍ଷଣା ବେକ୍ଷଣ କ୍ଷେତ୍ରରେ ଯିଏ ସବୁଠାରୁ ଅଧିକ ସଫଳତା ଲାଭ କରିଥିବ, ତାଙ୍କୁ ପୁରସ୍କୃତ କରାଯାଏ ।

ରାମ : ପୁରସ୍କାର ରୂପରେ ସେମାନେ କେତେ ରାଶି ପାଆନ୍ତି ।

ଅଫିସର : ସଫଳ ବନ ସଂରକ୍ଷଣ ସମିତିକୁ ଏକ ଲକ୍ଷ, ସଫଳ ଅନୁଷ୍ଠାନକୁ ଦୁଇଲକ୍ଷ ଏବଂ ସଫଳ ଛାତ୍ର ଛାତ୍ରୀଙ୍କୁ ପଚାଶ ହଜାର ଟଙ୍କା ଦିଆଯାଏ ।

ଶ୍ୟାମ : ବାପରେ ବାପ ଏତେ ଏତେ ଟଙ୍କା ମିଳେ ।

ପ୍ରକୃତି : ଆପଣତ ନୂଆ ଜଙ୍ଗଲ ସୃଷ୍ଟି ବା ନୂଆ ବୃକ୍ଷରୋପଣ କଥା କହିଲେ ହେଲେ ପୁରୁଣା ଜଙ୍ଗଲ ତ ନଷ୍ଟ ହେବାରେ ଲାଗିଛି । ତାହା ପାଇଁ କ'ଣ ହେଉଛି ।

ଅଫିସର : ବଢ଼ିଆ କଥାଟିଏ କହିଲ । ସରକାର ଏ ବିଷୟରେ ମଧ୍ୟ ଚିନ୍ତିତ । ତେଣୁ ପୁରୁଣା ଜଙ୍ଗଲର ସୁରକ୍ଷା ପାଇଁ ମଧ୍ୟ ଅନେକ ପଦକ୍ଷେପ ନିଆଯାଉଛି । ସେଥିପାଇଁ ମଧ୍ୟ ପୁରସ୍କାର ବ୍ୟବସ୍ଥା ଅଛି ।

ରାମ : ସେଥିପାଇଁ ମଧ୍ୟ ପୁରସ୍କାର ଦିଆଯାଉଛି ।

ଅଫିସର : ହଁ ଏହି ପୁରସ୍କାର ବିଶ୍ୱ ବନ ଦିବସରେ ଦିଆଯାଏ । ଯେଉଁ ଗ୍ରାମ ପଞ୍ଚାୟତର ଲୋକମାନେ ମିଶି ପୁରୁଣା ଜଙ୍ଗଲକୁ ସୁରକ୍ଷା ଦିଅନ୍ତି । ଗଛ କାଟିବାକୁ ଦିଅନ୍ତି ନାହିଁ । ଚୋର ଓ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା ସହିତ ନୂଆ ଗଛ ସୃଷ୍ଟି କରନ୍ତି, ସୁନ୍ଦର ଜଙ୍ଗଲ ବାତାବରଣ ସୃଷ୍ଟି କରନ୍ତି ଏବଂ ଯୋଗ୍ୟ ବବେଚିତ ହୁଅନ୍ତି । ସେହି ଗ୍ରାମ ପଞ୍ଚାୟତକୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ଦିଆଯାଏ ।

ପ୍ରକୃତି : ସବୁ ପୁରସ୍କାର ରାଶି ବ୍ୟକ୍ତି, ଅନୁଷ୍ଠାନ, ଗ୍ରାମ ପଞ୍ଚାୟତ ସମିତିକୁ ମିଳୁଛି, ହେଲେ ବନବିଭାଗ କର୍ମଚାରୀଙ୍କ ପାଇଁ କ'ଣ କିଛି ପୁରସ୍କାର ନାହିଁ ।

ଅଫିସର : ଅଛି ନା ............. । ଜଙ୍ଗଲକୁ ସଂରକ୍ଷଣ ଆଉ ସୁରକ୍ଷା ଦେବାରେ ଯେଉଁ ବନାଞ୍ଚଳ ଅଧିକାରୀ, ବନପାଳ ବା ବନରକ୍ଷୀ, ଯୋଗ୍ୟ ବିବେଚିତ ହୁଅନ୍ତି ସେମାନଙ୍କୁ ୩୦୦୦ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଏ ।

ପ୍ରକୃତି : ଆଉ ସବୁ କ'ଣ ପୁରସ୍କାର ଅଛି ।

ଅଫିସର : ଜଙ୍ଗଲ ସହିତ ଜଙ୍ଗଲ ଜନ୍ତୁଙ୍କର ସୁରକ୍ଷା ପାଇଁ ମଧ୍ୟ ଅନେକ ପୁରସ୍କାର ଦିଆଯାଏ । ଯେମିତିକି ବନ୍ୟପ୍ରାଣୀ ସପ୍ତାହରେ ବିଜୁ ପଟ୍ଟନାୟକ ଆୱାର୍ଡ ଫର ୱାଇଲଡ୍ ଲାଇଫ୍ କନଜରଭେଶନ୍ ନାମରେ ଏକ ପୁରସ୍କାର ଦିଆଯାଏ । ଯାହାର ଧନ ରାଶି ହେଲା ଦୁଇଲକ୍ଷ ଟଙ୍କା ।

ଶ୍ୟାମ : ତେବେ ଜଙ୍ଗଲ ସୁରକ୍ଷା, ପୁନଃଉଦ୍ଧାର, ନୂତନ ଜଙ୍ଗଲ ସୃଷ୍ଟି, ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ତ ସରକାର ଅନେକ ଟଙ୍କା ପୁରସ୍କାର ହିସାବରେ ଦେଉଛନ୍ତି ।

ଅଫିସର : ଖାଲି ସେତିକି ନୁହଁ ଏହା ଛଡ଼ା ମଧ୍ୟ ଆଉ ଦୁଇଟି ପୁରସ୍କାର ଅଛି ପ୍ରକୃତି ବନ୍ଧୁ ଆଉ ପ୍ରକୃତି ମିତ୍ର । ବୃକ୍ଷରୋପଣ, ସଂରକ୍ଷଣ, ସୁରକ୍ଷା ପାଇଁ କୌଣସି ବ୍ୟକ୍ତିବିଶେଷଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଏବଂ ଅନୁଷ୍ଠାନକୁ ପ୍ରକୃତି ମିତ୍ର ମିଳିଥାଏ ।

ପ୍ରକୃତି : ସାର୍ ମୁଁ କ'ଣ କହୁଥିଲିକି ମୋର ଯୋଉ ବାରମାଣିଆ ଜଙ୍ଗଲଟା ଅଛି ସେ ପାଇଁ ଯଦି କିଛି ସୁପାରିସ୍ ଯାଇ ପାରନ୍ତା ତେବେ ....



ଫିସର : ମୋ ମୁହଁରୁ ତମେ କଥା ଛଡ଼େଇ ନେଲ । ମୁଁ ସେ ଜଙ୍ଗଲଟା ଦେଖିଛି ମୋର ବି ବହୁତ ପସନ୍ଦ ହୋଇଛି, ତେଣୁ ଆମ ବନଖଣ୍ଡ ଅଧିକାରୀଙ୍କ ଜରିଆରେ ସୁପାରିସ୍ ପଠାଇବା ପାଇଁ ସ୍ଥିର କରିଛି ।

ଶ୍ୟାମ : ଆମ ଝିଅ ପ୍ରକୃତି ଆଜି ଆମ ଆଖି ଖୋଲି ଦେଇଛି, ଆମ ଜଙ୍ଗଲର ସୁରକ୍ଷା ପାଇଁ ଆମ ସରକାର ଏତେ ଯତ୍ନବାନ୍ ଅଥଚ ଆମେ ସେ କଥା କିଛି ବୁଝିନୁ କି ଜାଣୁନୁ ।

ରାମ : ନାଇଁ ସାର୍ ଏତେ ସବୁ ପୁରସ୍କାର କଥା ଜାଣିବା ପରେ ମୋର ତ ମନ ହେଉଛି ସବୁ ପୁରସ୍କାର ନେଇ ଯିବା ପାଇଁ ।

ପ୍ରକୃତି : ଏବେ ମୋର ଆଉ ଚାକିରୀ କରିବାକୁ ମନା ନାହିଁ । ମୋର ବାପା, ଦାଦା ଏବଂ ଗ୍ରାମବାସୀ ଯେତେବେଳେ ମୋର ସ୍ୱପ୍ନର ଜଙ୍ଗଲକୁ ସୁରକ୍ଷା ଓ ସଂରକ୍ଷଣ କରିବାକୁ ଆଗେଇ ଆସିଲେଣି ଏବେ ମୁଁ ନିଶ୍ଚିତ ଚାକିରୀ କରିବି ।

ଏକତ୍ରିତ ସ୍ୱର :

ଆସରେ ଭାଇ ଆସରେ ଭାଇ
ହାତରେ ଆମେ ହାତ ମିଶେଇ
ଆମ ଜଙ୍ଗଲ ଜଙ୍ଗଲ ଜନ୍ତୁକୁ
ବଂଚେଇ ରଖିବା ସୁରକ୍ଷା ଦେଇ



# ବନ ମହୋତ୍ସବ

ସୁଧାକର ଦାସ

ଦୃଶ୍ୟ - ୧

(ସକାଳ ସମୟ, ଚା ପିଉଚା ସହିତ ଖବର କାଗଜ ପଢୁଥାନ୍ତି ବିନାୟକ ବାବୁ, ଘର ଭିତରୁ ଡାକି ଡାକି ଆସନ୍ତି ତାଙ୍କ ପତ୍ନୀ ନିର୍ମଳା)

ନିର୍ମଳା : ହଇହେ ଶୁଣୁଛ.................... ତମର ଖବର କାଗଜ ପଢ଼ା ସରିଲା ?

ବିନାୟକ : ଏଁ ! କାହିଁ କ'ଣ ହେଲାକି ?

ନିର୍ମଳା : ନେଇ, ନେଇ............. ଏ ମୋବାଇଲ୍ ଫୋନରୁ ଟିକେ ଫୋନ୍ ଲଗେଇ ଦେଇ ମଣ୍ଟୁ ପାଖକୁ ......... ମତେ ଆସୁନି............

ବିନାୟକ : ମଣ୍ଟୁ ପାଖରେ କ'ଣ ଦରକାର ପଡ଼ିଲା ? ସେ ପରା ଏବେ ତମ ପାଖରୁ ପରିବା, ସଉଦା ଚିଠା ନେଇ ବଜାରକୁ ଗଲା ?

ନିର୍ମଳା : ତମେ ଲଗେଇ ଦଉନ.............. ମୁଁ ତାକୁ ଆଉ ଗୋଟାଏ କଥା ଆଣିବା ପାଇଁ କହିବାକୁ ଭୁଲି ଯାଇଛି.... ନେଇ.............. ନିଅ ଲଗେଇ ଦିଅ............

ବିନାୟକ : କି ଆଶ୍ଚର୍ଯ୍ୟ କଥା............। ଆରେ ବାବୁ ମୋବାଇଲ୍ ନଥିଲା ବେଳେ ପୁଣି ତମେ ଚଳୁଥିଲ କେମିତି.................... ହଉ ଦିଅ............... (ମୋବାଇଲ୍‌ର ନଂ ଟିପିବାର ଶବ୍ଦ)ଏଇ ନିଅ.......

ନିର୍ମଳା : ହାଲୋ ମଣ୍ଟୁରେ ! ମଲା .......କ'ଣ କିଛି କହୁନି.....................

ବିନାୟକ : ଆରେ ଆରେ ସେ ଉଠାଉ ..........

ନିର୍ମଳା : ହଁ ମଣ୍ଟୁ ବୋଉ କହୁଛିରେ । ଶୁଣ ବାପା............ ମିଟନ୍ ପାଇଁ ଗୋଟାଏ ବିଭିନ୍ନ ରଂଗର ସ୍କେଚ୍ ପେନ୍ ପକେଟ୍ ଆଣିବୁ........ ମତେ ଆଜି ସ୍କୁଲ୍ ଗଲାବେଳେ ବାରମ୍ବାର କରି କହିକି ଯାଇଚି... ଏଁ................ହଁ ହଁ ତୁଛ ପାଇଁ ... ହଉ ହଉ .... ନେଇ, ଏଇଟାକୁ........ବନ୍ଦ କର...

ବିନାୟକ : ଆଛା ମିଟନର ଏ ରଂଗତୁଳୀ କାହିଁକି ଦରକାର ପଡ଼ିଲା ଯେ ?

ନିର୍ମଳା : ଆଜି ସ୍କୁଲଗଲାବେଳେ ମତେ କ'ଣ କହି କି ଗଲା ଯେ କାଲି କ'ଣ ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗୀତା ହବ............... । ସେ ସେଥିରେ ଭାଗ ନବ...........

ବିନାୟକ : କି ଚିତ୍ରାଙ୍କନ ପ୍ରତିଯୋଗୀତା ? ବିଷୟ ବସ୍ତୁଟା କ'ଣ ?

ନିର୍ମଳା : କେଜାଣି ? ମୁଁ କ'ଣ ଜାଣିଛି ! ସେ ଆସୁ ତମେ ତା'ଠୁ ବୁଝିନବ.... ମୁଁ ଯାଏଁ, ସିଆଡ଼େ ରୋଷେଇ ବାସ କିଛି ହେଇନି ଏଯାଏଁ...........

ବିନାୟକ : ଆରେ ............ ଏ କପଟା ନେଇ ଯାଅ

ଦୃଶ୍ୟ - ୨

ମଣ୍ଟୁ : ବାପା.....ନିଅ, ଦେଖିଲ ଏଇଟା ହେବତ ?

ବାପା : ଆରେ.... ଭାରି ବଢ଼ିଆ ହେଇଛିତ । (ହସ)

ବାପା : ମୁଁ ଜାଣେ ପରା ଆମ ମଣ୍ଟୁର ପସନ୍ଦଟା ଭାରିଭଲ ।

ମଣ୍ଟୁ : ଓ ହୋ ବାପା ଆଗ ପିନ୍ଧିକି ଦେଖ ହେଉଛି କି ନାହିଁ ।

ବାପା : ପିନ୍ଧିବି ଆଉ କ'ଣ କ' ନମ୍ବର ଆଣିଚୁ ଟି ?

ମଣ୍ଟୁ : ହଁ କ' ନମ୍ବର ।

ବାପା : ଠିକ୍ ଅଛି ଆଉ ପିନ୍ଧିବି କ'ଣ , ନେ ରଖିଦେ ।

(ନିର୍ମଳା ଆସୁ ଆସୁ)

ନିର୍ମଳା : କ'ଣ ବାପାଙ୍କୁ ପିନ୍ଧାଉଚୁ କି'ରେ ମଣ୍ଟୁ ?

ମଣ୍ଟୁ : ଏଇ ବାପା ହକେ ସ୍ପୋର୍ଟ୍ସ ଯୋତା ଆଣିବାକୁ କହିଥିଲେ ତ କାଲି ସକାଳେ ଗଣଦୌଡ଼ରେ ଦୌଡ଼ିବାକୁ ଯିବେ ...........

ନିର୍ମଳା : ଗଣ ଦୌଡ଼........! ତୋ ବାପା ଦୌଡ଼ିବେ ।

ବାପା : ହଁ । ଆମ ରିଟାୟର୍ଡ଼ ଅଫିସରସ୍ କ୍ଲବର ସବୁ ସଦସ୍ୟମାନେ ମିଶି ଗୋଟିଏ ଗଣଦୌଡ଼ର ଆୟୋଜନ କରିଚୁ । ଖାଲି ମୁଁ ଏକା ନୁହଁ ମହାନ୍ତି ବାବୁ, ପ୍ରଧାନ ବାବୁ, ପିତାମ୍ବର, ମିଶ୍ର, ଶର୍ମାବାବୁ - ସମସ୍ତେ ଦୌଡ଼ିବେ ।

ନିର୍ମଳା : ଦଉଡ଼ିବ ଯେ ହେଲେ କ'ଣ ପାଇଁ ଦଉଡ଼ିବ ?

ମଣ୍ଟୁ : ବୋଉ, ଜୁଲାଇ ମାସ ପ୍ରଥମ ସପ୍ତାହଟା ସାରା ରାଜ୍ୟରେ

ବନ ମହୋତ୍ସବ ପାଳିତ ହୁଏ । ବିଭିନ୍ନ ଉପାୟରେ ଲୋକମାନେ ଏ ଉତ୍ସବ ପାଳନ କରନ୍ତି ।

ବାପା : ତେଣୁ ଆମେ ମାନେ କାଲି ବଞ୍ଚିବୁ । ଲୋକଙ୍କ ଭିତରେ ଜଙ୍ଗଲ ସୁରକ୍ଷାର ସଚେତନତା ସୃଷ୍ଟି ହବ ।

ନିର୍ମଳା : ଆଉ ତା'ହେଲେ ହେଲା ।

ବାପା : କ'ଣ ହେଲା ?

ନିର୍ମଳା : ମିଟନ୍ ଆମର ଯୋଉ କହୁ ନ ଥିଲା କାଲି ତାଙ୍କର ଚିତ୍ରାଙ୍କନ ପ୍ରତିଯୋଗିତା ହବ ସ୍କୁଲରେ, ଏଇ ବନମହୋତ୍ସବ ପାଇଁ ।

ବାପା : ଭଲ.. ଭଲ ..ସଚେତନତା ସୃଷ୍ଟି କରିବା ପାଇଁ ଆମେ ସମସ୍ତେ ଲାଗି ପଡ଼ିବା ଦରକାର ।

ମଣ୍ଟୁ : ବାପା ଜାଣିଛ ଗୋଟେ କଥା ?

ବାପା : କୋଉ କଥା ?

ମଣ୍ଟୁ : ଆମ କ୍ଲବରେ ଭିନ୍ନ କାଲି ସଂନ୍ଧ୍ୟାରେ ମିଟିଙ୍ଗ୍ ହେଉଛି । ମୁଁ ଗୋଟେ ବଢ଼ିଆ ଭାଷଣ ରେଡି କରିଛି । ମୁଁ ଆଣୁଛି ସେଇଟା ତମକୁ ଟିକେ ଶୁଣେଇବି, ତମର ତ ଲିଟ୍ରେଚର ଭଲ ହୁଏ । ଟିକେ ବାଗେଇ ଦବ ।

ବାପା : ହଉ ହଉ । ମୁଁ ବାଗେଇ ଦେବି ଯେ ମୁଁ ଏବେ ଟିକେ ଖାଇକି ବିଶ୍ରାମ ନେବି ସଂଜକୁ ମତେ ଶୁଣେଇବୁ ।

ମଣ୍ଟୁ : ହଉ ବାପା ।

ବାପା : ନିର୍ମଳା ଗଲ ବାଢ଼ିଲ

ନିର୍ମଳା : ହଁ ଯାଉଛି ।
..... ଇରେ ମିଟନ୍‌ର ଆସିଁଲୁଟି ?

ମଣ୍ଟୁ : ହଁ ହଁ ଆଣିଛି ।

ନିର୍ମଳା : ହଉ । ତୁ ବି ଧୋଇ ଧାଇ ହ । ମୁଁ ବିହିଁଙ୍କ ପାଇଁ ବାଢୁଛି ।

## ଦୃଶ୍ୟ - ୩
(ମଣ୍ଟୁ ଭାଷଣ ପାଇଁ ପ୍ରସ୍ତୁତ ହଉଥାଏ)



ମଣ୍ଟୁ : ବୃକ୍ଷ ହିଁ ଜୀବନ । ବୃକ୍ଷ ବିନା ଏ ଜୀବନ ଅସାର । ପରିବେଶକୁ ସୁସ୍ଥ ସୁନ୍ଦର କରିବା ପାଇଁ ଆସ ଗଛ ଲଗାଇବା । କ'ଣ ବାପା ଠିକ୍ ଅଛି ତ ?

ବାପା : ଠିକ୍ ଅଛି ଯେ, ସେଥିରେ ଆଉ ଗୋଟେ ଲାଇନ୍ ଯୋଡ଼୍ ।

ମଣ୍ଟୁ : କ'ଣ କହୁନ ।

ବାପା : ଆମର ଆଗାମୀ ବଂଶଧର ମାନଙ୍କ ସୁସ୍ଥ ସୁନ୍ଦର ଭବିଷ୍ୟତ ପାଇଁ ......

ମଣ୍ଟୁ : ସୁସ୍ଥ ସୁନ୍ଦର ଭବିଷ୍ୟତ ପାଇଁ .....

ବାପା : ଭବିଷ୍ୟତ ପାଇଁ

ମଣ୍ଟୁ : ହଁ ।

ବାପା : ଆଗକୁ ଏବେଠୁ ବ୍ୟାପକ ବୃକ୍ଷରୋପଣ କରିବାକୁ ପଡ଼ିବ । ନହେଲେ ଆମ ଭବିଷ୍ୟତ ବଂଶଧର ଟିକେ ଅମ୍ଳଜାନ ପାଇଁ ଯେତେବେଳେ ଛଟପଟ ହେଉଥିବେ ... ହଁ ଅମ୍ଳଜାନ ବ୍ୟାଗ୍ ଧରି ବୁଲୁଥିବେ ।

ମଣ୍ଟୁ : ଛଟ ପଟ ହେଉଥିବେ ...

ବାପା : ସେମାନେ ଇତିହାସକୁ ଅର୍ଥାତ୍ ଆମକୁ ଭର୍ତ୍ସନା କରିବେ ।

ମଣ୍ଟୁ : ଭର୍ତ୍ସନା କରିବେ ।

ବାପା : କେମିତି ଲାଗିଲା କହ ?

ମଣ୍ଟୁ : ଚମତ୍କାର, ପୁରା ଜମିଗଲା ।
(ଏତିକି ବେଳେ କଲିଂବେଲ ବାଜେ)

ବାପା : କିଏ ? ଆସନ୍ତୁ ଖୋଲା ଅଛି ।
(ମୋହନ ଆସୁ ଆସୁ)

ମୋହନ : ମଉସା ନମସ୍କାର ।

ମଣ୍ଟୁ : ଆରେ ମୋହନ୍ ।

ମୋହନ୍ : ମଣ୍ଟୁ ଭାଇ ନମସ୍କାର ।

ବାପା : ଆରେ ଆ' ଆ' ମୋହନ ବସ । ତୁଆଡେ କେମିତି କଣ ବାଟ ଭୁଲି ଆସିଲୁ ? ଆ' ବ ।

ମୋହନ୍ : ନା' ମଉସା ଆପଣଙ୍କ ପାଖରେ ଗୋଟେ କାମ ଥିଲା ତ ।

ବାପା : ମୋ ପାଖରେ ? କ'ଣ କହୁନୁ ।
(ନିର୍ମଳା ଆସୁ ଆସୁ )

ନିର୍ମଳା : ଆରେ ମୋହନ୍ କେତେବେଳେ ?

ମୋହନ୍ : ମାଉସୀ ନମସ୍କାର । ଏଇ ସଙ୍ଗେ ସଙ୍ଗେ ଆସିଛି । ମଉସାଙ୍କ ପାଖରେ ଟିକେ କାମ ଥିଲା ତ ।

ମଞ୍ଜୁ : ହଉ ମୋହନ୍ । ତମେ ବାପାଙ୍କ ସାଙ୍ଗରେ କଥା ହୋଇଯିବ । ମୁ ଟିକେ ଭିତରେ ଅଛି । ଗୋଟେ ଭାଷଣ ମୁଖସ୍ଥ କରିବାର ଅଛିତ ।

ମୋହନ୍ : ଭାଷଣ ! କି ଭାଷଣ ମଞ୍ଜୁ ଭାଇ ?

ବାପା : ବନ ମହୋତ୍ସବ ଉପରେ ଭାଷଣ । ବୁଝିଲୁ ମୋହନ୍, ଆମେ ପରା ସାରାପରିବାର କାଲି ବନ ମହୋତ୍ସବ ପାଳନ କରୁଛୁ ।

ମୋହନ୍ : କେମିତି ?

ମଞ୍ଜୁ : କାଲି ସକାଳେ ବାପାଙ୍କର ରିଟାଏର୍ଡ୍ ଅଫିସରସ୍ କ୍ଲବ ତରଫରୁ ଗୋଟେ ଗଣ ଦୌଡ ହେବ । ବାପା ସେଥିରେ ସାମିଲ୍ ଅଛନ୍ତି । ବନ ମହୋତ୍ସବ ଉପରେ କାଲି ମୋ ପୁଅ ମିଟନ୍ ସ୍କୁଲରେ ଗୋଟିଏ ଚିତ୍ରାଙ୍କନ ପ୍ରତିଯୋଗୀତା ହଉଛି । ମିଟନ୍ ସେଥିରେ ଭାଗ ନେଉଛି । ଆଉ ସଂଜକୁ ମୋର କ୍ଲବରେ ମିଟିଙ୍ଗ୍, ମୁଁ ଗୋଟେ ବଢ଼ିଆ ଭାଷଣ ପ୍ରସ୍ତୁତ କରୁଛି ।

ମୋହନ : ବାଃ । ଭାରି ଖୁସି ଲାଗୁଛି । ଆମ ଦେଶରେ ଏମିତି ପ୍ରତ୍ୟେକ ପରିବାର ଯଦି ଆପଣଙ୍କ ପରିବାର ପରି ସଚେତନତା ସୃଷ୍ଟି କରିବାକୁ ଆଗେଇ ଆସନ୍ତେ, ତା ହେଲେ ତ ଏ ପୃଥିବୀ ସବୁଜ ସୁନ୍ଦର ହୋଇ ଉଠନ୍ତା ।

ନିର୍ମଳା : ହଉ ତମେ ବସୁଥାଅ ମୁଁ ଟିକେ ଚା କରିନେଇ ଆସେ ।

ମୋହନ୍ : ନା ମାଉସୀ କିଛି ଦରକାର ନାହିଁ । ମୁଁ ଖାଲିଟିକେ ମଉସାଙ୍କ ସହିତ କଥା ହୋଇ ବାହାରିଯିବି । ମଉସା.......

ବାପା : ହଁ ମୋହନ୍ କହ ।

ମୋହନ୍ : କଥା କଣ କି ମଉସା ଆମେ କେତେଜଣ ସାଙ୍ଗ ମିଶି କିଛି ଚାରା ସଂଗ୍ରହ କରିଛୁ । ବନ ମହୋତ୍ସବ ଅବସରରେ ଆମର ଏ ଇଲାକାରେ ଯେତେ ଖାଲି ଜାଗା ରହିଛି ସେ ସବୁଜାଗାରେ ଆମେ ବୃକ୍ଷରୋପଣ କରିବୁ । ବନ ବିଭାଗ ଚାରା ଯୋଗାଇ ଦେଇଛି । ଯେହେତୁ ବାହାର ଜାଗା ଗଛଗୁଡା ବଢ଼ିବା ପାଇଁ ଟିକେ ସମୟ ଲାଗିବ । ତେଣୁ ସେ ସବୁଗଛର ରକ୍ଷଣା ବେକ୍ଷଣ ପାଇଁ ତାର ବାଡ ଦେବା ପାଇଁ ପଡିବ । ତାର ବାଡ ଜାଲି ପାଇଁ ଆମେ କିଛି ପଇସା ସଂଗ୍ରହ କରୁଛୁ ତେଣୁ ଆପଣ ଯଦି କିଛି ସାହାଯ୍ୟ କରନ୍ତେ.......

ମଞ୍ଜୁ : ନା, ମ, ଏସବୁ ଫାଲତୁ କାମ ପାଇଁ ଆମ ପାଖରେ ପଇସା ନାହିଁ, ବନମହୋତ୍ସବ ସପ୍ତାହରେ ଲୋକଙ୍କୁ ସଚେତନା କର, ରାଲି କର, ସଭାସମିତି କର । ଲୋକଙ୍କୁ ଗଛ ଲଗାଇବାକୁ କୁହ । କାହିଁ ସେ ଧନ୍ଦାରେ ସବୁ ପଡୁଛ ?

ମୋହନ୍ : କ'ଣ କହିଲ ମଞ୍ଜୁ ଭାଇ ? ଲୋକେ ତ ଲାଗିଥିବେ, ଆମେ ସବୁ କିଏ କି ? ଆମେ ସମସ୍ତେ ଯଦି ନିଜ ଦାୟିତ୍ୱ ଅନ୍ୟମୁଣ୍ଡ ଉପରେ ରଖିଦବା । ତା ହେଲେ ପ୍ରକୃତରେ କାମଟା କରିବ କିଏ ?

ମଞ୍ଜୁ : ବାପା ଦେଖ ତମେ କଣ, କରିବ ନ କରିବ ମୁଁ ଜାଣିନି, ମୋ ପାଖରେ ସମୟ କମ୍ । ମୁଁ ଭିତରେ ଅଛି ।

ମୋହନ୍ : ଗୋଟେ ମିନିଟ୍ ମଞ୍ଜୁ ଭାଇ । ମୁଁ ଏଠୁ ସାହାଯ୍ୟ ପାଇବି ନ ପାଇବି ସେଇଟା ତ ଭିନ୍ନ କଥା କିନ୍ତୁ ମୁଁ ତୁମକୁ ଯୋଉଟା କହିବାକୁ ଚାହୁଁଛି ସେଇଟା ଟିକେ ଦୟାକରି ଶୁଣି କି ଯାଅ ।

ମୋହନ୍ : ଏ ମିଛ ଛଳନାର ମାନେ କଣ ? ବର୍ଷ ବର୍ଷ ଧରି ଆମେ ବନ ମହୋତ୍ସବ ପାଳି ଆସୁଛେ । ଗଣ ଦୌଡ କରିଛେ ରାଲି କରୁଛେ । ସଭା ସମିତି କରୁଛେ-ଅଯଥାଛଳନା ଅଭିନୟ ଆଉ କୁହାଏ ଆମ୍ ପ୍ରଚାର କରୁଛେ । ବନ ମହୋତ୍ସବର ଲକ୍ଷ କଣ ଏଇଆ ? ମଞ୍ଜୁ ଭାଇ ଆମେ ଜଣେ ଜଣେ ଗୋଟିଏ ଗୋଟିଏ ଗଛ ଲଗାଇଲେ ସାରା ଭାରତରେ ଏଇ ଗୋଟିଏ ସପ୍ତାହରେ ଶହେ କୋଟି ଗଛ ରୋପଣ ହୋଇପାରିବ । ତା' ନ କରି ଏ ବୃଥା ଡିଣ୍ଡିମ ପିଟିବାରେ ଲାଭ କ'ଣ ? ଠିକ୍ ଅଛି ମୁଁ ଆସୁଛି ମଉସା ।

ନିର୍ମଳା : ରହ ମୋହନ । ଏଇନେ ଚାରା ଲଗାଇବା ଆଉ ତା'ର ରକ୍ଷଣା ବେକ୍ଷଣ ପାଇଁ ପଇସା ଦଉଛି ।

ମୋହନ୍ : ମାଉସୀ, ମା' ଆଉ ଗଛ ଦୁହେଁ ସମାନ । ଏମାନେ କେବେ କାହାରିକି କିଛି ମାଗନ୍ତିନି । କେବଳ ଦେଇ ଜାଣନ୍ତି । ଆସୁଛି ମାଉସୀ

ବାପା : ରହ ମୋହନ ମୁଁ ବି ତତେ କିଛି ପଇସା ଦେବି । ବୁଝିଲୁ ମଞ୍ଜୁ ଗଣ ଦୌଡ ପାଇଁ ଯୋତା କିଣିବା ଅପେକ୍ଷା ସେଇ ଯୋତା ପଇସାରେ ମୁ ଯଦି ୫୦ଟି ଗଛ ଲଗାଇ ପାରିଥାନ୍ତି, ମତେ ବହୁତ ଶାନ୍ତି ମିଳିଥାନ୍ତା ।

ମଞ୍ଜୁ : ତମେ ଠିକ୍ କହିଛ, ଆଉ ଠିକ୍ କହୁଛ ମୋହନ । ଏ ସଭା ସମିତି, ରାଲି, ପ୍ରତିଯୋଗିତାରେ ନ ମାତି ଆମେ ନିଜେ ଗଛ ଲଗାଇଲେ ଆମଠୁ ଆଉ ପାଞ୍ଚଜଣ ଶିଖି ସେମାନେ ବି ଗଛ ଲଗାଇବେ । ଏ ପୃଥିବୀ ସବୁଜିମାରେ ଭରିଯିବ, ବନମହୋତ୍ସବ ପାଳନର ପ୍ରକୃତ ଉଦ୍ଦେଶ୍ୟ ବି ପାଳନ ହୋଇ ପାରିବ । ଟିକେ ଅପେକ୍ଷା କର । ମୁଁ ବି ତମ ସହିତ ଗଛ ଲଗାଇବାକୁ ଯିବି ।

# "ରକ୍ଷା କବଚ ଓଜୋନ"

ବନଜ ବିହାରୀ ମହାପାତ୍ର

ସାରାଂଶ : ଓଜୋନ ଗ୍ୟାସ, ଓଜୋନସ୍ତର, ଓଜୋନ ଗର୍ତ୍ତ, ଏହାର ଉପକାରିତା, ଅପକାରିତା ଏବଂ ଜନ ସଚେତନତାର ଆବଶ୍ୟକତା ଉପରେ ଲିଖିତ କ୍ଷୁଦ୍ର ପ୍ରୟାସ ।

## ୧ମ ଦୃଶ୍ୟ

କାହାର ଆକୁଳ ଚିତ୍କାର ଶୁଭୁଥାଏ । ମରିଗଲି ମରିଗଲି ଚିତ୍କାର କରୁଥାଏ । ଆଉ ଜଣେ କେହି ଆସି ତାକୁ ବୁଝାଉ ଥିବାର ଜଣା ପଡୁଥାଏ ।

ଆଲଫା :ଆରେ କିଏ ଅଛ ମତେ ଟିକେ ବଂଚାଅ । ମୋର ଦେହ ଜଳିଗଲା ପରି ଲାଗୁଛି । ମୋ ଆଖିରୁ କିଆଁ ବାହାରୁଛି । ମୁଁ ଆଉ ବଞ୍ଚିବିନି । କିଏ ତ କିଛି ଉପାୟ କୁହ । ହେ ଭଗବାନ ତମେ ବି କ'ଣ ମୋର ଏ ଅବସ୍ଥାରେ ପଥର ହୋଇଗଲ । କିଛିତ କର ପ୍ରଭୁ ମତେ ବଞ୍ଚାଅ । ନ ହେଲେ ଜୀବନରୁ ମାରିଦିଅ । ହେଲେ ଏତେ କଷ୍ଟ ଦିଅନି । ଓଃ...ଉଃ..........

ବିଟା :ଆରେ ସେଠି କିଏ ଜଣେ ଏମିତି ବିକଳରେ ଚିତ୍କାର କରୁଛି । ଯାଏ ଦେଖେ କ'ଣ ହୋଇଛି ।

ଆଲଫା :ଓଃ.....ଉଃ........... ବଡ଼ କଷ୍ଟ..........

ବିଟା :ଆରେ ଆଲଫା ଭାଇ ତୋର କ'ଣ ହୋଇଛି । ତୁ ଏଠି ଏମିତି କ'ଣ ପଡ଼ିଛୁ ।

ଆଲଫା :କିଏ............... (ଅତିକଷ୍ଟରେ) ବିଟା.........

ବିଟା :ହଁ ଆଲଫା ଭାଇ ମୁଁ ବିଟା । ଉଠୁ ଉଠୁ ତୋର କ'ଣ ହୋଇଛି ।

ଆଲଫା :ମୋ ଦେହ ହାତ ଆଖି ଜଳିଗଲା ପରି ଲାଗୁଛି ।

ବିଟା :ଏମିତି କାହିଁକି ହେଉଛି ।

ଆଲଫା :ଜାଣେନି

ବିଟା :ତେବେ ଚାଲ ଆମେ ଡ଼ାକ୍ତର ଗାମାଙ୍କ ପାଖକୁ ଯିବା

ଆଲଫା :ମତେ ଟିକେ ଧର ବିଟା । ମୋର ଶକ୍ତି ପାଉନି ।

ବିଟା :ହଁ ହଁ ମୁଁ ଧରୁଛି । ତୁ ବ୍ୟସ୍ତ ହେନା । ଡ଼ାକ୍ତର ଗାମା ନିଶ୍ଚିତ ସଠିକ୍ ଚିକିତ୍ସା ଦେବେ ।

ଆଲଫା :ହଉ ଚାଲ...........

(ଆଲଫାକୁ ଧରି ବିଟା ଚାଲିଲା ଡ଼ାକ୍ତର ଗାମାଙ୍କ କ୍ଲିନିକ୍‌କୁ । ଧୀରେ ଧୀରେ ଆଲଫାର ଉଃ.... ଆଃ...... ଶବ୍ଦ କମି କମି ଆସିଲା)

## ୨ୟ ଦୃଶ୍ୟ

(ବାହାର ପଟୁ ବିଟାର ଡ଼ାକ ଶୁଭୁଥାଏ । ସେ ଡ଼ାକ୍ତର ଗାମାଙ୍କୁ ଡ଼ାକୁଥାଏ । ଡ଼ାକ୍ତର Clinic ଭିତରେ ବସିଥାନ୍ତି)

ବିଟା :ଡ଼ାକ୍ତର ଗାମା ଅଛନ୍ତି ।

ଡ଼ାକ୍ତର :ହଁ, କିଏ, ଆସନ୍ତୁ ଭିତରକୁ ।

ବିଟା ଏବଂ ଆଲଫା ଭିତରକୁ ପଶିଲେ । (ଆଲଫା ସେମିତି ଉଃ........... ଆଃ........... ହେଉଥାଏ ।)

ବିଟା :ଡ଼ାକ୍ତର ବାବୁ ନମସ୍କାର । ଟିକେ ଦେଖନ୍ତୁ ତ ଆଲଫାର ଦେହସାରା କ'ଣ ହୋଇ ଯାଇଛି । ତାକୁ ଭାରି କଷ୍ଟ ହେଉଛି ।

ଡ଼ାକ୍ତର :ହଁ ତାକୁ ନେଇ ପରୀକ୍ଷା ଟେବୁଲ ଉପରେ ଶୁଆଇ ଦିଅ ମୁଁ ସଙ୍ଗେ ସଙ୍ଗେ ଦେଖୁଛି ।

(Bed ଉପରେ ଶୋଇ ଦେବାର ଅଭିପ୍ରାୟ ଧୀରେ ... ଆସ୍ତେ.... ହଁ.......... ପାଟି ଶୁଭୁଥାଏ । ଆଲଫାର ବ୍ୟସ୍ତତା ବି ଶୁଭୁଥାଏ)

ଡ଼ାକ୍ତର :ଆରେ ଆରେ ................ । ତମେ କ'ଣ ଖରାରେ କୁଆଡ଼େ ଯାଇଥିଲ ।

ଆଲଫା :ଆଜ୍ଞା ଖାଜି ଖରା ବେଳଟାରେ ମୁଁ ଯାଉଥିଲି । ହଠାତ୍ ଦେହ ହାତ ଝିମ୍ ଝିମ୍ ହୋଇଗଲା । ଚାରି ଆଡ଼ ଅନ୍ଧାର ଦିଶିଲା, ମୁଁ କିଛି ଜାଣି ନ ପାରି ରାସ୍ତାକଡ଼ରେ ବସି ପଡ଼ିଲି । ତା'ପରେ ତ ଆଜ୍ଞା ଦେହ ହାତ ଆଖି ସବୁ ଜଳିଲା ପରି ଲାଗୁଛି ।

ଡ଼ାକ୍ତର :ଏବେ ବୁଝିଲି । ଖାଜିରେ ଯିବା ଦ୍ୱାରା ଅଂଶୁଘାତ ହୋଇଯାଇଛି । ଆଉ ଏତେ ଖରାରେ Sun Burn

ହୋଇଯାଉଛି । ସେଇଥି ପାଇଁ ଏମିତି ସବୁ ଜଳିଲା ପରି ଲାଗୁଛି ।

ବିଟା :ଖରାରେ ଯିବା କ'ଣ ତାର ଆଜି ନୂଆ । ସେ ତ ଏମିତି କେତେ ଖରାରେ ବୁଆଡ଼େ ଯାଉଛି କାହିଁ କେବେ ତ କିଛି ହୋଇନି ।

ଡାକ୍ତର :ଏବେ ସୂର୍ଯ୍ୟଙ୍କର ପ୍ରଖରତା ବଢ଼ିଗଲାଣି । ଆଗରୁ କ'ଣ ଏମିତି ଥିଲା ।

ବିଟା :ମାନେ ଆଗରୁ କ'ଣ ସୂର୍ଯ୍ୟ ନଥିଲେ ଆଗରୁ ତ ସୂର୍ଯ୍ୟଥିଲେ ଏମିତି ଝାଞ୍ଜି ବି ଥିଲା ।

ଡାକ୍ତର : ଆଗରୁ ଯେଉଁ ସୂର୍ଯ୍ୟଥିଲେ ଏବେ ମଧ୍ୟ ସେଇ ସୂର୍ଯ୍ୟ ଅଛନ୍ତି ହେଲେ ବାୟୁମଣ୍ଡଳର ଉତ୍ତାପ ଧୀରେ ଧୀରେ ବଢ଼ିବାରେ ଲାଗିଛି । ତାହାର ଅନେକ କାରଣ ଅଛି । ହେଲେ ସବୁଠୁ ବଡ଼ କଥା ହେଲା ସୂର୍ଯ୍ୟଙ୍କ ରଶ୍ମୀରେ ଯେଉଁ ଅତି ବାଇଗଣି ରଶ୍ମୀ ଆସୁଛି (Ultra Violet Ray) ସେ ଆମ ଦେହରେ ସିଧା ସଳଖ ବାଜିଲେ ଆମ ଚମକୁ ପୋଡ଼ିଦେବ । ଯାହାକୁ Sun Burn ବୋଲି କୁହାଯାଏ ।

ବିଟା :ଯଦି ଆଗରୁ ଏମିତି ହେଉ ନଥିଲା ତେବେ ଏବେ କାହିଁକି ହେଉଛି ।

ଡାକ୍ତର :ସେ ଅନେକ କଥା । ମୋ ମତରେ ଅଭିଜ୍ଞ Professor ଏ ବିଷୟରେ ତୁମକୁ ଠିକ୍ କହି ପାରିବେ । ତେଣୁ ଆମେ ଏବେ ଆଲଫାର ଚିକିତ୍ସା ଆରମ୍ଭ କରିବା ।

ବିଟା :ଆଜ୍ଞା ହଁ............

ଡାକ୍ତର :ଦେଖ ଆଲଫା ମୁଁ ତୁମକୁ ଏହି Sun Protective Cream ଦେଉଛି । ଯେଉଁ ଜାଗା ସୂର୍ଯ୍ୟରଶ୍ମୀରେ ପୋଡ଼ି ଯାଇଛି, ସେହି ସବୁ ଜାଗାରେ ଲଗେଇବ । ମୁହଁରେ ମଧ୍ୟ ଲଗେଇବ । ଯାହା ଫଳରେ ସୂର୍ଯ୍ୟରଶ୍ମୀ ତୁମ ଦେହରେ ପଡ଼ିଲେ ମଧ୍ୟ ଆଉ Sun Burn ହେବନାହିଁ ।

ଆଲଫା :ଆଜ୍ଞା ହଁ

ବିଟା :ସେ କ୍ରିମ ଲଗାଇଲେ କ'ଣ ହେବ ?

ଡାକ୍ତର :ଏହି କ୍ରିମ୍ ଲଗେଇଲେ ସୂର୍ଯ୍ୟରଶ୍ମୀ ସିଧା ସଳଖ ପଡ଼ିଲେ ମଧ୍ୟ ସେ ଆଉ ଚର୍ମକୁ ପୋଡ଼ି ପାରିବ ନାହିଁ । ଏମିତିକି ଯେଉଁମାନଙ୍କର ଚର୍ମ ପତଳା କିମ୍ବା ପିଲାମାନଙ୍କ ଚର୍ମ ଅତି ସହଜରେ ଆଘାତ ପ୍ରାପ୍ତ ହୋଇଥାଏ । ତେଣୁ ଦେହକୁ ପୋଷାକରେ ଢାଙ୍କି ରଖି ଆଖିରେ କଳା ଚଷମା ଲଗାଇ ମୁଣ୍ଡ ଉପରେ ଛତା ଧରି ଝାଞ୍ଜି ଖରାରେ ବାହାରକୁ ବାହାରିବା ଉଚିତ୍ ।

ବିଟା :ଆଜିକାଲି କ'ଣ ସୂର୍ଯ୍ୟ ଏତେ ମାରାତ୍ମକ ହୋଇଗଲେଣି ।

ଡାକ୍ତର :ସୂର୍ଯ୍ୟ ଯାହାଥିଲେ ସେଇଆ ଅଛନ୍ତି । ହେଲେ ଆମେ ମଣିଷ ମାନେ ପ୍ରାକୃତିକ ବିପର୍ଯ୍ୟୟ କରି ସୂର୍ଯ୍ୟଙ୍କ କିରଣକୁ ସିଧା ସଳଖ ପୃଥିବୀ ପୃଷ୍ଠରେ ପଡ଼ିବାର ବାଟ କରୁଛେ ଯେଉଁଥିପାଇଁ ଏ ଅସୁବିଧା ହେଉଛି ।

ଆଲଫା :ଏହା କ'ଣ ସମସ୍ତଙ୍କୁ ଆକ୍ରାନ୍ତ କରିବ ?

ଡାକ୍ତର :ଅସମ୍ଭବ କିଛି ନୁହେଁ । ପୃଥିବୀରେ ପଶୁପକ୍ଷୀ, ଉଦ୍ଭିଦ ଏମିତିକି ଜଳଚର ପ୍ରାଣୀମାନଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିପାରେ ।

ବିଟା :ତା' ହେଲେ ଏ ପୃଥିବୀ ଧ୍ୱଂସ ହୋଇଯିବ ।

ଡାକ୍ତର :ସେଇଥି ପାଇଁ ବୈଜ୍ଞାନିକ ମାନେ ଚିନ୍ତା ପ୍ରକଟ କଲେଣି ।

ଆଲଫା :ଏଇ ଯେଉଁ ରୋଗ ହେଉଛି ଏହା କ'ଣ ଦିଆଁ କି ଛୁଆଁ ରୋଗ ।

ଡାକ୍ତର :ନା ଏଇଟା ସେପରି ନୁହେଁ ହେଲେ ମାରାତ୍ମକ । ଏହି ଗାଢ଼ ବାଇଗଣି ରଶ୍ମୀ ଚର୍ମ କର୍କଟ ମଧ୍ୟ କରିପାରେ । ଯାହାର ଚିକିତ୍ସା କଷ୍ଟ ସାଧ୍ୟ ।

ଆଲଫା :ମୋର ସେମିତି କିଛି ଅସୁବିଧା ହେବନି ତ ?

ଡାକ୍ତର :ନା... ନା... ଔଷଧ ବ୍ୟବହାର କର ଠିକ୍ ହୋଇଯିବ ।

ଆଲଫା ଓ ବିଟା : ଆମେ ତେବେ ଆସୁଛୁ ସାର୍, ନମସ୍କାର ।

ଡାକ୍ତର :ନମସ୍କାର ।



## ୩ୟ ଦୃଶ୍ୟ

ରାସ୍ତାରେ ଆଲଫା ଆଉ ବିଟା ଯାଉଥାନ୍ତି । ମନରେ ଭୟ ଆଉ ଆଶଙ୍କା ଡାକ୍ତର ଏ କଣ କହିଲେ । ତେଣୁ ପ୍ରଫେସରଙ୍କ ଘରକୁ ଯାଇ ତାଙ୍କୁ ପଚାରିବେ

ଆଲଫା :ଆରେ ବିଟା, ତତେ ଏବେ କେମିତି ଲାଗୁଛି ।

ବିଟା :ଭଲ ଲାଗିଲାଣି, ହେଲେ ମନଭିତରେ ଗୋଟିଏ ଡର ପଶିଗଲା ।

ଆଲଫା :ମୁଁ ବି ସେଇକଥା ଭାବୁଛି, ଆଗରୁ ତ ଏଇ ସୂର୍ଯ୍ୟଥିଲେ ।

ବିଟା :ହଁ

ଆଲାପୀ :ତା ହେଲେ ଏବେ କାହିଁକି ସୂର୍ଯ୍ୟ ରଶ୍ମୀର ପ୍ରଖରତା ବଢିଲା ।

ବିଟା :ମୁଁ ବି ସେଇକଥା ଭାବୁଛି, ଚାଲ ଗୋଟିଏ କାମ କରିବା ବାଟରେ ତ ପ୍ରଫେସର ରେଙ୍କ ଘର ପଡିବ । ଚାଲ ତାଙ୍କ ସହିତ ଭେଟ ହୋଇ ଏହାର କାରଣ ଜାଣିବା।

ଆଲାପୀ :ମୁଁ ବି ସେଇ କଥା ଭାବୁଛି ।

(ଏତିକି ବେଳେ ଏକ କାର ଆସିବାର ଶବ୍ଦ ହେଲା, ହଠାତ୍ କାରଟା ଅଟକିଗଲା ତା ଭିତରୁ ଡାକ୍ତର ଗାମାଙ୍କର ପାଟି ଶୁଭିଲା।

ଡାକ୍ତର :ଆରେ ଆଲାପୀ, ବିଟା ତମେମାନେ ସେତେବେଳୁ ଆସି ଏଇଠି ପହଂଚିଛ। ଆସ ଗାଡିରେ ବସ ମୁଁ ତମକୁ ଛାଡିଦେବି। ମୁ ବି ସେହି ଆଡ଼େ ଯାଉଛି।

ବିଟା :ହେଲେ ଆମେ ପ୍ରଫେସର ରେଙ୍କ ଘରକୁ ଯିବୁ ବୋଲି ଭାବିଲୁ।

ଡାକ୍ତର :ବାଃ..... ବଢିଆ କଥା ମୁଁ ମଧ୍ୟ ସେଇ ଆଡେ ଯାଉଛି।

ଆଲାପୀ :ତେବେ ତ ଭଲ ହେଲା ଚାଲକୁ ଯିବା।

(ଗାଡିରେ ବସିବାର ଶବ୍ଦ, ତା ପରେ ଗାଡିଚାଲିଲା, ହଠାତ୍ ଗାଡି ଅଟକିବାର ଶବ୍ଦ)

ବିଟା :ହେଇତ ପ୍ରଫେସର ରେଙ୍କ ଘର ଆସିଗଲା।

(ସମସ୍ତେ ଓହ୍ଲେଇ ପ୍ରଫେସର ରେଙ୍କ ଘରକୁ ଗଲେ।)

ପ୍ରଫେସର :ଆରେ ଡାକ୍ତର ଗାମା, ଆଲାପୀ, ବିଟା କ'ଣ ସମସ୍ତେ ଏକାଠି।

ସମସ୍ତେ :ନମସ୍କାର ପ୍ରଫେସର।

ପ୍ରଫେସର :ନମସ୍କାର, କୁହନ୍ତୁ କୁଆଡେ ଆସିଲେ।

ଡାକ୍ତର :ବିଟାର Sun Burn ହେଇଥିଲା। ସେ ମୋ ପାଖକୁ ଚିକିତ୍ସା ପାଇଁ ଆସିଥିଲା। ହେଲେ ତାଙ୍କ ମନରେ ଗୋଟିଏ ପ୍ରଶ୍ନ, ସେଇ ସୂର୍ଯ୍ୟ ଆଗରୁ ଥିଲା ଆଜିବି ଅଛି ହେଲେ ଆଗରୁ ତ କେବେ ଏମିତି ହେଉ ନ ଥିଲା ଆଜି କାହିଁକି ହେଲା ।

ଆଲାପୀ :ହଁ ପ୍ରଫେସର ରେ, ଏହି ପ୍ରଶ୍ନ ଆମ ଦି ଜଣକୁ ହଇରାଣ କରି ସାରିଲାଣି।

ବିଟା :ମୁଁ ତ ଆଗରୁ ଏମିତି କେତେ ଖାଞ୍ଜି ଖରାରେ ବୁଲିଛି ହେଲେ ହଠାତ୍ ଏମିତି ହେଲା କାହିଁକି ?

ପ୍ରଫେସର :ବଢିଆ କଥାଟିଏ ପଚାରିଲ। ଆସ ଆଗେ ବସ, ତାପରେ ଆମେ ସେ ବିଷୟରେ କଥା ହେବା । ପୃଥିବୀ ପୃଷ୍ଠରୁ ପ୍ରାୟ ୧୬ କିଲୋମିଟରରୁ ୫୦ କି.ମି. ମଧ୍ୟରେ ରହିଛି ଷ୍ଟ୍ରାଟୋସ୍ପିୟର ସ୍ତର। ଏହି ସ୍ତରର ନିମ୍ନଭାଗରେ ଅର୍ଥାତ୍ ଭୂପୃଷ୍ଠରୁ ୧୭ରୁ ୨୫କି.ମି. ଉଚ୍ଚତା ମଧ୍ୟରେ ରହିଛି ଓଜନ ଗ୍ୟାସର ଏକ ପତଳା ଆସ୍ତରଣ ଏହାକୁ ଓଜନ ସ୍ତର କୁହାଯାଏ।

ଆଲାପୀ :ବାୟୁ ମଣ୍ଡଳର ଏଇଟା ଗୋଟିଏ ସ୍ତର।

ପ୍ରଫେସର :ହଁ, ପୃଥିବୀର ଭୌଗଳିକ ଦୃଷ୍ଟି କୋଣରୁ ଏବଂ ଋତୁ ଚକ୍ରର ଦୃଷ୍ଟିକୋଣରୁ ବିଭିନ୍ନ ସମୟରେ ବିଭିନ୍ନ ସ୍ତରର ବିଭିନ୍ନ ମୋଟେଇର ଓଜନ ଗ୍ୟାସର ଆସ୍ତରଣ ହୋଇଥାଏ। ଏହି ଓଜନ ସ୍ତର ଥିବା ଯୋଗୁଁ ସୂର୍ଯ୍ୟଙ୍କ ଠାରୁ ଅତି ବାଇଗଣି ରଶ୍ମି ବା ଅଲଟ୍ରା ଭାଓଲେଟ୍ ରେ ସିଧାସଳଖ ପୃଥିବୀ ଉପରେ ନ ପଡି Ozone ସ୍ତରରେ ଛାଣି ହୋଇ ପଡେ। ଏହି ଅଲଟ୍ରାଭାଓଲେଟ୍ ରେ ୩ ପ୍ରକାର ଯଥା UVA, UVB ଏବଂ UVC।

ବିଟା :ଏହି ଅଲଟ୍ରାଭାଓଲେଟ୍ ରେ ର କାମ କ'ଣ ।

ପ୍ରଫେସର :ଏହି ଅଲଟ୍ରାଭାଓଲେଟ୍ ରେ ଯଦି ସିଧାସଳଖ ପୃଥିବୀ ପୃଷ୍ଠ ଉପରେ ପଡ଼ିବ ତେବେ ଉଦ୍ଭିଦ, ଜୀବ ଜଗତ, ବଞ୍ଚି ରହି ପାରିବେ ନାହିଁ।

ଆଲାପୀ :ତେବେ ସମସ୍ତେ ବଞ୍ଚିଛନ୍ତି କିପରି ?

ପ୍ରଫେସର :UVA, ଯାହାକି ସବୁଠୁ ମାରାତ୍ମକ। ତାହା ୧,୧୫,୦୦୦ ଫୁଟ ବା ୩୫ କି.ମି ଦୂରରୁ ଓଜୋନ ସ୍ତରରେ ସମ୍ପୂର୍ଣ୍ଣ ଛାଣି ହୋଇ ଆସେ । ଯେଉଁଥିପାଇଁ ତାହାର କୌଣସି କୁପ୍ରଭାବ ପୃଥିବୀ ପୃଷ୍ଠ ଉପରେ ପଡ଼ି ନଥାଏ ।

ବିଟା :ଭଗବାନ ଓଜୋନ ସ୍ତର ତିଆରି କରି ପୃଥିବୀ ପୃଷ୍ଠକୁ, ସମ୍ପୂର୍ଣ୍ଣ ରୂପେ ରକ୍ଷା କରି ଦେଇଛନ୍ତି । ହେଲେ UVB କ'ଣ ?

ଡାକ୍ତର :UVB ଯଦି ସିଧା ସଳଖ ଆମ ଉପରେ ପଡ଼େ ତେବେ ଆମ ଚର୍ମକୁ ସେ ପୋଡ଼ିଦିଏ । ଯାହାକୁ ଆମେ Sun Burn ବୋଲି କହୁ । ବାରମ୍ବାର ପଡ଼ିବା ଦ୍ୱାରା UVB ଚର୍ମ କର୍କଟ କରିବାର ଆଶଙ୍କା ଥାଏ । ପିଲାମାନଙ୍କର ଚର୍ମକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେବାର ଭୟ ଥାଏ । ଆଖିରେ ପରଳ ମାଡ଼ିଯିବାର ଭୟ ଥାଏ । ଉଦ୍ଭିଦର ସବୁଜ ପତ୍ର କଣିକା ନଷ୍ଟ ହୋଇଯାଇଥିବାରୁ ଉଦ୍ଭିଦ ମଧ ନଷ୍ଟ ହୋଇଯାଏ ।

ଆଲଫା : ଖାଦ୍ୟ ବିନା ମଧ୍ୟ ମଣିଷ ପଶୁପକ୍ଷୀ ମରିଯିବେ ।

ଡାକ୍ତର : ନିଶ୍ଚିତ । ହେଲେ ଏହି ଓଜନ୍ ସ୍ତର ଥିବା ଯୋଗୁଁ UVB ମଧ୍ୟ ଏହା ମଧ୍ୟ ଦେଇ ଛାଣି ହୋଇ ପୃଥିବୀ ପୃଷ୍ଠରେ ପଡ଼େ ଯେଉଁଥିପାଇଁ କିଛି କ୍ଷତି ହୁଏ ନାହିଁ ।

ବିଟା : ଛାଣି ହୋଇ ତ ଆସୁଛି । ତଥାପି ମୋର ଏମିତି ଚର୍ମ ପୋଡ଼ିଗଲା କାହିଁକି ?

ପ୍ରଫେସର : ସମୟ ସମୟରେ Ozone ସ୍ତରରେ କିଛି ବ୍ୟତିକ୍ରମ ଘଟିଲେ ସେହି ସମୟରେ ଯେଉଁ UVB ଆସେ ସେଥିରେ ଥିବା ପ୍ରକୋପ Sun Burn କରିଥାଏ । ଯେଉଁଥିପାଇଁ ଆଜି ତମେ ଏହାର ଶିକାର ହେଲ ।

ଆଲଫା : ଛାଣି ହୋଇ ଆସିବା ପରେ ଯଦି ଏହାର ପ୍ରକୋପ ଏତେ ତେବେ ସିଧା ସଳଖ ଆସିଲେ ତାହାର ପ୍ରକୋପ କେତେ ହେବ ।

ପ୍ରଫେସର : ପୃଥିବୀ ପୃଷ୍ଠ ଠାରୁ ୩୫୦ ମିଲିୟନ ଗୁଣ ଅଧିକ ଶକ୍ତିଶାଳୀ UVB ଓଜୋନ୍ ସ୍ତର ଉପରେ ।

ଆଲଫା : ବାପରେ ବାପ୍ ତା ହେଲେ ତ ସେ ଜାଳି ପୋଡ଼ି ଛାରଖାର କରିଦେବ ।

ପ୍ରଫେସର : ବିଲକୁଲ ଠିକ୍ ପୋଡ଼ି ପାଉଁଶ କରିଦେବ ।

ବିଟା : ତେବେ UVB କ'ଣ ।

ପ୍ରଫେସର : ଏହା ଆଶାତୀତ କମ୍ ହାରମ୍ଫୁଲ ବା କ୍ଷତିକାରକ ।

ଆଲଫା : ପ୍ରଫେସର ରେ UVA, UVB, UVC ବିଷୟରେ ତ ଜାଣିଲୁ ଏବେ ଟିକେ ଓଜୋନ୍ ସ୍ତର ବିଷୟରେ କୁହନ୍ତୁ ।

ପ୍ରଫେସର : ଓଜନ ସ୍ତରର ସାଙ୍କେତିକ ଚିହ୍ନ ହେଲା $O_3$ (ଓ ଥ୍ରୀ) ତିନୋଟି ଅମ୍ଳଜାନ ପରମାଣୁର ମିଶ୍ରଣ । ସାଧାରଣତଃ ସୌର ବର୍ଣ୍ଣାଳୀରେ ଥିବା ଅତି ବାଇଗଣି ରଶ୍ମୀ ବା ଅଲଟ୍ରାଭାଓଲେଟ୍‌ରେ ପ୍ରଭାବରେ ବାୟୁମଣ୍ଡଳର ଅମ୍ଳଜାନ ଅଣୁଗୁଡ଼ିକ ବିଘଟିତ ହୋଇ ଅମ୍ଳଜାନ ପରମାଣୁରେ ପରିଣତ ହୋଇଥାନ୍ତି । ମାନେ

$O_2 = O + O$

ଏହି ଅମ୍ଳଜାନ ପରମାଣୁଗୁଡ଼ିକ ଅମ୍ଳଜାନ ଅଣୁ ସହିତ ରାସାୟନିକ ପ୍ରକ୍ରିୟାରେ ଏକତ୍ରିତ ହୋଇ ଓଜୋନ ଅଣୁ ଗଠନ କରନ୍ତି । ମାନେ

$2O_2 + O + O = 2O_3$

ଆଲଫା : ଯଦି ଏମିତି ଓଜୋନ୍ ଗ୍ୟାସର ତିଆରି ହେବ ତେବେ ତ ଓଜୋନ ସ୍ତର ବଢ଼ି ବଢ଼ି ଚାଲିଥିବ ।

ପ୍ରଫେସର : ନା ସେମିତି ହୁଏ ନି

ଆଲଫା : ତେବେ

ପ୍ରଫେସର : ଅତି ବାଇଗଣି ରଶ୍ମୀ ପ୍ରଭାବରେ ଆସି ଓଜୋନ ଗ୍ୟାସ ପୁଣି ବିଘଟିତ ହୋଇ ଅମ୍ଳଜାନ ଅଣୁ ($O_2$) ଓ ଅମ୍ଳଜାନ ପରମାଣୁ (O) ରେ ପରିଣତ ହୁଅନ୍ତି । ଏହିପରି ଓଜୋନ ଓ ଅମ୍ଳଜାନ ଅଣୁ ପରମାଣୁ ଭିତରେ ଓଜୋନର ସୃଷ୍ଟି ଓ ବିଲୟର ଭାରସାମ୍ୟ ରକ୍ଷା ହୋଇଥାଏ ।

ଆଲଫା : ତେବେ ଏଇଟା ହେଲା ଓଜନ ଆଉ ଅମ୍ଳଜାନ ଗ୍ୟାସର ଜୀବନ ଚକ୍ର ।

ପ୍ରଫେସର : ତମେ ଏବେ ଠିକ୍ ବୁଝି ପାରିଛ । ଏହି ଓଜୋନ ସ୍ତର ପୃଥିବୀ ପୃଷ୍ଠ ଠାରୁ ୧୦ରୁ ୫୦କି.ମି ପର୍ଯ୍ୟନ୍ତ ଥାଏ । ଯାହାକି ପୃଥିବୀ ପୃଷ୍ଠ ଠାରୁ ୩୩୦୦୦ ରୁ ୧,୨.୦୦୦ ଫୁଟ । ଏହି ଓଜୋନ ସ୍ତର ସୂର୍ଯ୍ୟଙ୍କର ଅତି ବାଇଗଣି ବା ଅଲଟ୍ରାଭାଓଲେଟ୍ ରଶ୍ମୀକୁ ଛାଣି ପୃଥିବୀ ପୃଷ୍ଠକୁ ପଠାଉଛି ଯେଉଁଥିପାଇଁ ଆମେ ସୁରକ୍ଷିତ ।



ବିଟା : ଏହି ଓଜୋନ ସ୍ତର ଯଦି ସବୁବେଳେ ଅଛି ତେବେ ପୁଣି ବେଳେ ବେଳେ ଏ ଅସୁବିଧା କାହିଁକି ହେଉଛି ?

ପ୍ରଫେସର : ବଢ଼ିଆ ପ୍ରଶ୍ନଟିଏ । ମାନବ ଜାତିର ଅପରିଣାମ ଦର୍ଶିତା ଯୋଗୁ ଓଜୋନ ସ୍ତରର ପରିମାଣ ୨୦୦ ଡି ୟୁରୁ (ଡୋବସନ୍ ଇଉନିଟ୍) କମିଯାଏ । ତାହାକୁ ଓଜୋନ ଗର୍ତ୍ତ ବୋଲି କୁହାଯାଏ । ଏହି ଗର୍ତ୍ତଦେଇ ଯେଉଁ ଗାଢ଼ ବାଇଗଣି ରଶ୍ମୀ ପୃଥିବୀ ପୃଷ୍ଠକୁ ଆସେ ତାହା ଅତ୍ୟନ୍ତ ତୀକ୍ଷ୍ଣ ଏବଂ ଜୀବ ଜଗତକୁ କ୍ଷତି ପହଞ୍ଚାଏ ।

ଆଲଫା : ତେବେ ଏହି ଓଜୋନ ଗର୍ତ୍ତ କାହିଁକି ସୃଷ୍ଟି ହେଉଛି ।

ପ୍ରଫେସର : ଏସି, ରେଫ୍ରିଜେରେଟର, ବିମାନ, ଅତ୍ୟଧିକ ରାସାୟନିକ ସାରର ପ୍ରୟୋଗ ଦ୍ୱାରା ନାଇଟ୍ରିକ୍ ଅକ୍ସାଇଡ୍ (Nitric Oxide) ପ୍ରୟୋଗ ଦ୍ୱାରା ନାଇଟ୍ରିକ୍ ଅକ୍ସାଇଡ୍ (Nitric Oxide) ହାଇଡ୍ରୋକ୍ସିଲ (Hydroxyl) ଆଟୋମିକ୍ କ୍ଲୋରିନ (Atomic Clorine) ଆଟୋମିକ୍ ବ୍ରୋମିନ୍ (Atomic Bromine) .....ଗ୍ୟାସ ବାୟୁମଣ୍ଡଳରେ ମିଶେ । ଯାହାକି Ozone Gas ସହିତ ରାସାୟନିକ ପ୍ରତିକ୍ରିୟା କରି ଓଜୋନ ଗ୍ୟାସ କୁ କମାଇ ଦିଏ । ଯେଉଁ ଯାଗାରେ ଏହା କମିଯାଏ ସେ ସ୍ଥାନରେ ଓଜୋନ ଗର୍ତ୍ତ ସୃଷ୍ଟିହୁଏ ।

ବିଟା :ଏ ସବୁ କ୍ଷତିକାରକ ଗ୍ୟାସ କ'ଣ ଆଗରୁ ନଥିଲା ।

ପ୍ରଫେସର :ଥିଲା ହେଲେ, କଳକାରଖାନା ବଢ଼ିବା ସହିତ କ୍ଲୋରିନ୍ ଆଉ ବ୍ରୋମିନ୍ ଗ୍ୟାସର ଅତ୍ୟଧିକ ନିର୍ଗତ ଯୋଗୁ ଓଜୋନ ସ୍ତରର ଅତ୍ୟଧିକ କ୍ଷତି ହେବାରେ ଲାଗିଛି । ଆକଳନରୁ ଜଣାଯାଉଛି ଗୋଟିଏ କ୍ଲୋରିନ୍ CL ଅଣୁ ୧,୦୦,୦୦୦ ଓଜୋନ ଗ୍ୟାସକୁ ଭାଙ୍ଗି ଓଜୋନ ସ୍ତରକୁ କ୍ଷତ ବିକ୍ଷତ କରିଦିଏ । ତେଣୁ କ୍ଲୋରୋଫ୍ଲୋରୋ କାରବନ ଓ ବ୍ରୋମୋ ଫ୍ଲୋରୋ କାରବନ ଅତ୍ୟନ୍ତ କ୍ଷତିକାରକ ଗ୍ୟାସ ।

ଆଲଫା :ଓଜୋନ ସ୍ତରର କ୍ଷତିରେ କ୍ଷତିଗ୍ରସ୍ତ ଲୋକଙ୍କର କିଛି ହିସାବ ଅଛି ।

ଡାକ୍ତର :ହଁ, ବିଗତ ଦିନର ହିସାବରୁ ଜଣାପଡ଼େ ୧,୩,୦୦୦ ପାଖା ପାଖି ଲୋକ ମେଲୋନୋମା (Melonoma) ରୋଗରେ ଆକ୍ରାନ୍ତ ହୋଇଛନ୍ତି, ପାଖାପାଖି ୬୬,୦୦୦ ଲୋକ ଚର୍ମ କର୍କଟରେ ପିଡ଼ୀତ ହୋଇଛନ୍ତି ।

ବିଟା :ଏହାକୁ ରୋକିବା ପାଇଁ କି କି ପଦକ୍ଷେପ ନିଆ ଯାଇଛି ।

ପ୍ରଫେସର :୧୯୮୨ ମସିହା ସେପ୍ଟେମ୍ବର ୧୬ ତାରିଖରେ ଐତିହାସିକ ମଣ୍ଟ୍ରିଲ ପ୍ରୋଟୋକଲ ସ୍ୱାକ୍ଷରିତ ହୋଇଥିଲା । ଏଥିରେ ନିଷ୍ପତି ନିଆଯାଇଛି ଯେଉଁ ଗ୍ୟାସ ଓଜୋନ ସ୍ତରର କ୍ଷତି ପହଞ୍ଚାଉଛି ସେହି ଗ୍ୟାସର ବିକଳ୍ପ ବାଛି ଧୀରେ ଧୀରେ ସେହି କ୍ଷତିକାରକ ଗ୍ୟାସର ବ୍ୟବହାର ବନ୍ଦ କରିବା ପାଇଁ ।

ଆଲଫା : ଏବେତ ଫାଦରସ ଡ଼େ, ମଦରସ୍ ଡ଼େ ଏମିତି କେତେ କ'ଣ ଡ଼େ ହେଲାଣି । ହେଲେ ଓଜୋନ ପାଇଁ କାହିଁକି କିଛି ହେଉନି ।

ଡାକ୍ତର :ଅଛି ଅଛି । Ozone ସ୍ତର ପାଇଁ ମଧ୍ୟ ଅଛି । ସେପ୍ଟେମ୍ବର ୧୬ ତାରିଖକୁ ବିଶ୍ୱ ଓଜୋନ ଦିବସ ରୂପେ ପାଳନ କରାଯାଉଛି ।

ବିଟା :ବାଃ........ ଏତ ବଢ଼ିଆ କଥା । ହେଲେ ଆମପରିକା ସାଧାରଣ ଜନତା ଏକଥା ନିହାତି ଜାଣିବା ଦରକାର । ତା ହେଲେ ଯାଇ ସମସ୍ତେ ସଚେତନ ହେବେ ଆଉ ଓଜୋନ ସ୍ତରର ରକ୍ଷା କରିବେ ।

ଆଲଫା :ପ୍ରଫେସର ରେ, ଡ଼ାକ୍ତର ମାମା ଆପଣ ଆମକୁ ଅନେକ ଜାଣିବା କଥା କହିଲେ ।

ଆଲଫା : ଏବେ ଆମେ ଆସୁଛୁ ନମସ୍କାର ।

ଓ ବିଟା

ଡାକ୍ତର ଓ : ନମସ୍କାର

ପ୍ରଫେସର



# ଜଙ୍ଗଲ ନିଆଁ

ବନଜ ବିହାରୀ ମହାପାତ୍ର

କଥାଂଶ : କ୍ଷୁଦ୍ର ନାଟିକା ଜଙ୍ଗଲ ନିଆଁର ନାୟୀକା ବନାନୀ । ସିଏ ବି କୋଟାଏ ବନ ସୁରକ୍ଷା ସମିତିର ସଭ୍ୟା । ପ୍ରାଣ ଦେଇ ଭଲ ପାଆନ୍ତି ଜଙ୍ଗଲ ଆଉ ଜଙ୍ଗଲ ପ୍ରାଣୀଙ୍କୁ । ତାଙ୍କର ସେହି ସଂରକ୍ଷିତ ଜଙ୍ଗଲକୁ ଦିନେ ଶଙ୍କରା ଏବଂ ପରମା ବୋଲି ଦୁଇଜଣ ଲୋକ ନିଆଁ ଲଗାଇ ଦିଅନ୍ତି ଏବଂ ବଣ ଜନ୍ତୁଙ୍କୁ ମାରନ୍ତି । ଏ କଥା ବରଦାସ୍ତ କରିପାରି ନାହାନ୍ତି ବନାନୀ । ସେହି ଦୁଇ ଜଣଙ୍କୁ ପାନେ ଦେବାକୁ ଯାଆନ୍ତି ପୋଲିସ ଷ୍ଟେସନ । ସେହି ଦୁଇ ଜଣଙ୍କ ବହପ ଭାଙ୍ଗି ତାଙ୍କୁ ଏମିତି ପାନେ ଦିଅନ୍ତି ଯେ ସେମାନେ ତାଙ୍କ ନିଜ ଭୁଲ ବୁଝି ପାରନ୍ତି । ସେହିଦିନ ଠାରୁ ସେମାନେ ଜଙ୍ଗଲରେ ନିଆଁ ଲଗେଇବା ତ ଭୁଲିଗଲେ ବରଂ ଜଙ୍ଗଲକୁ ଏବଂ ଜଙ୍ଗଲ ଜନ୍ତୁଙ୍କୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଦୃଢ ସଂକଳ୍ପ କରନ୍ତି ।

"ଜଙ୍ଗଲରେ ନିଆଁ ଲାଗିଥିବାର ଦୃଶ୍ୟ । ଦୁଇଜଣ ନିଆଁ ଲଗେଇ ମଜା ନେଉଥାନ୍ତି । ନିଆଁ ଦାଉରେ ଡହଳ ବିକଳ ହୋଇ ଜୀବଜନ୍ତୁଙ୍କର ଇଆଡେ ସିଆଡେ ଦୌଡୁଥିବାର ଦୃଶ୍ୟ ଦେଖି ଦୁଇଜଣଯାକ ମଜା ନେଉଥାନ୍ତି । ବାଡିରେ ଛୋଟ ଛୋଟ ଜୀବକୁ ଆକ୍ରମଣ କରିବା ପାଇଁ ଦୌଡୁ ଥାନ୍ତି ।"

ଶଙ୍କରା : ଆରେ ହେ ପରମା ... ଲଗା .... ଲଗା, ଆରେ ସେ ଆର ବୁଦାଟାରେ ଶୀଘ୍ର ନିଆଁ ଲଗା । ଦେଖିବୁ ଏଇ ବୁଦାଟାରେ ନିଶ୍ଚିତ କିଛି ଜନ୍ତୁ ଥିବେ ।

ପରମା : ମୁଁ ନିଆଁ ଲଗାଉଛି । ହେଲେ ଠେଙ୍ଗାଟା ତୁ ଠିକ୍ କରି ଧରିଥା । ଠେକୁଆ ବାହାରିଲେ ଦେବୁ ପାହାରେ । ଯେମିତି ଏଇଠି ପଡିଯିବ ।

ଶଙ୍କରା : ମୋ ଲକ୍ଷ କଥା ତ ତୁ ଠିକ୍ ଜାଣିଛୁ । ଦେଖିବୁ । ଏକା ପାହାରକରେ ମାଟି କାମୁଡି ପଡିବ ।

ପରମା : ଦେଖ ଲଗେଇଲି । କ'ଣ ଗୋଟାଏ ଖସ ଖସ୍ ହେଲାଣି, ଜଗିଥା ... । ଖସି ନଯାଏ ଯେମିତି ।

ଶଙ୍କରା : ଲଗା ବା । କେତେ କଥା ଗପୁଛୁ ।

ପରମା : କଞ୍ଚା ବୁଦାଟାତ ଠିକ୍‌ରେ ନିଆଁ ଲାଗୁନି ।

ଶଙ୍କରା : ଛାଡ ଛାଡ ତୁ ତା କୋଉ କୁଳର ନୁହଁ । ସେଇ ଶୁଖିଲା ପତ୍ର ପଟଟା ଲଗାଯେ ହୁତୁ ହୁତୁ ହୋଇ ଜଳିବ ।

ପରମା : ମଲା ମତେ କଣ ବୋକା ଭାବିଛୁ । ହେଇ ଧରିଲା ଧରିଲା ନିଆଁ । ବାହାରିଲା ... ହାଁ ... ହାଁ ବାହାରିଲା । ଦେଖ୍ ... ଦେଖ୍ ... ଜଗିକି ରହିଥା ।

ଶଙ୍କରା : ତୁ ବ୍ୟସ୍ତ ହେନା ରେ ...... ମୁଁ ଠିକ୍ ଜଗିଛି ....

ପରମା : ହେଇ ହେଇ ... ସେପଟେ ବାହାରିଲା

ଶଙ୍କରା : ଦଉଛି ଦଉଛି ... ରହ ... ପୁଅ ଯିବ କୁଆଡେ (କହି କହି ପାହାରେ ଦେଲା)

ପରମା : ଗଲା ... ଯା .... ଭିତରକୁ ପଶିଗଲା । ତରବର ହୋଇ ଆଗବୁରା ପାହାରଟା ବସେଇ ଦେଲୁ । ତରିକି ସେ ବୁଦା ଭିତରକୁ ପଶିଗଲା ।

ଶଙ୍କରା : ଯାଉ କେତେ ବାଟ ଯିବ । ମୁହଁରେ ନିଆଁ ଧାସ ବାଜିଲେ ପୁଣି ପଦାକୁ ଆସିବ ଆପେ ଆପେ ।

ପରମା : ହଉ ... ଏଥର ଜମାରୁ ଛାଡିବୁନି କହୁଛି ।

ଶଙ୍କରା : ତୁ ସେ ପଟେ ଜଗିଥା ମୁଁ ଏପଟେ ଜଗିଛି । ପୁଅ ପଦାକୁ ଆସୁ । 

ପରମା : ଗଲା ... ଗଲା ... ମାର ... ମାର ...

ଶଙ୍କରା : (ଧୁମ କରି ପାହାରଟାଏ କଷିଦେଲା ସେ ଠେକୁଆଟି ସେଇଠି ପଡିଗଲା) ଦେଖିଲୁ ମୁଁ କଣ କହୁଥିଲି, ଏକା ପାହାରକରେ ପୁଅକୁ ମାଟି କାମୁଡେଇ ଦେବି । ଦେଖିଲୁନା ନାହିଁ ?

ପରମା : ସତେ ଯେମିତି ବାଘ କି ସିଂହଟାଏ ମାରି ଦେଇଛି । ଠେକୁଆଟା ମାରି ଦେଇଛି ବୋଲି ପୁଅର ବହପ ଦେଖ ।

ଶଙ୍କରା : ସେତିକି କରିକି ଦେଖା ତା ପରେ କହିବୁ ।

ପରମା : ତୁ କ'ଣ ଭାବୁଛୁ ମୋ ଆଡେ ଆସିଥିଲେ ମୁଁ କ'ଣ ଛାଡି ଦେଇଥାନ୍ତି ପୁଅକୁ ଦେଇଥାନ୍ତି ନା ପାନେ ।

ଶଙ୍କରା : ଯାହା ହେଉ ଆଜି ଖାଇବାଟା ଜମିଯିବ ।

ପରମା : ଗୋଟାଏ ଠେକୁଆରେ କ'ଣ ହେବ । ଚାଲ ଆଉ ବୁଦାରେ ନିଆଁ ଲଗାଇବା । ଆଉ କ'ଣ ମିଳିଯିବ ।

ଶଙ୍କରା : ତଦ୍ଦେଇ ମିଳିଲେବି ଚଳିବ ।

ପରମା : ଚାଲ ସେପଟ ବୁଦାରେ ଦେଖିବା ।

(କହି କହି ଆର ବୁଦା ଆଡେ ଚାଲିଲେ)

## ୨ୟ ଦୃଶ୍ୟ

(ଗାଁ ର ସ୍ତ୍ରୀ ଲୋକଟିଏ ନାଁ "ବନାନୀ" । ଜଣେ ପ୍ରକୃତି ପ୍ରେମୀ ଆଉ V.S.S ର ସଭ୍ୟା । ହଠାତ୍ ଦେଖନ୍ତି ଜଙ୍ଗଲରେ ଧୂଆଁ ଦେଖା ଯାଉଛି । ତୁରନ୍ତ ଜଙ୍ଗଲ ଆଡେ ଯାଉଛନ୍ତି ଜାଣିବା ପାଇଁ) ।

ବନାନୀ : ଆରେ ଏ ଜଙ୍ଗଲ ଭିତରୁ କ'ଣ ଧୂଆଁ ଦେଖା ଯାଉଛି । କ'ଣ କିଛି ଅଘଟଣ ଘଟିଲା କି ? ଖରା ଦିନଟା ... ଯଦି ... ନିଆଁ ଲାଗିଥିବ ତା ହେଲେ ତ ନିମିଷକରେ ଜଳି ପୋଡି ପାଉଁଶ ହୋଇଯିବ । ନାଇଁ ଯାଏ ଦେଖି ଆସେ ।

(କହି କହି ଜଙ୍ଗଲ ଆଡକୁ ଚାଲିଲେ । ସିଆଡେ ଶଙ୍କରା ଆଉ ପରମା ବୁଦାପରେ ବୁଦାରେ ନିଆଁ ଲଗାଇ ଚାଲିଥାନ୍ତି ।)

ଶଙ୍କରା : କ'ଣ ଯେ ତୁ କରୁ ପରମା । ତୋ କଥା ମୁଁ କିଛି ବୁଝିପାରୁନି ।

ପରମା : ଦେଖୁନୁ ପରା ନିଆଁ ଲଗାଉଛି ବୁଝିପାରୁନୁ କଣ ?

(ଏତିକି ବେଳେ ପହଞ୍ଚନ୍ତି ବନାନୀ)

ବନାନୀ : ଆରେ ତମେ ଦିହା କିଏ ? ଏଠି କଣ କରୁଛ ?

ଶଙ୍କରା : କ'ଣ ଜାଣିପାରୁନ । ଆମେ ପରା ନିଆଁ ଲଗେଇ ଠେକୁଆ ମାରୁଛୁ ।

ପରମା : ଆଜି ଟିକେ ଠେକୁଆ ମାଂସ ଖାଇବାକୁ ଇଛା ହେଲା ତ ସେଇଥି ପାଇଁ ।

ବନାନୀ : (ରାଗିକି) ଆରେ ଅଳପେଇସା ଛତରା । ତମକୁ ମରଣ ଯୁଟୁନି । ଆରେ ବିଚରା ସେଇ ନିରିହ ଛୋଟିଆ ଠେକୁଆଟା ତୁମର କ'ଣ କରିଥିଲା । ମାଂସ ଲୋଭୀ ରାକ୍ଷାସ ୨ଟା ତମେ ଶେଷରେ ଏଇ ଛୋଟିଆ ଠେକୁଆଟାକୁ ମାରି ଦେଲ । ଟିକିଏ ସ୍ୱାର୍ଥ ପାଇଁ ଏ ସୁନ୍ଦର ସବୁଜ ଜଙ୍ଗଲରେ ନିଆଁ ଲଗାଇ ପାଉଁଶ କରିଦେବାକୁ ବସିଛ । ତମରି ମାନଙ୍କ ପରି ସ୍ୱାର୍ଥୀ ଅବବେକିଆଙ୍କ ପାଇଁ ଆଜି ଏ ପୃଥିବୀ ହୁତୁହୁତୁ ଜଳିବାକୁ ବସିଲାଣି । ବର୍ଷାଦିନେ ବର୍ଷା ହେଉନି । ଶୀତ ଦିନେ ଶୀତ ନାହିଁ । ପୃଥିବୀ ଧ୍ୱଂସ ପାଇବାକୁ ବସିଲାଣି ।

ଶଙ୍କରା : ମଲାମୋର । ଯେମିତି ଆମେ ଆଜି ପ୍ରଥମ ଥର ପାଇଁ ଜଙ୍ଗଲରେ ନିଆଁ ଲଗେଇଲୁ ।

ପରମା : ଆଗରୁ ଏମିତି କେତେ ଥର ଆମେ ଜଙ୍ଗଲରେ ନିଆଁ ଲଗେଇଛୁ ନା .... ।

ବନାନୀ : ସେ ଯୁଗ ଥିଲା ଅଲଗା । ହେଲେ ଏବେ ଆଉ ସେ ଯୁଗ ନାହିଁ । ତମେ ୨ଜଣ ଜଙ୍ଗଲକୁ ନିଆଁ ଲଗେଇଛ ଏବଂ ଜଙ୍ଗଲ ଜନ୍ତୁକୁ ଶୀକାର କରିଛ ସେଥି ପାଇଁ ତୁମକୁ ସଜା ଭୋଗିବାକୁ ପଡିବ । ଏ କଥା କ'ଣ ତୁମେ ଜାଣନି ।

ଶଙ୍କରା : ଯା ... ଯା ... ଆମର କିଏ କ'ଣ କରିବ କରୁ । ଆମେ କ'ଣ କାହାକୁ ଡରିଛୁ ।

ପରମା : ଏଇଟା କାହା ବାପା ଜାଗା ନୁହଁ ବା । ଏ ଜଙ୍ଗଲ ସରକାରଙ୍କର । ଏଠି ଆମେ ଯାହା ଚାହିଁବୁ କରିବୁ ।

ବନାନୀ : କ'ଣ କହିଲ । ଯାହା ଚାହିଁବ ତାହା କରିବ । ତମର କେହି କିଛି କରିପାରିବେନି । ମତେ ରଗାନି କହୁଛି ।

ଶଙ୍କରା : (ତାଚ୍ଛଲ୍ୟ କରି) ଆରେ ପରମା ତାକୁ ରଗାନି ରେ । ସେ ରାଗିଲେ ଆମର କ'ଣ ନାହିଁ କ'ଣ କରିଦେବ ।

ପରମା : (କିରି କିରି ହେଇ ହସି) ମତେ ତ ଭାରି ଡର ଲାଗିଲାଣି । ଦେଖୁନୁ ଡରରେ ମୋ ମୁଣ୍ଡରୁ କେମିତି ଝାଳ ବାହାରିଲାଣି ।

ବନାନୀ : କଥା କିଛି ଭଲ ହେଉନି କହୁଛି । ମୁଁ ଏଇ ସାଙ୍ଗେ ସାଙ୍ଗେ ଯାଇ ଜଙ୍ଗଲ ବିଭାଗ ଆଉ ପୁଲିସରେ ତୁମ ବିରୁଦ୍ଧରେ ଖବର ଦେବି । ତା ପରେ ପୁଣ ଦେଖିବ ମୁଁ ତମର କଣ କରୁଛି କି ନାହିଁ ।

(ଚିତ୍କାର କରି ବନାନୀ ଗାଁ ଲୋକଙ୍କୁ ଡାକ ଛାଡିଲା ଏତିକିରେ ଶଙ୍କରା ଆଉ ପରମା ଡରିଗଲେ ଏବଂ ସେ ଜାଗା ଛାଡି ଚାଲିଗଲେ ।)

କିଏ କୁଆଡେ ଅଛ । ଧାଇଁ ଆସ ହୋ ଧାଇଁ ଆସ । ଆଉ ଗାଁର ଶଙ୍କରା ଆଉ ପରମା ଆମ ଜଙ୍ଗଲରେ ନିଆଁ ଲଗେଇ ଦେଲେଣି ।

ଶଙ୍କରା : ଦେଖ ବନାନୀ ତୁ କିଛି ଭଲ କରୁନୁ ।

ପରମା : ତୁ ଆମକୁ ଚିହ୍ନୁନୁ ଆମର ଉପରେ ହାତ ଅଛି । ଆମେ ଚାହିଁଲେ କ'ଣ ନାହିଁ କଣ କରିପାରିବୁ ।

ବନାନୀ : ମୁଁ ତୋର ଏଇ ଧମକକୁ ଡରିନି । କର ତୁ କ'ଣ କରୁଛୁ, ଆଉ ମୁଁ କଣ କରିପାରିବି କରିବି ।

ଶଙ୍କରା : ହଉ ଠିକ୍ ଅଛି, ଆଜି ଚାଲି ଯାଉଛି, ହେଲେ ତୋର ଏକଥା ମୋର ମନେ ରହିଲା ।

ପରମା : ମୋ ପାଖାର ବଳରେ ମୁଁ କ'ଣ କରୁଛି ଦେଖ୍ ।
(କହି କହି ଚାଲିଗଲେ)

ବନାନୀ : ଆରେ ଯଦି ଏତେ ଟାଣୁଆ ମରଦ ପୁଅ ତା ହେଲେ ରହୁନ ଗାଁବାଲା ଆସିବା ଯାଏ । ଏମିତି ମାଇଚିଆଙ୍କ ପରି ଚାଲିଯାଉଛ କାହିଁକି ଲାଙ୍ଗୁଡ ଜାକିକି ।

(ହଠାତ୍ କୋଳାହଳ କାହିଁ କିଏ ? କୁଆଡେ ଗଲା ମାରିକି ତାଙ୍କୁ ଟିକ୍ ଟିକ୍ କରିଦେବା)

ବନାନୀ : ମାଇଚିଆ ୨ଟା ଯାକ ଚାଲିଗଲେଣି । ଚାଲ ଚାଲ ପାଣି ପକାଅ, ଶୁଖିଲା ପତ୍ରକୁ ଆଡେଇ ନିଆଁଠୁ ଦୂରେଇ ଦିଅ ।

ଓ ହୋଃ ନିଆଁ ଲିଭିଲା । ବଡ ବିପଦରୁ ଜଙ୍ଗଲକୁ ରକ୍ଷା ମିଳିଗଲା । ହେଲେ ଏ ଶଙ୍କରା ଆଉ ପରମା କୁ ମୁଁ ଛାଡିବିନି ପାନେ ଦେବି ନ ହେଲେ ମୋ ମନ ଥଣ୍ଡା ହେବନି ।

୩ୟ ଦୃଶ୍ୟ

(ପୋଲିସ ଷ୍ଟେସନ । ବସିଥାନ୍ତି ପୋଲିସ୍ । ବନାନୀ ପହଞ୍ଚିଲା)

ବନାନୀ : ନମସ୍କାର ପୁଲିସ୍ ବାବୁ ।

ପୁଲିସ : ନମସ୍କାର । କ'ଣ ହେଲା କିଛି ଅସୁବିଧା ହେଲା କି ?

ବନାନୀ : ଆର ପଟ ଗାଁର ଶଙ୍କରା ଆଉ ପରମା ଆମ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗେଇ ଦେଇଛନ୍ତି । ଠେକୁଆ ମଧ ମାରିଛନ୍ତି । ମୁଁ ତାଙ୍କୁ ବିରୋଧ କରିବାରୁ ସେ ଦୁଇଜଣ ମତେ ଇଆଡୁ ସିଆଡୁ କରି କହିଛନ୍ତି ଦେଖି ଦେବେ ବୋଲି ।

ପୁଲିସ : ହଉ ହେଲା ବୁଝିବା ।

ବନାନୀ : ନାଇଁ ଆଜ୍ଞା ଆପଣ କିଛି ଗୋଟାଏ କରନ୍ତୁ । ନହେଲେ ଆଜି ଶଙ୍କରା ଆଉ ପରମା କଲେ କାଲି ଆଉ କିଏ କରିବ । ତେଣୁ ଉଠା ମୁହଁରେ ପାହାରେ ନ ଦେଲେ ସେମାନେ ସାବାଡ୍ ହେବେନି କି ଏ ଜଙ୍ଗଲକୁ ସୁରକ୍ଷା ଦେଇ ହେବନି ।

ପୁଲିସ : ନାଇଁ ନାଇଁ ମୁଁ ସେ କଥା କହୁନି । ମୁଁ ତ ନିଶ୍ଚିନ୍ତ ପଦକ୍ଷେପ ନେବି । ହେଲେ ତୁମେ ଟିକେ ବନ ବିଭାଗ ଅଫିସରଙ୍କୁ ଜଣାଇ ଦିଅ ।

ବନାନୀ : ମୁଁ ଆମ ରେଞ୍ଜର ବାବୁଙ୍କୁ ଏକଥା ଜଣାଇ ଦେଇଛି । ଆଉ ତାଙ୍କରି ପରାମର୍ଶରେ ଆପଣଙ୍କ ପାଖକୁ ଆସିଛି ।

ପୁଲିସ : ମୁଁ ଆମ ହାବିଲଦାର ବାବୁଙ୍କୁ ପଠାଇ ସେ ଦୁଇଜଣଙ୍କୁ ଥାନାକୁ ଡାକି ଆଣୁଛି । ତାଙ୍କ ଭୁଲ ପାଇଁ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି ।

ବନାନୀ : ଦେଖନ୍ତୁ ସାର ଆପଣ ତାଙ୍କୁ ବୁଝାନ୍ତୁ ବା ଶାସ୍ତି ଦିଅନ୍ତୁ କିନ୍ତୁ ଠିକ୍ ବାଟକୁ ଆଣିବା ପାଇଁ ଚେଷ୍ଟା କରନ୍ତୁ । ଯଦି ସେମାନେ ବାଟକୁ ନଆସନ୍ତି ତେବେ ମୁଁ ଗାଁବାଲାଙ୍କୁ କହି ଆଇନକୁ ହାତକୁ ନେବାକୁ ବାଧ ହେବି ।

ପୁଲିସ : ନାହିଁ ଆପଣ ସେମିତି କିଛି କରିବେ ନାହିଁ । ଆପଣଙ୍କର କ'ଣ ଆଇନ୍ ଉପରେ ଭରସା ନାହିଁ । ଆଇନ୍‌ର ହାତ ଅନେକ ଲମ୍ବା । ଦିନେନା ଦିନେ ଦୋଷୀ ଉଚିତ୍ ଦଣ୍ଡ ପାଇବ । ଏ ଭରଷା ଆପଣ ଆମ ଉପରେ ରଖନ୍ତୁ ।

ବନାନୀ : ସେଇ ଭରଷା ଅଛି ବୋଲିତ ଆସି ଆପଣଙ୍କ ପାଖରେ ଅପିଲି କଲି । ନ ହେଲେ ସେମାନେ ମତେ ଯେଉଁ ପ୍ରକାର ବେଇଜ୍ଜତ୍ କରିଛନ୍ତି ଆଉ ମୋ ଜଙ୍ଗଲର କ୍ଷତି କରିଛନ୍ତି ମୁଁ ସେମାନଙ୍କୁ କେବେବି ଛାଡି ନଥାନ୍ତି ।

ପୁଲିସ : ଆପଣ ଆମକୁ ଏକ ଲିଖିତ ଅଭିଯୋଗଟିଏ ଦିଅନ୍ତୁ ।

ବନାନୀ : ମୁଁ ଆଜ୍ଞା ଘରୁ ଲେଖି ନେଇ ଆସିଛି । ହେଉ ନିଅନ୍ତୁ ।

ପୁଲିସ : ବାଃ ଆପଣତ ଆଗରୁ ହୁସିଆର ।

ବନାନୀ : ଠିକ୍ ଅଛି ସାର ମୁଁ ଏବେ ଆସୁଛି । କାଲିଆସି ବୁଝିଯିବି କ'ଣ ହେଲା । (ପ୍ରସ୍ଥାନ)

ପୁଲିସ : ଠିକ୍ ଅଛି ।
(ଏତିକି ବେଳେ ପ୍ରବେଶ କଲେ ଶଙ୍କରା ଆଉ ପରମା)

ଶଙ୍କରା : ନମସ୍କାର ସାର

ପରମା : ସାର ନମସ୍କାର

ପୁଲିସ : ନମସ୍କାର । ହଜିଲା ବଳଦ ଖୋଜିଲା ଠେଇଁ ।

ଶଙ୍କରା : ଆପଣ ଆମକୁ ଖୋଜୁଥିଲେ

ପୁଲିସ : ହଁ

ପରମା : ଆମର ପରା ଉପର ପର୍ଯ୍ୟନ୍ତ ହାତ ଅଛି । ଆମକୁ ଖୋଜିବେନି ଆଉ କ'ଣ ବନାନୀଙ୍କୁ ଖୋଜିବେ ।

ଶଙ୍କରା : ଯେତେବେଳେ ପିଠିରେ ଗୋପାଳି ବାଜିବ କୋଉ ଲୋକ ଆମ ପିଠିରେ ପଡିବେ ନାହିଁ।

ପୁଲିସ : କଣ ଚୁପ ଚାପ କଥା ହେଉଛ। ବଡ ପାଟିରେ କୁହ ଆମେ ଶୁଣିବା।

ଶଙ୍କରା : ଆପଣ ଆମକୁ ଖୋଜୁଥିଲେତ ସେଇ କଥା କହୁଥିଲା।

ପରମା : ହେଲେ ଆପଣ ଆମକୁ କାହିଁକି ଖୋଜୁଥିଲେ।

ପୁଲିସ : ତୁମ ଦୁଇ ଜଣଙ୍କ ନାମରେ ଅଭିଯୋଗ ଅଛି ।

ଶଙ୍କରା : ଅଭିଯୋଗ ପୁଣି ଆମ ନାଁରେ।

ପରମା : କାହାର ଏତେ ସାହାସ ସେ ପୁଣି ଆମ ନାଁରେ ଅଭିଯୋଗ କରିଛି।

ପୁଲିସ : କାହିଁ ତମେ କ'ଣ ହେଇଗଲ କି ?

ପରମା : ଆମ ହାତ ବହୁତ ଲମ୍ବା।

ପୁଲିସ : ଲମ୍ବା ହାତକୁ କେମିତି ଛୋଟ କରିବାକୁ ହୁଏ ସେ କଥା ଆମେ ଠିକ୍ ଜାଣିଛୁ। ଦେଖୁତ ଏଇନେ (କହି ଏକ ପାହାର ଦେଲା)



ପରମା : ଇଲୋ ବୋଉଲୋ .....

ପୁଲିସ : କଣ ହାତ ଛୋଟ ହେଲା ନା ଆଉ ଦେବି।

ପରମା : ନାହିଁ ଆଜ୍ଞା ଆଉ କହିବିନି।

ଶଙ୍କରା : ଚୁପ୍ ପରମା ଚୁପ୍ ...। କାହା ସହିତ କେମିତି କଥା ହେବାକୁ ହୁଏ ସେ କଥା କଣ ତୁ ଭୁଲିଗଲୁଣି।

ପରମା : ଭୁଲିଯାଇଥିଲି ଏବେ ସବୁ ମନେ ପଡିଗଲାଣି।

ପୁଲିସ : ତୁମ ଭଳିଆ ଲୁଚି ମାନଙ୍କୁ ନିଜ ଔକାତ୍ ମନେ ପକେଇ ଦେବାକୁ ଏଇ ଲାଠି ହିଁ କାଫି।

ପରମା : ନାହିଁ ସାର ଆଉ ସେ ଲାଠି ଦେଖାନ୍ତୁ ନାହିଁ। ଆପଣ ଯାହା କହିବେ ଆମେ ମାନିବୁ।

ପୁଲିସ : ଆରେ ସ୍ୱେରର ମୁହଁ ଟାଣ।

ଶଙ୍କରା : ନାହିଁ ଆଜ୍ଞା ଆଉ ରାଗନ୍ତୁନି। ସେ ଜାଣିନି ଆପଣ ଚାହିଁଲେ କ'ଣ କରିପାରିବେ। ତାକୁ କ୍ଷମା କରି ଦିଅନ୍ତୁ।

ପୁଲିସ : ଦେଖ ସମସ୍ତେ ଭଲରେ ବୁଝ ସେ କଥା ମୁଁ ଚାହେଁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ କେବଳ ଧନ ଜୀବନ ପାଇଁ କ୍ଷତି। ତେଣୁ ଆପୋଷ ମିଳାମିଶା କରି ସମସ୍ୟାର ସମାଧାନ କର ନହେଲେ .....

ଶଙ୍କରା : ଆପଣ ଠିକ୍ କହିଛନ୍ତି ସାର।

ପୁଲିସ : ଉଦେଶ୍ୟ ମୂଳକ ଭାବରେ ଜଙ୍ଗଲରେ ନିଆଁ ଲଗାଇବା ଏବଂ ଜଙ୍ଗଲ ଜନ୍ତୁଙ୍କୁ ଶୀକାର କରିବା ଦଣ୍ଡରେ ତୁମ ଦୁଇ ଜଣଙ୍କୁ ଦଣ୍ଡିତ କରି ଜେଲର ଅନ୍ଧାରୀ କୋଠରୀ ଭିତରେ ପୂରିକି ଦେବି ଯେ ପୁଅ ଘଣା ପେଲୁଥିବ ଆଉ ଭାବୁଥିବ।

ପରମା : ସାର ଆମର ଭୁଲ ହେଇଯାଇଛି। ଆମକୁ କ୍ଷମା କରିଦିଅନ୍ତୁ। ଏମିତି ଭୁଲ ଆଉ କରିବୁ ନାହିଁ।

ପୁଲିସ : ଯେଉଁ ଭୁଲ ମତେ ମାଗୁଛ ଯାଅ ବନାନୀ ମାଡାମଙ୍କୁ ମାଗ ସେ ଚାହିଁଲେ କେସ୍ ଉଠେଇ ନେଲେ ଯାଇ ମୁଁ ଯାହା କରିପାରିବି।

ଶଙ୍କରା : ମୁଁ କ'ଣ କରିଥିଲିକି। ଜଣେ ସ୍ତ୍ରୀ ଲୋକଙ୍କୁ ଭୁଲ ମାଗିଲେ ଆମ ଇଜ୍ଜତ୍ ....

ପୁଲିସ : ଚୁପ .... କୁମ୍ଭୀର ହେଇ ମଛି ନଈରେ କଲାଣି ପୁଅ ଇଜ୍ଜତ୍ ଜଗୁଛି। ଇଜ୍ଜତକୁ ଏତେ ଡରଥିଲା ତ ଏମିତି ଭୁଲ କରି ମୁହଁ ଟାଣ କରି କଥା କହୁଥିଲ କାହିଁକି ?

ପରମା : (ଚୁପ ଚୁପ) ବୁଝିଲୁ ଶଙ୍କରା ଅବେଳାରେ ଭଗବାନ ବି ଗଧ ପାଦ ଧରିଥିଲେ ଆମେ ଏମିତି କଣ କି ?

ପୁଲିସ : ପୁଣି ଚୁପ ଚୁପ କ'ଣ କହୁଛୁ। ଆଉ ପାହାରେ ଦରକାରକି।

ପରମା : ନାହିଁ ଆଜ୍ଞା, ମୁଁ ତାକୁ ବୁଝାଉଥିଲି ଭୁଲ କରିଛେ ଯେତେବେଳେ ପ୍ରାୟଶ୍ଚିତ ତ ନିଶ୍ଚିତ କରିବା।

ପୁଲିସ : ଏବେ ଠିକ୍ କଥା ତୁମ ଦୁଇ ଜଣଙ୍କ ମୁଣ୍ଡରେ ପଶିଛି।

ଶଙ୍କରା : ଜେଲ ଭିତରେ ରହି ଚକି ପେଷିବା ଅପେକ୍ଷା ବନାନୀଙ୍କୁ କ୍ଷମା ମାଗିବା ବରଂ ଠିକ୍ ହେବ।

ପୁଲିସ : ଦେଖ ଏହା ନକରି ତୁମ ମାନଙ୍କର ଆଉ କୌଣସି ଉପାୟ ନାହିଁ। କାରଣ ଏକଥା ଏବେ ଟିଭି, ରେଡିଓ ଆଉ ଖବର କାଗଜରେ ବାହାରି ପଡିବ। କାରଣ ସମସ୍ତିଙ୍କୁ ବନାନୀ ମାଡାମ୍ ଏ ଖବର ଦେଇ ଦେଇଛନ୍ତି।

ଶଙ୍କରା : ହିଁ .... ସତରେ ନା କ'ଣ ?

ପୁଲିସ : ବିଲକୁଲ ସତ। ଦେଖ ଏହି କାଗଜ। ଏଇଥିରେ ଯାହା ଲେଖା ଅଛି ତାହାହିଁ ବାହାରିବ। ନିଅ ପଢ଼।

ପରମା : ଗତ କାଲି ଦୁଇଜଣ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ବନାନୀ ମାଡାମ୍ ସଂରକ୍ଷଣ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା

ଶଙ୍କରା : ଆରେ ପରମା ଆମ ଇଜ୍ଜତ୍ ମହତ ବାରଗଣ୍ଡା ବିକ୍ରି ହୋଇ ଯାଇଥାନ୍ତା ଯଦି ଆମ ନାଁ ଦେଇଥାନ୍ତେ ରକ୍ଷା ହୋଇଗଲା ନାଁ ଦେଇ ନାହାନ୍ତି । ଖାଲି ସବୁ ଲୋକ ଜାଣିବା ଆଗରୁ ଚାଲ ବନାନୀ ମାଡାମ୍‌ଙ୍କୁ ଭୁଲ ମାଗି କ୍ଷମା ପ୍ରାର୍ଥନା କରି ଘଟଣାର ସମାଧାନ କରିଦେବା ।

ପରମା : ବୁଝିଲୁ ଶଙ୍କରା ଆମେ ଏତେ ବେଇଜ୍ଜତ୍ କାମପରେ ବି ସେ ଆମ ନାଁ ଦେଇ ନାହାନ୍ତି ।

ପୁଲିସ : ଏବେ ବୁଝିଲତ । ତେଣୁ ଯାଅ ତାଙ୍କୁ ଦେଖାକର ।

## ୪ର୍ଥ ଦୃଶ୍ୟ

(ଶଙ୍କରା ଏବଂ ପରମା ରାସ୍ତାରେ ଯାଉଥାନ୍ତି । ହଠାତ୍ ଦେଖିଲେ ଦୈନିକ ଖବର କାଗଜରେ ବନାନୀର ଫଟ ବାହାରିଛି । ଲୋକମାନେ ତାଙ୍କୁ ଦେଖି କହୁଥାନ୍ତି ବନାନୀ ଆମ ଗୌରବ)

ଶଙ୍କରା : ଆରେ ପରମା, ଏ ଖବର କାଗଜରେ ସେ ଫଟଟା ବୋଧେ ବନାନୀର ।

ପରମା : ଆରେ ଶଙ୍କରା ଆଉ ବନାନୀ କହନାରେ । ବନାନୀ ମାଡାମ୍ କହ । ଦେଖୁନୁ ଲୋକମାନେ କେମିତି ସେଠି ଖବର କାଗଜକୁ ଘେରି ରହିଛନ୍ତି । ଆଉ ଆମ ଗାଁର ଗୌରବ ବନାନୀ ବୋଲି କହୁଛନ୍ତି ।

ଶଙ୍କରା : ବିଛା ମନ୍ତ୍ର ନ ଜାଣି ମିଛଟାରେ ସାପ ଗାତରେ ହାତ ପୁରାଇ ଦେଲେ ।

ପରମା : ଗତସ୍ୟ ଶୋଚନଂ ନାସ୍ତି । ଚାଲ ଭୁଲର ପ୍ରାୟଶ୍ଚିତ କରି ଆଲୋ ସଖି ଆପଣା ମହତ ଆପେ ରଖି ନିୟମ ପାଳନ କରିବା ।

ଶଙ୍କରା : ହେଲେ ଫଟଟା କାହିଁକି ବାହାରିଛି ସେ କଥା ଟିକେ ବୁଝିବା ।

ପରମା : ହଉ ମୁଁ ଖବର କାଗଜଟିଏ ଆଣୁଛି .....

ଶଙ୍କରା : ଯା ଆଣ । (ପରମା ଆଣିବା ପାଇଁ ଗଲା । ଶଙ୍କରା ମନକୁ ମନ) ନା ଆମେ ଯାହା କଲୁ ଠିକ୍ କଲୁନି ଭୁଲ କଲୁ ସେଥିରେ ପୁଣି ବନାନୀକୁ ଟକ୍କର ଦେଲୁ । ଏଇଟା ଠିକ୍ ହେଲାନି ।

ପରମା : ଆରେ ଶଙ୍କରା । ଯେଉଁ ଜଙ୍ଗଲରେ ଆମେ ନିଆଁ ଲଗାଇଥିଲେ ସେଇ ଜଙ୍ଗଲର ପୁନରୁଦ୍ଧାର, ରକ୍ଷଣା ବେକ୍ଷଣ କରିବାରେ ବନାନୀକୁ ପୁରସ୍କାର ମିଳିଛି । କାରଣ ତାଙ୍କ ଦ୍ୱାରା ଗଢ଼ାଯାଇଥିବା ବନ ସୁରକ୍ଷା ସମିତି ଉତ୍କୃଷ୍ଟ କାର୍ଯ୍ୟ କରିଥିବାରୁ ତାକୁ ଶ୍ରେଷ୍ଠ ବନ ସୁରକ୍ଷା ସମିତି ରୂପେ ବନ ବିଭାଗ ତରଫରୁ ପୁରସ୍କାର ମିଳିଛି । ବନାନୀର ସିଧା ସଳଖ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଥିବାରୁ ତାର ଫଟ ଖବର କାଗଜରେ ବାହାରିଛି ।

ଶଙ୍କରା : ଆମେ ଠିକ୍‌ରେ କିଛି ନଜାଣି ମିଛଟାରେ ....

ପରମା : ଯାହା ହେବାର ହୋଇଗଲାଣି । ସେ କଥା ଭାବି ଆଉ ଲାଭ ନାହିଁ ...... (ବନାନୀର ପ୍ରବେଶ) ହେଇତ ବନାନୀ ଇଆଡେ ଆସୁଛି ।

ଶଙ୍କରା : ତୁ ପରା କହୁଥିଲୁ ବନାନୀ ମାଡାମ୍ । ପୁଣି ବନାନୀ କଣ ?

ପରମା : ବନାନୀ ଅପା ଆମେ ତମ ପାଖକୁ ଯାଉଥିଲୁ । ତମ ସାଙ୍ଗରେ ଏଇଠି ଦେଖା ହୋଇଗଲା ।

ଶଙ୍କରା : ତମ ଫଟ ଖବର କାଗଜରେ ବାହାରି ଥିଲା ତ ସେଇଥି ପାଇଁ

ବନାନୀ : ଆରେ ତମେ ଦିଜଣ ଆମ ଜଙ୍ଗଲରେ ନିଆଁ ଲଗେଇଲ । ମତେ ଧମକ୍ ଦେଇଥିଲ । ହାତ ଲମ୍ବା ବୋଲି କହିଥିଲ । ଆଜି ଏମିତି ବନାନୀ ଦିଦି ବନାନୀ ଅପା କଣ ପାଇଁ ।

ଶଙ୍କରା : ଭୁଲ ଭଟକା ଯଦି କିଛି ହୋଇଯାଇଛି ତାର କଣ ...

ପରମା : ଛାଡ ସେ କଥା ଆମେ ଆମ ଭୁଲ ସ୍ୱୀକାର କରୁଛୁ

ବନାନୀ : ତମେମାନେ ବୋଧେ ଜାଣିନ ଓଡ଼ିଶା ଜଙ୍ଗଲ ଆଇନ୍ ୧୯୭୨ ଧାରା ୩୭ ଅନୁଯାଇ ସଂରକ୍ଷିତ ଜଙ୍ଗଲରେ ଉଦ୍ଦେଶ୍ୟ ମୂଳକ ଭାବେ ନିଆଁ ଲଗାଇଲେ ୧ ବର୍ଷ କାରାଦଣ୍ଡ ୨ହଜାର ଟଙ୍କା ଜୋରିମାନା ଆଉ କୋର୍ଟ ଯଦି ରାଏ ଦିଏ ନିଆଁ ଦ୍ୱାରା କ୍ଷତି ହୋଇଥିବା ଜଙ୍ଗଲ ମୂଲ୍ୟର ସମାନ ପରିମାଣର ଆର୍ଥିକ କ୍ଷତି ପୂରଣ ମଧ ଦେବାକୁ ହେବ ।

ଶଙ୍କରା : ଏତେ କଥା ଆମେ ଜାଣି ନ ଥିଲୁ ।

ବନାନୀ : ଖାଲି ସେତିକି ନୁହେଁ । ବନ୍ୟଜନ୍ତୁଙ୍କର କ୍ଷତି ହେଲେ ମଧ ଜୋରିମାନା ଆଉ ଜେଲ ଦଣ୍ଡ ଅଛି ।

ପରମା : ଏ କଥା ମୁଁ ବି ଜାଣି ନଥିଲି ।

ବନାନୀ : ତମେ ଜାଣ ବା ନ ଜାଣ । ହେଲେ ପୁଲିସ ବାବୁ ତୁମକୁ ଛାଡିଲେ କେମିତି ।

ଶଙ୍କରା : ନାହିଁ ସେ ଆମକୁ ଛାଡି ନାହାନ୍ତି, ଆମକୁ କହିଛନ୍ତି ତମକୁ ଦେଖା କରି ଯାଇ ତାଙ୍କୁ ଖବର କହିବା ପାଇଁ ।

ବନାନୀ : ଭୁଲ

ଶଙ୍କରା : କୁଆଡେ

ବନାନୀ : ଥାନାକୁ

ପରମା : ନାହିଁଲୋ ବୋଉ ସେ ଥାନା କଥା ଆଉ କୁହନି । ବନାନୀ ଦିଦି ଏଇ ଥରକ ପାଇଁ ଆମକୁ ରକ୍ଷା କରିଦିଅ । (ହଠାତ୍ ପୋଲିସ ଆସିଛନ୍ତି)

ଶଙ୍କରା : ହେଇତ ପୋଲିସ୍ ବାବୁ ଆସିଲେଣି ।

ବନାନୀ : ସାର ଆପଣ ଏମାନଙ୍କୁ ଛାଡିଲେ କାହିଁକି ?

ପୋଲିସ : ନାଇଁ ସେମାନଙ୍କୁ ଛାଡିନି ବରଂ ବନ ସୁରକ୍ଷା ସମିତିକୁ ପଠାଇଛି । ତାଙ୍କ ଭୁଲ ପାଇଁ ସେମାନେ ଆଜି ଅନୁତପ୍ତ । ତାଙ୍କ ଭୁଲ ବୁଝିପାରିଲେ ବାକି ଜୀବନ ଜଙ୍ଗଲ ସୁରକ୍ଷାରେ ବିତାଇବେ ବୋଲି କହିଲେ । ସେଥିପାଇଁ

ଶଙ୍କରା : ହଁ ପୁଲିସବାବୁ ଠିକ୍ କହିଛନ୍ତି ।

ବନାନୀ : ଦେଖ ଏ କଥା ଯେମିତି ତୁମର ମନେ ରହିବା ଉଚିତ୍ ଯେ କିଛି ବି କାରଣ ହେଉ ଜଙ୍ଗଲ ଯେମିତି ନଷ୍ଟ ନ ହୁଏ ।

୭୬ ପୁଲିସ : ଏକଥା ବି ତମେ ସମସ୍ତିଙ୍କୁ କହିବ ଯେ ଓଡ଼ିଶା ଜଙ୍ଗଲ ଆଇନ୍ ୧୯୭୨ ଧାରା ୨୭ ଅନୁଯାୟୀ କୌଣସି ବ୍ୟକ୍ତି ଯଦି ବିଜ୍ଞାପନ ପ୍ରକାଶ ପାଇଥିବା ଜଙ୍ଗଲ ଜମିରେ ପ୍ରଣୟନ କରାଯାଇଥିବା ନିୟମ ଖିଲାପ କରି ନିଆଁ ଲଗାନ୍ତି । ତେବେ ୧ବର୍ଷ କାରାଦଣ୍ଡ ଏବଂ ୧୦୦୦ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡରେ ଦଣ୍ଡିତ ହେବେ ।

ବନାନୀ : ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା କଥାତ ମୁଁ ତୁମକୁ ଆଗରୁ କହିଛି ।

ପରମା : ମନେ ଅଛି ୧ବର୍ଷ ଜେଲ ୨୦୦୦ ଟଙ୍କା ଜୋରିମାନା ।

ପୋଲିସ : ଖାଲି ସେତିକି ନୁହେଁ ଦରକାର ପଡିଲେ ୭ବର୍ଷ ଜେଲ ଏବଂ ୨୫୦୦୦ଟଙ୍କା ଜୋରିମାନାର ବ୍ୟବସ୍ଥା ମଧ ଅଛି ।

ଶଙ୍କରା : ସାତ ବର୍ଷ ପରେ ଆସିବା ବେଳକୁ ମଣିଷ ବୁଢ଼ା ହୋଇଯାଇଥିବ ।

ବନାନୀ : ଜଙ୍ଗଲରେ ନିଆଁ ଲଗାଇବା ଛଡା ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଧାରା ୩୦ ଅନୁଯାଇ ଅଭୟାରନ୍ୟରେ ନିଆଁ ଲଗାଇବା ନିଷେଧ । ଧାରା ୩୫(୮) ଜାତୀୟ ଉଦ୍ୟାନରେ ନିଆଁ ଲଗାଇବା ମନା । ଯଦି କେହି ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନରେ ନିଆଁ ଲଗାଏ ତେବେ ଧାରା ୫୧ ଅନୁଯାଇ ୩ବର୍ଷ ଜେଲ କିମ୍ବା ୨୫୦୦୦ଟଙ୍କା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରେ ।

ପୋଲିସ : କଣ ଶଙ୍କରା ଆଉ ପରମା ଏବେ ବୁଝିଲ ତ ।

ଶଙ୍କରା : ଆଜ୍ଞା ମୁଁ ଏକଥା ଜାଣି ନଥିଲି ।

ବନାନୀ : ଦେଖ ଆମ ଜଙ୍ଗଲର ଯେଉଁ କ୍ଷତି ଘଟୁଛି ତାକୁ ପୁନରୁଦ୍ଧାର କରିବା ପାଇଁ ସରକାର ବିଭିନ୍ନ ଯୋଜନା ମାନ କରୁଛନ୍ତି । ହେଲେ ଯଦି ଆମେ ସମସ୍ତେ ନାଗରୀକ ସଚେତନ ନହେବା ତେବେ କ'ଣ ଜଙ୍ଗଲ ସୁରକ୍ଷା ସମ୍ଭବ ହେବ ।

ପୋଲିସ : ଖାଲି ଜଙ୍ଗଲ ନୁହେଁ ଜଙ୍ଗଲ ଯନ୍ତୁ ମଧ କ୍ଷତିଗ୍ରସ୍ତ ହେଉଛନ୍ତି ।

ପରମା : ସାର ଗୋଟାଏ କଥା ସବୁବେଳେ ତ ଜଙ୍ଗଲରେ ମଣିଷ ନିଆଁ ଲଗାନ୍ତି ନାହିଁ ।

ବନାନୀ : ନା ... ବେଳେ ବେଳେ ଡାଳରେ ଡାଳ ଘସି ହେଉ କେବେ ପଥରରେ ଡାଳ ଘସି ହୋଇ ଜଙ୍ଗଲରେ ନିଆଁ ଲାଗେ । ହେଲେ ଆମର କର୍ତ୍ତବ୍ୟ ହେଲା ଯେ କୌଣସି ଉପାୟରେ ଜଙ୍ଗଲ ନିଆଁକୁ ଆୟତକୁ ଆଣି ଲିଭାଇବାକୁ ପଡିବ । ଆଉ ଜଙ୍ଗଲକୁ ସୁରକ୍ଷା ଦେବାକୁ ହେବ ।

ଶଙ୍କରା : ବନାନୀ ଦିଦି ... ଆମକୁ ଏବେ ....

ବନାନୀ : ଆମ ବନ ସୁରକ୍ଷା ସମିତିର ସମସ୍ତ ସଭ୍ୟାଙ୍କ ସହିତ ମୁଁ କଥା ହୋଇ ସାରିଛି । ତୁମେମାନେ ନିଜର ଭୁଲ ବୁଝିପାରି ନିଜକୁ ସୁଧାରୀ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ତୁମ ମାନଙ୍କୁ କ୍ଷମା କରିଦେବା ପାଇଁ ସିଦ୍ଧାନ୍ତ ନିଆ ଯାଇଛି ।

ପରମା : ଶଙ୍କରା ବୁଝିଲୁ ଯିଏ ଜଙ୍ଗଲ ସୁରକ୍ଷା ପାଇଁ ଏତେ କଷ୍ଟ କରୁଛି ମାନେ ... ଆମ ବନାନୀ ଦିଦି ମ ... ତାଙ୍କ ଫଟ ଖବର କାଗଜରେ ବାହାରିବନିତ ଆଉ କ'ଣ ଆମ ଫଟ ବାହାରିବ ।

ବନାନୀ : କାହିଁ କି ନୁହେଁ ତମେମାନେ ଯଦି ମନପ୍ରାଣ ଦେଇ ଜଙ୍ଗଲକୁ ସୁରକ୍ଷା ଦେବ ତେବେ ତମ ଫଟ ମଧ ନିଶ୍ଚିନ୍ତ ବାହାରିବ ।

ଶଙ୍କରା ଓ ପରମା : ସତରେ ବନାନୀ ଦିଦି ତମେ ମହାନ

ସମସ୍ତେ : ଜଙ୍ଗଲରୁ ନିଆଁ ଦୂରେଇ ଦେବା
ଆମ ଜଙ୍ଗଲକୁ ରକ୍ଷା କରିବା

# ବନାନୀ ପ୍ରତିଯୋଗୀତାରେ ଲକି ଡ୍ର ବିଜେତାମାନେ

ଅଧ୍ୟାୟ- ୯ ଏପ୍ରିଲ ୨୦୧୧

୧. ବିଜୟଲକ୍ଷ୍ମୀ ତ୍ରିପାଠୀ, ଛାଆଁଳା, ଖୋର୍ଦ୍ଧା

୨. ତାରାକାନ୍ତ ସାହାଣୀ, ତାରବାଟିଆ, କଟକ

୩. ଓଁ ପ୍ରକାଶ ସାହୁ, କୁକୁଡ଼ାଭୁଖା, ସମ୍ବଲପୁର

ଅଧ୍ୟାୟ-୧୬ ଏପ୍ରିଲ ୨୦୧୧

୧. ଡ. ଗୋଦାବରୀଶ ପଟ୍ଟନାୟକ, ବଙ୍କୀପଦାର, ଗଞ୍ଜାମ

୨. ଅମରସିଂ ମାଝୀ, ନୂଆଁପଡ଼ର, ନୂଆପଡ଼ା

୩. ଗୀତାଞ୍ଜଳୀ କିସାନ, ଜାମନକିରା, ସମ୍ବଲପୁର

ଅଧ୍ୟାୟ- ୨୩ ଏପ୍ରିଲ ୨୦୧୧

୧. ଅଭୟ କୁମାର ଦାସ, ନିଶ୍ଚିନ୍ତ କୋଇଲି, କଟକ

୨. ରାମ ଚନ୍ଦ୍ର ସାହୁ, କଳାହାଣ୍ଡି

୩. କଲ୍ୟାଣୀ ବାଳା, ଭଦ୍ରକ

ଅଧ୍ୟାୟ- ୩୦ ଏପ୍ରିଲ ୨୦୧୧

୧. ଦେବପ୍ରସାଦ ପାତ୍ର, ବୋଷା, ମୟୂରଭଞ୍ଜ

୨. କବୀରାଜ ନାହାକ, ପୋଲସରା, ଗଞ୍ଜାମ

୩. ଗଣେଶ ମାଝୀ, ଚାନ୍ଦହାଣ୍ଡି, ନବରଙ୍ଗପୁର

ଅଧ୍ୟାୟ- ୭ ମଇ, ୨୦୧୧

୧. ସତ୍ୟସୁଧା ବିଶ୍ୱାଳ, କେନ୍ଦ୍ରାପଡ଼ା

୨. ସୁମନ ସାହୁ, କୁକୁଡ଼ାଭୋରା, ସମ୍ବଲପୁର

୩. ବଳଭଦ୍ର ନାରାୟଣ ନାୟକ, କେଓଞ୍ଝର

ଅଧ୍ୟାୟ- ୧୬ ଜୁଲାଇ, ୨୦୧୧

୧. କବିରାଜ ନାହାକ, ପୋଲସରା, ଗଞ୍ଜାମ

୨. ସକୁନ୍ତଳା ମାଝୀ, ନୂଆଁଗୋରା, ନୂଆପଡ଼ା

୩. ରମେଶ ଚନ୍ଦ୍ର ବେହେରା, କଟକ

ଅଧ୍ୟାୟ- ୨୩ ଜୁଲାଇ, ୨୦୧୧

୪. ଲିଳାବତି ମେହେର, ସୁବର୍ଣ୍ଣପୁର

୫. ଶ୍ରୀ ରବିନ୍ଦ୍ର କୁମାର ପଣ୍ଡା, ଭୁବନେଶ୍ୱର

୬. ଦେବେନ୍ଦ୍ର କୁମାର ରାଉଳ, କେନ୍ଦ୍ରାପଡ଼ା

ଅଧ୍ୟାୟ- ୩୦ ଜୁଲାଇ, ୨୦୧୧

୧. ଖଗେଶ୍ୱର ଜେନା, ନାରାୟଣ ପାଟଣା, କୋରାପୁଟ

୨. ଅଞ୍ଜଳୀ ନାୟକ, କେନ୍ଦ୍ରାପଡ଼ା

୩. ରେବତୀ ମାଝୀ, ନୂଆପଡ଼ା

ଅଧ୍ୟାୟ- ୦୬ ଅଗଷ୍ଟ, ୨୦୧୧

୧. ମଣ୍ଡରାଜ ସାହୁ, କେସିଙ୍ଗା, କଳାହାଣ୍ଡି

୨. ସୁରେଶ କୁମାର କିଶନ, ସୁନ୍ଦରଗଡ଼

୩. ରବିନ୍ଦ୍ର କୁମାର ପଣ୍ଡା, ଅଭାଣ, ବାଲେଶ୍ୱର

ଅଧ୍ୟାୟ- ୧୩ ଅଗଷ୍ଟ, ୨୦୧୧

୧. ଧବଳେଶ୍ୱର ଗହିର, ଚନ୍ଦନଭାଟି, ବଲାଙ୍ଗିର

୨. ସୁମିତ୍ରା ସାହୁ, କଟକ

୩. ମାନସୀ ଜେନା, ବନ୍ତା, ଭଦ୍ରକ

ଅଧ୍ୟାୟ- ୨୦ ଅଗଷ୍ଟ, ୨୦୧୧

୧. ଭକ୍ତିକେଶ ଦୀପ, ମହିଲୋ, କଳାହାଣ୍ଡି

୨. ଗମରୀଶଙ୍କର ସାହ. ଢେଙ୍କାନାଳ

୩. ଘନଶ୍ୟାମ ବାଗ, ବରଡୋଳା, ବାରଗଡ଼

ଅଧ୍ୟାୟ- ୨୭ ଅଗଷ୍ଟ, ୨୦୧୧

୧. ଜଗନ୍ନାଥ ମହାନ୍ତି, ଜଗତସିଂହପୁର

୨. ଶକୁନ୍ତଳା ଧଳ, ସୁଜନପୁର, ଜାଜପୁର

୩. ରାଜୀବ ଲୋଚନ ବିଶ୍ୱାଳ,ବଲାଙ୍ଗିର

ଅଧ୍ୟାୟ- ୦୩ ସେପ୍ଟେମ୍ବର, ୨୦୧୧

୧. ଭାସା ହେମ୍ବ୍ରମ୍, ବେତନଟି, ମୟୂରଭଞ୍ଜ

୨. ଗଣେଶ କୁମାର ସିଙ୍ଘ, ଝାରସୁଗୁଡ଼ା

୩. ଇର୍ଶା କାନୁନଗୋ, ରାମେଶ୍ୱର, କଟକ

ଅଧ୍ୟାୟ- ୧୦ ସେପ୍ଟେମ୍ବର, ୨୦୧୧

୧. ଅଶୋକ କୁମାର ଭଞ୍ଜ, ଚାନ୍ଦି ଲଙ୍ଗଳ, ଜାଜପୁର

୨. ସନ୍ତୋଷ ପାତ୍ର, ବଡ ଖରିଦା, ଗଞ୍ଜାମ

୩. ସୁନୀଲ କୁମାର ଦେହୁରି, ରାଜକିଶୋର ନଗର, ଅନୁଗୁଳ

ଅଧ୍ୟାୟ- ୧୭ ସେପ୍ଟେମ୍ବର, ୨୦୧୧

୧. ସତ୍ୟନାରାୟଣ ମିଶ୍ର, ପୁରୁଣଗଡ, ଦେଓଗଡ

୨. ଦୀପାଞ୍ଜଳୀ ସିଂ, ଉଦଳା, ମୟୂରଭଞ୍ଜ

୩. ଭରତ ରାମ କଣ୍ଡା, କୋମନା, ନୂଆପଡ଼ା

ଅଧ୍ୟାୟ- ୨୪ ସେପ୍ଟେମ୍ବର, ୨୦୧୧

୧. ଗଗନ ବିହାରୀ ନାୟକ, ଅଡଡଳ, ଭଦ୍ରକ

୨. ହାକିମ ଟୁଡୁ, ମୟୂରଭଞ୍ଜ

୩. ମଞ୍ଜୁଲତା ତୋରା, ସୁକିନ୍ଦା, ଜାଜପୁର

ଅଧ୍ୟାୟ- ୦୧ ଅକ୍ଟୋବର, ୨୦୧୧

୧. ବିଶ୍ୱାଳ ସୁଜାତା ରାଉତ, ଚାନ୍ଦବାଲୀ, ଭଦ୍ରକ

୨. ରବିନାରାୟଣ ପାଢୀ, ଅରଡା, ଭଦ୍ରକ

୩. ଇଶ୍ୱରଚନ୍ଦ୍ର ଜେନା, ଭୋଗରାଇ, ବାଲେଶ୍ୱର

ଅଧ୍ୟାୟ- ୦୮ ଅକ୍ଟୋବର, ୨୦୧୧

୧. ନିତ୍ୟାନନ୍ଦ ନାୟକ, କୃଷି ବିଭାଗ, ଢେଙ୍କାନାଳ

୨. ଉର୍ମିଳା ବେହେରା, ନିମାପଡ଼ା, ପୁରୀ

୩. କାମିନୀ ସ୍ୱାଇଁ, ତିର୍ତ୍ତୋଲ, ଜଗତସିଂହପୁର

ଅଧ୍ୟାୟ- ୧୫ ଅକ୍ଟୋବର, ୨୦୧୧

୧. ରାମ ଲକ୍ଷ୍ମଣ ରାମ, ବାଙ୍ଗିପଦା, ମୟୂରଭଞ୍ଜ

୨. ଜୟଶ୍ରୀ ତ୍ରିପାଠୀ, ୟୁନିଟ୍-୩, ଭୁବନେଶ୍ୱର

୩. ସ୍ନିଗ୍ଧା ଦାସ, ଗୋବିନ୍ଦପୁର, କଟକ

ଅଧ୍ୟାୟ- ୨୨ ଅକ୍ଟୋବର, ୨୦୧୧
୧. ନିତାଇ ଚରଣ ଦାଶ, ମୁଣ୍ଡମରାଇ, ଗଞ୍ଜାମ
୨. ଉମାକାନ୍ତ ମହନ୍ତ, ଶ୍ୟାମ ଖୁଣ୍ଟା, ମୟୂରଭଞ୍ଜ
୩. ଅଜୀତ୍ ମିଶ୍ରୀ, ଖୁରୁସିଆ, ଢେଙ୍କାନାଳ

ଅଧ୍ୟାୟ- ୨୯ ଅକ୍ଟୋବର, ୨୦୧୧
୧. ସଞ୍ଜୟ ମହାନ୍ତି, ନାଳିବର, ଜଗତସିଂହପୁର
୨. ରାମଚନ୍ଦ୍ର ମଲ୍ଲିକ, ପଳସା ଗୋରା, ବୌଦ୍ଧ
୩. ମୃନଳିନୀ ବେହେରା, ଗେଟ ବଜାର, ବ୍ରହ୍ମପୁର, ଗଞ୍ଜାମ

ଅଧ୍ୟାୟ- ୦୫ ନଭେମ୍ବର, ୨୦୧୧
୧. ଲକ୍ଷ୍ମୀଧର ମହାପାତ୍ର, ଓଲ୍ଡ ଟାଉନ, ଭୁବନେଶ୍ୱର
୨. ଶାନ୍ତା ସୁନ୍ଦର ଗିରି, ତେନ୍ତୁଳି ଖୁଣ୍ଟି, ନବରଙ୍ଗପୁର
୩. କାର୍ତ୍ତିକ ଚନ୍ଦ୍ର ଦାସ, ବାଲିଚନ୍ଦ୍ରପୁର, ଯାଜପୁର

ଅଧ୍ୟାୟ- ୧୨ ନଭେମ୍ବର, ୨୦୧୧
୧. ପୂର୍ଣ୍ଣିମାରାଣୀ ନାଥ, ରାମ ବାଗ, ଯାଜପୁର
୨. ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଉଜଡା ବାଙ୍କ, କଟକ
୩. ବୃନ୍ଦାବନ ସାହୁ, କେସିଙ୍ଗା, କଳାହାଣ୍ଡି

ଅଧ୍ୟାୟ- ୧୯ ନଭେମ୍ବର, ୨୦୧୧
୧. ଶରତ ଚନ୍ଦ୍ର ସାମନ୍ତରାୟ, ବେଦାରି, କେନ୍ଦ୍ରାପଡା
୨. ପରିକ୍ଷିତ ରଣା, କଣ୍ଟାବାଞ୍ଜି, ବଲାଙ୍ଗୀର
୭୮ ୩. କାହ୍ନୁ ଚରଣ ଜେନା, ଫକୀର ପୁର, କେନ୍ଦୁଝର

ଅଧ୍ୟାୟ- ୨୬ ନଭେମ୍ବର, ୨୦୧୧
୧. ଭାଗୀରଥି ପାତ୍ର, ମହର୍ଷୀ ସ୍କୁଲ, ବାଲେଶ୍ୱର
୨. ରାମ ଚନ୍ଦ୍ର ହେମ୍ବ୍ରମ୍, ବାଙ୍ଗୀର ପୋଷି, ମୟୂରଭଞ୍ଜ
୩. ବିଶ୍ୱନାଥ ଯାଦବ, ଶୀନାପାଲୀ, ନୂଆପଡା

ଅଧ୍ୟାୟ- ୦୩ ଡିସେମ୍ବର, ୨୦୧୧
୧. ସୁବ୍ରତ ଜେନା, ହରୀଦାସ ପୁର, ଯାଜପୁର
୨. ଆଦିତ୍ୟ ବମ୍ନନ ଜେନା, ଉଦିପୁର, କେନ୍ଦ୍ରାପଡା
୩. ପ୍ରଣବ କିଶୋର ବେହେରା, ପରଜଙ୍ଗ, ଢେଙ୍କାନାଳ

ଅଧ୍ୟାୟ- ୧୦ ଡିସେମ୍ବର, ୨୦୧୧
୧. ସତ୍ୟଜିତ୍ ଭୂୟାଁ, ଭାଗବତପୁର, କେନ୍ଦ୍ରାପଡା
୨. ଗୋକୁଳାନନ୍ଦ ଖିଲାର, ପରଜଙ୍ଗ, ଢେଙ୍କାନାଳ
୩. ରଞ୍ଜନ ସାହୁ, ରାଜଗାଙ୍ଗପୁର, ସୁନ୍ଦରଗଡ

ଅଧ୍ୟାୟ- ୧୭ ଡିସେମ୍ବର, ୨୦୧୧
୧. ରାକେଶ ରୋଶନ ରାୟ, ସୁମଣ୍ଡଳ, ଗଞ୍ଜାମ
୨. ପ୍ରେମାନନ୍ଦ ନାୟକ, ଦୁଣ୍ଡମାଳ, ବୌଦ୍ଧ
୩. ଟଙ୍କଧର ଗୌଡ, କୋଷାଗୁମୁଡ, ନବରଙ୍ଗପୁର

ଅଧ୍ୟାୟ- ୨୪ ଡିସେମ୍ବର, ୨୦୧୧
୧. ପ୍ରେମାନନ୍ଦ ନାୟକ, ବୀରମହାରାଜପୁର, ସୋନପୁର
୨. ନରେନ୍ଦ୍ର କୁମାର ସାହୁ, ଆଠଗଡ, କଟକ
୩. ଭାସୁଦେବ ପଣ୍ଡା, ରଣିଆ, ନୟାଗଡ

ଅଧ୍ୟାୟ- ୩୧ ଡିସେମ୍ବର, ୨୦୧୧
୧. ଦ୍ରୌପଦୀ ଦେଇ, କାଳିମେଳା, ମାଲକାନଗିରି
୨. ତନୁଜ ବିଶ୍ୱାଳ, ଶିରିଡିହା, କେନ୍ଦୁଝର
୩. ନିବେଦିତା ଜିଁ, ରାହାଣିଆ, କଟକ

ଅଧ୍ୟାୟ- ୦୭ ଜାନୁଆରୀ, ୨୦୧୨
୧. ଦୀନବନ୍ଧୁ ସ୍ୱାଇଁ, ବାଲିକୁଦା, ଜଗତସିଂହପୁର
୨. ପୂର୍ଣ୍ଣଚନ୍ଦ୍ର ସାହୁ, ଶିମିଳିଆ ବାଲେଶ୍ୱର
୩. ବେଦ ପ୍ରକାଶ ସାହୁ, ପଦ୍ମପୁର, ବରଗଡ

ଅଧ୍ୟାୟ- ୧୪ ଜାନୁଆରୀ, ୨୦୧୨
୧. ଗଣପତି ସାହୁ, ଜେନାପୁର, ଯାଜପୁର
୨. ଆକାଶ ସାମନ୍ତରାୟ, ମଣିଆ, କେନ୍ଦ୍ରାପଡା
୩. ଦୟାନିଧି ଗୋପାଳ, କଦଳୀମୁଣ୍ଡା, କଳାହାଣ୍ଡି

ଅଧ୍ୟାୟ- ୨୧ ଜାନୁଆରୀ, ୨୦୧୨
୧. ସୁଶାନ୍ତ କୁମାର ବେହେରା, ଗୋଡିପଡା, ନୟାଗଡ
୨. ଜୋସନାମୟୀ ଦାଶ, କାମାକ୍ଷାନଗର, ଢେଙ୍କାନାଳ
୩. ବିକ୍ରମ କେଶୋରୀ ମୁଦୁଲି, ବନ୍ଧୁଗାମ, କୋରାପୁଟ

ଅଧ୍ୟାୟ- ୨୮ ଜାନୁଆରୀ, ୨୦୧୨
୧. ସ୍ୱର୍ଣ୍ଣଲତା ପଣ୍ଡା, ବ୍ରାହ୍ମଣ ପଡା, କନ୍ଧମାଳ
୨. ମୁରଲୀଧର ଖିଲା, ପାଟଣା ଗଡ, ବଲାଙ୍ଗୀର
୩. ଗୁଲୁ ପଟନାୟକ, ଆନନ୍ଦପୁର, କେନ୍ଦୁଝର

ଅଧ୍ୟାୟ- ୦୪ ଫେବୃଆରୀ, ୨୦୧୨
୧. ଅମୀତ କୁମାର ସାହୁ, କେସିଙ୍ଗା, କଳାହାଣ୍ଡି
୨. ଜୟଶ୍ରୀ ପାତ୍ର, ଆନନ୍ଦପୁର, କେନ୍ଦୁଝର
୩. ଏସ୍ କେ ତନଭିର ହୁସେନ, ଲାଇବଜାର, ବାରିପଦା

ଅଧ୍ୟାୟ- ୧୧ ଫେବୃଆରୀ, ୨୦୧୨
୧. ଦେବରାଜ ହରିଜନ, ବୋରିଗୁମା, କୋରାପୁଟ
୨. ଲୋପାମୁଦ୍ରା ସାହୁ, ଜେନାପୁର, ଯାଜପୁର
୩. ସିଦ୍ଧେଶ୍ୱର ଗୋଇ, ଡଲୁଣ୍ଡା, ସୁବର୍ଣ୍ଣପୁର

ଅଧ୍ୟାୟ- ୧୮ ଫେବୃଆରୀ, ୨୦୧୨
୧. ସୁକାନ୍ତି ମହାନ୍ତି, ବଳଭଦ୍ରପୁର, ଭଦ୍ରକ
୨. ରମେଶ ଚନ୍ଦ୍ର ପାଣିଗ୍ରାହୀ, ଅନନ୍ତପୁର, ବାଲେଶ୍ୱର
୩. ପ୍ରେମାନନ୍ଦ ଖୁଣ୍ଟିଆ, ଆମ୍ବପଡା, କଟକ

ଅଧ୍ୟାୟ- ୨୫ ଫେବୃଆରୀ, ୨୦୧୨
୧. ସୁରଜିତ୍ ଦାସ, ଅନୁଗୁଳ
୨. ପ୍ରଶାନ୍ତି ମଞ୍ଜରୀ ବେହେରା, ଗୋପାଳ ପୁର, କଟକ
୩. ମନୋଜ କୁମାର ମହାନ୍ତି, କୋଣାର୍କ, ପୁରୀ

ଅଧ୍ୟାୟ- ୦୩ ମାର୍ଚ୍ଚ, ୨୦୧୨
୧. ସୁନୀତା ମିଶ୍ର, ପ୍ରତାପଗଡ, ଦେଓଗଡ
୨. ସେଣଦେବ ବେହେରା, ରମ୍ଭା, ଗଞ୍ଜାମ
୩. ଭରତ ଧାଙ୍ଗୁଆ, ରାଜ ଅଗଲପୁର, ବଲାଙ୍ଗୀର

# ଶ୍ରୋତା ବନ୍ଧୁମାନଙ୍କର ମତାମତ ପତ୍ର

'ବନାନୀ' ର ପରିବେଶ ସୁରକ୍ଷା ଭିତ୍ତିକ କାର୍ଯ୍ୟକ୍ରମଟି ଖୁବ୍ ଶିକ୍ଷଣୀୟ ଓ ରୁଚିକର ହୋଇପାରିଛି। ଆପଣମାନଙ୍କର ମିଳିତ ସାଧୁ ଉଦ୍ୟମ ହିଁ ଆମମାନଙ୍କୁ ସଚେତନ ତଥା ନୂତନ ଦିଗଦର୍ଶନ ଦେଇପାରୁଛି। ଅନେକ ଅଜ୍ଞାତ ନୂତନ ତଥ୍ୟ ପରିବେଷଣ କରି ଆମର ସାଧାରଣ ଜ୍ଞାନ ବୃଦ୍ଧି କରାଇ ପାରିଛନ୍ତି।

ଅଶୋକ କୁମାର ଭଞ୍ଜ, ଚାରିନାଙ୍ଗଳ, ଯାଜପୁର

ବନ ବିଭାଗର କର୍ମକର୍ତ୍ତାଙ୍କ ସହ ରାଜ୍ୟ ବନବାସୀ, ଅଧିବାସୀ, ଓ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଅଧିବାସୀମାନେ ସଚେତନ ଓ ନିଷ୍ଠାପର ସହଯୋଗ ମନୋବୃତ୍ତି ପୋଷଣ କଲେ ବନର ସବୁଜିମା, ବନ୍ୟପ୍ରାଣୀ ପରିବେଶର ସୁରକ୍ଷା ସହ ଜାତିକ ଓ ସାମାଜିକ ଆର୍ଥିକ ଉନ୍ନତି ହୋଇପାରିବ। ବନାନୀରେ ପ୍ରସାରିତ ନାଟକ 'ବନ ସୁରକ୍ଷା ସମିତି'ଟି ଖୁବ୍ ଶିକ୍ଷଣୀୟ ଓ ଉପଭୋଗ କରିହେଲା । ଏହା ଲୋକମାନଙ୍କ ସଚେତନତା ବୃଦ୍ଧି କରିଥିବ ବୋଲି ଆଶା ।

ସୁରେନ କୁମାର ମହାନ୍ତି, (ଓ.ୟୁ.ଏ.ଟି), ଭୁବନେଶ୍ୱର

ଏବେ ଆମ ରାଜ୍ୟରେ ରାସ୍ତା ସମ୍ପ୍ରସାରଣ ବେଳେ ଅଯଥାରେ ବଡ ବଡ ଗଛକୁ କାଟି ଦିଆଯାଉଥିବା ବେଳେ ହାଇଦ୍ରାବାଦ ସହରରେ ହେଲା ପରି ଏହି ଗଛକୁ ନ କାଟି ବୈଷୟିକ ବିଦ୍ୟା ସହାୟତାରେ ଅନ୍ୟତ୍ର ପୁନଃ ରୋପଣ କ'ଣ କରାଯାଇ ପାରିବନି ? ନୂଆ କରି ଗଛଟିଏ ଲଗାଇଲେ ଏପରି ଗଛ ହେବାକୁ ୭୦ ରୁ ୮୦ ବର୍ଷ ଲାଗିଯିବ। ଅନୁରୋଧ ବନାନୀରେ ଆଲୋଚନା କରିବେ।

ଲୋକନାଥ ମଙ୍ଗରାଜ, ପି.ଏନ. କଲେଜ୍, ଖୋର୍ଦ୍ଧା

ମୋ ମତରେ ବନାନୀ ଏକ ଉପାଦେୟ କାର୍ଯ୍ୟକ୍ର । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର କରାଯାଉଥିବା ବନ ବିଭାଗର ଜଙ୍ଗଲ ରକ୍ଷଣା ବେକ୍ଷଣ ଓ ଉନ୍ନତି ପାଇଁ ନିଆଯାଉଥିବା ଆଧୁନିକ ଯୋଜନା ସମ୍ବନ୍ଧରେ ଲୋକେ ଜାଣିପାରୁଛନ୍ତି ଓ ଜଙ୍ଗଲରେ ଥିବା ଜୀବଜନ୍ତୁ ଓ ପ୍ରାକୃତିକ ସମ୍ପତ୍ତି ବିଷୟରେ ଧାରଣା ଆସୁଛି। ଏହା ଦ୍ୱାରା ଜଙ୍ଗଲ ଓ ଜୀବଜନ୍ତୁ କିପରି ରକ୍ଷଣାବେକ୍ଷଣ ହେବେ, ଧାରଣା ଆସିବା ସଙ୍ଗେ ସଙ୍ଗେ ସେଥିପ୍ରତି ଯତ୍ନବାନ ହେବେ । ଏହି କାର୍ଯ୍ୟକ୍ରମ ନିୟମିତ ଚାଲିବା ଉଚିତ୍ ।

ବିଶ୍ୱମ୍ବର ମଲ୍ଲିକ, ଆନନ୍ଦପୁର, କେନ୍ଦୁଝର

ହାତୀ ବା ଅନ୍ୟ ବନ୍ୟପଶୁ ଶସ୍ୟକ୍ଷେତ୍ର ବା ଗ୍ରାମ ମଧ୍ୟକୁ ପ୍ରବେଶ କଲେ ଯେଉଁ ଗ୍ରାମର ଲୋକେ ନିଜକୁ ସୁରକ୍ଷିତ ରଖି ପଶୁଟିକୁ ବିରକ୍ତ ନକରି, ଆଘାତ ନଦେଇ, ଜଙ୍ଗଲକୁ ଛାଡିଦେବାର ଚେଷ୍ଟା କରୁଥିବାର ଦୃଷ୍ଟାନ୍ତ ଦେଖାଗଲେ ସେହି ଗ୍ରାମକୁ କିଛି ପ୍ରୋତ୍ସାହନ ମୂଳକ ପୁରସ୍କାର ପ୍ରଦାନ କରାଗଲେ ତାହା ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରାଇବା ସହ ଅନେକ ଧନଜୀବନର ସୁରକ୍ଷାରେ ସହାୟକ ହୋଇପାରିବ ।

ଅନ୍ତର୍ଯ୍ୟାମୀ ସାହୁ (ଗଛ ସାର୍), କଣ୍ଟିଲୋ, ନୟାଗଡ

ବନାନୀ କାର୍ଯ୍ୟକ୍ରମ ମୋତେ ଅନେକ ପ୍ରେରଣା ଦେଇଛି ଗଛ ଲଗେଇବା ପାଇଁ, ବନାନୀ କାର୍ଯ୍ୟକ୍ରମର କଥା ରଖି ମୁଁ ୫୦ ଗୋଟି ଗଛ ଲଗେଇ ସାରିଲିଣି । ଆଗକୁ ଅଧିକରୁ ଅଧିକ ଗଛ ଲଗେଇବା ପାଇଁ ଆଶା ରଖୁଛି । ମୋତେ ଆଶିର୍ବାଦ କରନ୍ତୁ ମୁଁ ମୋ କାର୍ଯ୍ୟରେ ଯେମିତି ସଫଳ ହୁଏ ।

ପାର୍ବତୀ ମଣ୍ଡଳ, ବରକୋଳିଖୋଲା, କେନ୍ଦ୍ରାପଡା



ପରିବେଶର ତାପମାତ୍ରା ଏବଂ ପରିବେଶ ସନ୍ତୁଳନ ବିଷୟରେ ବିଶଦ୍ ଆଲୋଚନା କରାଯାଇଥିବାରୁ ଆନ୍ତରିକ ଧନ୍ୟବାଦ । ଜଙ୍ଗଲ ଏବଂ ଆମ ଜୀବନ ନିବିଡ ଭାବେ ବନ୍ଧା ଏବଂ ପୁରାଣରେ ଏହାର ବର୍ଣ୍ଣନା ମଧ୍ୟ ରହିଛି ତେଣୁକରି ଜଙ୍ଗଲ ସଂରକ୍ଷଣ ନିତ୍ୟାନ୍ତ ଆବଶ୍ୟକ ।

ଘନଶ୍ୟାମ ବାଗ, ବରତୋଇ, ବରଗଡ

ପ୍ରକୃତରେ ଜୀବନ କହିଲେ ଗଛକୁ ହିଁ ବୁଝାଯାଏ, ଗଛ ଥିଲେ ପରିବେଶକୁ ସନ୍ତୁଳିତ କରି ରଖିଥାଏ ଏବଂ କୌଣସି ପ୍ରାକୃତିକ ପରିସ୍ଥିତିରେ ଗଛଟି ଯଦି ମରିଯାଏ ତାହେଲେ ମଧ୍ୟ ଆମର ଜାଳେଣିରେ ଆବଶ୍ୟକ ହୋଇଥାଏ । ଗଛର ପତ୍ର, ଫୁଲ, ଫଳ ଏବଂ ବକଳକୁ ମଧ୍ୟ ଆମ ପାଇଁ ଔଷଧ ତିଆରି ହୁଏ ।

ଶ୍ରୀ କାଳୀ ଚରଣ ମୁର୍ମୁ, ରାଇସୁଆଁ, କେନ୍ଦୁଝର








Issued by:
Principal Chief Conservator of Forests, Odisha
Aranya Bhawan, Bhubaneswar, 751023